# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ଏପ୍ରିଲ ୧୦/୨୦୨୧ (୧୬ ପୃଷ୍ଠା) | Sambalpur, Saturday, April 10/2021 | ★★

୧୭ଶ ଭାଗ ୧୧୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-


# ସଂକଳ୍ପ ନେବା, ମାସ୍କ ପିନ୍ଧିବା



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ଦେଉଛନ୍ତି।

**ଭୁବନେଶ୍ୱର,୯।୪(ବ୍ୟୁରୋ)**

**ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

- ୧୪ ଦିନିଆ ମାସ୍କ ପିନ୍ଧା ଅଭିଯାନ
- ସରକାର ବାହାରେ, ମା'ମାନେ ଘରେ ଜଗନ୍ତୁ
- ପୋଲିସ, ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

କୋଭିଡ୍-୧୯ର ଦ୍ୱିତୀୟ ଲହର ସମଗ୍ର ଦେଶରେ ଦ୍ରୁତବେଗରେ ମାଡ଼ିଚାଲିଛି। ରାଜ୍ୟରେ ମଧ୍ୟ ଦିନକୁ ଦିନ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି। କରୋନା ଗାଇଡ୍‌ଲାଇନ ପାଳନ ସହ ମାସ୍କ ପିନ୍ଧିବାକୁ ରାଜ୍ୟ ସରକାର କଡ଼ାକଡ଼ି କରିଛନ୍ତି। ଆମେ ଯଦି କୋଭିଡ୍ ନିୟମ ମାନି ମାସ୍କ ଠିକ୍ ଭାବେ ପିନ୍ଧିବା, ତେବେ ବିନା ଲକ୍‌ଡାଉନରେ କରୋନା ସଂକ୍ରମଣକୁ ରୋକିପାରିବା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏଭଳି ଭିଡିଓ ବାର୍ତ୍ତା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କିଛି ଲୋକଙ୍କ ଅବହେଳା ପାଇଁ ସାରା ସମାଜ କାହିଁକି ଲକ୍‌ଡାଉନ ଭଳି ପରିସ୍ଥିତିର ସମ୍ମୁଖୀନ ହେବ। ମାସ୍କ ଠିକ୍‌ଭାବରେ ନ ପିନ୍ଧି ବାହାରକୁ ଆସୁଥିବା ଲୋକଙ୍କଠାରୁ ଜରିମାନା ନିଶ୍ଚୟ ଆଦାୟ କରାଯିବ। ଏ ନେଇ ପୋଲିସ ଓ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ମାସ୍କ ନ ପିନ୍ଧିଲେ ଏବେ ଦୁଇଗୁଣା ଜରିମାନା ଆଦାୟ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ମାସ୍କ ହିଁ ବର୍ତ୍ତମାନ ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କବଚ। ଯେଉଁମାନେ ଟିକା ନେଇନାହାନ୍ତି, ସେମାନେ ମାସ୍କ ପିନ୍ଧନ୍ତୁ। ଯେଉଁମାନେ ନେଇଛନ୍ତି ସେମାନେ ମଧ୍ୟ ମାସ୍କ ପିନ୍ଧନ୍ତୁ। ତାହାହେଲେ ଯାଇ ଆମେ ବିନା ଲକ୍‌ଡାଉନରେ କରୋନାକୁ ରୋକିପାରିବା। ଲକ୍‌ଡାଉନର ପ୍ରତିକୂଳ ପ୍ରଭାବକୁ ବି ରୋକିପାରିବା। ଯଦି ଆପଣ ଚାହାନ୍ତି ରୋଜଗାର ବନ୍ଦ ନ ହେଉ, ☞ପୃଷ୍ଠା-୪

## ମାସ୍କ ନ ପିନ୍ଧିଲେ ୨ହଜାର ଜରିମାନା

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

କଟକଣା ଓ ଜରିମାନା ସତ୍ତ୍ୱେ ବଦଳୁନି ଅମାନିଆଙ୍କ ମାନସିକତା। ରାଜ୍ୟରେ କରୋନା ସଂକ୍ରମଣ ବଢ଼ୁଥିବାବେଳେ ଲୋକେ ଚେତୁନାହାନ୍ତି କି କୋଭିଡ୍ ଗାଇଡ୍‌ଲାଇନ୍ ମାନୁନାହାନ୍ତି। ଲୋକେ ମାସ୍କ ପିନ୍ଧୁ ନ ଥିବାରୁ ରାଜ୍ୟରେ ସଂକ୍ରମଣ ବ୍ୟାପୁଛି। ତେଣୁ ଜରିମାନା ରାଶିକୁ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। ଏଣିକି ମାସ୍କ ନ ପିନ୍ଧିଲେ ୨ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ପୂର୍ବରୁ ପ୍ରଥମ ଓ ଦ୍ୱିତୀୟଥର ପାଇଁ ଜରିମାନା ୧ହଜାର ଟଙ୍କା ରହିଥିଲା। ଏବେ ଦୁଇଗୁଣା ଗଣିବାକୁ ପଡିବ ଦଣ୍ଡ। ପ୍ରଥମ ଓ ଦ୍ୱିତୀୟଥର ନିୟମ ଉଲ୍ଲଂଘନ କଲେ ୨ହଜାର ଟଙ୍କା ଏବଂ ତୃତୀୟଥର ଧରାପଡ଼ିଲେ ୫ହଜାର ଟଙ୍କା ଜରିମାନା ଦେବାକୁ ହେବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ପ୍ରିନ୍ସ ଫିଲିପ୍‌ଙ୍କ ଦେହାନ୍ତ



**ଲଣ୍ଡନ, ୯।୪(ପି.ଟି.)**

ବ୍ରିଟେନ ରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ସ୍ୱାମୀ ତଥା ଡ୍ୟୁକ୍ ଅଫ୍ ଏଡିନବର୍ଗ ପ୍ରିନ୍ସ ଫିଲିପ୍‌ଙ୍କର ଶୁକ୍ରବାର ଦେହାନ୍ତ ହୋଇଯାଇଛି। ତାଙ୍କୁ ୯୯ ବର୍ଷ ବୟସ ହୋଇଥିଲା। ରାଣୀ ଏଲିଜାବେଥ୍ ଅତ୍ୟନ୍ତ ଦୁଃଖର ସହ ତାଙ୍କର ପରଲୋକ ସମ୍ପର୍କରେ ଘୋଷଣା କରିଛନ୍ତି। ଦୀର୍ଘବର୍ଷ ଧରି ରୟାଲ କନ୍‌ସର୍ଟ ଭାବେ କାର୍ଯ୍ୟ କରିଆସିଥିବା ଫିଲିପ୍ ଶୁକ୍ରବାର ସକାଳେ ୱିଣ୍ଡସର କାଷ୍ଟଲ୍‌ରେ ଶାନ୍ତିର ସହ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପରଲୋକ ୯୪ ବର୍ଷୀୟା ରାଣୀଙ୍କ ପାଇଁ ଅମାପ କ୍ଷତି ବୋଲି ବକିଂମହାମ୍ ପ୍ୟାଲେସ୍ ପକ୍ଷରୁ ପ୍ରକାଶିତ ବିବୃତିରେ କୁହାଯାଇଛି। ଜୁନ୍ ୧୦ରେ ଫିଲିପ୍ ୧୦୦ ବର୍ଷରେ ପଦାର୍ପଣ କରିଥାନ୍ତେ। ନିକଟରେ ତାଙ୍କର ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ହୋଇଥିଲା ଓ ସେ ୨୮ ଦିନ ହସ୍ପିଟାଲରେ ରହିବା ପରେ ରାଜପ୍ରାସାଦକୁ ଫେରିଥିଲେ। ପ୍ରଥମେ ଫେବୃୟାରୀ ୧୬ରେ ତାଙ୍କୁ କିଙ୍ଗ୍ ଏଡୱାର୍ଡ ଅଷ୍ଟମ ହସ୍ପିଟାଲ ଓ ପରେ ନ୍ୟାଶନାଲ ହେଲ୍‌ଥ ସର୍ଭିସ୍ ସ୍ପେଶିଆଲିଷ୍ଟ ସେଣ୍ଟ ବାର୍‌ଥୋଲୋମ୍ୟୁସ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ୭୩ ବର୍ଷ ବୈବାହିକ ଜୀବନ ବିତାଇଥିବା ☞ପୃଷ୍ଠା-୪

## ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ

**ଦେବଗଡ଼, ୯।୪(ଡି.ଏନ୍.ଏ.)**

- ମୋବାଇଲ ଫୋନ ଜବତ, ଥାନାରେ ଏତଲା
- ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପରିବର୍ତ୍ତନ

ସମଗ୍ର ରାଜ୍ୟରେ ଶୁକ୍ରବାର ଓଟିଇଟି (ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ) ପରୀକ୍ଷା ଚାଲିଥିଲାବେଳେ ଦେବଗଡ଼ ଜିଲାରେ ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ଦେବଗଡ଼ ଜିଲାର ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼ ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟ ଆଦି ୫ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିଲେ। ତେବେ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ଏବଂ ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟଙ୍କ ଦାୟିତ୍ୱହୀନତା ଯୋଗୁ ଦେବଗଡ଼ ସଦର ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ସୂଚନା ମିଳିଛି। ପୂର୍ବାହ୍ନ ୮ଟାରେ ପରୀକ୍ଷା ଆରମ୍ଭ ହୋଇଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆମ ପାଇଁ ନୂଆ**










ଧରିତ୍ରୀ
DHARITRI
ଶନିବାର, ୧୦ ଏପ୍ରିଲ, ୨୦୨୧

**ମୁମ୍ବାଇ ହଟ୍‌ସ୍ପଟ୍**
ଆର୍ଥିକ ରାଜଧାନୀ ମୁମ୍ବାଇ ଦେଶର କରୋନା ହଟ୍‌ସ୍ପଟ୍ ପାଲଟିଛି। ଗତ ୨୪ ଘଣ୍ଟାରେ ମହାରାଷ୍ଟ୍ରରେ ୫୮,୯୯୩ ନୂଆ କୋଭିଡ୍-୧୯ ମାମଲା ସାମ୍ନାକୁ ଆସିଥିବାବେଳେ ୩୦୧ ସଂକ୍ରମିତଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ୯,୨୦୨ ଆକ୍ରାନ୍ତ ଓ ୩୫ ମୃତକ ହେଉଛନ୍ତି ମୁମ୍ବାଇ ବାସିନ୍ଦା।



## ସଂକ୍ଷେପରେ

### ଏନ୍‌କାଉଣ୍ଟରରେ ୭ ଆତଙ୍କବାଦୀ ନିହତ

**ଶ୍ରୀନଗର, ୯।୪:** ଜମ୍ମୁ-କଶ୍ମୀରର ଶୋପିଆନ ଏବଂ ପୁଲ୍‌ୱାମା ଜିଲାରେ ଶୁକ୍ରବାର ଦୁଇଟି ଏନ୍‌କାଉଣ୍ଟରରେ ଅନସର ଗଜୱାତୁଲ ହିନ୍ଦ୍ ମୁଖ୍ୟ ଇମତିଆଜ ଅହମଦ ଶାହାଙ୍କ ସମେତ ୭ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୋପିଆନ ଏନ୍‌କାଉଣ୍ଟରରେ ୫ ଆତଙ୍କବାଦୀ ପ୍ରାଣ ହରାଇଥିବାବେଳେ ପୁଲ୍‌ୱାମା ଜିଲାର ତ୍ରାଲ ଅଞ୍ଚଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ଶୋପିଆନର ଏକ ମସ୍‌ଜିଦରେ ଲୁଚିଥିବା ୨ ଆତଙ୍କବାଦୀଙ୍କୁ ଆତ୍ମସମର୍ପଣ ପାଇଁ ସୁରକ୍ଷା ବଳ ଆହ୍ୱାନ ଦେଇଥିଲା। ମସ୍‌ଜିଦକୁ ସୁରକ୍ଷିତ ରଖିବା ଲାଗି ସମସ୍ତ ଉଦ୍ୟମ କରାଯାଇଥିଲା ବୋଲି ପୋଲିସ କହିଛି। ଗୁରୁବାର ସନ୍ଧ୍ୟାଠାରୁ ଶୋପିଆନ ସହରରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଏଥିରେ ୪ ଜଣ ଯବାନ ଆହତ ହୋଇଥିଲେ।

### ଉତ୍ତର କୋରିଆରେ ଆର୍ଥିକ ସଙ୍କଟ



**ପୋଙ୍ଗ୍‌ୟାଙ୍ଗ,୯।୪:** କଥା କଥାକେ ମହାଶକ୍ତି ଆମେରିକାକୁ ଧମକ ଦେଉଥିବା ଉତ୍ତର କୋରିଆ ପାଇଁ ଦୁର୍ଦ୍ଦିନ ଆସିଛି। ଦେଶରେ ବର୍ତ୍ତମାନ ୧୯୯୦ ଦଶକର ଦୁର୍ଭିକ୍ଷ ଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ଉତ୍ତର କୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍ ସ୍ୱୀକାର କରିଛନ୍ତି। କିମ୍ ନିଜ ଶାସନର ୧୦ ବର୍ଷ ପୂରଣ କରିବାକୁ ଯାଉଥିବାବେଳେ ରାଜଧାନୀ ପୋଙ୍ଗ୍‌ୟାଙ୍ଗରେ ଏକ ବଡ଼ ରାଜନୈତିକ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। କରୋନା ମହାମାରୀ, ଆମେରିକାର କଟକଣା ଓ ଗତବର୍ଷର ପ୍ରାକୃତିକ ବିପର୍ଯ୍ୟୟ ସମେତ ବିଭିନ୍ନ କାରଣରୁ ଉତ୍ତର କୋରିଆ ଅତି ଖରାପ ସ୍ଥିତି ଦେଇ ଗତି କରୁଛି। ଏହି ଆର୍ଥିକ ଦୁରବସ୍ଥାର ମୁକାବିଲା ପାଇଁ ଉଦ୍ୟମ କରିବାକୁ କିମ୍ ନିଜ ସମର୍ଥକମାନଙ୍କୁ ପରାମର୍ଶ ଦେଇଛନ୍ତି।

### ମମତାଙ୍କୁ ପୁଣି ଇସି ନୋଟିସ



**କୋଲକାତା, ୯।୪(ଆଇଏଏନ୍‌ଏସ୍):** ନିର୍ବାଚନ କମିଶନ (ଇସି) ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଖକୁ ପୁନର୍ବାର କାରଣ ଦର୍ଶାଅ ନୋଟିସ ପଠାଇଛନ୍ତି। ମିଥ୍ୟା, ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ମାଧ୍ୟମରେ କେନ୍ଦ୍ରୀୟ ବଳକୁ ଗାଳିଦେବା ଉଦ୍ୟମ ପାଇଁ ତାଙ୍କୁ ଲିଖିତ ସ୍ପଷ୍ଟୀକରଣ ଦେବା ପାଇଁ କୁହାଯାଇଛି। ୧୦ ତାରିଖ ପୂର୍ବାହ୍ନ ୧୧ଟା ସୁଦ୍ଧା ଲିଖିତ ଜବାବ ନ ରଖିଲେ ଇସି ଏକତରଫା ନିଷ୍ପତ୍ତି ନେବେ ବୋଲି ସ୍ପଷ୍ଟ କରିଦେଇଛନ୍ତି। ସପ୍ତାହକ ମଧ୍ୟରେ ତୃଣମୂଳ କଂଗ୍ରେସ ଅଧ୍ୟକ୍ଷାଙ୍କୁ ଏହା ଦ୍ୱିତୀୟ ନୋଟିସ। ସାମ୍ପ୍ରଦାୟିକତା ଆଧାରରେ ଭୋଟ ମାଗିବା ଅଭିଯୋଗ ଉପରେ ବୁଧବାର ଇସି ମମତାଙ୍କୁ ନୋଟିସ ଜାରି କରି ସ୍ପଷ୍ଟୀକରଣ ମାଗିଥିଲେ।

## ୩ ହଜାର ବର୍ଷ ପୁରୁଣା ସହର



ଇଜିପ୍ଟରେ 'ଲଷ୍ଟ ଗୋଲ୍ଡେନ୍ ସିଟି' ନାମକ ୩,୦୦୦ ବର୍ଷ ପୁରୁଣା ଏକ ସହର ଠାବ ହୋଇଛି। ପ୍ରତ୍ନତତ୍ତ୍ୱବିତ୍‌ମାନେ ଦାକ୍ଷିଣାତ୍ୟ ସହର ଲକ୍ସରରେ ଖନନ ବେଳେ ଏହାକୁ ପାଇଛନ୍ତି। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ବୋଲି ଜନ୍ସ ହୋପ୍‌କିନ୍ସ ୟୁନିଭର୍ସିଟି ପ୍ରଫେସର ତଥା ଉକ୍ତ ମିଶନର ସଦସ୍ୟ ବେଷ୍ଟି ବ୍ରିୟାନ୍ ଏକ ବିବୃତିରେ କହିଛନ୍ତି। ଏଟେନ୍ ନାମରେ ପରିଚିତ ଏହି ପ୍ରାଚୀନ ସହରକୁ କିଙ୍ଗ୍ ଅମେନ୍‌ହୋଟେପ୍ ତୃତୀୟ ପ୍ରତିଷ୍ଠା କରିଥିଲେ। ଇଜିପ୍ଟର ରାଜବଂଶର ଅଷ୍ଟାଦଶ ପିଢ଼ିର ଏହି ରାଜା ଖ୍ରୀଷ୍ଟପୂର୍ବ ୧୩୯୧ରୁ ୧୩୫୩ ପର୍ଯ୍ୟନ୍ତ ଶାସନ କରୁଥିଲେ। ଏହା ପୂର୍ବରୁ ୧୯୨୨ରେ ଲକ୍ସର ଉପତ୍ୟକାରେ କିଙ୍ଗ୍ ଟୁଟାନଖମେନଙ୍କ ସମାଧି ଠାବ ହୋଇଥିଲା।

## ଜରିମାନା ଦେଲେ ପ୍ରଧାନମନ୍ତ୍ରୀ



ନରୱେ ପ୍ରଧାନମନ୍ତ୍ରୀ ଏର୍ନା ସୋଲବର୍ଗ କୋଭିଡ୍-୧୯ ନିୟମ ଭାଙ୍ଗି ଜରିମାନା ଦେଇଛନ୍ତି। ତାଙ୍କ ଜନ୍ମଦିନ ପାଳନ ପାଇଁ ଏକ ପାରିବାରିକ ଉତ୍ସବର ଆୟୋଜନ କରାଯାଇଥିଲା। ସେଠାରେ ସେ ସୋସିଆଲ ଡିଷ୍ଟାନ୍ସିଂ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କଠାରୁ ୨୦,୦୦୦ କ୍ରାଉନ୍ (୨,୩୫୨ ଡଲାର) ଜରିମାନା ଆଦାୟ କରାଯାଇଥିବା ପୋଲିସ ମୁଖ୍ୟ ଓଲେ ସେଭେରୁଡ୍ ଶୁକ୍ରବାର ସୂଚନା ଦେଇଛନ୍ତି। ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିବା ଏର୍ନା ସରକାରୀ କଟକଣା ସତ୍ତ୍ୱେ ପରିବାରର ୧୩ ସଦସ୍ୟଙ୍କୁ ନେଇ ଗତମାସରେ ଏକ ମାଉଣ୍ଟେନ ରିସର୍ଟରେ ତାଙ୍କ ୬୦ତମ ଜନ୍ମଦିନ ପାଳନ କରିଥିଲେ। ଗତ ମାର୍ଚ୍ଚରୁ ନରୱେରେ କରୋନା ଭାଇରସ୍ ସଂକ୍ରମଣ ବଢ଼ିବାରେ ଲାଗିଛି।

# ଫଳ ପୂର୍ବରୁ ଘୋଡ଼ାବେପାର ଭୟ

**ଆସାମରେ ବିଧାନସଭା ନିର୍ବାଚନ ଶେଷ ହେବା ସହ ଆରମ୍ଭ ହୋଇଛି ଲୁଚକାଳି ଖେଳ । କଂଗ୍ରେସର ୨୦ରୁ ଊର୍ଦ୍ଧ୍ୱ ବିଧାୟକ ପ୍ରାର୍ଥୀ ରାଜସ୍ଥାନ ରାଜଧାନୀ ଜୟପୁରସ୍ଥିତ ଏକ ହୋଟେଲକୁ ବୁହାହୋଇ ଯାଇଛନ୍ତି । କଂଗ୍ରେସର ପଦାଙ୍କ ଅନୁସରଣ କରିଛନ୍ତି ଧୁବ୍ରୀ ଏମ୍‌ପି ବଦ୍‌ରୁଦ୍ଦିନ ଅଜମଲ । ସେ ମଧ୍ୟ ତାଙ୍କ ନେତୃତ୍ୱାଧୀନ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍)ର ୧୮ରୁ ୨୦ ପ୍ରାର୍ଥୀଙ୍କୁ ରାଜସ୍ଥାନକୁ ନେଇଯାଇଛନ୍ତି ଭାଜପାର ଘୋଡ଼ାବେପାର ଭୟରେ । କାରଣ ଭାଜପା ନିର୍ବାଚନ ହାରିବା ସତ୍ତ୍ୱେ କ୍ଷମତା ହାତେଇବା ପାଇଁ ବିରୋଧୀଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିଥାଏ ବୋଲି ବିଶ୍ଳେଷକ ମତ ଦିଅନ୍ତି । ଗୈରିକ ଦଳର ଏହି ଚର୍ଚ୍ଚିତ ରଣନୀତି 'ଅପରେଶନ କମଲ' ନାମରେ ବିଦିତ ।**




- ଅପରେଶନ କମଲ ଆଶଙ୍କା
- ରାଜସ୍ଥାନ ଗଲେ ଆସାମର କଂଗ୍ରେସ, ଏଆଇୟୁଡିଏଫ୍ ପ୍ରାର୍ଥୀ


ବଦ୍‌ରୁଦ୍ଦିନ ଅଜମଲ

**ଗୁଆହାଟୀ/ଜୟପୁର, ୯।୪**

ଏପ୍ରିଲ ୬ରେ ତିନି ପର୍ଯ୍ୟାୟରେ ଶେଷ ହୋଇଛି ଆସାମ ବିଧାନସଭା ନିର୍ବାଚନ। ମେ ୨ରେ ଭୋଟ ଗଣତି ହେବ। କିନ୍ତୁ ଫଳାଫଳ ପ୍ରକାଶ ପାଇବା ପୂର୍ବରୁ ଶାସକ ଭାଜପା ଘୋଡ଼ାବେପାର କରିପାରେ ବୋଲି ବିରୋଧୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଦଳୀୟ ପ୍ରାର୍ଥୀ କିଣାବିକା ଆଶଙ୍କା ଥିବାରୁ କଂଗ୍ରେସ ଏହାର ୨୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀଙ୍କୁ ରାଜସ୍ଥାନ ରାଜଧାନୀ ଜୟପୁର ପଠାଇ ଦେଇଛି। କଂଗ୍ରେସ ସହଯୋଗୀ ଏଆଇୟୁଡିଏଫ୍ ମଧ୍ୟ ଅନୁରୂପ ପଦକ୍ଷେପ ସ୍ୱରୂପ ଏହାର ପ୍ରାୟ ପ୍ରାର୍ଥୀଙ୍କୁ ଜୟପୁର ନେଇଥିବା ସୂତ୍ରରୁ ଜଣାପଡ଼ିଛି। ସେମାନଙ୍କୁ ଏକ ରିସର୍ଟରେ ରଖାଯାଇଛି। ଗତବର୍ଷ ଜୁଲାଇରେ ରାଜସ୍ଥାନ କଂଗ୍ରେସରେ ଆଭ୍ୟନ୍ତରୀଣ ସଙ୍କଟ ଦେଖାଦେଇଥିବାବେଳେ ଦଳୀୟ ବିଧାୟକମାନଙ୍କୁ ଏହି ହୋଟେଲରେ ରଖାଯାଇଥିଲା।

ନିର୍ବାଚନ ହାରିବା ପରେ କଂଗ୍ରେସରେ ବିଭାଜନ ସୃଷ୍ଟି କରିବା ଭାଜପା ପାଇଁ ଏକ ଧାରାରେ ପରିଣତ ହୋଇଛି। ସେଥିପାଇଁ ଆମ ପ୍ରାର୍ଥୀମାନଙ୍କୁ ଜଗିବାକୁ ପଡୁଛି ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ଆସାମରେ ମାର୍ଚ୍ଚ ୨୭ରୁ ଏପ୍ରିଲ ୬ ମଧ୍ୟରେ ତିନି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶାସକ ଭାଜପା ଏବଂ ବିରୋଧୀ ମେଣ୍ଟ ମଧ୍ୟରେ ଜୋର୍‌ଦାର ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ଜଣାପଡ଼ିଛି। କଂଗ୍ରେସ ନେତୃତ୍ୱାଧୀନ ମହାମେଣ୍ଟରେ ଏଆଇୟୁଡିଏଫ୍, ଜେଡିପିପି, ଆଦିବାସୀ ନ୍ୟାଶନାଲ ପାର୍ଟି, ସିପିଏମ୍, ସିପିଆଇ, ସିପିଆଇ(ଏମ୍‌ଏଲ୍), ଆଞ୍ଚଳିକ ଗଣ ମୋର୍ଚ୍ଚା, ବୋଡୋଲାଣ୍ଡ ପିପୁଲ୍ସ ପାର୍ଟି ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)। ଆସାମରେ ଭାଜପା କ୍ଷମତା ବଜାୟ ରଖିବା ଲକ୍ଷ୍ୟରେ ଥିବାବେଳେ ୫ ବର୍ଷ ପରେ କଂଗ୍ରେସ ପୁଣିଥରେ କ୍ଷମତାକୁ ଫେରିବା ଲାଗି ଆଶାୟୀ ରହିଛି। ତେବେ କୌଣସି ପ୍ରକାରେ କ୍ଷମତା ଦଖଲ ପାଇଁ ଭାଜପା ଅନୈତିକ ଉପାୟ ଅବଲମ୍ବନ କରିବା ଅସମ୍ଭବ ନୁହେଁ। ମେ' ୨ରେ ପଶ୍ଚିମବଙ୍ଗ, ତାମିଲନାଡୁ, କେରଳ, ପୁଡୁଚେରୀ ସମେତ ଆସାମ ନିର୍ବାଚନ ଫଳାଫଳ ପ୍ରକାଶ ପାଇବାକୁ ଥିବାବେଳେ ଏହା ପୂର୍ବରୁ ଘୋଡ଼ାବେପାରକୁ ନେଇ କଂଗ୍ରେସ ସତର୍କତା ଅବଲମ୍ବନ କରିଥିବା ଦଳୀୟ ମୁଖପାତ୍ର କହିଛନ୍ତି। ରାଜସ୍ଥାନ କଂଗ୍ରେସର ମୁଖ୍ୟ ହ୍ୱିପ୍ ମହେଶ ଜୋଷୀ ଏବଂ ବିଧାୟକ ରଫିକ୍ ଖାନ୍‌ଙ୍କୁ ଆସାମ କଂଗ୍ରେସ ପ୍ରାର୍ଥୀମାନଙ୍କୁ ଏକାଠି ରଖିବା ଦାୟିତ୍ୱ ଦିଆଯାଇଛି। ସେମାନଙ୍କୁ ରଖାଯାଇଥିବା ଫେୟାରମୋଣ୍ଟ ହୋଟେଲ ମଧ୍ୟକୁ ଅଜଣା ଲୋକଙ୍କୁ ଛଡ଼ାଯାଉନାହିଁ।

### ବିରୋଧୀ ଦେଇଛନ୍ତି କଡ଼ା ଟକ୍କର

ଆସାମରେ ପରବର୍ତ୍ତୀ ସରକାର ଗଠନର ମୂଳଦୁଆ ପକାଇବାକୁ ଯାଇ ଶାସକ ଭାଜପା ୩ ମାସ ପୂର୍ବରୁ ଅଭିଯାନ ଆରମ୍ଭ କରିଥିଲା ଗୁଆହାଟୀର ଦିସପୁରରୁ। ପ୍ରଥମେ ଭାଜପା ସପକ୍ଷରେ ବିପୁଳ ଜନମତ ରହିଥିବା ପ୍ରତୀୟମାନ ହୋଇଥିଲା। ହେଲେ ନିର୍ବାଚନ ଯେତେ ପାଖେଇ ଆସିଲା ବିରୋଧୀ କଂଗ୍ରେସର ବଳ ସେତେ ବଢ଼ିବାରେ ଲାଗିଲା। ଏଥର ଭାଜପାକୁ କଡ଼ା ଟକ୍କର ଦେବାରେ ବିରୋଧୀ ମେଣ୍ଟକୁ ସହାୟକ ହୋଇଛି ସୁଚିନ୍ତିତ ରଣନୀତି ଓ ପ୍ରଭାବଶାଳୀ ପ୍ରଚାର। ଏହାର ଶ୍ରେୟ ଦିଆଯାଉଛି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ତଥା କଂଗ୍ରେସ ପର୍ଯ୍ୟବେକ୍ଷକ ଭୂପେଶ ବାଘେଲଙ୍କୁ। ୨୦୧୮ ନିର୍ବାଚନରେ ରମଣ ସିଂ ସରକାରକୁ ଛତିଶଗଡ଼ରୁ ହଟାଇ କଂଗ୍ରେସକୁ କ୍ଷମତାକୁ ଆଣିଥିବା ଅଭିଜ୍ଞତା ଏଥିଲାଗି ବାଘେଲଙ୍କୁ ସହାୟକ ହୋଇଥିବା କୁହାଯାଉଛି।

## ୩ ମହିଳାଙ୍କୁ କୋଭିଡ୍ ବଦଳରେ ଜଳାତଙ୍କ ଟିକା

**ଶାମଲି (ୟୁପି), ୯।୪(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର ଶାମଲି ଜିଲାରେ ଏକ ସରକାରୀ ହସ୍ପିଟାଲକୁ ଗୁରୁବାର କୋଭିଡ୍ ଟିକା ନେବାକୁ ଯାଇଥିବା ୩ ଜଣ ମହିଳାଙ୍କୁ ଭୁଲ୍‌ବଶତଃ ଆଣ୍ଟି-ରାବିସ୍ (ଜଳାତଙ୍କ ନିରୋଧୀ) ଟିକା ଦିଆଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କାଣ୍ଡଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ନେଇଥିବା ଏହି ମହିଳାମାନେ ହେଲେ ସରୋଜ (୭୦), ଅନାରକଲି(୭୨) ଏବଂ ସତ୍ୟବତୀ (୬୦)। ଏହି ଘଟଣା ଜଣାପଡ଼ିବା ପରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ମହିଳାମାନଙ୍କ ପରିବାର ଲୋକେ ଆସି ସେଠାରେ ପାଟିତୁଣ୍ଡ କରିଥିଲେ। ସରୋଜଙ୍କ ସ୍ୱାସ୍ଥ୍ୟାବସ୍ଥା ଅବନତି ଦେଖାଦେବା ସହ ବାନ୍ତି ହେବାରୁ ତାଙ୍କୁ ଘରୋଇ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। କୋଭିଡ୍ ବଦଳରେ ଆଣ୍ଟି-ରାବିସ୍ ଟିକା ଦିଆଯାଇଥିବା ଜାଣି ଡାକ୍ତର ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ମହିଳାମାନଙ୍କ ପରିବାର ଲୋକେ ମୁଖ୍ୟ ମେଡିକାଲ ଅଫିସର ସଞ୍ଜୟ ଅଗ୍ରୱାଲଙ୍କ ପାଖରେ ଅଭିଯୋଗ ଦାଏର କରିଛନ୍ତି। ଘଟଣାର ତଦନ୍ତ କରାଯାଉଛି ଓ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ବ୍ରିଜେନ୍ଦ୍ର ସିଂ କହିଛନ୍ତି।

## ଆମେରିକାରେ ଭାରତୀୟ ଦମ୍ପତିଙ୍କ ମୃତଦେହ ଜବତ

**ମୁମ୍ବାଇ,୯।୪**



**ବାଲ୍‌କୋନିରେ କାନ୍ଦୁଥିଲା ୪ ବର୍ଷର ଝିଅ**

ଆମେରିକାର ନ୍ୟୁଜର୍ସିସ୍ଥିତ ନର୍ଥ ଅର୍ଲିଂଟନର ଏକ ଆପାର୍ଟମେଣ୍ଟ ବାଲକୋନିରେ ଜଣେ ୪ ବର୍ଷର ଝିଅ କାନ୍ଦୁଥିବା ପଡ଼ୋଶୀମାନେ ଦେଖିବାକୁ ପାଇଥିଲେ। ସେମାନଙ୍କଠାରୁ ଖବର ପାଇ ପୋଲିସ ଆସି ଦେଖିବାବେଳକୁ ଘରେ ପଡ଼ିଥିଲା ଭାରତୀୟ ଦମ୍ପତିଙ୍କ ମୃତଦେହ। ମୃତକ ଦ୍ୱୟ ହେଲେ ବାଲାଜୀ ଭରତ ରୁଦ୍ରୱାର(୩୨) ଓ ତାଙ୍କ ସ୍ତ୍ରୀ ଆରତୀ ବାଲାଜୀ ରୁଦ୍ରୱାର(୩୦)। ମହାରାଷ୍ଟ୍ରର ବିଦ୍ ଜିଲା ଅମ୍ବାଯୋଗାଇ ବାସିନ୍ଦା ଆଇଟି ପ୍ରଫେସନାଲ ବାଲାଜୀ ୨୦୧୫ ଅଗଷ୍ଟରେ ସ୍ତ୍ରୀଙ୍କ ସହ ଆମେରିକା ଯାଇଥିଲେ। ସେଠାରେ ବାଲାଜୀ ଏକ ବଡ଼ ଭାରତୀୟ ଇନ୍‌ଫୋଟେକ୍ କମ୍ପାନୀରେ କାମ କରୁଥିଲେ। ଏହି ଦମ୍ପତି ୨୧ ଗାର୍ଡେନ ଟେରାସ୍ ଆପାର୍ଟମେଣ୍ଟରେ ରହୁଥିଲେ। ବାଲାଜୀ ତାଙ୍କ ସ୍ତ୍ରୀଙ୍କୁ ଛୁରି ଭୁସି ହତ୍ୟା କରିବା ପରେ ଆତ୍ମହତ୍ୟା କରିଥିବା କେତେକ ସ୍ଥାନୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ତେବେ ହତ୍ୟାର ପ୍ରକୃତ କାରଣ ଜାଣିବା ପାଇଁ ପୋଲିସ ତଦନ୍ତ ଚଳାଇଛି। ଉଭୟଙ୍କ ମୃତଦେହ ପୋଲିସ ଜବତ କରି ଗୁରୁବାର ବ୍ୟବଚ୍ଛେଦ ପାଇଁ ପଠାଇଛି।

ବାଲାଜୀଙ୍କ ବାପା ଭରତ ରୁଦ୍ରୱାର କହିଛନ୍ତି, ନାତୁଣୀ ବାଲ୍‌କୋନିରେ କାନ୍ଦୁଥିବା ଦେଖି କ'ଣ ଘଟିଲା ବୋଲି ରୁମ୍ ଭିତରକୁ ଯିବା ପରେ ଏସବୁ ଦେଖିବାକୁ ମିଳିଥିଲା। ମୋ ବୋହୂ ୭ ମାସର ଗର୍ଭବତୀ ଥିଲେ। ଆମେ ନିକଟରେ ସେମାନଙ୍କ ଘରକୁ ଯାଇଥିଲୁ ଓ ଆଗକୁ ଆଉ ଥରେ ଯିବା ପାଇଁ ଯୋଜନା କରିଥିଲୁ। ଭାରତକୁ ସେମାନଙ୍କ ମୃତଦେହ ଆଣିବା ପାଇଁ ପ୍ରାୟ ୧୦ ଦିନ ଲାଗିଯିବ ବୋଲି ଆମେରିକୀୟ ଅଧିକାରୀମାନେ କହିଛନ୍ତି। ମୋ ନାତୁଣୀ ଏବେ ମୋ ପୁଅର ଜଣେ ବନ୍ଧୁଙ୍କ ସହ ଅଛି।


ପଟିଆଲାସ୍ଥିତ ନ୍ୟୁ ଗ୍ରେନ୍ ମାର୍କେଟରେ ଗହମ ସଫା କରୁଛନ୍ତି ଜଣେ କୃଷି ଶ୍ରମିକ।

## ଲାକ୍ଷାଦ୍ୱୀପ ନିକଟରେ ଆମେରିକା ନୌସେନାର ଅଭିଯାନ

**ନୂଆଦିଲ୍ଲୀ, ୯।୪**



**ପ୍ରତିବାଦ ଜଣାଇଲା ଭାରତ**

ନୂଆଦିଲ୍ଲୀର ଅନୁମତି ନ ନେଇ ଲାକ୍ଷାଦ୍ୱୀପ ନିକଟରେ ଥିବା ଭାରତୀୟ ଅନନ୍ୟ ଅର୍ଥନୈତିକ କ୍ଷେତ୍ର (ଇଇଜେଡ୍)ରେ ଆମେରିକା ନୌସେନା 'ଫ୍ରିଡମ୍ ଅଫ୍ ନାଭିଗେଶନ ପାଟ୍ରୋଲ' ଅଭିଯାନ ଚଳାଇବା ପାଇଁ ଘୋଷଣା କରିଛି। ଏହାକୁ ନେଇ ଭାରତ ଚିନ୍ତା ବ୍ୟକ୍ତ କରିବା ସହ ଆମେରିକାକୁ ନିଜର ଅସନ୍ତୋଷ ଜଣାଇଛି। ଚାଇନା ପଡୋଶୀ ଦେଶଗୁଡ଼ିକର ଅଞ୍ଚଳ ଉପରେ ନିଜର ଆଧିପତ୍ୟ ଜାହିର କରୁଥିବାରୁ ଦକ୍ଷିଣ ଚାଇନା ସାଗରରେ ଆମେରିକା ନୌସେନା ନିୟମିତ ଭାବେ ଏଭଳି ପାଟ୍ରୋଲ କରିଥାଏ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚାଇନାର ଆଧିପତ୍ୟ ବଢୁଥିବାବେଳେ ଏହାର ମୁକାବିଲା ପାଇଁ ଭାରତର ସହଯୋଗ ଲୋଡୁଥିବା ଆମେରିକା ଅଚାନକ ଏହାର ଇଇଜେଡ୍‌ରେ ପାଟ୍ରୋଲିଂ ପାଇଁ ଘୋଷଣା କରିବା ନୂଆଦିଲ୍ଲୀକୁ ଆଶ୍ଚର୍ଯ୍ୟ କରିଛି। ଏଥିସହିତ କୂଟନୈତିକ ଚ୍ୟାନେଲ ଜରିଆରେ ପ୍ରତିବାଦ ଜଣାଇଛି ଭାରତ।

# ଟିକା ନେବା ପରେ ଗଲାଣି ୧୮୦ ଜୀବନ

**ନୂଆଦିଲ୍ଲୀ, ୯।୪**



ଭାରତରେ କୋଭିଡ୍ ଟିକା ନେବା ପରେ ମାର୍ଚ୍ଚ ୩୧ ମଧ୍ୟରେ ୧୮୦ ଜଣଙ୍କର ମୃତ୍ୟୁ ହେଲାଣି। ୭୫ ପ୍ରତିଶତ ମୃତ୍ୟୁ ଟିକା ନେବାର ୩ ଦିନ ମଧ୍ୟରେ ହୋଇଛି। ଜାତୀୟ ଏଇଏଫ୍‌ଆଇ (ଆଡଭର୍ସ ଇଭେଣ୍ଟ ଫଲୋଇଙ୍ଗ୍ ଇମ୍ୟୁନାଇଜେଶନ) କମିଟି ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦେଶରେ ଜାନୁୟାରୀ ୧୬ରୁ ଟିକାକରଣ ଆରମ୍ଭ ହୋଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ସେହିମାସ ୨୭ ବେଳକୁ ୯ ଜଣଙ୍କର ମୃତ୍ୟୁ ଘଟିଥିଲା। ଫେବୃୟାରୀ ୨୬ ସୁଦ୍ଧା ୪୬ ଜଣଙ୍କର ଏବଂ ମାର୍ଚ୍ଚ ୧୬ ସୁଦ୍ଧା ୮୯ ଜଣଙ୍କର ମୃତ୍ୟୁ ଘଟିଥିଲା। ଟିକାକରଣ ବଢ଼ିବା ସହ ମାର୍ଚ୍ଚ ୧୬ରୁ ୨୯ ମଧ୍ୟରେ ୯୧ ଜଣଙ୍କର ଜୀବନ ଯାଇଛି।

ଭାରତରେ ଟିକା ପରବର୍ତ୍ତୀ ପ୍ରତିକୂଳ ପ୍ରଭାବ ଓ ମୃତ୍ୟୁର ୟୁରୋପୀୟ ସଂଘ ଏବଂ ବ୍ରିଟେନରେ ରେକର୍ଡ ହୋଇଥିବା ପ୍ରଭାବ ସହ ସମାନ ବୋଲି ରିପୋର୍ଟରେ କୁହାଯାଇଛି। ୟୁରୋପୀୟ ସଂଘ ଓ ବ୍ରିଟେନ ପ୍ରଥମେ ଅସ୍ୱୀକାର କରୁଥିଲେ ହେଁ ସବିଶେଷ ତଦନ୍ତ ପରେ ଅକ୍ସଫୋର୍ଡ-ଆଷ୍ଟ୍ରାଜେନିକା ଟିକା ନେବା ପରେ କେତେଜଣଙ୍କଠାରେ ରକ୍ତ ଜମାଟ ବାନ୍ଧିବା ସମସ୍ୟା ଦେଖାଦେଇଥିବା ସ୍ପଷ୍ଟ ହୋଇଥିଲା। ମାର୍ଚ୍ଚ ୩୧ରେ ନ୍ୟାଶନାଲ ଏଇଏଫ୍‌ଆଇ କମିଟି ତଥ୍ୟ ଅନୁଯାୟୀ ପ୍ରତିକୂଳ ପ୍ରଭାବ ଦେଖାଦେଇଥିବା ୩୦୫ ଜଣଙ୍କ ମଧ୍ୟରୁ ୨୭୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ୮୭ ପ୍ରତିଶତରୁ ଅଧିକଙ୍କ ଠାରେ ଗମ୍ଭୀର ପ୍ରତିକୂଳ ପ୍ରଭାବ ଅନୁଭୂତ ହୋଇଥିଲା ବୋଲି ରିପୋର୍ଟରେ କୁହାଯାଇଛି।

ଜନସ୍ୱାସ୍ଥ୍ୟ କର୍ମୀ ମାଲିନି ଐସୋଲାଙ୍କ କହିବା ଅନୁଯାୟୀ କୋଭିଶିଲ୍ଡ ଟିକା ଆଷ୍ଟ୍ରାଜେନିକା ଅନୁରୂପ ହୋଇଥିବାରୁ ବ୍ରିଟେନରେ ଦେଖାଦେଇଥିବା ବିରଳ ସ୍ଥିତି ସମ୍ପର୍କରେ ଅଧିକ ଅନୁଧ୍ୟାନ ହେବା ଆବଶ୍ୟକ। ୟୁରୋପୀୟ ସଂଘ ଏବଂ ବ୍ରିଟେନରେ ୨.୫ କୋଟି ଲୋକ କୋଭିଡ୍ ଟିକା ନେଇଥିବାବେଳେ ସେମାନଙ୍କ ମଧ୍ୟରେ ୮୬ଜଣଙ୍କଠାରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେବା ସହ ୧୮ ଜଣଙ୍କର ମୃତ୍ୟୁ ଘଟିଛି। ଭାରତରେ ୯ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଦିଆସରିଲାଣି। ସେଥିରୁ ଅଧିକାଂଶ କୋଭିଶିଲ୍ଡ ଟିକା ଯାହା ଆଷ୍ଟ୍ରାଜେନିକା ଦ୍ୱାରା ବିକଶିତ ଓ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପ୍ରସ୍ତୁତ କରୁଛି।

### ଏମ୍ସର ୩୫ ଡାକ୍ତର କରୋନା ସଂକ୍ରମିତ

**ନୂଆଦିଲ୍ଲୀ, ୯।୪**

ଦିଲ୍ଲୀ ଏମ୍ସର ୩୫ ଜଣ ଡାକ୍ତର ଶୁକ୍ରବାର କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଦିନକ ପୂର୍ବରୁ ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲର ୩୭ ଡାକ୍ତରଙ୍କୁ କରୋନା ହୋଇଥିବା ଜଣାପଡ଼ିଥିଲା। ଏହି ଡାକ୍ତରମାନେ କୋଭିଡ୍ ଟିକା ନେଇଥିଲେ। ସେମାନଙ୍କ ମଧ୍ୟରୁ ୩୨ ଜଣ ହୋମ୍ ଆଇସୋଲେଶନରେ ରହିଥିବାବେଳେ ୫ ଜଣ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଦିଲ୍ଲୀରେ ଗୁରୁବାର ୭,୪୩୭ ନୂଆ ସଂକ୍ରମିତ ଚିହ୍ନଟ ହେବା ସହ ୨୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଦିନକରେ ଏହା ସର୍ବାଧିକ ସଂକ୍ରମଣ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୪୯,୦୧,୩୮୮ | ୨୯,୨୦,୬୩୦ | ୧୦,୮୫,୭୫,୧୦୧ |
| ଭାରତ | ୧,୩୧,୮୯,୧୦୦ | ୧,୬୮,୩୫୬ | ୧,୧୯,୮୪,୭୨୭ |
| ଓଡ଼ିଶା | ୩,୪୬,୮୦୮ | ୧୯୨୪(+୫୩) | ୩,୩୯,୨୦୦ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ଘୁଞ୍ଚିବନି ମାଟ୍ରିକ, ଯୁକ୍ତ୨ ପରୀକ୍ଷା

ଭୁବନେଶ୍ୱର, ୯।୪(ବ୍ୟୁରୋ)

**୨୫ ପର୍ଯ୍ୟନ୍ତ ଜାରି ରହିବ ପାଠପଢ଼ା**

**ଏସ୍ଏସ୍ଇପିଡି ବିଭାଗ ଅଧୀନ ନବମ ଓ ଏକାଦଶ ପାଠପଢ଼ା ବନ୍ଦ**

ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ମାଡ଼ି ଚାଲିଥିବାରୁ ପାଠପଢ଼ା ଏବଂ ପରୀକ୍ଷାକୁ ନେଇ ଚିନ୍ତାରେ ଅଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ବିଶେଷକରି ମାଟ୍ରିକ ଓ ଯୁକ୍ତ୨ ପରୀକ୍ଷା ହେବ କି ନାହିଁ, ନା ବିଳମ୍ବରେ ହେବ ତାହାକୁ ନେଇ ଆଶଙ୍କାରେ ଥିବାବେଳେ ଏହି ଦ୍ୱନ୍ଦ୍ୱକୁ ଦୂର କରିଛନ୍ତି ରାଜ୍ୟ ସରକାର। ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ମାଟ୍ରିକ ଓ ଯୁକ୍ତ୨ ପରୀକ୍ଷା ନେଇ କୌଣସି ଦ୍ୱନ୍ଦ୍ୱ ନାହିଁ। ପରୀକ୍ଷା ଘୁଞ୍ଚିବ ନାହିଁ। ଧାର୍ଯ୍ୟ ତାରିଖରେ ହିଁ ପରୀକ୍ଷା ହେବ। ପରୀକ୍ଷାର୍ଥୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଥର ଅଧିକ କେନ୍ଦ୍ର କରାଯିବ। କିନ୍ତୁ ନବମ ଶ୍ରେଣୀ ପରୀକ୍ଷା ହେବ କି ନାହିଁ କିଛି ସ୍ଥିର ହୋଇନାହିଁ। ନବମ କ୍ଲାସ୍ ବନ୍ଦ ରହିଥିବାରୁ ପରୀକ୍ଷା ନେଇ ସରକାର ଆଲୋଚନା କରୁଛନ୍ତି। ତେବେ ଖୁବ୍ଶୀଘ୍ର ପରୀକ୍ଷା ସମ୍ପର୍କରେ ଜଣାଇ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଯୁକ୍ତ୨ ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ପ୍ରସ୍ତୁତି ଚଳାଇଛି। କରୋନା ଭୟଙ୍କର ରୂପ ନେଉଥିବାରୁ ପରିଷଦ ଏବେ ଦୋଛକିରେ ପଡ଼ିଯାଇଛି। ସୁରୁଖୁରୁରେ ପରୀକ୍ଷା ପରିଚାଳନା ପାଇଁ ବରିଷ୍ଠ ଅଧିକାରୀମାନେ ମାନସମନ୍ଥନ ଆରମ୍ଭ କରିଛନ୍ତି। ସଂକ୍ରମଣ ଏଡ଼ାଇବା ପାଇଁ ପରୀକ୍ଷା କେନ୍ଦ୍ର ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି।

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁସାରେ, ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ମେ' ୩ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସକାଳ ୮ଟାରୁ ୧୦ଟା ୨ଘଣ୍ଟା ପରୀକ୍ଷା ହେବ। ସେହିପରି ମେ' ୧୮ରୁ ଜୁନ୍ ୧୨ ତାରିଖ ପର୍ଯ୍ୟନ୍ତ ଯୁକ୍ତ୨ ପରୀକ୍ଷା ଚାଲିବ। ଏହି ତାରିଖ ମଧ୍ୟରେ କଳା, ବିଜ୍ଞାନ ଓ ବାଣିଜ୍ୟର ପରୀକ୍ଷା ହେବ। ୨୯ରୁ ମେ' ୮ ମଧ୍ୟରେ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଚାଲିବ। ଯେଉଁମାନେ ପ୍ରାକ୍ଟିକାଲ ପରୀକ୍ଷା ଦେଇପାରିବେ ନାହିଁ ସେମାନଙ୍କ ଲାଗି ପରବର୍ତ୍ତୀ ସମୟରେ ସୁଯୋଗ ଦିଆଯିବ। ଏଥିସହିତ ମେ' ୨୮ରୁ ଧନ୍ଦାମୂଳକ ପରୀକ୍ଷା ଆରମ୍ଭ ହେବ। କରୋନା ଆକ୍ରାନ୍ତ ଛାତ୍ରୀଛାତ୍ରଙ୍କୁ ପରବର୍ତ୍ତୀ ସମୟରେ ପରୀକ୍ଷା ଦେବାକୁ ସିବିଏସ୍ଇ ପକ୍ଷରୁ ସୁଯୋଗ ଦିଆଯାଇଥିବାରୁ ସିଏଚ୍ଏସ୍ଇ ମଧ୍ୟ ସମାନ ପନ୍ଥା ଆପଣାଇବ ବୋଲି ଜଣାପଡ଼ିଛି।

ସଂକ୍ରମଣ ବୃଦ୍ଧିକୁ ନଜରରେ ରଖି ରାଜ୍ୟ ସରକାର ନବମ ଓ ଏକାଦଶ ଶ୍ରେଣୀ ପାଠପଢ଼ା ବନ୍ଦ କରିଦେଇଛନ୍ତି। ସ୍କୁଲ କର୍ତ୍ତୃପକ୍ଷ ଚାହିଁଲେ ଅନ୍ଲାଇନ୍ କ୍ଲାସ୍ କରିପାରିବେ ଏବଂ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଠପଢ଼ା ପୂର୍ବଭଳି ଏପ୍ରିଲ ୨୫ତାରିଖ ପର୍ଯ୍ୟନ୍ତ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ଏଥିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ।

ସେପଟେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ (ଏସ୍ଏସ୍ଇପିଡି) ବିଭାଗ ଅଧୀନ ନବମ ଓ ଏକାଦଶ ଶ୍ରେଣୀ ପାଠପଢ଼ା ଶୁକ୍ରବାରଠାରୁ ବନ୍ଦ କରାଯାଇଛି। ଏପ୍ରିଲ ୩୦ ତାରିଖ ପର୍ଯ୍ୟନ୍ତ କ୍ଲାସ୍ ବନ୍ଦ କରିବା ପାଇଁ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତିକ୍ରମେ ବିଭାଗ ଏହି ପଦକ୍ଷେପ ଗ୍ରହଣ କରିଛି।

# ଦିନକରେ ୧୨୮୨ ଆକ୍ରାନ୍ତ, ୧୦ହଜାର ଅତିକ୍ରମ ଆଶଙ୍କା

ଭୁବନେଶ୍ୱର, ୯।୪(ବ୍ୟୁରୋ)

**ନୂଆ ଷ୍ଟ୍ରେନ୍ର ଲମ୍ଫଡିଆଁ**
- ଚିନ୍ତାବ୍ୟକ୍ତ କଲେ ବିଶେଷଜ୍ଞ
- ଦେଶରେ ଦୈନିକ ସଂକ୍ରମଣ ୫ଲକ୍ଷ ଛୁଇଁବ
- ଆଗାମୀ ୪ ସପ୍ତାହ ଗୁରୁତ୍ୱପୂର୍ଣ୍ଣ
- ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲା

ରାଜ୍ୟରେ ନାଲିଆଖି ଦେଖାଇଲାଣି କରୋନାର ନୂଆ ଷ୍ଟ୍ରେନ୍। ସଂକ୍ରମଣ ବଢ଼ିଚାଲିଥିବାବେଳେ ଲମ୍ଫଡିଆଁ ମାରିଛି ଏହି ଘାତକ ମହାମାରୀ। ମାସକ ତଳେ ଦୈନିକ ସଂକ୍ରମଣ ଅର୍ଦ୍ଧ ଶତକ ନିକଟତର ରହିଥିବାବେଳେ ଏବେ ହଜାରେ ଡେଇଁଛି। ଗତ ମାର୍ଚ୍ଚ ୯ରେ ୫୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ହେଲେ ଏପ୍ରିଲ ୯ ରିପୋର୍ଟ ନିଦ ହଜେଇ ଦେଇଛି। ଶେଷ ୨୪ଘଣ୍ଟାରେ ରାଜ୍ୟରେ ଏକାଥରକେ ୧,୨୮୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆଗକୁ ରାଜ୍ୟରେ ଦୈନିକ ସଂକ୍ରମଣ ୧୦ରୁ ୧୨ ହଜାର ହୋଇପାରେ ବୋଲି ଆଶଙ୍କା କରିଛନ୍ତି ବିଶେଷଜ୍ଞ। ଡା. ଅଶୋକ ମହାପାତ୍ର କହିଛନ୍ତି, କରୋନା ମୁକାବିଲାରେ ଆମ ରାଜ୍ୟ ପାଇଁ ଆଗାମୀ ୪ ସପ୍ତାହ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନ ରାଜ୍ୟରେ ଯେଉଁଭଳି ସଂକ୍ରମଣ ବଢ଼ୁଛି, ଓଡ଼ିଶାରେ ଆଗକୁ ଦୈନିକ ସଂକ୍ରମଣ ୧୦ ହଜାର ଅତିକ୍ରମ କରିଯିବ। ଆଗକୁ ଦେଶରେ ଏହି ଦୈନିକ ସଂକ୍ରମଣ ସଂଖ୍ୟା ୫ ଲକ୍ଷ ଛୁଇଁବାର ଆଶଙ୍କା ରହିଛି। କରୋନାର ଦ୍ୱିତୀୟ ଲହରରେ ନୂଆ ଷ୍ଟ୍ରେନ୍ ଅତି ଭୟଙ୍କର ଭାବେ ବ୍ୟାପୁଛି। ସଂକ୍ରମଣ ଅଧିକ ହେଲେ ମଧ୍ୟ ମୃତ୍ୟୁ ହାର କମ୍ ରହିବ। ସେଥିପାଇଁ ସମସ୍ତଙ୍କୁ ଏବେଠାରୁ ସଜାଗ ହେବାକୁ ଡା. ମହାପାତ୍ର କହିଛନ୍ତି।

ଅନ୍ୟପଟେ କରୋନା ଟିକାକରଣକୁ ନେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ଟିକା ନେଲେ ବି କରୋନା ହୋଇପାରେ। କିନ୍ତୁ ରୋଗୀଙ୍କ ଗୁରୁତର ଅବସ୍ଥାକୁ ଟିକା ରୋକିବ। ତେଣୁ ସମସ୍ତେ କରୋନା ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ଉଚିତ୍। ମାସ୍କ ପିନ୍ଧାକୁ ଅଧିକ ଗୁରୁତ୍ୱ ଦେବା ସହିତ ସାମାଜିକ ଦୂରତା ବଜାୟ ରଖିବା ପାଇଁ ପାଣିଗ୍ରାହୀ ପରାମର୍ଶ ଦେଇଛନ୍ତି।

ସେପଟେ ଚିନ୍ତା ବଢ଼ାଉଛି ସୁନ୍ଦରଗଡ଼ ଓ ଖୋର୍ଦ୍ଧା ଜିଲା। ଏହି ଦୁଇ ଜିଲାରେ ଦୈନିକ ସଂକ୍ରମଣ ଅଧିକ ରହୁଛି। ରାଜ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୨୨୪ଜଣ ଥିବାବେଳେ ଖୋର୍ଦ୍ଧାରୁ ୧୯୨ଜଣ ରହିଛନ୍ତି। ସେହିପରି କଳାହାଣ୍ଡି ମଧ୍ୟ ସଂକ୍ରମଣରେ ଶହେ ପାର୍ କରିଯାଇଛି। ଏହି ଜିଲାରେ ୧୦୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିଭଳି ବରଗଡ଼ରୁ ୮୪, ସମ୍ବଲପୁର ଓ ନୂଆପଡ଼ାରୁ ୮୨ଜଣ ଲେଖାଏ, କଟକ ୬୩, ମୟୂରଭଞ୍ଜ ୫୨ଜଣ ରହିଥିବାବେଳେ ଅନ୍ୟ ସବୁ ଜିଲାରେ ୫୦ତଳକୁ ରହିଛି ସଂକ୍ରମିତ ସଂଖ୍ୟା। ଏମାନଙ୍କ ମଧ୍ୟରୁ ସ୍ଥାନୀୟ ଆକ୍ରାନ୍ତ ୫୨୭ଜଣ ଥିବାବେଳେ କ୍ୱାରାଣ୍ଟାଇନ ସେଣ୍ଟରର ୭୫୫ଜଣ ରହିଛନ୍ତି। ଏହାକୁ ମିଶାଇ ବର୍ତ୍ତମାନ ରାଜ୍ୟରେ ମୋଟ୍ ପଜିଟିଭ୍ ସଂଖ୍ୟା ୩,୪୬,୮୦୮କୁ ବୃଦ୍ଧି ପାଇଛି।

## କମଳଜିତ୍ ସିଂ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତ


କମଳଜିତ୍ ସିଂ

ଭୁବନେଶ୍ୱର, ୯।୪(ବ୍ୟୁରୋ)

ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ (ଏମ୍ଏଲ୍ୟୁ)ର ପ୍ରଥମ କୁଳପତି ଭାବେ ପ୍ରଫେସର କମଳଜିତ୍ ସିଂଙ୍କୁ ନିଯୁକ୍ତ କରାଯାଇଛି। ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଅଧିନିୟମ ୨୦୨୦ ଅନୁସାରେ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। କାର୍ଯ୍ୟଭାର ଗ୍ରହଣ କରିବା ଦିନଠାରୁ ୪ ବର୍ଷ ପର୍ଯ୍ୟନ୍ତ ସେ କାର୍ଯ୍ୟ କରିବେ। ଏ ନେଇ ରାଜଭବନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଫେସର ସିଂ ବର୍ତ୍ତମାନ ହିମାଚଳ ପ୍ରଦେଶ ପ୍ରାଇଭେଟ୍ ଏଜୁକେଶନାଲ ଇନ୍ଷ୍ଟିଚ୍ୟୁଶନ୍ସ ରେଗୁଲେଟୋରି କମିଶନ ସଦସ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ୨୭ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି ଏବଂ ସେ ଦୁଇଟି ପୁସ୍ତକ ରଚନା କରିଛନ୍ତି। ଏଥିସହିତ ସେ ସଫଳତାର ସହିତ ୧୭ ପିଏଚ୍ଡି ସ୍କଲାର୍ ଏବଂ ୧୦୦ ଏଲ୍ଏଲ୍ଏମ୍ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ଗତ ୭ ତାରିଖରେ କଟକସ୍ଥିତ ମଧୁସୂଦନ ଆଇନ ମହାବିଦ୍ୟାଳୟକୁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେଇଛନ୍ତି। ଏହି ମାନ୍ୟତା ଆସନ୍ତା ୨୮ ତାରିଖରୁ କାର୍ଯ୍ୟକ୍ଷମ ହେବ। ଏ ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ଘରୋଇ ଆଇନ ମହାବିଦ୍ୟାଳୟଗୁଡ଼ିକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ଅଧୀନକୁ ଆସିବେ।

# ୫୦ କୋଟି ଲିଙ୍କ୍ଡଇନ୍ ୟୁଜରଙ୍କ ଡାଟା ଲିକ୍

ନୂଆଦିଲ୍ଲୀ, ୯।୪

ନିକଟରେ ସୋସିଆଲ ମିଡିଆ ପ୍ଲାଟ୍ଫର୍ମ ଫେସ୍ବୁକ୍ର ୫୩.୩ କୋଟି ୟୁଜରଙ୍କ ଡାଟା ଲିକ୍ ଘଟଣା ବେଶ୍ ଚର୍ଚ୍ଚାରେ ରହିଥିଲା। ଏହାଦ୍ୱାରା ପ୍ରାୟ ୬୧ ଲକ୍ଷ ଭାରତୀୟ ପ୍ରଭାବିତ ହୋଇଥିଲେ। ପୁଣି ଥରେ ଏକ ବଡ଼ ଧରଣର ଡାଟା ଲିକ୍ ଘଟଣା ସାମ୍ନାକୁ ଆସିଛି। ମାଇକ୍ରୋସଫ୍ଟ ଅଧିକୃତ ସୋସିଆଲ ନେଟ୍ୱର୍କ ପ୍ଲାଟ୍ଫର୍ମ ଲିଙ୍କ୍ଡଇନ୍ର ୫୦ କୋଟି ୟୁଜରଙ୍କ ଡାଟା ଲିକ୍ ହୋଇଥିବା ଶୁକ୍ରବାର ଜଣାପଡିଛି। ଏହି ୟୁଜରଙ୍କ ଡାଟା ବର୍ତ୍ତମାନ ଅନ୍ଲାଇନରେ ବିକ୍ରି ହେଉଥିବା ନଜରକୁ ଆସିଛି। ଏକ ଲୋକପ୍ରିୟ ହ୍ୟାକର ଫୋରମରେ ଏହି ଡାଟା ବିକ୍ରି ପାଇଁ ରଖାଯାଇଛି। ସେହିଭଳି ୨ ନିୟୁତ ରେକର୍ଡକୁ ପ୍ରୁଫ୍ ଅଫ୍ କନ୍ସେପ୍ଟ ସାମ୍ପଲ ଭାବେ ହ୍ୟାକର ବ୍ୟବହାର କରିଛନ୍ତି। ସାଇବର ନ୍ୟୁଜର ଏକ ରିପୋର୍ଟ ମୁତାବକ, ବ୍ୟକ୍ତିବିଶେଷଙ୍କ ସମ୍ପୂର୍ଣ୍ଣ ନାମ, ଇ-ମେଲ୍ ଠିକଣା, ଫୋନ୍ ନମ୍ବର, କାର୍ଯ୍ୟସ୍ଥଳୀ ଠିକଣା ସମେତ ଅନ୍ୟ ଡାଟା ହ୍ୟାକ୍ କରାଯାଇଥିବା ଜଣାପଡିଛି।

ହ୍ୟାକର ଫୋରମରେ ଲିକ୍ ଡାଟାର ସାମ୍ପଲ ଦେଖିବା ଲାଗି ୨ ଡଲାର ଦେବାକୁ ପଡୁଥିବା ବେଳେ ବଡ଼ ଧରଣର ଡାଟା ଲାଗି ନିର୍ଦ୍ଦିଷ୍ଟ ମୂଲ୍ୟ ବିଟ୍ କଏନରେ ଦେବାକୁ ପଡୁଛି ବୋଲି ରିପୋର୍ଟରେ କୁହାଯାଇଛି। ଲିଙ୍କ୍ଡଇନ୍ ସ୍ପଷ୍ଟୀକରଣରେ କହିଛି ଯେ, ଏହି ଘଟଣାର ତଦନ୍ତ କରାଯାଉଛି। ଲିକ୍ ହୋଇଥିବା ଡାଟା ବିଭିନ୍ନ କମ୍ପାନୀ ଏବଂ ୱେବ୍ସାଇଟର ମିଳିତ ଡାଟା । ଡାଟା ଲିକ୍ ଲିଙ୍କ୍ଡଇନ୍ ସହ ସମ୍ପର୍କିତ ନୁହେଁ। ଏଥିରେ କୌଣସି ପ୍ରାଇଭେଟ ମେମ୍ବରଙ୍କ ଡାଟା ନାହିଁ ଯାହାକୁ ରିଭ୍ୟୁ କରାଯାଇପାରିବ। ଲିଙ୍କ୍ଡଇନ୍ ସଦସ୍ୟଙ୍କ ବିନା କୌଣସି ଅନୁମତିରେ ଯଦି ଜଣେ ଡାଟା ନେବାକୁ ଚେଷ୍ଟା କରନ୍ତି ତାଙ୍କୁ ଏଥିରେ ରୋକାଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ବୋଲି କମ୍ପାନୀ ସ୍ପଷ୍ଟ କରିଛି। ମାତ୍ର ଚୋରି ହୋଇଥିବା ଡାଟା ଲିଙ୍କ୍ଡଇନ୍ ସହ ଜଡ଼ିତ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

# ୩ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ମାଓବାଦୀଙ୍କ ଅପହରଣ

ମାଲକାନଗିରି, ୯।୪(ଡି.ଏନ୍.ଏ.)

- ପୋଲିସ ସୂଚନାଦାତା ସନ୍ଦେହରେ ନେଇଛନ୍ତି
- ଶିଶୁ, ମହିଳା ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉଥିଲେ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ସୁକ୍ମା-ବିଜାପୁର ସୀମାନ୍ତବର୍ତ୍ତୀ ଜଙ୍ଗଲରେ ମାଓବାଦୀ-ପୋଲିସ ଗୁଳି ବିନିମୟରେ ଗତ ଶନିବାର ୨୨ ସୁରକ୍ଷା କର୍ମୀ ନିହତ ହୋଇଥିଲେ। ଏହି ସମୟରେ ମାଓବାଦୀମାନେ ଯବାନ ରାକେଶ୍ୱର ସିଂ ମନହାସ୍ଙ୍କୁ ଅପହରଣ କରି ନେଇଥିଲେ। ସରକାର ତାଙ୍କୁ ମୁକୁଳାଇବାକୁ ପଦକ୍ଷେପ ନେଇଥିଲେ। ଫଳରେ ଗୁରୁବାର ରାକେଶ୍ୱରଙ୍କୁ ପ୍ରଜାକୋର୍ଟ ବସାଇ ମାଓବାଦୀମାନେ ଛାଡ଼ିଦେଇଥିଲେ। ଏହାର ୨୪ ଘଣ୍ଟା ନ ପୂରୁଣୁ ମାଓବାଦୀମାନେ ୩ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଅପହରଣକରି ନେଇଛନ୍ତି। ସେମାନଙ୍କ ଏପରି କାର୍ଯ୍ୟ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି। ମାଲକାନଗିରିସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ଏପରି ଘଟଣା ଘଟିଛି। ଖବରରୁ ଜଣାପଡ଼ିଛି ଏହି ୩ ମହିଳା ସ୍ୱାସ୍ଥ୍ୟକର୍ମୀ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟକେନ୍ଦ୍ରରୁ ବିଜାପୁର ଜିଲା ଗାଙ୍ଗୁଲୁର ଥାନା ଅନ୍ତର୍ଗତ କମକାନାର ଗ୍ରାମକୁ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ ସହ ମହିଳା ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ ଲାଗି ଯାଉଥିଲେ। ଏହି ସମୟରେ କମକାନାରଠାରୁ ୨୦/୨୫ ଜଣ ସଶସ୍ତ୍ର ମାଓବାଦୀ ସେମାନଙ୍କୁ ଅପହରଣ କରି ନେଇଥିଲେ। ଏମାନଙ୍କୁ ପୋଲିସ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଧରିନେଇ ଅଟକ ରଖିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଖବର ପାଇ ବିଜାପୁର ପୋଲିସ ଘଟଣା ଉପରେ ନଜର ରଖିଛି। ସମ୍ପୃକ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନଙ୍କୁ କିପରି ଉଦ୍ଧାର କରାଯିବ ସେନେଇ ତନାଘନା ଆରମ୍ଭ ହୋଇଥିବା ଏସ୍ପି କମଲଲୋଚନ କାଶ୍ୟପ୍ କହିଛନ୍ତି।

# କୋଷାଗୁମୁଡ଼ା-ଜଗଦଲପୁର ସୀମା ସିଲ୍

କୋଷାଗୁମୁଡ଼ା, ୯।୪(ଡି.ଏନ୍.ଏ.)


ସୀମାନ୍ତ ରାସ୍ତାକୁ ସିଲ୍ କରାଯାଇଛି।

ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକରୁ ଛତିଶଗଡ଼ର ଜଗଦଲପୁର ରାସ୍ତାକୁ ପ୍ରଶାସନ ଗୁରୁବାର ରାତିରେ ସିଲ୍ କରିଛି। କୋଷାଗୁମୁଡ଼ା ବ୍ଲକ ସୀମାନ୍ତ ତଥା ଡିଆର୍ଡିଏ ଆଉଁଳି ଗ୍ରାମରେ ପୋଲିସ ମୁତୟନ କରାଯାଇଛି। ପଡ଼ୋଶୀ ଛତିଶଗଡ଼ରେ ଏବେ କରୋନା ବଢ଼ିବାରେ ଲାଗିଛି। ସାପ୍ତାହିକ ହାଟ ପାଇଁ ଲୋକେ ଓ ବ୍ୟବସାୟୀ କୋଷାଗୁମୁଡ଼ାକୁ ଆସୁଛନ୍ତି। ଫଳରେ ଏଠାରେ ସଂକ୍ରମଣ ବଢିବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ସୀମା ସିଲ୍ ନିଷ୍ପତ୍ତି ନିଆଯାଇଛି। କିନ୍ତୁ ଛତିଶଗଡ଼ ବେପାରୀ ଗଳାବାଟ ଦେଇ ଶୁକ୍ରବାର ହୋଇଥିବା କୋଷାଗୁମୁଡ଼ା ସାପ୍ତାହିକ ହାଟକୁ ଆସିଥିବା ଜଣାପଡିଛି। ତେଣୁ ଆସନ୍ତା ଶୁକ୍ରବାର ହେବାକୁ ଥିବା ସାପ୍ତାହିକ ହାଟ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏପଟେ ଆଉଁଳି ଏବଂ ବସଲାଓ୍ୱଣ୍ଡ ରାସ୍ତାରେ ମଧ୍ୟ ପୋଲିସ ମୁତୟନ କରାଯାଇଛି।

# ୪୦ ଲକ୍ଷ ଟପିଲା ଟିକାକରଣ

ଭୁବନେଶ୍ୱର, ୯।୪(ବ୍ୟୁରୋ)

- ୨୫ଲକ୍ଷ ଡୋଜ୍ ଟିକା ଯୋଗାଇବାକୁ ପୁଣି କେନ୍ଦ୍ରକୁ ଚିଠି
- ଆଜି ଆସିବ ଅଢ଼େଇ ଲକ୍ଷ ଡୋଜ୍ ଟିକା

ରାଜ୍ୟରେ ଏବେ ଦୈନିକ ୨ଲକ୍ଷ ଟିକାକରଣ ଲକ୍ଷ୍ୟ ରଖାଯାଇଛି। ଟିକା ଅଭାବ ସତ୍ତ୍ୱେ ସବୁବର୍ଗର ଟିକାକରଣରେ ଓଡ଼ିଶା ଜାତୀୟ ହାର ତୁଳନାରେ ଆଗରେ ରହିଛି। ଏବେ ରାଜ୍ୟର ଟିକାକରଣ ୪୦ଲକ୍ଷ ଟପିଛି। ଶୁକ୍ରବାର ୧,୯୮,୫୮୮ଜଣଙ୍କୁ ଟିକା ଦିଆଯାଇଥିବାବେଳେ ମୋଟ ୪୧,୮୩,୪୬୬ ଟିକାକରଣ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୫,୮୧,୨୯୧ ଟିକା ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯାଇଥିବାବେଳେ ୩,୩୮,୪୦୫ ସମ୍ମୁଖ ଯୋଦ୍ଧା, ୧୨,୫୪,୯୯୯ ଟିକା ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଓ ୨୦,୦୮,୭୭୧ ଟିକା ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ନେଇଛନ୍ତି। ସଂକ୍ରମଣ ବଢୁଥିବାରୁ ରାଜ୍ୟରେ ଟିକାକରଣକୁ ଆହୁରି ବ୍ୟାପକ କରିବାକୁ ଲକ୍ଷ୍ୟ ରଖାଯାଇଛି। ତେଣୁ ଯଥାଶୀଘ୍ର ଟିକା ଯୋଗାଇବାକୁ ପୁଣି କେନ୍ଦ୍ରକୁ ଚିଠି ଲେଖିଛନ୍ତି ରାଜ୍ୟ ସରକାର।

ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ଏ ନେଇ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ଟିକା ଯୋଗାଇବାକୁ ଅନୁରୋଧ କରିଛନ୍ତି। ସେ ଲେଖିଛନ୍ତି, ରାଜ୍ୟରେ ଟିକାରକଣ ସଫଳ ହୋଇଛି। ଆମେ ଦୈନିକ ୩ଲକ୍ଷ ଟିକା ଦେବା ପାଇଁ ଯୋଜନା କରୁଛୁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଟିକା ଯୋଗାଣ କମ୍ ରହୁଥିବାରୁ ଦୁଇ ତୃତୀୟାଂଶ ଟିକାକରଣ କେନ୍ଦ୍ର ବନ୍ଦ କରିସାରିଲୁଣି। କେତେକ ଜିଲାରେ ଏବେ ଟିକା ନ ଥିବାରୁ ଟିକାକରଣ କାର୍ଯ୍ୟକ୍ରମ ପୂରା ବନ୍ଦ ହୋଇଯାଇଛି। ଏହି ଅଭିଯୋଗ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ। ଆସନ୍ତା ୧୧ରୁ ୧୪ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ଟିକା ଉତ୍ସବ ହେବ ବୋଲି ପ୍ରଧାନମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ବେଳେ କହିଛନ୍ତି। ତେଣୁ ଅତିକମ୍ରେ ୨୫ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା ପଠାଯାଉ। ଟିକା ଆସିଲେ ଆମେ 'ଟିକା ଉତ୍ସବ' ସଫଳ କରିପାରିବୁ ଏବଂ ରାଜ୍ୟରେ ଟିକାରକଣ କାର୍ଯ୍ୟକ୍ରମରେ ମଧ୍ୟ ଉନ୍ନତି ଆସିବ ବୋଲି ପ୍ରଦୀପ୍ତ ମହାପାତ୍ର କହିଛନ୍ତି।

ରାଜ୍ୟରେ ୧୪୦୦ ଟିକାକରଣ କେନ୍ଦ୍ର ହୋଇଥିଲା। କିନ୍ତୁ ଟିକା ଅଭାବ ଯୋଗୁ ୭୦୦ରୁ ଊର୍ଦ୍ଧ୍ୱ କେନ୍ଦ୍ର ବନ୍ଦ ହୋଇଯାଇଛି। ଏପରି କି ସୋନପୁର ଓ କୋରାପୁଟ ଜିଲାରେ ଗୁରୁବାର ଟିକାକରଣ ପୂରା ବନ୍ଦ ହୋଇଯାଇଥିଲା। କିନ୍ତୁ ଶୁକ୍ରବାର ସବୁ ଜିଲାକୁ ଟିକା ଯୋଗାଣ ପରେ ଟିକାକରଣ ହୋଇଥିବା ଜଣାପଡ଼ିଛି। ସେପଟେ ଶନିବାର ଆଉ ୨ ଲକ୍ଷ ୫୦ହଜାର ଡୋଜ୍ କୋଭିଶିଲ୍ଡ ଟିକା ଆସିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି।


ନାହିଁ ସାମାଜିକ ଦୂରତା: ଭୁବନେଶ୍ୱର ୟୁନିଟ୍-୨ ମାର୍କେଟ୍ ବିଲ୍ଡିଂରେ ଶୁକ୍ରବାର ଲୋକଙ୍କ ଗହଳି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ସାଇ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୮ ଯାଏ ଝଡ଼ବର୍ଷା

**ଭୁବନେଶ୍ୱର,୯।୪(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ନାହିଁ। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଝଡ଼ବର୍ଷା ଯୋଗୁ ପାରଦ ତଳମୁହାଁ ରହିଛି। ଆସନ୍ତା ୧୮ ତାରିଖ ଯାଏ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷାର ଆଶଙ୍କା ରହିଛି। ଏଥିଯୋଗୁ ଉପକୂଳ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କୋରାପୁଟ, ଗଜପତି, ରାୟଗଡ଼ା ଆଦି ଜିଲାରେ ଝଡ଼ବର୍ଷା ହେବାର ଆଶଙ୍କା ଅଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ସେହିପରି ୧୧ ତାରିଖରେ ଗଜପତି, ଗଞ୍ଜାମ, କନ୍ଧମାଳ, ମାଲକାନଗିରି, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଜିଲାର କେତେକ ସ୍ଥାନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ୧୨ ତାରିଖରେ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବଲାଙ୍ଗୀର, ରାୟଗଡ଼ା, ସୋନପୁର, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ, ଦେବଗଡ଼ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ୧୩ ତାରିଖରେ କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ନୟାଗଡ଼, କଟକ, ଅନୁଗୋଳ, ଢେଙ୍କାନାଳ ମୟୂରଭଞ୍ଜ ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ବେଗରେ ବହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋୱାର୍ନିଂ ଜାରି କରାଯାଇଛି। ତେବେ ଆସନ୍ତା ୧୩ ତାରିଖଠାରୁ ଆଭ୍ୟନ୍ତରୀଣ ଓଡ଼ିଶାରେ ତାତି ବଢ଼ିବ। ଅଧିକାଂଶ ସ୍ଥାନରେ ପାରଦ ୪୦ ଡିଗ୍ରୀ ଉପରେ ରହିବ। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ଝଡ଼ବର୍ଷା ହୋଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପୁରୀରେ ସର୍ବାଧିକ ୨୮.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକ ୧୭.୪, କେନ୍ଦୁଝର ୧୩.୪, ତାଳଚେର ୮, ଭୁବନେଶ୍ୱର ୨.୧, ବାରିପଦା ୧୧.୬, ଝାରସୁଗୁଡ଼ା ୦.୩, ସୁନ୍ଦରଗଡ଼ ୩, ତାଳଚେର ୮, ସୋନପୁର ୨.୫, ଦାରିଙ୍ଗବାଡିରେ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ରାଜ୍ୟରେ ତାତି କମିଛି। କେବଳ ସୁନ୍ଦରଗଡ଼କୁ ଛାଡିଦେଲେ ରାଜ୍ୟର ଅନ୍ୟ ଭାଗରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି।

## ଓଟିଇଟି ପ୍ରଶ୍ନପତ୍ର ...

ଏହାର ଏକଘଣ୍ଟା ନ ପୂରୁଣୁ ପ୍ରଶ୍ନପତ୍ର ଏବଂ ଉତ୍ତର ମୋବାଇଲରୁ ମୋବାଇଲକୁ ଭାଇରାଲ ହୋଇଥିଲା। ଅନ୍ୟପକ୍ଷରେ ପୂର୍ବାହ୍ନ ୮ଟା ୪୦ରେ ପରୀକ୍ଷାକେନ୍ଦ୍ରର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ ଓ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ କୁମୁଦ ବନ୍ଧୁ ପୃଷ୍ଟିଙ୍କ ଉପସ୍ଥିତିରେ ଯାଞ୍ଚ କରାଯାଇଥିଲା। ଜଣେ ପରୀକ୍ଷାର୍ଥିନୀଙ୍କ ନିକଟରୁ ପ୍ରଶ୍ନପତ୍ରର ଚିତ୍ର ଉତ୍ତୋଳିତ ହୋଇଥିବା ଏକ ମୋବାଇଲ ଫୋନ ଜବତ କରାଯାଇଥିଲା। ଏ ସମ୍ପର୍କରେ ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କୁ ସୂଚନା ଦିଆଯାଇଥିଲା। ସୂଚନା ପାଇ ଜିଲା ଶିକ୍ଷା ଅଧିକାରୀ ବେହେରା ଉକ୍ତ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ସମ୍ପୃକ୍ତ ପରୀକ୍ଷାର୍ଥିନୀଙ୍କୁ ମାଲ୍‌ପ୍ରାକ୍ଟିସରେ ବୁକ୍ କରିଥିଲେ। ସେହିପରି ପରୀକ୍ଷାର୍ଥିନୀଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ଦାୟିତ୍ୱରେ ଅବହେଳା ପାଇଁ ସୁପରିଣ୍ଟେଣ୍ଡେଣ୍ଟ ପୃଷ୍ଟିଙ୍କୁ ଉକ୍ତ କେନ୍ଦ୍ର ଦାୟିତ୍ୱରୁ ଅପସାରଣ କରାଯାଇ ଦ୍ୱିତୀୟ ସିଟିଂ ନିମନ୍ତେ ତାଙ୍କ ସ୍ଥାନରେ ସୁଗୁଡାସ୍ଥିତ ଅପୂର୍ବ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ରାମେଶ୍ୱର ନାୟକଙ୍କୁ ଅବସ୍ଥାପିତ କରାଯାଇଥିଲା। ଏ ସମ୍ପର୍କରେ ପରୀକ୍ଷା କେନ୍ଦ୍ରର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ତିଲେଇବଣି ବ୍ଲକ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆ, ଦେବଗଡ଼ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କହିଛନ୍ତି, ସମ୍ପୃକ୍ତ ପରୀକ୍ଷାର୍ଥିନୀଙ୍କ ନିକଟରୁ ଫୋନଟି ଜବତ କରାଯାଇଛି। ଯାଞ୍ଚ ନିମନ୍ତେ ବୋର୍ଡ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି। ଜିଲା ଶିକ୍ଷା ଅଧିକାରୀ ବେହେରାଙ୍କ ନିର୍ଦ୍ଦେଶ ଅନୁଯାୟୀ ସୁପରିଣ୍ଟେଣ୍ଡେଣ୍ଟ ପୃଷ୍ଟି ସମ୍ପୃକ୍ତ ପରୀକ୍ଷାର୍ଥିନୀଙ୍କ ବିରୋଧରେ ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି। ତେବେ ଥାନାରେ ପ୍ରଦାନ କରାଯାଇଥିବା ଏତଲାରେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ଯାଞ୍ଚ କରାଯାଇ ପରୀକ୍ଷାର୍ଥୀଙ୍କ ଅଣ୍ଟାରୁ ବ୍ୟବହାର ହୋଇ ନ ଥିବା ଏକ ମୋବାଇଲ ଫୋନ ଜବତ କରାଯାଇଥିବା, ଉକ୍ତ ମୋବାଇଲ ଫୋନ୍ ପ୍ରଧାନ ଶିକ୍ଷକଙ୍କ ହେପାଜତରେ ରଖାଯାଇଥିବା ଆଦି ଉଲ୍ଲେଖ ରହିଛି ବୋଲି ଦେବଗଡ଼ ଆଦର୍ଶ ଥାନା ପୋଲିସ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଘଟଣାକୁ ଚପାଇବାକୁ ଉଦ୍ୟମ କରାଯାଉଥିବା ସ୍ପଷ୍ଟ ଅନୁମେୟ ହେଉଛି।


93. ... -chart shown below and state which of the expenditure is twice the expenditure of which other item ?

Food 130°, Shelter 115°, Child education 65°, Others 50°

(A) Expenditure on food is twice of the expenditure on house rent
(B) Expenditure on house rent is twice the other expenditure
(C) Expenditure on food is twice the expenditure of education of children
(D) Expenditure on house rent is twice the expenditure on other items

94. Observe the sequence of numbers given below. What number will be there at the place indicated by the star mark ?

0, 6, 24, 60, *, 210

(A) 100
(B) 120
(C) 160
(D) 180

SET - D [44] (Continued)

ଭାଇରାଲ ହୋଇଥିବା ପ୍ରଶ୍ନପତ୍ର।


ପ୍ରଶ୍ନପତ୍ର ପ୍ରଘଟ ପରେ ତଦନ୍ତ କରାଯାଉଛି।

## ପ୍ରଥମ ପୃଷ୍ଠାରୁ...

## ସଂକଳ୍ପ ନେବା, ମାସ୍କ ...

ଆପଣଙ୍କ ଜୀବିକା ଠିକ୍ ଭାବରେ ଚାଲୁ ରହୁ ତେବେ ନିଶ୍ଚୟ ମାସ୍କ ପିନ୍ଧିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। କୋଭିଡ୍‌ର ପ୍ରଥମ ଲହର ସମୟରେ ଆମକୁ ଅନେକ କଠୋର ପଦକ୍ଷେପ ନେବାକୁ ପଡ଼ିଥିଲା। ଲକ୍‌ଡାଉନରେ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବାଣିଜ୍ୟ ବ୍ୟବସାୟ କ୍ଷତିରେ ଚାଲିଥିଲା। ଗରିବ ଲୋକଙ୍କ ରୋଜଗାର ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିଥିଲା। ସାମାଜିକ ଜୀବନ ମଧ୍ୟ ପ୍ରଭାବିତ ହୋଇଥିଲା। ଏବେ କୋଭିଡ୍‌ର ଦ୍ୱିତୀୟ ସଂକ୍ରମଣ ଆରମ୍ଭ ହୋଇଛି। ଏହା ଦ୍ରୁତଗତିରେ ବ୍ୟାପୁଛି। ଆମ ଦେଶର ଅନେକ ରାଜ୍ୟରେ ଲକ୍‌ଡାଉନ, ଶଟ୍‌ଡାଉନ, ନାଇଟ କର୍ଫ୍ୟୁ ଆରମ୍ଭ ହୋଇଗଲାଣି। ଏଭଳି ସ୍ଥଳେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶୁକ୍ରବାରଠାରୁ ୧୪ ଦିନ ପର୍ଯ୍ୟନ୍ତ ସମସ୍ତେ ମିଶି ମାସ୍କ ଅଭିଯାନ ଆରମ୍ଭ କରିବା। ଯଦି ୧୪ ଦିନ ଆମେ କୌଣସି ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ତେବେ ତାହା ସବୁଦିନ ପାଇଁ ଏକ ଅଭ୍ୟାସରେ ପରିଣତ ହୋଇଯିବ। ଆମେ ସମସ୍ତେ ଆଜିଠାରୁ ସଂକଳ୍ପ ନେଇ ଠିକ୍ ଭାବରେ ମାସ୍କ ପିନ୍ଧିବା। ବେକରେ ଝୁଲାଇ କରି ନୁହେଁ, ପୂରା ନାକ ଓ ମୁହଁକୁ କଭର କରି ପିନ୍ଧିବା। ବିନା ମାସ୍କରେ କେବେ ବି ଘରୁ ବାହାରିବା ନାହିଁ। ତେବେ ଯାଇ ଆମେ କରୋନାକୁ ଜିତିପାରିବା । ମା'ମାନଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧକରି କହିଛନ୍ତି ଯେ ପରିବାରର ଲୋକ ବିଶେଷକରି ପିଲାମାନେ ଯେତେବେଳେ ବାହାରକୁ ଯାଉଛନ୍ତି ସେତେବେଳେ ସେମାନେ ଯେପରି ଠିକ୍ ଭାବରେ ମାସ୍କ ପିନ୍ଧିବେ ସେଥିପାଇଁ ମା'ମାନେ ଧ୍ୟାନ ଦେବା ଦରକାର। ମା'ମାନେ ସତର୍କ ରହିଲେ କରୋନା କେବେ ବି ଘରକୁ ଆସିପାରିବ ନାହିଁ। ସରକାର ବାହାରେ ଜଗିଛନ୍ତି। ମା'ମାନେ ଘରେ ଜଗନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏବେ କରୋନାର ଦ୍ୱିତୀୟ ଲହର ଚାଲିଛି। କେତେକ ଦେଶରେ ତୃତୀୟ ଲହର ମଧ୍ୟ ଆରମ୍ଭ ହେଲାଣି। ତେଣୁ ଆଗକୁ କରୋନାର କେତେ ଲହର ଆମକୁ ମୁକାବିଲା କରିବାକୁ ପଡ଼ିବ ତାହା କେହି ଜାଣିନାହାନ୍ତି। ତେଣୁ ଆମେ ଆମର ଜୀବନଶୈଳୀରେ ଯଦି ଏକ ଛୋଟିଆ ପରିବର୍ତ୍ତନ ଆଣିପାରିବା, ମାସ୍କକୁ ଆମର ସାଥୀ କରିପାରିବା ତେବେ ଆମେ ବିନା ଲକ୍‌ଡାଉନରେ କରୋନା ବିପଦରୁ ରକ୍ଷା ପାଇପାରିବା। ଆପଣଙ୍କ ସହଯୋଗ ହିଁ ଆମକୁ ଏ ଯୁଦ୍ଧରେ ବିଜୟୀ କରିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ ୧ ବର୍ଷରୁ ଅଧିକ ସମୟ ଧରି ସାରା ବିଶ୍ୱ ଏକ ଅସାଧାରଣ ପରିସ୍ଥିତି ଦେଇ ଗତି କରୁଛି। ମାନବ ଇତିହାସରେ ଏଭଳି ସଙ୍କଟ କେବେ ଆସି ନ ଥିଲା। କୋଭିଡ୍ ସଂକ୍ରମଣର ପ୍ରଥମ ଲହର ସମୟରେ ଜନସାଧାରଣ ତଥା ପଞ୍ଚାୟତ ପ୍ରତିନିଧିଙ୍କ ସହଯୋଗ ଓ କୋଭିଡ୍ ଯୋଦ୍ଧାମାନଙ୍କର ଅସୀମ ତ୍ୟାଗ ଓ ସେବା ଯୋଗୁ ଆମେ ଅନେକ ଜୀବନ ରକ୍ଷାକରିପାରିଛୁ। ଆମ ରାଜ୍ୟରେ ମୃତ୍ୟୁ ସଂଖ୍ୟା ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ କମ୍ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆକସ୍ମିକ ଯାତ୍ରା କିମ୍ବା ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି। ଅଶ୍ୱିନୀ ନକ୍ଷତ୍ର ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ସାୟାହ୍ନେ ଅନୁଭବ କରିବେ। ବନ୍ଧୁମାନଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବାର ସୂଚନା ରହିଛି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସି ଯାଇପାରେ।

**ବୃଷ** ଆଜି ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ଭୋଗିବେ। ରୋହିଣୀ ନକ୍ଷତ୍ର ସାମୟିକ ଭାବରେ ପୁରାତନ ରୋଗ ପୀଡ଼ା ଅନୁଭବ କରିପାରନ୍ତି। ଶିଳ୍ପ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** କର୍ମକ୍ଷେତ୍ରରେ ସମସ୍ୟା ବଢ଼ିଯିବା ହେତୁ ମାନସିକ ସ୍ଥିରତା ରହିବ ନାହିଁ। ମୃଗଶିରା ସଂକୋଚବଶତଃ ବନ୍ଧୁଙ୍କୁ ମନକଥା କହିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହୋଇପାରେ। ଜମିଜମା ବିବାଦ, ଆଇନ, ଅଦାଲତ କ୍ଷେତ୍ରରେ ବିଚାର ବିଳମ୍ବିତ ହେବାରୁ ବ୍ୟସ୍ତତା ପ୍ରକାଶ କରିବେ ।

**କର୍କଟ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସାହାଯ୍ୟ ଲାଭକରି କାର୍ଯ୍ୟ ହାସଲ କରିପାରିବେ। ବନ୍ଧୁ କିମ୍ବା ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କୀୟ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି।

**ସିଂହ** ଆଜି ନିଜର ମନ କଥାକୁ ମନ ଭିତରେ ରଖି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ପ୍ରକାରର ଫନ୍ଦି ଫିକର କରିବାକୁ ପଡିପାରେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଭ୍ରାତୃସମ୍ପର୍କ ହାନି ଓ ଅର୍ଥାଭାବରୁ ମାନସିକ ସ୍ଥିତି ଭଲ ରହି ନ ପାରେ। ସଂକୀର୍ଣ୍ଣସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ। ଚିତ୍ରା ନକ୍ଷତ୍ର ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ପସନ୍ଦ କରି ନ ପାରନ୍ତି।

**ତୁଳା** ମନରେ ସୁଖ, ସୌହାର୍ଦ୍ଦ୍ୟ ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। କୌଣସି ଜିନିଷ କ୍ରୟ ପାଇଁ ହଠାତ୍ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରିବେ। ସ୍ୱାତୀର ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିବାର ସମ୍ଭାବନା ରହିଛି। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଅତୀତ ଘଟଣା ମନକୁ ଆଲୋଡିତ କରିବ। ଆପଣଙ୍କ କେତେକ କାମରେ ପାରିବାରିକ ପ୍ରତିରୋଧ ସମସ୍ୟାର କାରଣ ହୋଇପାରେ। ଈର୍ଷା ଓ ଅସୂୟା ମନୋଭାବଜନିତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। କିନ୍ତୁ ଅନୁରାଧା ଆକସ୍ମିକ ଅର୍ଥ ଲାଭ କାରଣରୁ ମନ ପ୍ରଫୁଲ୍ଲ ରହିବ।

**ଧନୁ** କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବନ୍ଧୁଙ୍କ ଶତ୍ରୁତା ସମସ୍ୟା ସୃଷ୍ଟି କରିପାରେ। ଜମିଜମା କିମ୍ବା ରେଜିଷ୍ଟ୍ରେସନ ସମ୍ପର୍କୀୟ ସମସ୍ୟା ନେଇ ବିବ୍ରତ ରହିପାରନ୍ତି। କ୍ରୀଡା, କଳା, କାରିଗରି କ୍ଷେତ୍ର ପ୍ରତିଯୋଗିତାରେ ସଫଳ ହେବେ। ସାହିତ୍ୟ, ଚଳଚ୍ଚିତ୍ର ଓ ସାମ୍ବାଦିକତା ପ୍ରଭୃତି କାର୍ଯ୍ୟରେ ସାମାନ୍ୟ ଅଗ୍ରଗତି ଘଟିବ।

**ମକର** ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବ। ପଡୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ଯାତ୍ରା, ବ୍ୟବସାୟ, କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନ୍ସନ ଲାଗି ରହିବ । ଅପେକ୍ଷାରେ ରହି ଠିକ୍ ସମୟରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ କରିବାରେ ସମର୍ଥ ହେବେ। ଆଜି ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଉତ୍ତରଭାଦ୍ରବ ନକ୍ଷତ୍ରର ପିଲାଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ । ସାଂଗଠନିକ କ୍ଷେତ୍ର ତଥା ରାଜନୈତିକ ପରିସ୍ଥିତି କ୍ରମଶଃ ଜଟିଳ ଓ ସମସ୍ୟାବହୁଳ ହୋଇପଡିବ।

**ମୀନ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ହାତକୁ ନେଇଥିବା କାମ ଅଟକିବ ନାହିଁ। ସନ୍ତାନଙ୍କ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ଈର୍ଷା ପରାୟଣ ବନ୍ଧୁଙ୍କ ପ୍ରତି ସତର୍କ ନ ରହିଲେ ବିବାଦ ଭିତରକୁ ଟାଣି ହୋଇପାରନ୍ତି। ଅପରାହ୍ନରେ ଜଣେ ବନ୍ଧୁଙ୍କ ନିକଟରୁ କିଛି ଗୁରୁତ୍ୱପୂର୍ଣ୍ଣ କଥା ଶୁଣିବାକୁ ପାଇବେ।

ଆଜି ଚୈତ୍ର କୃଷ୍ଣ ଚତୁର୍ଦ୍ଦଶୀ ଶନିବାର, ଏପ୍ରିଲ ୧୦ ତାରିଖ, ସାମୁଏଲ୍ ହାନିମ୍ୟାନଙ୍କ ଜୟନ୍ତୀ, ସମରକବି ବ୍ରଜନାଥ ବଡଜେନାଙ୍କ ଜୟନ୍ତୀ। ରାଶି ନକ୍ଷତ୍ର-ଉତ୍ତରଭାଦ୍ରବ/ମୀନ, ଧନୁ ରାଶିର ଘାତଚନ୍ଦ୍ର, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୯.୪୪ମି. ଗତେ ଘ.୦୧.୦୨ମି. ମଧ୍ୟେ, ରାତ୍ରି ଘ.୦୮.୧୮ମି. ଗତେ ଘ.୧୦.୩୪ମି. ମଧ୍ୟେ ଅମୃତ ବେଳା। ଦିବା ଘ. ୦୮.୪୨ମି. ଗତେ ଘ.୧୦.୧୫ମି. ମଧ୍ୟେ ରାହୁ କାଳ।

## ପ୍ରିନ୍ସ ଫିଲିପ୍‌ଙ୍କ ଦେହାନ୍ତ...

ପ୍ରିନ୍ସ ଫିଲିପ୍ ଓ ରାଣୀ ଅଧିକାଂଶ ଲକ୍‌ଡାଉନ ସମୟ ୱିଣ୍ଡସର କାଷ୍ଟଲରେ କଟାଇଥିଲେ। ଜାନୁୟାରୀରେ ଉଭୟେ କୋଭିଡ୍ ଟିକା ନେଇଥିଲେ।

୨୦୧୧ରେ ଫିଲିପ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସାଣ୍ଡ୍ରିଙ୍ଗହାମ୍‌ରୁ ହେଲିକପ୍ଟର ଯୋଗେ ହସ୍ପିଟାଲ ନିଆଯାଇଥିଲା। ସେତେବେଳେ ତାଙ୍କର ଅବରୋଧ ହୋଇଥିବା କରୋନାରି ଆର୍ଟେରିର ଚିକିତ୍ସା କରାଯାଇଥିଲା। ୨୦୧୭ରେ ସେ ଆନୁଷ୍ଠାନିକ ରାଜକୀୟ କାର୍ଯ୍ୟରୁ ଅବସର ନେଇଥିଲେ।

ଫିଲିପଙ୍କ ଜନ୍ମ ଗ୍ରୀକ୍‌ର ଏକ ରାଜପରିବାରରେ ହୋଇଥିଲା। ସେ ଛୋଟ ଥିଲାବେଳେ ତାଙ୍କ ପରିବାରକୁ ଦେଶରୁ ନିର୍ବାସିତ କରାଯାଇଥିଲା। ଫ୍ରାନ୍ସ, ଜର୍ମାନୀ ଓ ବ୍ରିଟେନରେ ଶିକ୍ଷାଲାଭ ପରେ ୧୯୩୯ରେ ୧୮ ବର୍ଷ ବୟସରେ ସେ ବ୍ରିଟିଶ ରୟାଲ ନେଭିରେ ଯୋଗଦେଇଥିଲେ। ସେବେଠାରୁ ତାଙ୍କର ୧୩ ବର୍ଷୀୟା ପ୍ରିନ୍ସେସ୍ ଏଲିଜାବେଥ୍‌ଙ୍କ ସହ ସମ୍ପର୍କ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧବେଳେ ସେ ମେଡିଟେରିଆନ ଏବଂ ପାସିଫିକ୍ ଫ୍ଲିଟ୍‌ରେ କାର୍ଯ୍ୟ କରିଥିଲେ। ଯୁଦ୍ଧ ପରେ ଏଲିଜାବେଥଙ୍କ ସହ ବିବାହ ପାଇଁ ରାଜା ଷଷ୍ଠ ଜର୍ଜ ଫିଲିପଙ୍କୁ ଅନୁମତି ଦେଇଥିଲେ। ୧୯୪୭ ନଭେମ୍ବର ୨୦ରେ ଉଭୟଙ୍କ ବିବାହ ସମ୍ପନ୍ନ ହୋଇଥିଲା। ୧୯୫୨ରେ ଏଲିଜାବେଥ ରାଣୀ ହେବା ପରେ ଫିଲିପ୍ ସକ୍ରିୟ ସାମରିକ ସେବା ଛାଡ଼ିଥିଲେ ଓ ୧୯୫୭ରେ ବ୍ରିଟିଶ ଯୁବରାଜ ହୋଇଥିଲେ।

### ଆଜିର ମନ୍ତବ୍ୟ

"ରାଫାଲ ଡିଲ୍‌ରେ ବଡ଼ ଘୋଟାଲା ହୋଇଛି ଓ ଦେଶର ରାଜକୋଷରୁ ଅନ୍ୟୂନ ୨୧,୦୭୫ କୋଟି ଟଙ୍କା ବରବାଦ ହୋଇଛି।"

**-ରଣଦୀପ୍ ସୁର୍ଜେୱାଲା, କଂଗ୍ରେସ ମୁଖପାତ୍ର**


# classifieds Everyday
0674-2580101, 2549302




**SALE**

Scorpio, Ertiga Vdi, Waganr Vxi, Polo Diesel, Maruti Eco, Hyundai i10, Dzire Vdi, Hondacity Diesel, 9937557575, 9337116330. D-20425




**SALE**

**Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact: 9937446498.** D-70581

Plot of 2500 sqft. facing 40 feet road, at CDA Sector 13, Cuttack, for immediate sale. Contact: 9819002773. D-20463

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.** D-20409

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-20218

Ready to move flats sales 2BHK / 3BHK. Patia Big Bazar Near Kalarahanga. Bhubaneswar. Price 30 - 53 lakh. Approved- BDA/ RERA. 7008346486. D-70580

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

Shree Krishna Developer, 55acres township plotting project near Sum Hospital for enquiry. 8337900881. D-70571

**ସୁନ୍ଦରପଦା Hi-tech Apartment Opposite ରେ Boundary ଥାଇ Gharabari Plot କିଣନ୍ତୁ। 7008492511.** D-69390

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

**Sum Hospital 4K.M. ଦୂରତାରେ R.I. Training Centre Frontରେ Plot Sqft. 850/- ମିଳୁଛି। 9090963952.** D-70830

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-20464

**Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.** D-70825

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70820

**Bhubaneswar Jaydev Vihar ଛକରେ Sqft. 5000/-ରେ ଘରବାରି Plot ମିଳୁଛି। Owner - 9090963952.** D-70832

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack. 7809525452, 8249851363.** D-70442




Swarna SPA newly open positively health benefits with expert therapist. 9556978408. D-70576

Refreshing your mind, your body with the best therapy at Lotus Spa. 9801811949. D-70445

Zen SPA positively health benefits with experts therapeutic genuinely massage. 7205084157. D-70577

Get good massage for your health the best therapy. 7749997224. D-70444

Ayurvedic Full Body Massage by Experienced (M/F) Therapist. 8018656899, 9861193818. D-59986

Only for home massage available here ladies gents candy. 9439140029. D-20459




ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

**LOST**

ମୁଁ ମାନସ ରଞ୍ଜନ ହୋତା, ଗ୍ରାମ- ସରବାହାଲ, ଜିଲ୍ଲା- ଝାରସୁଗୁଡ଼ା, ଘୋଷଣା କରେ କି ମୁଁ ଝାରସୁଗୁଡ଼ା ଆଲୁମିନା ଲିମିଟେଡ୍ ଯାଉଥିବା ବେଳେ ମୋର ଓରିଜିନାଲ୍ ପଟ୍ଟା ହାଲ୍ ଖାତା ନମ୍ବର- ୧୯୯, ଖତିୟାନ ନମ୍ବର-୫୪୪/୬୨୬, ମୌଜା- ଭୁବନେଶ୍ୱର, ୟୁନିଟ୍- ୨୨, ଭୀମପୁର, ତହସିଲ ନମ୍ବର- ୨୩୪, ଥାନା ନମ୍ବର-୬୪, ଜିଲ୍ଲା- ଖୋର୍ଦ୍ଧା ହଜିଯାଇଅଛି। ୭୦୧୦୮୦୩୬୦୮. ଧ-୨୦୪୬୪

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଜନ୍ମଦିନ ଶୁଭେଚ୍ଛା**



**ସାରାଂଶ ମଟାରୀ (ସାଇ)**
ବରଗଡ଼
ତୋର ଚଲାପଥ କୁସୁମିତ ହେଉ। ଆଜି ପ୍ରଥମ ଜନ୍ମବାର୍ଷିକୀରେ ମା' ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ପରିବାରବର୍ଗ ଓ ବନ୍ଧୁ ପରିଜନ । ଧ-୨୦୪୬୬

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ନିରୁଦ୍ଦିଷ୍ଟ**



ନାମ: ନବକିଶୋର ନାୟକ (୬୪ ବର୍ଷ), ଅବସରପ୍ରାପ୍ତ ଶିକ୍ଷକ, ଗ୍ରାମ- ବାଉଁଶିଆପଡ଼ା, ଥାନା- ଇଟାମାଟି, ଜିଲ୍ଲା- ନୟାଗଡ଼ ତା ୧୦।୦୩।୨୦୨୧ରିଖ ଅପରାହ୍ନ ୪ଘଟିକା ସମୟରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟରୁ ନିଖୋଜ ଅଛନ୍ତି। କୌଣସି ସନ୍ଧାନ ପାଇ ଜଣାଇଲେ ଆମେ ତାଙ୍କୁ ପୁରସ୍କାର ପ୍ରଦାନ କରିବୁ। ଯୋଗାଯୋଗ କରିବା ପାଇଁ ନିବେଦନ। ମୋବାଇଲ- ୭୮୯୪୦୩୧୨୦୬, ୮୨୮୦୧୭୭୦୩୪. ଧ-୨୦୪୬୯

# ଝାଉଁଳିଗଲେଣି କ୍ରୋମ୍ ଶିଳ୍ପସଂସ୍ଥା

## କ୍ରୋମାଇଟ୍‌ର ଭୁଲ୍ ମୂଲ୍ୟ ନିର୍ଦ୍ଧାରଣ

### ଓଏମ୍‌ସି ଏମ୍‌ଡିଙ୍କ ଦୃଷ୍ଟି ଆକର୍ଷଣ କଲା କେଏନ୍‌ଆଇଏ

ଯାଜପୁର ଅଫିସ,୯।୪

ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳରେ ଏସିଆର ୯୭% କ୍ରୋମାଇଟ୍ ଗଚ୍ଛିତ ରହିଛି। ଏହାସତ୍ତ୍ୱେ ଜିଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ କ୍ରୋମାଇଟ୍ ଉପରେ ନିର୍ଭର କରି ଗଢ଼ିଉଠିଥିବା କାରଖାନାଗୁଡ଼ିକ ବନ୍ଦ ହେବା ପରିସ୍ଥିତିକୁ ଆସିଗଲେଣି। ଏହାର ମୁଖ୍ୟ କାରଣ ହେଉଛି କ୍ରୋମାଇଟ୍‌ର ବ୍ୟାପକ ମୂଲ୍ୟ ବୃଦ୍ଧି। କଳିଙ୍ଗନଗର ଇଣ୍ଡଷ୍ଟ୍ରିଜ୍ ଆସୋସିଏଶନ (କେଏନ୍‌ଆଇଏ) ପକ୍ଷରୁ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଖଣି ନିଗମ (ଓଏମ୍‌ସି) ନିକଟରେ ପୁଣିଥରେ ଲିଖିତ ଭାବେ ଦାବି ଜଣାଇଛନ୍ତି। ନିଗମର ୧୦ତାରିଖ ମୂଲ୍ୟ ନିର୍ଦ୍ଧାରଣ ବୈଠକ ଉପରେ ଶିଳ୍ପ ଗୋଷ୍ଠୀଙ୍କ ନଜର ରହିଛି। ପରାମର୍ଶଦାତା ସଂସ୍ଥା ପ୍ରାଇସ୍ ୱାଟର କୁପର୍ସ (ପିଡବ୍ଲ୍ୟୁସି) ପ୍ରସ୍ତାବିତ ମୂଲ୍ୟ ନିର୍ଦ୍ଧାରଣ ନୀତିକୁ ନିଗମ ଗ୍ରହଣ ନ କଲେ କ୍ରୋମ୍ ଭିତ୍ତିକ ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା ହଜାର ହଜାର ଶ୍ରମିକ, କର୍ମଚାରୀ ଜୀବିକା ହରାଇବା ନିଶ୍ଚିତ ହୋଇପଡିଛି ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି।

ଦୂରଦୃଷ୍ଟି ଅଭାବ ଏବଂ ଭୁଲ୍ ମୂଲ୍ୟ ନିର୍ଦ୍ଧାରଣ ନୀତି ପାଇଁ କ୍ରୋମାଇଟ ବିକ୍ରି ହୋଇପାରୁ ନ ଥିବାବେଳେ ଓଏମ୍‌ସି ବେପରୁଆ ଭାବେ ବାରମ୍ବାର ପ୍ରାରମ୍ଭିକ ମୂଲ୍ୟ ବୃଦ୍ଧି କରିଚାଲିଛି। ପରିସ୍ଥିତି ଏପରି ହୋଇଛି ଯେ, ଓଏମ୍‌ସି ମାସିକ ନିଲାମ ଡାକୁଥିବା କ୍ରୋମାଇଟ ନେବାକୁ କ୍ରେତା ଏବେ ଅମଙ୍ଗ ହେଉଛନ୍ତି। ତଥ୍ୟ ମୁତାବକ ଗତ ଫେବୃୟାରୀରେ ଓଏମ୍‌ସି ଦ୍ୱାରା ହୋଇଥିବା ନିଲାମରେ ୩୨,୭୦୦ ଟନ କ୍ରୋମାଇଟ୍ ନିଲାମ ପାଇଁ ଧାର୍ଯ୍ୟଲକ୍ଷ୍ୟ ହୋଇଥିଲା। ମାତ୍ର ୨୪୦୦ଟନ (ଯାହାକି ମୋଟ ପରିମାଣର ମାତ୍ର ୭.୩%) ବିକ୍ରି ହୋଇଥିଲା। ସେହିଭଳି ଭାବେ ମାର୍ଚ୍ଚରେ ହୋଇଥିବା ନିଲାମ ପ୍ରକ୍ରିୟାରେ ୩୨,୬୦୦ ଟନ ସ୍ଥାନରେ ମାତ୍ର ୨୫୦୦ ଟନ (୭.୫%)କ୍ରୋମାଇଟ ବିକ୍ରି ହୋଇଥିଲା। ଗତ ଫେବୃୟାରୀ ୧୬ ଠାରୁ ମାର୍ଚ୍ଚ ୧୭ ମଧ୍ୟରେ ଓଏମ୍‌ସି ୮୨,୯୮୩ ଟନ କ୍ରୋମାଇଟ ବିକ୍ରି କରିଥିବା ସ୍ଥଳେ ଗତ ୧୮ ମାର୍ଚ୍ଚରୁ ୩ ଏପ୍ରିଲ ମଧ୍ୟରେ ମାତ୍ର ୩୦୮୦ ମେଟ୍ରିକ ଟନ କ୍ରୋମାଇଟ୍ ବିକ୍ରି କରିପାରିଛି। ଅନ୍ୟପକ୍ଷରେ ବିଶ୍ୱ ବଜାରରେ ଫେରୋକ୍ରୋମର ବଜାର ମୂଲ୍ୟ ଟନ ପ୍ରତି ୧,୦୨,୫୦୦ ଟଙ୍କାରୁ ଖସି ଆସି ୯୨,୦୦୦ ଟଙ୍କାରେ ପହଞ୍ଚିଛି। ଫେରୋକ୍ରୋମର ବଜାର ଦର ଆଗାମୀ ଦିନରେ ଅଧିକ ନିମ୍ନଗାମୀ ହେବ ବୋଲି ବଜାର ବିଶେଷଜ୍ଞ ଅନୁମାନ କରୁଛନ୍ତି। ଏପରିସ୍ଥଳେ ଖଣି ନିଗମ ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ ନ କରି ବୈଷୟିକ ପରାମର୍ଶଦାତା ସଂସ୍ଥା କେପିଏମ୍‌ଜି (କ୍ଲିନ୍‌ଭେଲ୍ଡ ପିଟ୍ ମାର୍କୱିକ୍ ଗୋର୍ଡେଲର୍)ର ପ୍ରସ୍ତାବ ଅନୁଯାୟୀ ମୂଲ୍ୟ ନିର୍ଦ୍ଧାରଣ କରିଆସୁଛି। ଫେରୋକ୍ରୋମ୍ ଶିଳ୍ପସଂସ୍ଥାଗୁଡ଼ିକର ଦୁରବସ୍ଥା ଏବଂ ବଜାରରେ ଉତ୍ପାଦର ମୂଲ୍ୟସୂଚୀକୁ ଅବଲୋକନ କଲେ କେପିଏମ୍‌ଜି ଦ୍ୱାରା ଦିଆଯାଉଥିବା ମୂଲ୍ୟ ଉପରେ ନିଲାମ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। ଏହାଦ୍ୱାରା ଖଣି ନିଗମ ପ୍ରଭାବିତ ହୋଇଥିବାବେଳେ ଶିଳ୍ପସଂସ୍ଥାଗୁଡ଼ିକରେ ମଧ୍ୟ ଅସ୍ଥିରାବସ୍ଥା ସୃଷ୍ଟି ହୋଇଛି। ଫଳରେ ରାଜ୍ୟ ସରକାରଙ୍କ ଶିଳ୍ପନୀତିକୁ ମଧ୍ୟ ଜୋର୍‌ଦାର ଝଟକା ଲାଗିଛି। କଳିଙ୍ଗନଗରରେ ଅବସ୍ଥିତ ରୋହିତ ଫେରୋଟେକ୍ କାରଖାନା କ୍ରୋମାଇଟ ଅଭାବରୁ ୨ ସପ୍ତାହ ତଳେ ବନ୍ଦ ହୋଇଯାଇଥିବାବେଳେ ଭିସା ଷ୍ଟିଲ ଏବଂ ଜିନ୍ଦଲ ଷ୍ଟେନଲେସ୍ ପରି ବୃହତ୍ ଶିଳ୍ପସଂସ୍ଥାର ଫେରୋକ୍ରୋମ୍ ୟୁନିଟର ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଛି। ରାଜ୍ୟ ସରକାରଙ୍କ ଆହ୍ୱାନରେ ସ୍ଥାୟୀ ଭାବେ କ୍ରୋମାଇଟ ଭିତ୍ତିକ ଶିଳ୍ପସଂସ୍ଥା ସ୍ଥାପନ କରିଥିବା ଶିଳ୍ପପତିମାନେ ଖଣି ନିଗମରୁ ସୁଲଭ ଭାବେ କ୍ରୋମାଇଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ପରିସ୍ଥିତିରେ ସୁଧାର ପାଇଁ ଶିଳ୍ପ ଗୋଷ୍ଠୀ ସମୂହ ଖଣିଜର ମୂଲ୍ୟ ନିର୍ଦ୍ଧାରଣ ପାଇଁ ରହିଥିବା ଅନ୍ୟତମ ପରାମର୍ଶଦାତା ସଂସ୍ଥା ପିଡବ୍ଲ୍ୟୁସିର ନୀତିକୁ ଓଏମ୍‌ସି କାର୍ଯ୍ୟକାରୀ କରିବାକୁ ଆସୋସିଏଶନ ପକ୍ଷରୁ ଦାବି ହୋଇଛି।

# ଭିଜିଲାନ୍ସ ଜାଲରେ ବନ ବିଭାଗର କୋଟିପତି କିରାଣି

## ଦେଢ଼କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଠାବ

- ଘର ଓ ଅଫିସ ସମେତ ୪ ସ୍ଥାନରେ ଏକକାଳୀନ ଚଢ଼ାଉ
- ଭୁବନେଶ୍ୱରରେ ରହିଛି କୋଟିଏ ଟଙ୍କାର କୋଠା

ଭୁବନେଶ୍ୱର, ୯।୪(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମୁଖ୍ୟ ବନସଂରକ୍ଷକ (ସିସିଏଫ୍) କେନ୍ଦୁଲିଫ୍ କଟକ କାର୍ଯ୍ୟାଳୟର ବରିଷ୍ଠ କିରାଣି ଦିଲୀପ ଜେନାଙ୍କ ଘର ଓ ଅଫିସ ସମେତ ୪ ସ୍ଥାନରେ ଶୁକ୍ରବାର ଭିଜିଲାନ୍ସ ଚଢ଼ାଉ କରିଛି। ଭିଜିଲାନ୍ସର ୪ଟି ଟିମ୍ କଟକସ୍ଥିତ ଅଫିସ୍, ଢେଙ୍କାନାଳ ଜିଲା ଗନ୍ଦିଆ ରତନପୁରସ୍ଥିତ ପୈତୃକ ଘର, ଭୁବନେଶ୍ୱର ଜାଗମରାରେ ଥିବା କୋଠା ଓ ଫରେଷ୍ଟ ଟ୍ରେନିଂ ସ୍କୁଲ୍ କ୍ୱାର୍ଟର୍ସରେ ଏକକାଳୀନ ପୃଥକ ଭାବେ ଯାଞ୍ଚ କରିଥିଲା। ମୋଟ ୧ କୋଟି ୫୬ ଲକ୍ଷ ୪୦ହଜାର ୧୫୭ ଟଙ୍କାର ସମ୍ପତ୍ତି ଠାବ ହୋଇଥିବା ଭିଜିଲାନ୍ସ ସୂଚନା ଦେଇଛି।

ଜାଗମରାସ୍ଥିତ ୪ ମହଲା ଘରର ମୂଲ୍ୟ ୧ କୋଟି ୮ଲକ୍ଷ ୭ହଜାର ୮୩୯ ଟଙ୍କାରେ ହିସାବ କରାଯାଇଥିବାବେଳେ ୧ଲକ୍ଷ ୧୭ ହଜାର ୬୭୬ଟଙ୍କାର ଦୁଇଟି ବାଇକ, ୧୯ଲକ୍ଷ ୮୩ହଜାର ୬୯୭ ଟଙ୍କାର ଦୁଇଟି କାର୍, ଢେଙ୍କାନାଳ ଓ ଭୁବନେଶ୍ୱରରେ ଥିବା ୧୦ଲକ୍ଷ ୫୨ହଜାର ୬ଶହ ଟଙ୍କାର ୩ଟି ପ୍ଲଟ୍, ୧୧ଲକ୍ଷ ୩୮ହଜାର ୩୪୫ର ପୈତୃକ ସମ୍ପତ୍ତିର ଅଂଶ, ୧୫ହଜାର ଟଙ୍କାର ସୁନା ଅଳଙ୍କାର, ୫୦ହଜାର ଟଙ୍କାର ବ୍ୟାଙ୍କ ଜମା ରାଶି, ନଗଦ ଟଙ୍କା ୮ହଜାର ୪୫୦ ଓ ୪ଲକ୍ଷ ୬୬ହଜାର ୫୫୦ଟଙ୍କାର ଗୃହ ଉପକରଣ ରହିଛି। ଅଧିକ ତଦନ୍ତ ଚାଲିଥିବାରୁ ସମ୍ପତ୍ତିର ମୂଲ୍ୟ ଆହୁରି ବଢ଼ିପାରେ ବୋଲି କୁହାଯାଉଛି।



## ଶିଢ଼ି ଘର ରେଲିଂରେ ବେକ ପଶି ବାଳିକା ମୃତ

ରାଇରଙ୍ଗପୁର, ୯।୪(ଡି.ଏନ୍.ଏ)

ପୁରୀ ଶ୍ରୀମନ୍ଦିର ସମ୍ମୁଖ ବ୍ୟାରିକେଡ ମଧ୍ୟରେ ଜଣେ ଶିଶୁର ମୁଣ୍ଡ ପଶିଯିବା ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ଦୁନାଲାବେଡ଼ା ଗ୍ରାମ ବିକାଶନଗର ବସ୍ତି ଅଞ୍ଚଳରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ଶିଢ଼ି ଘର ରେଲିଂରେ ବେକ ପଶିଯିବାରୁ ଜଣେ ବାଳିକାଙ୍କ ମୃତ୍ୟୁ ହୋଇଛି। ମୃତ ବାଳିକା ହେଲେ ବିଚିତ୍ର ମହାନ୍ତଙ୍କ ଝିଅ ଦେବିକାରାଣୀ(୮)। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୧) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ନିଜ ବାସ ଗୃହ ଶିଢ଼ିଘର ନିକଟରେ ସାଙ୍ଗମାନଙ୍କ ସହିତ ଖେଳୁଥିବା ବେଳେ ଅସାବଧାନତାବଶତଃ ରେଲିଂ ଭିତରେ ଦେବୀକାରାଣୀଙ୍କ ମୁଣ୍ଡ ଗଳି ବେକ ଚାପି ହୋଇଯାଇଥିଲା। ପରିବାର ଲୋକେ ବହୁ କଷ୍ଟରେ ତାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହତ୍ୟାକାଣ୍ଡ: ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ସୁନ୍ଦରଗଡ଼, ୯।୪ (ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଥାନା ସର୍ଗିପାଲି ଫାଣ୍ଡି ଅନ୍ତର୍ଗତ ଦିଆମୁଣ୍ଡାଠାରେ ଥିବା ଏକ ଇଟାଭାଟିରେ ଗତ ଗୁରୁବାର ବିଳମ୍ବିତ ରାତିରେ ହତ୍ୟାକାଣ୍ଡ ଘଟିଛି। ଏଥିରେ ଜଣେ ଇଟାଭାଟି ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେ ବୁର୍ଲା ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ଶ୍ରମିକଙ୍କ ନାମ ରାମରଥୀ ପଟେଲ (୫୦) ଓ ତାଙ୍କ ଘର ଛତିଶଗଡ଼ରେ। ପୋଲିସ ହତ୍ୟାକାଣ୍ଡରେ ବ୍ୟବହୃତ କୋଦାଳ ଜବତ କରିଛି। ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତ ଶୁକ୍ରୁ ନାଏକଙ୍କୁ ପୋଲିସ ଗିରଫ କରିଛି। ରାମରଥୀ ତାଙ୍କ ସ୍ତ୍ରୀ ଚିନମତୀଙ୍କ ସହ ଏହି ଇଟାଭାଟିରେ ରହି କାମ କରୁଥିଲେ। ବାହାରୁ ଆସି ଇଟାଭାଟିରେ ଅଧିକ କାର୍ଯ୍ୟ କରୁଥିବାରୁ ଈର୍ଷାରେ ଜର୍ଜରିତ ହୋଇ ଅନ୍ୟ ଏକ ଇଟାଭାଟିରେ କାର୍ଯ୍ୟ କରୁଥିବା ଶୁକ୍ରୁ ନାଏକ ରାତିରେ ରାମରଥୀଙ୍କ ସହିତ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ଏକ କୋଦାଳରେ ରାମରଥୀଙ୍କ ମୁଣ୍ଡ, ବେକରେ ଚୋଟମାରି ହତ୍ୟା କରିଥିଲେ। ତାଙ୍କ ସ୍ତ୍ରୀ ଚିନମତୀ ସ୍ୱାମୀଙ୍କୁ ରକ୍ଷାକରିବାକୁ ଯାଇ ଅଭିଯୁକ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ।

# ଟିଟିଲାଗଡ଼ ରେଳ ଓଭରବ୍ରିଜ୍ ଉଦ୍‌ଘାଟିତ

## ସହରର ସମନ୍ୱିତ ବିକାଶ ଆମ ଲକ୍ଷ୍ୟ: ନବୀନ

ଭୁବନେଶ୍ୱର,(ବ୍ୟୁରୋ)/ ଟିଟିଲାଗଡ଼,୯।୪(ଡି.ଏନ.ଏ.)



ଭିଡିଓ କନ୍‌ଫରେନ୍ସ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳ ଓଭରବ୍ରିଜ୍ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ ଟିଟିଲାଗଡ଼ରେ ୧୦୪୨ ମିଟର ଦୈର୍ଘ୍ୟ ଏକ ରେଳ ଓଭରବ୍ରିଜ୍ (ଆର୍‌ଓବି)ଉଦ୍‌ଘାଟନ କରିଛନ୍ତି। ଏଥିପାଇଁ ୭୧.୫୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଟିଟିଲାଗଡ଼ ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଜଙ୍କ୍‌ସନ। ଓଭରବ୍ରିଜ୍ ନିର୍ମାଣ ହେବା ଦ୍ୱାରା ଲୋକଙ୍କ ଗମନାଗମନରେ ଅନେକ ସୁବିଧା ହେବ। ଟିଟିଲାଗଡ଼ ସହିତ ଭବାନୀପାଟଣା, କେସିଙ୍ଗା ଓ ନୂଆପଡ଼ା ଅଞ୍ଚଳର ଜନସାଧାରଣ ଉପକୃତ ହେବେ ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଟିଟିଲାଗଡ଼ ସହରରେ ବ୍ୟାପକ ଉନ୍ନତି ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏହି ଆର୍‌ଓବି ସହିତ ଟିଟିଲାଗଡ଼ରେ ଆଧୁନିକ ବସ୍‌ଷ୍ଟାଣ୍ଡ, ସୁଇମିଂ ପୁଲ୍, ମହାରାଜା ସାଗରର ପୁନରୁଦ୍ଧାର, ବର୍ଜ୍ୟଜଳ ବିଶୋଧନ ପ୍ଲାଣ୍ଟ ଏବଂ ଆହୁରି ଅନେକ ଉନ୍ନତିମୂଳକ କାର୍ଯ୍ୟ ଜାରି ରହିଛି। ଏହିସବୁ ଠିକ୍ ସମୟରେ ସମ୍ପୂର୍ଣ୍ଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ରାଜ୍ୟରେ ସଡ଼କ, ସେତୁ, ବନ୍ଦର ଆଦି ଭିତ୍ତିଭୂମିର ବିକାଶ ଯୋଗୁ ଯୋଗାଯୋଗ କ୍ଷେତ୍ରରେ ବହୁତ ଉନ୍ନତି ଆସିଛି। ଭିତ୍ତିଭୂମି ସମସ୍ତଙ୍କ ସମ୍ପତ୍ତି। ତେଣୁ ସମସ୍ତେ ଏହାର ଯତ୍ନ ନେବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି, ବିକାଶ ଲାଗି ଗମନାଗମନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ସଡ଼କ ବିକାଶ କାର୍ଯ୍ୟକ୍ରମରେ ଅନେକ ଉନ୍ନତି ଆସିଛି। ମନ୍ତ୍ରୀ ଟୁକୁନୀ ସାହୁ କହିଛନ୍ତି, ଟିଟିଲାଗଡ଼ ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ରେଳ ଓଭରବ୍ରିଜ୍ ସହିତ ଟିଟିଲାଗଡ଼ ପାଇଁ ଚାଲିଥିବା ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସେ ଆଲୋକପାତ କରିଛନ୍ତି। ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ କହିଛନ୍ତି, ଟିଟିଲାଗଡ଼ ଜନସାଧାରଣଙ୍କ ଏକ ଦୀର୍ଘଦିନର ସ୍ୱପ୍ନ ପୂରଣ ହେଲା। ପଶ୍ଚିମ ଓଡ଼ିଶା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୁର୍ବଳତା ରହିଛି। ଏହାସହ ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗ କରିଥିବାରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ କହିଛନ୍ତି, ଟିଟିଲାଗଡ଼ର ସବୁ ଲୋକଙ୍କ ପାଇଁ ଆନନ୍ଦର ଦିନ। ପଶ୍ଚିମ ଓଡ଼ିଶା ପାଇଁ ଅନେକ ବିକାଶମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ସେ କହିଛନ୍ତି, ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାକୁ କେତେ ପ୍ରାଥମିକତା ଦେଉଛନ୍ତି ଏଥିରୁ ଏହା ସହଜରେ ଅନୁମେୟ। ଏହି ଅବସରରେ ବଲାଙ୍ଗୀର ଜିଲାର ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦୀର୍ଘ ଦିନର ଦାବି ପୂରଣ ହୋଇଛି

ବଲାଙ୍ଗୀର ଅଫିସ/ଟିଟିଲାଗଡ଼, ୯।୪ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରର ବହୁ ପ୍ରତୀକ୍ଷିତ ରେଳ ଓଭର ବ୍ରିଜ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ଣରେ ଭର୍ଚୁଆଲ କାର୍ଯ୍ୟକ୍ରମ ଜରିଆରେ ଲୋକାର୍ପିତ କରିଛନ୍ତି। ଏହି ରେଳ ଓଭରବ୍ରିଜ୍ ଲୋକାର୍ପଣ ପରେ ଟିଟିଲାଗଡ ସହରବାସୀଙ୍କ ଦୀର୍ଘ ଅର୍ଦ୍ଧ ଶତାବ୍ଦୀର ଦାବି ପୂରଣ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ଭିତ୍ତିଭୂମି ବିକାଶ ଓ ଟିଟିଲାଗଡ ସହରର ସାମଗ୍ରିକ ବିକାଶ ଆମର ଲକ୍ଷ୍ୟ। ଟିଟିଲାଗଡ ସହର ଓଭରବ୍ରିଜ୍ ନିକଟରେ କରାଯାଇଥିବା ସଭାମଞ୍ଚରେ ବିରାଟ ଏଲ୍‌ଇଡି ସ୍କ୍ରିନ୍‌ରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିଙ୍କ କାର୍ଯ୍ୟକ୍ରମ ସିଧା ପ୍ରସାରଣ କରାଯାଇଥିଲା। ପ୍ରାରମ୍ଭରେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ। ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ଟୁକୁନି ସାହୁ ତାଙ୍କ ବକ୍ତବ୍ୟରେ ରେଳ ଓଭରବ୍ରିଜ୍ ଲୋକାର୍ପଣ ପରେ ଟିଟିଲାଗଡ ଲୋକଙ୍କ ଦୀର୍ଘ ଦିନର ସ୍ୱପ୍ନ ପୂରଣ ହୋଇଛି ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ଟିଟିଲାଗଡ ସହର ଓ ଜନସାଧାରଣଙ୍କ ଉନ୍ନତିକୁ ସବୁବେଳେ ଗୁରୁତ୍ୱ ଦେଇ ଆସିଛନ୍ତି ବୋଲି କହିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ଗତ ଦୁଇମାସ ମଧ୍ୟରେ ଇନ୍ଦ୍ରବତୀ, ଲୋୟର ଇନ୍ଦ୍ର ପ୍ରକଳ୍ପର ଉଦ୍‌ଘାଟନ ଓ ଲୋୟର ସୁକ୍‌ତେଲ ପ୍ରକଳ୍ପ କାମ ଆରମ୍ଭ କରିବା ସମ୍ପର୍କରେ ସୂଚନା ଦେଇଥିଲେ। ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ତାଙ୍କ ବକ୍ତବ୍ୟରେ ଓଭରବ୍ରିଜ୍ ତିଆରି ପାଇଁ ଅଟଳ ବିହାରୀ ବାଜପାୟୀଙ୍କ ସରକାରଙ୍କ ସମୟରେ ଉଦ୍ୟମ ଆରମ୍ଭ ହୋଇଥିବା ସୂଚନା ଦେଇ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦୂରଦର୍ଶୀ ମୁଖ୍ୟମନ୍ତ୍ରୀ ବୋଲି ଅଭିହିତ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡି ନେତା ପ୍ରେମ ଜୈନ, ପ୍ରମୋଦ ପ୍ରଧାନ, ଅରୁଣ ମିଶ୍ର, ରଣଜିତ ପୃଷ୍ଟି, ଗୋବର୍ଦ୍ଧନ ନାଗ, ଚନ୍ଦ୍ରବଦନ ପୁରୋହିତ, ଦିଲୀପ ବାଗ, ଜଗଦୀଶ ମହାଲିଙ୍ଗ, ଗୁଟୁ ବାଗ, ଅରୁଣ ବାଗ, କିଶୋର ସାହୁ, ଗିତା ବିଶି, ରମାକାନ୍ତି ପୁଟେଲ, ଉମାଦେବୀ ଅଗ୍ରୱାଲ, ଭାଜପା ନେତା ଶିବାଜୀ ମହାନ୍ତି, ପ୍ରଶାନ୍ତ ଷଡଙ୍ଗୀ, ମୁକେଶ ଜୈନ, ଦିଲିପ ଖର୍ସେଲଙ୍କ ସମେତ ବହୁ ସଂଖ୍ୟକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ନାଗରିକ ଉପସ୍ଥିତ ଥିଲେ। ଶେଷରେ ଟିଟିଲାଗଡ ଉପଜିଲାପାଳ ସୋମେଶ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ। ସହର ସାରା ତଥା ଓଭରବ୍ରିଜ ରାସ୍ତାରେ ନବୀନଙ୍କ ବଡବଡ କଟ୍ ଆଉଟ, ଦଳୀୟ ପତାକାରେ ଛାଇ ହୋଇ ଯାଇଥିଲା।




ଲୋକାର୍ପିତ ସେତୁ।



ଟିଟିଲାଗଡ଼ଠାରେ ଆୟୋଜିତ ସଭାମଞ୍ଚରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, ମନ୍ତ୍ରୀ ଟୁକୁନି ସାହୁ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଓ ଜିଲାପାଳ ଚଞ୍ଚଳ ରାଣା।

# ୪୮ଘଣ୍ଟାରେ ୫୧ଲକ୍ଷରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ

## ରାଜ୍ୟ ପୋଲିସ୍‌ର ସ୍ପେଶାଲ ଡ୍ରାଇଭ୍

କଟକ ଅଫିସ, ୯।୪

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ରାଜ୍ୟ ପୋଲିସ ପକ୍ଷରୁ ଗୁରୁବାର ସ୍ପେଶାଲ ଡ୍ରାଇଭ୍ କରାଯାଇ ୪୮ଘଣ୍ଟା ମଧ୍ୟରେ ୫୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଡ୍ରାଇଭ୍ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଡିଜିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଦ୍ୱିତୀୟ ଦିନରେ ରାଜ୍ୟ ପୋଲିସ ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୧୪୦୫ ଜଣଙ୍କଠାରୁ ୧,୫୬,୪୫୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ୧୦,୩୯୬ ଜଣ ବ୍ୟକ୍ତିଙ୍କଠାରୁ ୨୫ ଲକ୍ଷ ୫ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସୂଚନାଯୋଗ୍ୟ, ବୁଧବାର ୯,୪୦୦ ନିୟମ ଉଲ୍ଲଂଘନକାରୀଙ୍କଠାରୁ ୨୫,୦୭,୯୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ରାଜ୍ୟରେ କରୋନା ନିୟମ ଉଲ୍ଲଂଘନକାରୀଙ୍କ ଉପରେ ରୋକ୍ ଲଗାଇବା ପାଇଁ ୧୩୬ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ବିଭିନ୍ନ ଜିଲା ଏସ୍‌ପି, କଟକ ଓ ଭୁବନେଶ୍ୱର ଡିସିପିଙ୍କ ସମେତ ପୋଲିସ ବିଭାଗର ବହୁ ଅଧିକାରୀ ସାମିଲ ହୋଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ଅଦାଲତଙ୍କ ବିନା ଆଦେଶରେ ଗର୍ଭପାତ କରାଇପାରିବେ ଡାକ୍ତରୀ ଟିମ୍: ହାଇକୋର୍ଟ

କଟକ ଅଫିସ,୯।୪

ଗର୍ଭବତୀ ହୋଇଥିବା ଏକ ନାବାଳିକାର ଗର୍ଭପାତ ଲାଗି ଶୁକ୍ରବାର ହାଇକୋର୍ଟ ଏସ୍‌ସିବିର ଏକ ୩ଜଣିଆ ଡାକ୍ତରୀ ଟିମ୍ ଗଢ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ନାବାଳିକାର ଗର୍ଭପାତ ହେବା ଜରୁରୀ ବୋଲି ଏହି ଟିମ୍ ହୃଦ୍‌ବୋଧ କରିବ ତେବେ ଅଦାଲତଙ୍କ ଆଦେଶକୁ ଅପେକ୍ଷା ନ କରି ଗର୍ଭପାତ କରାଇପାରିବ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଓ ବିଚାରପତି ଜଷ୍ଟିସ୍ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ତାଙ୍କ ଆବେଦନରେ ଦର୍ଶାଇଥିଲେ, ୧୪ବର୍ଷୀୟ ଝିଅର ଗତ ମାର୍ଚ୍ଚ ୧୬ରେ ଅଲଟ୍ରାସାଉଣ୍ଡ କରିବା ପରେ ସେ ଗର୍ଭବତୀ ଥିବା ଜଣାପଡିଥିଲା। ଗର୍ଭ ନଷ୍ଟ ପାଇଁ ପୁରୀ ହସ୍ପିଟାଲକୁ ଯାଇଥିଲେ। ନାବାଳିକା ୨୧ ସପ୍ତାହର ଗର୍ଭବତୀ ଥିବାରୁ ପୁରୀ ହସ୍ପିଟାଲ ପକ୍ଷରୁ ମାର୍ଚ୍ଚ ୨୬ରେ ଏସ୍‌ସିବିକୁ ପଠାଇ ଦିଆଯାଇଥିଲା। ନାବାଳିକା ଗର୍ଭଧାରଣ କରିବା ୨୦ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହୋଇଯାଇଥିଲା। ତେଣୁ ଗର୍ଭପାତ ଲାଗି ଅଦାଲତଙ୍କ ଅନୁମତି ଆବଶ୍ୟକ ଥିବାରୁ ଏସ୍‌ସିବି ଅଧୀକ୍ଷକଙ୍କ ପକ୍ଷରୁ ଡିଏମ୍‌ଇଟିଙ୍କୁ ଚିଠି ଲେଖାଯାଇଥିଲା। ଏହାପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୧୨ ତାରିଖ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

A 20 year old CA Firm needs the following staffs for their office and client places:
1. Senior Accountants: 6 Nos. (5-15 years Exp). (The candidate should have in-depth knowledge in Tally ERP & GST/IT filing).
2. Junior Accountants: 4 Nos.(1-4 years Exp.) (Standard Tally Knowledge).
Interested candidates may send their resumes to the following mail id:
advmail2014@yahoo.in
or Call: 7381093401

WANTED Teaching, Marketing, Accountant, Receptionist, Computer Operator & Peon for Hotel Management, Tourism Management, BBA, BCA & ITI College. Contact: Nirmana Group of Institutions, Balakati, Bhubaneswar.
Mob: 9040479879
Email:Nirmana.nimt@gmail.com.

ଏୟାରପୋର୍ଟ ରେ ଚାକିରୀ
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Ground Staffs, Store Keeper Supervisors, Checkers, Loaders, Drivers, Guards & Helpers
Quali : ୨।୦ ପଢ଼ିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9910516680, 9984845594

DHARITRI Career appointment Every Wednesday and Saturday

DUBAI 'MOTOROL' Lubricants require Rural based Employees in 314 Blocks of Odisha, Salary 8000/- plus Incentive, Send your CV in Whatsapp No.-
9938962413

R.S. MAHAVIDYALAYA, ODAGAON
WALK-IN-INTERVIEW
Candidates securing more than 55% marks at P.G. level may appear the interview for the post of lecturers on contractual basis in Philosophy, History, Political Science, Education, Sanskrit, Botany, Physics, Chemistry, Mathematics and Laboratory Assistant in Physics, Botany, Zoology and Biology (+3 Sc. with Hons.), Assistant Librarian (B.Lib.Sc.) with computer literacy at 11 A.M. on dt. 17.04.2021 in the Office of the Sub-Collector, Nayagarh with supporting documents and biodata.
Principal-cum-Secretary

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

GOVT. APPROVED
HINDUSTAN TELECOM
ଭାରତର ନଂ.1 କମ୍ପାନୀ
ଆପଣଙ୍କ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ହାଇ କ୍ୱାଲିଟି 4G/5G ମୋବାଇଲ ଟାୱାର ଲଗାନ୍ତୁ
T&C
ଅଗ୍ରିମ: 60 ଲକ୍ଷ | କମ୍ପାନୀ ତରଫରୁ
ଭଡ଼ା: 50 ହଜାର | ବାଇକ୍ + ଅନ୍ୟ ସୁବିଧା
ନୋଟ୍: ଠକମାନଙ୍କ ପ୍ରତି ସାବଧାନ
: Contact :
18002127174
Website : www.hindustantelecom.in

ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
ବାବା କମଲ୍ ଖାନ୍
କଳାଯାଦୁର ଅଧିକାରୀ
7699180736
8800979262
Near Bus Stand

BINODAYA FINANCE
ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଇପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%
M=9437925782
M=9437927381
ABASING, TALAMUNDA, GAJAPATI

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କୌଣସି କାର୍ଯ୍ୟ ଭଲ ନୁହଁ କି ମନ୍ଦ ନୁହଁ। କିନ୍ତୁ ତୁମେ କେଉଁ ମନୋଭାବ ବା ପ୍ରେରଣା ନେଇ ସେ କାମଟି କରୁଛ– ତା'ରି ଉପରେ ହିଁ ସବୁ ଭଲମନ୍ଦ ନିର୍ଭର କରେ। –ଶ୍ରୀମା



# ଆମ ପାଇଁ ନୂଆ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଜଣେ କୂଟନୀତିଜ୍ଞଙ୍କୁ ସମସ୍ତେ ଭଲ ପାଆନ୍ତି। ଗତ ମାସରେ ଇଣ୍ଟର୍ନ ବା ପ୍ରଶିକ୍ଷଣାର୍ଥୀମାନଙ୍କୁ ଆମନ୍ତ୍ରଣ କରିବାକୁ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍‌ଇଏ) ତା' ନୀତିର ସଂଶୋଧନ କରି ନୂଆ ରୂପ ଦେବା ପରେ ଇଣ୍ଟର୍ନମାନଙ୍କ ପାଇଁ ଦ୍ୱାର ଖୋଲିଦେଇଥିଲା। ଏଥିପାଇଁ ଦେଶର ସବୁଆଡୁ ଆବେଦନର ସୁଅ ଛୁଟିଲା। ନୂଆ ନୀତି ଅନୁଯାୟୀ, ଏମ୍‌ଇଏ ପ୍ରତ୍ୟେକ ବର୍ଷ ଦୁଇଟି ବ୍ୟାଚ୍‌ରେ ୬୦ ଜଣ ପ୍ରଶିକ୍ଷଣାର୍ଥୀଙ୍କୁ ନେବ। ମନ୍ତ୍ରଣାଳୟରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀ ତିନି ମାସ ରହି ପ୍ରଶିକ୍ଷଣ ଲାଭ କରିବେ। ଏମ୍‌ଇଏର ୨୦୧୬ର ପ୍ରାରମ୍ଭରେ ପ୍ରସ୍ତୁତ କରାଯାଇଥିବା ନୀତିକୁ ବୈଦେଶିକ ସଚିବ ହର୍ଷ ଶ୍ରୀଙ୍ଗଲା ସଂଶୋ କରିଥିବା ଜଣାପଡ଼ିଛି। ଦେଶର ବିଭିନ୍ନ ଅଞ୍ଚଳର ଯୁବକମାନଙ୍କୁ ଆଣି ବୈଦେଶିକ ନୀତି ପ୍ରସ୍ତୁତିକୁ ଅତି ନିକଟରୁ ଦେଖାଇବା ତାଙ୍କର ଉଦ୍ଦେଶ୍ୟ। ଆମେରିକା ସରକାରରେ ଏଭଳି ଇଣ୍ଟର୍ନଶିପ ଅତି ସାଧାରଣ କଥା । ଦେଶ କିପରି କାର୍ଯ୍ୟ କରୁଛି ତାହା ଶିଖାଇବା ଲାଗି ଏହା କଲେଜ ପାସ୍ ଛାତ୍ରମାନଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ଭାରତରେ ଆମ ପାଇଁ ଏହା ଏକ ନୂଆ କଥା। ଯଦି ମନ୍ତ୍ରଣାଳୟର ଏହି ପରୀକ୍ଷଣ ସଫଳ ହୁଏ ତେବେ ନୂଆ ମେଧାବୀମାନଙ୍କୁ ଆଣି ଶିକ୍ଷା ଦେବା ଲାଗି ସରକାର ନୂଆ ବିଚାର ନେଇ ଏହି ମଡେଲକୁ ଅନ୍ୟ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ଦୋହରାଇପାରନ୍ତି ବୋଲି ଆଶା କରାଯାଉଛି। ସମ୍ଭବତଃ ଏମ୍‌ଇଏ ଏଭଳି ଉଦ୍ଦେଶ୍ୟ ରଖି ଏହା ଆରମ୍ଭ କରିଥାଇପାରେ। ଭଲଭାବେ ଜଣା ଯେ,ଭାରତର ଅନୁମୋଦିତ କୂଟନୀତିଜ୍ଞଙ୍କ ସଂଖ୍ୟା ୯୧୨ ଓ ଏହି କ୍ଷେତ୍ରରେ ଆହୁରି ଅଧିକ ଆବଶ୍ୟକ। ତେବେ ଏମ୍‌ଇଏର ଏଭଳି ପଦକ୍ଷେପ କେତେଜଣ ପ୍ରଶିକ୍ଷଣାର୍ଥୀଙ୍କୁ କୂଟନୈତିକ କ୍ୟାରିୟର କରିବା ପାଇଁ ପ୍ରେରିତ କରିବ ତାହା ଦେଖିବାକୁ ବାକି ରହିଛି। କିନ୍ତୁ ଏଥିରେ ଇଚ୍ଛୁକ ପକ୍ଷମାନେ ଏମ୍‌ଇଏର ପଦକ୍ଷେପକୁ ଅତି ପାଖରୁ ନିରୀକ୍ଷଣ କରିବା ସହ ଅନୁସରଣ କରିବେ।

### ସରକାର ଆଶାବାଦୀ

ଅନେକ ସମୟରେ କୁହାଯାଏ ଯେ, ୨୦ରୁ ୩୦ ବର୍ଷ ପାଖାପାଖି ବୟସରେ ସିଭିଲ ସର୍ଭିସରେ ଯୋଗ ଦେଉଥିବା ବାବୁମାନଙ୍କ ମଧ୍ୟରୁ ଅଳ୍ପ କେତେ ଜଣ ସେମାନଙ୍କ ଜ୍ଞାନକୌଶଳ ବଳରେ ନିଜକୁ ମଜଭୁତ କରିଥାଆନ୍ତି। ହେଲେ ଏବେ ଆଉ ଅଧିକ ଦକ୍ଷ ଅଧିକାରୀ ସୃଷ୍ଟି କରିବା ଲାଗି ମୋଦି ସରକାର ଏକ ନୂଆ ପଦ୍ଧତି ଆପଣାଇଛନ୍ତି। ସରକାର ଅଧିକାରୀମାନଙ୍କ ପାଇଁ ଏକ ଡାଟାବେସ୍ ପ୍ରସ୍ତୁତ କରିବାକୁ ଯାଉଥିବା ଜଣାପଡୁଛି, ଯାହା ସେମାନଙ୍କ ପୃଷ୍ଠଭୂମି, ଆଗ୍ରହ ଏବଂ ପ୍ରଶିକ୍ଷଣ ବିବରଣୀ ସହ ଅନ୍ୟ ବିଷୟ ସମ୍ପର୍କିତ ତଥ୍ୟକୁ ସୁରକ୍ଷିତ ରଖିବ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରରେ ଖାଲି ରହିଥିବା ବିଭିନ୍ନ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ଅଧିକାରୀଙ୍କ ତାଲିକା ପ୍ରସ୍ତୁତ କରିବାରେ ଏହା ମଧ୍ୟ ସାହାଯ୍ୟ କରିବ। ଏଣୁ ଆଗକୁ ନିଯୁକ୍ତି ଏହି ଏଆଇ ପଦ୍ଧତି ଆଧାରରେ ଚାଲୁ ରହିପାରେ ବୋଲି କୁହାଯାଉଛି। ଉକ୍ତ ପଦ୍ଧତି ଇଣ୍ଟିଗ୍ରେଟେଡ ଗଭର୍ନମେଣ୍ଟ ଅନ୍‌ଲାଇନ ଟ୍ରେନିଂ (ଆଇଜିଓଟି) ଉପରେ ଆଧାରିତ ହୋଇଥିବା ସ୍ପଷ୍ଟ ଜଣାପଡୁଛି। ଏହା ଅଧିକାରୀମାନଙ୍କୁ ସେମାନଙ୍କ କ୍ୟାରିୟର କୈନ୍ଦ୍ରିକ ତଥା ରୁଚି ଆଧାରିତ ଅନ୍‌ଲାଇନ ପ୍ରଶିକ୍ଷଣ ପ୍ରଦାନ କରିବାରେ ଉପଯୋଗ କରାଯିବ। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ(ଡିଓପିଟି) ଦ୍ୱାରା ବିକାଶ କରାଯାଇଥିବା ଏହି ପଦ୍ଧତି ଏବେ ବାବୁମାନଙ୍କୁ ସେମାନଙ୍କ ଜ୍ଞାନ ବୃଦ୍ଧି କରିବା ସହ ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଦୃଢ ପ୍ରୋତ୍ସାହନ ଯୋଗାଇଦେବ। କାରଣ ବାବୁମାନଙ୍କର ଆଗାମୀ ନିଯୁକ୍ତି ସେମାନଙ୍କର ପ୍ରଶିକ୍ଷଣ ଇତିହାସ ଉପରେ ନିର୍ଭର କରିବ। ବାହାରୁ ବିଶେଷଜ୍ଞମାନଙ୍କୁ ଆଣି ନିଯୁକ୍ତି ଦେବା(ଲାଟେରାଲ ଏଣ୍ଟ୍ରି)ସହ ଏହି ପଦକ୍ଷେପ ମାଧ୍ୟମରେ ଶାସନ ଓ ନୀତି ନିର୍ଦ୍ଧାରଣରେ ଉନ୍ନତି ଆଣିବା ଲାଗି ମୋଦି ସରକାର ଆଶାବାଦୀ ଅଛନ୍ତି।

### ହ୍ୱିସିଲ୍‌ବ୍ଲୋୟରଙ୍କୁ ବାଧା

ବ୍ୟବସ୍ଥା ବିରୋଧରେ ଅବିଶ୍ରାନ୍ତ ଲଢ଼େଇ କରିବାରେ ଭାରତୀୟ ବନ ସେବା ଅଧିକାରୀ ସଞ୍ଜୀବ ଚତୁର୍ବେଦୀ ବେଶ୍ ଜଣାଶୁଣା। କୌଣସି ରାଜ୍ୟ ସରକାର ଓ ଅନୁଷ୍ଠାନ ପାଇଁ ସେ ଏକ କଣ୍ଟା(କିମ୍ବା ହ୍ୱିସିଲ୍‌ବ୍ଲୋୟର) ହୋଇ ରହିଆସିଛନ୍ତି। ହରିୟାଣା ସରକାର ଏବଂ ଅଲ୍ ଇଣ୍ଡିଆ ଇନଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ(ଏଆଇଆଇଏମ୍‌ଏସ୍) ଅଧିକାରୀମାନଙ୍କ ସହ ତାଙ୍କର ଲଢେଇ ତାଙ୍କୁ ଖବର ଶୀର୍ଷକରେ ସ୍ଥାନ ଦେଇଛି। ଅଧିକାରୀମାନଙ୍କ ଉପରେ ସବୁଦିଗରୁ ନଜର ରଖାଯାଇ ସେମାନଙ୍କ କାର୍ଯ୍ୟକଳାପ ଉପରେ ବିବରଣୀ ସଂଗ୍ରହ କରାଯିବା ପଦ୍ଧତି ଏବଂ ଲାଟେରାଲ ନିଯୁକ୍ତିକୁ ବିରୋଧ କରି ୨୦୦୨ ବ୍ୟାଚ୍‌ର ଉତ୍ତରାଖଣ୍ଡର କ୍ୟାଡର ଅଧିକାରୀ ଚତୁର୍ବେଦୀ ସେଣ୍ଟ୍ରାଲ ଆଡ୍‌ମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ(ସିଏଟି)ର ନୈନିତାଲ ବେଞ୍ଚରେ ଚ୍ୟାଲେଞ୍ଜ କରିଛନ୍ତି। ଚତୁର୍ବେଦୀଙ୍କ ପିଟିଶନ ଶୁଣାଣିରୁ ଜଣେ ଜଜ୍ ନିଜକୁ ଦୂରେଇ ରଖିଛନ୍ତି। ପୂର୍ବରୁ ଜଜ୍ ଜଣଙ୍କ ବିଭିନ୍ନ ମାମଲାରେ ଚତୁର୍ବେଦୀଙ୍କ ବିରୋଧରେ ଓକିଲ ଭାବେ ଲଢିଥିବା ବିଷୟ ପ୍ରକାଶ ପାଇଲା ପରେ ସେ ଏହା କରିଛନ୍ତି। କିନ୍ତୁ କୌତୂହଳର କଥା,ଜାନୁୟାରୀ ପ୍ରାରମ୍ଭରେ ସିଏଟି ଅଧ୍ୟକ୍ଷ ଏଲ. ନରସୀମା ରେଡ୍ଡୀ ମଧ୍ୟ ଶୁଣାଣି କରିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ଜଜ୍‌ମାନେ ଶୁଣାଣିକୁ ଏଭଳି ଅଗ୍ରାହ୍ୟ କରିବାରୁ ଜଣାପଡୁଛି ଯେ,ଚତୁର୍ବେଦୀଙ୍କ ପିଟିଶନକୁ ଆଉ ଏକ ବେଞ୍ଚ ଗ୍ରହଣ କରିବାକୁ ପଡ଼ିବ। ୨୦୧୯ରେ ମଧ୍ୟ ସିଏଟି ମୁଖ୍ୟ ଚତୁର୍ବେଦୀଙ୍କ ଆଉ ତିନିଟି ପିଟିଶନ ଉପରେ ଶୁଣାଣି କରିବାକୁ ଚାହିଁ ନ ଥିଲେ। ଦୁର୍ଭାଗ୍ୟଜନକ ଘଟଣାକ୍ରମ ଓ ଆଉ କିଛି କାରଣ ଦର୍ଶାଇ ସେ ଏହା କରିଥିଲେ। କିନ୍ତୁ ହ୍ୱିସିଲ୍‌ବ୍ଲୋୟର ଚତୁର୍ବେଦୀଙ୍କର ପୂର୍ବରୁ ସମ୍ପାଦିତ କାର୍ଯ୍ୟ ବିବରଣୀକୁ ଦେଖିଲେ ଏଭଳି ବିଳମ୍ବ ତାଙ୍କୁ ବାଧା ଦେବ। ସେ କାର୍ଯ୍ୟ ଜାରି ରଖିବାରେ ଅକ୍ଷମ ହେବାର ସମ୍ଭାବନା ମଧ୍ୟ ଦେଖାଦେଇଛି।

Email: dilipcherian@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | | 9 | | | | | 8 |
| | | 3 | | 7 | | | | |
| | | 6 | 8 | 4 | | 1 | | |
| | | | | | 4 | | 3 | 1 |
| | | 1 | | | | | | 9 |
| | | | 6 | | 8 | 4 | | |
| | | 2 | 3 | | | | 9 | |
| | 4 | | | | | 3 | | |
| | | | | | 5 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 1 | 7 | 8 | 9 | 5 | 3 | 2 |
| 7 | 8 | 2 | 6 | 5 | 3 | 1 | 9 | 4 |
| 3 | 9 | 5 | 2 | 4 | 1 | 6 | 8 | 7 |
| 9 | 3 | 4 | 5 | 6 | 7 | 2 | 1 | 8 |
| 2 | 7 | 6 | 1 | 9 | 8 | 3 | 4 | 5 |
| 5 | 1 | 8 | 3 | 2 | 4 | 9 | 7 | 6 |
| 4 | 2 | 7 | 9 | 3 | 6 | 8 | 5 | 1 |
| 8 | 6 | 9 | 4 | 1 | 5 | 7 | 2 | 3 |
| 1 | 5 | 3 | 8 | 7 | 2 | 4 | 6 | 9 |

ଗତକାଲିର ଉତ୍ତର

# ଚାଷର ଫାଶ



ତତ୍ତ୍ୱ ଓ ତର୍କ

ବିମଳ ପାଣ୍ଡିଆ

ଶନିବାର ସକାଳେ ସମ୍ବଲପୁର ସହରର ଗୋଲବଜାରରେ ବଢ଼ିଆ ଟମାଟୋକୁ କିଲୋ ଦଶ ଟଙ୍କାରେ ପାଇ ଖାଉଟି ହିସାବରେ ମୋତେ ଖୁସି ଲାଗୁଥିଲା ସତ ; କିନ୍ତୁ ଚାରିମାସ ଧରି ଅନେକ ଶ୍ରମ ଓ ବ୍ୟୟରେ କ୍ଷେତରେ ଫସଲ ଫଳାଇ ଭଲ ଦୁଇ ପଇସା ରୋଜଗାର କରିବ ବୋଲି ଆଶା ରଖିଥିବା ଚାଷୀ ବାପୁ ସ୍ୱପ୍ନ ଯେ ଧୂଳିସାତ ହୋଇସାରିଛି ତାହା ଅନୁମାନ କରିବା ମୋ ପକ୍ଷରେ ଆଦୌ କଷ୍ଟସାଧ୍ୟ ନ ଥିଲା। ମୁଁ ବି ଦିନେ ଜଣେ ଚାଷୀ ଥିଲି ଓ ଏହିଭଳି ସ୍ଥିତିରେ ନିଜକୁ ଅନେକ ଥର ହଜାଇଛି। ଦଶଟଙ୍କାରେ ସହରର ଖାଉଟିଙ୍କୁ ମିଳୁଥିବା ଟମାଟୋ ଭଳି ଏକ କ୍ଷୟଶୀଳ ପରିବାକୁ ଚାଷୀ ଯେ ଗୋଡ଼ିମାଟି ଦରରେ ମଧ୍ୟସ୍ଥ ବେପାରୀକୁ ବିକିଥିବ ତାହା ମୋତେ ଜଳଜଳ ଦିଶୁଥିଲା। ଦେଶର ଅନ୍ୟ ସହରରେ ଏହାର ସ୍ଥିତି ପରଖିବା ପାଇଁ ମୁଁ 'ରିଲାଏନ୍ସ ଜିଓ ମାର୍ଟ'ରେ ଖୋଜିଲି। ବେଙ୍ଗାଲୁରୁରେ କିଲୋ ୯ ଟଙ୍କା, କୋଲକାତାରେ ୧୦ ଟଙ୍କା, ଚେନ୍ନାଇରେ ୧୩ ଟଙ୍କା ଓ ମୁମ୍ବାଇରେ ୧୯ ଟଙ୍କାରେ ଖାଉଟିଙ୍କୁ ବିକ୍ରି ହେଉଥିଲା। ଦିଲ୍ଲୀରେ ଟମାଟୋ ଦର ଟିକିଏ ବେଶି ଥିଲା କିନ୍ତୁ ବନ୍ଧାକୋବି କିଲୋ ସାତ ଟଙ୍କାରେ ମିଳୁଥିଲା। ସେହି ଦରରେ ଖାଉଟି ତାଙ୍କ ଘରେ ପରିବା ପାଇବେ। ଗତ ସପ୍ତାହରେ ମୁଁ କୋରାପୁଟରେ ଥିଲି। କୁନ୍ଦୁଲିର ହାଟ ବି ବୁଲିଥିଲି। ମନଟା ଅତି ଖରାପ ହୋଇ ଯାଇଥିଲା। ତିନି ଚାରି କିଲୋର ବଡ଼ ବନ୍ଧାକୁ ୪–୫ ଟଙ୍କାରେ, ପ୍ରାୟ ୧୦–୧୫ କିଲୋର ଟମାଟୋ ଝୁଡ଼ି ୨୦–୨୫ ଟଙ୍କାରେ ବିକୁଥିଲେ ଗରିବ ଚାଷୀ। ଆଉ ଧୋବଧଉଳିଆ କ୍ରେତା ତହିଁରେ ବି ମୂଲଚାଲ କରିବାରେ ପଛାଉ ନ ଥିଲେ।

ତେବେ, ଏହା କେବଳ ଓଡ଼ିଶା କି ଭାରତର କଥା ନୁହଁ, ବିକଶିତ ରାଷ୍ଟ୍ରରେ ବି ଚାଷୀଙ୍କ ଅବସ୍ଥା ଭଲ ନାହିଁ। ଆମେରିକାର ଜନସଂଖ୍ୟାର ମାତ୍ର ୧.୩% ହିଁ କୃଷି କାର୍ଯ୍ୟରେ ନିୟୋଜିତ ରହନ୍ତି। ସେଠି ଫାର୍ମଗୁଡ଼ିକର ଆକାର ଖୁବ୍ ବଡ, ଶହଶହ ହେକ୍ଟର ବ୍ୟାପ୍ତ। କିନ୍ତୁ ସେଠି ବି ଚାଷୀ ଲାଭ ପାଇବା ପାଇଁ ସରକାରୀ ରିହାତି ଉପରେ ପ୍ରାୟ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ। ଆମେରିକା ସରକାରଙ୍କ 'ଇକୋନୋମିକ ରିସର୍ଚ୍ଚ ସର୍ଭିସେସ' ବିଭାଗ ୨୦୨୦ ମସିହାରେ ଏକ ରିପୋର୍ଟ ଜାରି କରିଥିଲେ। ସେଥିରେ କୁହାଯାଇଥିଲା ଯେ ୨୦୨୦ରେ ଚାଷୀଙ୍କୁ ପ୍ରତ୍ୟକ୍ଷ ରିହାତିର ପରିମାଣ ୩୭.୨ ବିଲିୟନ ଡଲାର ବା ପ୍ରାୟ ୨.୭୫ ଲକ୍ଷ କୋଟି ଟଙ୍କା ଥିଲା ; ଯାହା ମୋଟ କୃଷି ଉତ୍ପାଦରୁ ଆମଦାନୀ ଲବ୍ଧ ଅର୍ଥର ଏକ–ତୃତୀୟାଂଶରୁ ମଧ୍ୟ ଅଧିକ। ଅନ୍ୟ ଭାବରେ କହିଲେ, ଚାଷୀର ପ୍ରତି ୧ଟଙ୍କା ଆମଦାନୀରେ ସରକାରୀ ରିହାତିର ପରିମାଣ ୩୬ ପଇସା ଥିଲା। ଖାଲି ଫସଲ ନୁହେଁ, ଦୁଗ୍ଧ ଚାଷୀ ବି କିଛି ଭଲରେ ନାହାନ୍ତି। ଭାରତରେ ଲିଟରେ ପାଣିକୁ ଲୋକେ ୨୦ ଟଙ୍କାରେ କିଣୁଥିବା ବେଳେ ଓଡ଼ିଶାରେ ଓମ୍‌ଫେଡ ଭଳି ସରକାରୀ ସଂସ୍ଥା ଚାଷୀଙ୍କଠୁ ପ୍ରାୟ ୨୬–୨୭ ଟଙ୍କା ଦରରେ ହିଁ ଗୋଟିଏ ଲିଟର ଦୁଧ କିଣିଥାଏ। ଖାଲି ଓଡ଼ିଶା ନୁହଁ, ନେଦରଲାଣ୍ଡର ଦୁଗ୍ଧ ଚାଷୀ ବି ଘୋର ସଙ୍କଟରେ ଅଛନ୍ତି। ନେଦରଲାଣ୍ଡ ଏକ ବଡ଼ ଦୁଗ୍ଧ ଉତ୍ପାଦନକାରୀ ରାଷ୍ଟ୍ର। ଗୋଟିଏ ହାରାହାରି ଫାର୍ମରେ ପ୍ରାୟ ୧୦୦ରୁ ଅଧିକ ଗାଈ ରହନ୍ତି। ସେଭଳି ଏକ ଫାର୍ମରେ ଗୋଟିଏ କିଲୋ ଦୁଗ୍ଧ ଉତ୍ପାଦନ ପାଇଁ ଚାଷୀକୁ ୪୭ ସେଣ୍ଟ ବା ପ୍ରାୟ ୪୦ ଟଙ୍କା ଖର୍ଚ୍ଚ କରିବାକୁ ହୁଏ। ତାଙ୍କ ସରକାର ଏଥିରେ ପ୍ରାୟ ୨ ଟଙ୍କାର ରିହାତି ଦିଅନ୍ତି। ତେଣୁ, ନେଦରଲାଣ୍ଡର ଜଣେ ଚାଷୀ ଗୋଟିଏ କିଲୋ ଦୁଗ୍ଧ ଉତ୍ପାଦନ କରିବା ପାଇଁ ପ୍ରାୟ ୩୮ ଟଙ୍କା ଖର୍ଚ୍ଚ କରିଥାଏ। କିନ୍ତୁ, ସେ ବିକିଥାଏ ମାତ୍ର ୩୬ ସେଣ୍ଟ ବା ପ୍ରାୟ ୩୧ ଟଙ୍କାରେ। ଦରକୁ ସ୍ଥିର ଓ ଲାଭପ୍ରଦ ରଖିବା ପାଇଁ ସେଠାରେ ଦୁଗ୍ଧ ଉତ୍ପାଦନ ଉପରେ ସରକାରଙ୍କ ତରଫରୁ କୋଟା ସ୍ଥିର କରାଯାଇଛି। ଚାଷୀ ମନ ଇଚ୍ଛା ଦୁଗ୍ଧ ଉତ୍ପାଦନ କରିପାରିବେ ନାହିଁ। ଅବଶ୍ୟ ସେହିସବୁ ଦେଶରେ ଗାଈ ମାଂସରୁ କିଛି ଖର୍ଚ୍ଚ ଭରଣା ହୁଏ।

କହିବା ବାହୁଲ୍ୟ ଯେ, ଅଧିକାଂଶ ଚାଷୀଙ୍କୁ ଲାଭ କିଛି ମିଳୁ ନାହିଁ। ଗଣ୍ଡାଏ ଯାହା ଭଲରେ ଖାଉଛନ୍ତି। ସେତିକି ବି ଅନେକଙ୍କୁ ମିଳୁ ନାହିଁ। ଅବଶ୍ୟ, କେତେକେ ଚାଷୀ କିଛି ସମୟ ପାଇଁ କୌଣସି ଫସଲରେ କିଛି ବର୍ଷ ଲାଗି ଲାଭ ପାଉଥିବେ। କିନ୍ତୁ, କ୍ରମାଗତ ଭାବରେ ଲାଭ ପାଇ ଚାଲିଥିବାର ଦୃଷ୍ଟାନ୍ତ ପ୍ରାୟ ନାହିଁ। ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ, ଲାଭ ପାଉଥିବାର ସେହିଭଳି ଉଦାହରଣ ମଧ୍ୟରୁ ଅନେକଙ୍କର ଅନ୍ୟ ସୂତ୍ରରୁ ଆମଦାନୀ ଥାଏ। ଚାଷ ତାଙ୍କ ପାଇଁ ଏକ ସଉକ ହୋଇଥାଏ ଓ ଚାଷରେ ସେମାନେ ପୁଞ୍ଜି ନିବେଶ କରିବାର କ୍ଷମତା ରଖିଥାନ୍ତି। ଏମିତି ସ୍ଥିତିରେ ଚାଷୀଟିଏର ମନରେ ଉଦ୍ୟୋଗୀ ଭାବନା ବା କୋଉଠୁ ଜନ୍ମିବ! ଅନେକ ସର୍ବେକ୍ଷଣ ଅତି ସ୍ପଷ୍ଟ ଭାବରେ କହିଛନ୍ତି ଯେ, ପାରମ୍ପରିକ ଚାଷୀ ପରିବାରର ଯୁବକ ମଧ୍ୟ ଚାଷରୁ ମୁହଁ ଫେରାଉଛି। ଫେରାଇବନି କାହିଁକି? ଖରା ବର୍ଷାରେ ଖଟିଖଟି ତାଙ୍କୁ କ'ଣ ବା ଲାଭ ମିଳିବ ଯେ!

ତେବେ ଓଡ଼ିଶାର ଚାଷୀ କେବଳ ଲାଭ ପାଇଁ ଚାଷରୁ ମୁହଁ ଫେରାଉ ନାହିଁ। ତାକୁ ତାହାର ଆତ୍ମସମ୍ମାନ ଚାଷ କରିବା ପାଇଁ ଦେଉ ନାହିଁ। ଦଶ ଏକର ଉତ୍ତମ ଜମିର ମାଲିକ ମଧ୍ୟ ଚତୁର୍ଥ ଶ୍ରେଣୀର କର୍ମଚାରୀଟିଏର ଦରମାକୁ କି ପାନ ଦୋକାନୀଟିଏର ଆମଦାନୀକୁ ସରି ହେଉ ନାହିଁ। ଉତ୍ପାଦନ ଅବଶ୍ୟ ବଢ଼ି ଚାଲିଛି କିନ୍ତୁ ଚାଷ ବୃତ୍ତିଗତ ପସନ୍ଦ ହୋଇ ରହି ନାହିଁ। ଲୋକେ ଖାଇବାକୁ ପାଉଛନ୍ତି କିନ୍ତୁ ଚାଷୀ ତଳିତଳାନ୍ତ ହୋଇ ଚାଲିଛି। ଏହା ଏକ ବିପଜ୍ଜନକ ସ୍ଥିତି।

ଭାରତରେ ଏହି ସଙ୍କଟର ଅନ୍ୟ ଦିଗ ରହିଛି। ଅଳ୍ପ କିଛି ଆଦିବାସୀ ବହୁଳ ଅଞ୍ଚଳ ଛାଡ଼ି ଦେଲେ, ଭାରତର ପ୍ରାୟ ଅବଶିଷ୍ଟ ଅଞ୍ଚଳରେ ଜମିର ମାଲିକାନାରେ ଘୋର ତାରତମ୍ୟ ରହିଛି। ଅଳ୍ପ କିଛି ପରିବାର ହାତରେ ଗାଁର ଅଧିକାଂଶ ଜମି ରହୁଛି। ଜମିର ମାଲିକ ନିଜେ ଚାଷ କରିବା ଏବେ ବିରଳ ହେଲାଣି। ଭାଗ ଚାଷୀ ହିଁ ଜମିକୁ ଚାଷ କରୁଛି। ମାଲିକକୁ ଭାଗ ଦେଲା ପରେ ଆଉ କେତେ ବା ଲାଭ ସେ ପାଉଥିବ ତାହା କଳନା କରିବା ଆଦୌ କଷ୍ଟ ନୁହେଁ। ଏଣେ, ସେ ନିଜେ ଜମିର ମାଲିକ ହୋଇ ନ ଥିବାରୁ, ଜମିର ମାନ ଓ ଉର୍ବରତା ବଜାୟ ରଖିବା ବା ଉନ୍ନତ କରିବା ପାଇଁ ତା' ପାଖରେ କିଛି ବି ପ୍ରୋତ୍ସାହନ ନାହିଁ। ଓଲଟି, କମ ସମୟରେ କେମିତି ଅଧିକ ଫସଲ ଫଳିବ ତାହା ଭାଗ ଚାଷୀର ମୁଖ୍ୟ ଉଦ୍ଦେଶ୍ୟ ହୋଇଯାଏ। ସେ ପ୍ରବଳ ସାର ଓ କୀଟନାଶକ ପ୍ରୟୋଗ କରେ, ଯାହା ଜମିର ଉର୍ବରତାକୁ ତୀବ୍ର ଭାବରେ କ୍ଷତିଗ୍ରସ୍ତ କରେ। ଏମିତି ରହିଲେ ଅଳ୍ପ କିଛି ବର୍ଷରେ ଜମି ଚାଷ ଅନୁପଯୋଗୀ ହେବାର ଆଶଙ୍କା ଖୁବ୍ ପ୍ରବଳ।

ଚାଷ ଏବେ ଉଭୟ ସ୍ୱଳ୍ପକାଳୀନ ତଥା ଦୀର୍ଘକାଳୀନ ସଙ୍କଟରେ ଭୟଙ୍କର ଭାବେ ତ୍ରସ୍ତ। ସବୁ କଥାକୁ ଚାହିଦା ଓ ଉପଲବ୍ଧିତାର ନିକିତିରେ ତଉଲୁଥିବା ଅର୍ଥନୀତିଜ୍ଞମାନେ ସେହି ପ୍ରବୃତ୍ତିର ଶିକାର ହୋଇ ଚାଷୀକୁ ହିଁ ପ୍ରାୟ ଦୋଷ ଦିଅନ୍ତି। କିନ୍ତୁ ଚାଷୀ ବାପୁଟେ କ'ଣ କରିବ? କେତେ ଜମିରେ କୋଉ ଚାଷ ହେଲେ ଚାହିଦା ଓ ଉପଲବ୍ଧିତା ମଧ୍ୟରେ ସମନ୍ୱୟ ରହିବ ତାହାର କିଛି ଯୋଜନା ତ ନାହିଁ, ସାମାନ୍ୟ ସୂଚନା ମଧ୍ୟ ଚାଷୀ ପାଖରେ ନାହିଁ। ବଜାରକୁ ଅଳ୍ପ କିଛି ପରିବା ଅଧିକ ଆସିଗଲେ ଦର ଢ଼ୋ ହୋଇ ଖସାଇ ଦେଉଛନ୍ତି ବେପାରୀ ଓ ଖାଉଟିମାନେ। ଚାଷୀ ହିଁ ଭୋଗୁଛି। ଆଳୁ ଟମାଟୋ ଆଦି କ୍ଷୟଶୀଳ ଫସଲ ସହ ଶସ୍ୟ ଜାତୀୟ ଫସଲର ମଧ୍ୟ ଅଭାବୀ ବିକ୍ରି ଦେହସୁହା ହୋଇଗଲାଣି। ଚାଷୀର ଆୟ ନିୟମିତ ଭାବରେ ମାପିବା ପାଇଁ ଚାଷୀ ଆୟ ଦୁଇଗୁଣା କରିବାର ସ୍ଲୋଗାନ ଧରିଥିବା ସରକାରଙ୍କ ପାଖରେ ଏବେ ବି ଆଗ୍ରହ ନାହିଁ। ୨୦୧୩ ମସିହାରେ ଜାତୀୟ ନମୁନା ସର୍ବେକ୍ଷଣ ସଂସ୍ଥା ଚାଷୀ ପରିବାରର ଆୟର ଏକ ସର୍ବେକ୍ଷଣ କରିଥିଲା। ତାହାକୁ ଏବେ ବି ବ୍ୟବହାର କରାଯାଉଛି। ଚାଷ ସହିତ ଜଡିତ ଦେଶର ଦୁଇ–ତୃତୀୟାଂଶ ପରିବାର ପ୍ରତି ସରକାରଙ୍କ ଦରଦ ଏଥିରୁ ବାରିନେବା କଥା। ଖାଲି ସରକାରଙ୍କୁ କାହିଁକି ଦୋଷ ଦେବା, ଦେଶର ଅଧିକାଂଶ ଲୋକ ହିଁ ଏହି ତୀବ୍ର ସମସ୍ୟା ପ୍ରତି ସମ୍ପୂର୍ଣ୍ଣ ବୀତସ୍ପୃହ ଅଛନ୍ତି। ଚାଷ ପ୍ରତି ଏହି ବିଦ୍ୱେଷ ଭାବ ଓ ବୀତସ୍ପୃହତାକୁ ଭାରତ ଭଳି ଏକ କୃଷି ନିର୍ଭରଶୀଳ ଦେଶ ସମ୍ଭାଳି ପାରିବ ତ?

# ଆଜିର ହୋମିଓପ୍ୟାଥି ଚିକିତ୍ସା

ଡା. ରାଜେନ୍ଦ୍ର କୁମାର ଦାଶ

ହୋମିଓପ୍ୟାଥି ଚିକିତ୍ସାର ସୃଷ୍ଟି ହୁଏ ୧୭୯୬ ମସିହାରେ ଡା. ସାମୁଏଲ୍ ହାନିମାନଙ୍କ ଦ୍ୱାରା। ଆଜି ହୋମିଓପ୍ୟାଥିର ଜନକ ମହାତ୍ମା ହାନିମାନଙ୍କ ୨୬୬ତମ ଜୟନ୍ତୀ। ଏହାକୁ ହୋମିଓପ୍ୟାଥି ଦିବସ ରୂପେ ପାଳନ କରାଯାଉଛି। ୧୭୫୫ ଏପ୍ରିଲ୍ ୧୦ରେ ଜର୍ମାନୀ ଦେଶର ସାକ୍ସୋନୀ ପ୍ରଦେଶର ମିଶେନ୍ ସହରରେ ପିତା ଗଟଫ୍ରେଡ୍ ହାନିମାନ ଓ ମାତା ଜୋହାନା କ୍ରିଷ୍ଟାନଙ୍କ ପରିବାରରେ ସେ ଜନ୍ମ ନେଇଥିଲେ। ୧୮୪୩ ଜୁଲାଇ ୨ରେ ସେ ଇହଲୀଳା ସମ୍ବରଣ କରିଥିଲେ। ୧୭୭୯ରେ ଭେଷଜ ବିଜ୍ଞାନରେ ଶିକ୍ଷା ସମାପ୍ତି ପରେ ସେ ରୋଗୀ ସେବାରେ ମନୋନିବେଶ କଲେ। ଡା. ହାନିମାନ ଜଣେ ତତ୍କାଳୀନ ପାରମ୍ପରିକ ଚିକିତ୍ସା ପଦ୍ଧତିରେ ଶିକ୍ଷାପ୍ରାପ୍ତ ଚିକିତ୍ସକ ଥିଲେ ମଧ୍ୟ ସେହି ଚିକିତ୍ସାର ଅସଫଳତା ଏବଂ କୁପ୍ରଭାବକୁ ନେଇ ସେ ସନ୍ତୁଷ୍ଟ ନ ଥିଲେ। ସେ ଥିଲେ ମାନବବାଦୀ, ସତ୍ୟନିଷ୍ଠ ତଥା ପ୍ରଗାଢ ଧୀସମ୍ପନ୍ନ ବ୍ୟକ୍ତିତ୍ୱ। ତାଙ୍କର ଅନେକ ଭାଷାରେ ପାରଦର୍ଶିତା ଥିଲା। ଏହି ଚିକିତ୍ସା ପ୍ରତି ରହିଥିବା ଭ୍ରାନ୍ତ ଧାରଣାଗୁଡ଼ିକ ବିଷୟରେ ଆଲୋଚନା କରି ଜାଣିବା ପ୍ରକୃତରେ ତଥ୍ୟ କ'ଣ?

–ହୋମିଓପ୍ୟାଥି ଔଷଧ ଡେରିରେ କାମ କରେ: ଏହା ସତ୍ୟ ନୁହେଁ। ଔଷଧଟି କେତେ ଶୀଘ୍ର କାମ କରିବ ବା କେତେଦିନ ପରେ ରୋଗୀକୁ ଆରୋଗ୍ୟ କରିପାରିବ, ଏହା ଅନେକ ଗୁଡ଼ିଏ ଅବସ୍ଥା ଉପରେ ନିର୍ଭର କରିଥାଏ, ଯଥା ରୋଗର ଅବଧି, ରୋଗର ଗୁଣ–ଧର୍ମ ଔଷଧ ଚୟନର ସଠିକତା ଇତ୍ୟାଦି। ସବୁ ଠିକ୍‌ଠାକ୍ ଥିଲେ, ହୋମିଓପ୍ୟାଥି ଔଷଧ ଅତିଶୀଘ୍ର କାମ କରିଥାଏ। ବିଭିନ୍ନ ପ୍ରକାରର ଯନ୍ତ୍ରଣା, କାଶ, ମୁଣ୍ଡବିନ୍ଧା, ତରଳ ଝାଡ଼ା ଓ ବାନ୍ତି, ଅର୍ଶଜନିତ ରକ୍ତ କ୍ଷରଣ ଇତ୍ୟାଦି ପରି ଅନେକ ରୋଗରେ ଏହା ଅତିଶୀଘ୍ର କାମ କରିଥାଏ।

–ହୋମିଓପ୍ୟାଥି ଚିକିତ୍ସାରେ ପ୍ରଥମେ ରୋଗ ବଢ଼ିଯାଇଥାଏ : ଏହା ମଧ୍ୟ ଏକ ଭ୍ରାନ୍ତ ଧାରଣା। ନିର୍ଦ୍ଦିଷ୍ଟ ରୋଗକୁ ବଢ଼ାଇଦେବା କୌଣସି ଚିକିତ୍ସା ପଦ୍ଧତିର ଲକ୍ଷ୍ୟ ହୋଇ ନ ପାରେ । ମାତ୍ର କେତେକ କ୍ଷେତ୍ରରେ ଚାଲୁ ରହିଥିବା ଅନ୍ୟ କିଛି ଔଷଧ ଯଥା ଷ୍ଟିରଏଡ୍, ଯନ୍ତ୍ରଣା ଉପଶମକାରୀ ଔଷଧ, ଅମ୍ଳପାକ ରୋଗ ପାଇଁ ନିୟମିତ ସେବନ କରୁଥିବା ଔଷଧ ଇତ୍ୟାଦିକୁ ବନ୍ଦ କରିଦେବା ପରେ ରୋଗର ମାତ୍ରା ବଢ଼ିଯାଉଥିବାରୁ ତାହାକୁ ହୋମିଓପ୍ୟାଥିଜନିତ କାରଣରୁ ବୋଲି ଭାବି ନେଇଥାନ୍ତି। କିଛି କ୍ଷେତ୍ରରେ ପୂର୍ବ ଚିକିତ୍ସା କାରଣରୁ ଚପିଯାଇଥିବା ରୋଗର ପୁନଃପ୍ରକାଶ ହୋଇପାରେ ; ଯାହା କି ବର୍ତ୍ତମାନର ହୋମିଓପ୍ୟାଥି ଔଷଧଜନିତ ନୁହେଁ। ଯଦି ବି କାହାର ସେପରି ଦେଖାଦିଏ, ତୁରନ୍ତ ଚିକିତ୍ସା କରୁଥିବା ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ।

–ହୋମିଓପ୍ୟାଥି ଚିକିତ୍ସା କେବଳ ପୁରାତନ ରୋଗ ପାଇଁ ଉଦ୍ଦିଷ୍ଟ : ଏହି ଚିକିତ୍ସା ପଦ୍ଧତିରେ ପୁରାତନ ରୋଗ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଥିଲେ ମଧ୍ୟ ନୂତନ ରୋଗ ନିମନ୍ତେ ଅନେକ ଉପାଦେୟ ଔଷଧର ସମ୍ଭାର ଭରି ରହିଛି। ନୂତନ ରୋଗର ଚିକିତ୍ସା, ଅପେକ୍ଷାକୃତ ଭାବରେ ପୁରାତନ ରୋଗ ଅପେକ୍ଷା ସହଜ ଓ ସରଳ। ଉଭୟ ନୂତନ ଓ ପୁରାତନ ରୋଗର ସଫଳ ଚିକିତ୍ସକଙ୍କର ଉଦ୍ଦେଶ୍ୟ ମଧ୍ୟ ନ ଥାଏ।

–ସବୁ ରୋଗୀଙ୍କୁ ଏକା ହୋମିଓପ୍ୟାଥି ଔଷଧ ଦିଆଯାଏ ବା ସବୁ ହୋମିଓପ୍ୟାଥି ଔଷଧ ଏକାପରି : ଏହି ଚିକିତ୍ସା ପଦ୍ଧତିରେ ପାଖାପାଖି ୩୦୦୦ ପ୍ରକାରର ଔଷଧ ରହିଛି। ସବୁ ଔଷଧ ଦେଖିବାକୁ ଏକା ପରି ହୋଇଥିଲେ ମଧ୍ୟ ବାସ୍ତବରେ ସେଗୁଡ଼ିକ ପୃଥକ ହିଁ ଅଟନ୍ତି। ତେଣୁ ସବୁ ଏକାପରି ଦିଶୁଥିବା ଔଷଧକୁ ସମାନ ଭାବିବା ଅନୁଚିତ।

–ଗୋଟିଏ ଔଷଧ ସବୁ ରୋଗରେ କାମକରେ : ଗୋଟିଏ ଔଷଧର ବିଭିନ୍ନ ପ୍ରକାରର ଲକ୍ଷଣ ଥିଲେ ମଧ୍ୟ ଏହା ସବୁ ରୋଗରେ ଉପଯୋଗୀ ହୋଇ ନ ଥାଏ। ନିର୍ଦ୍ଦିଷ୍ଟ ଔଷଧର ଏକାଧିକ ଉପଯୋଗିତା ଥାଇପାରେ, ମାତ୍ର ଏହାର ଅର୍ଥ ନୁହେଁ ଯେ, ସବୁ ରୋଗରେ ସେ ଔଷଧ କାମରେ ଆସିବ। ଗୋଟିଏ ଔଷଧ କେବେ ବି ସବୁ ରୋଗ ନିମନ୍ତେ ପ୍ରୟୋଗ କରାଯାଇ ନ ଥାଏ।

### ବିଶ୍ୱ ହୋମିଓପ୍ୟାଥି ଦିବସ ଉପଲକ୍ଷେ

–ହୋମିଓପ୍ୟାଥି ଏକ ବିଜ୍ଞାନସମ୍ମତ ଚିକିତ୍ସା ପଦ୍ଧତି ନୁହେଁ; ଏହା ଏକ ବିଜ୍ଞାନସମ୍ମତ ଚିକିତ୍ସା ପଦ୍ଧତି। କାରଣ ଏଥିରେ ବ୍ୟବହୃତ ଔଷଧଗୁଡ଼ିକ ସୁସ୍ଥ ମାନବ ପ୍ରମାଣିତ ବିନା ପ୍ରମାଣରେ କୌଣସି ଔଷଧ ବ୍ୟବହାର କରାଯାଇ ନ ଥାଏ। ଏହାର ଏକ ସ୍ୱତନ୍ତ୍ର ଔଷଧ ପ୍ରସ୍ତୁତି ପ୍ରଣାଳୀ ରହିଛି; ଯାହା କି ବୈଜ୍ଞାନିକ ମାନଦଣ୍ଡ ଆଧାରରେ ହିଁ ହୋଇଥାଏ। ଔଷଧ ପ୍ରସ୍ତୁତି ନିମନ୍ତେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଏକ ସଂହିତା ରହିଛି, ଯାହାର ଅନୁପାଳନରେ ହିଁ ଔଷଧ ପ୍ରସ୍ତୁତ କରାଯାଇଥାଏ।

–ଏହି ଚିକିତ୍ସାରେ ଗବେଷଣା ହେଉନାହିଁ : ଏହି ଚିକିତ୍ସା ପଦ୍ଧତିରେ ନିରନ୍ତର ଗବେଷଣା ଚାଲୁ ରହିଛି। ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନରେ କେନ୍ଦ୍ରୀୟ ହୋମିଓପ୍ୟାଥିକ ଗବେଷଣା ପରିଷଦ କାର୍ଯ୍ୟ କରୁଛି ଏବଂ ସମଗ୍ର ଭାରତ ବର୍ଷର ବିଭିନ୍ନ ପ୍ରାନ୍ତରରେ ଏହାର ଗବେଷଣାକେନ୍ଦ୍ରମାନ ରହିଛି। ଏହାଛଡ଼ା ବିଭିନ୍ନ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ମଧ୍ୟ ଗବେଷଣା ଚାଲୁ ରଖିଛନ୍ତି। ବିଦେଶରେ ମଧ୍ୟ ଗବେଷଣା କାର୍ଯ୍ୟକ୍ରମ ଚାଲୁ ରହିଛି।

–ହୋମିଓପ୍ୟାଥି ଔଷଧ ସେବନ ସମୟରେ ଅନେକ କିଛି ଖାଦ୍ୟ ଓ ପାନୀୟ ବାରଣ ଥାଏ : ଔଷଧ ସେବନ ସମୟରେ ନିର୍ଦ୍ଦିଷ୍ଟ କିଛି ଖାଦ୍ୟ ପଦାର୍ଥ ଯଥା– କଞ୍ଚା ପିଆଜ, କଞ୍ଚା ରସୁଣ, ହେଙ୍ଗୁ, କର୍ପୂର ଇତ୍ୟାଦି ବାରଣ କରାଯାଇଥାଏ। କାରଣ ଏଗୁଡ଼ିକ ତୀବ୍ର ଗନ୍ଧଯୁକ୍ତ ଖାଦ୍ୟ ହୋଇଥିବାରୁ ସୂକ୍ଷ୍ମମାତ୍ରାର ହୋମିଓପ୍ୟାଥି ଔଷଧ ଉପରେ ପ୍ରଭାବ ପକାଇଥାଏ। ଏହି ଔଷଧ ସେବନ ସମୟରେ ଆମିଷ ଖାଇବାରେ କିଛି ଅସୁବିଧା ନାହିଁ ଯଦି ରୋଗ ଦୃଷ୍ଟିରୁ ଏହାର ବାରଣ ନ ଥାଏ।

–ହୋମିଓପ୍ୟାଥି ଔଷଧ ସେବନ ସମୟରେ କିଛି ଔଷଧ ଖାଇ ହେବନି : ସେପରି କିଛି ଧରାବନ୍ଧା ନିୟମ ନାହିଁ। ମାତ୍ର ନିର୍ଦ୍ଦିଷ୍ଟ ରୋଗ ନିମନ୍ତେ ବିଭିନ୍ନ ଔଷଧ ଖାଇବା ଅନୁଚିତ । ନିର୍ଦ୍ଦିଷ୍ଟ କେତେକ ପ୍ରକାରର ହୋମିଓପ୍ୟାଥି ଔଷଧ ସେବନ ସମୟରେ ଅନ୍ୟ ଔଷଧ ଖାଇବା ବାରଣ, କାରଣ ତାହା ହୋମିଓ ଔଷଧର ସୁଫଳକୁ ନଷ୍ଟ କରିଦେବାର ଆଶଙ୍କା ରହିଥାଏ। ମାତ୍ର ମଧୁମେହ, ଉଚ୍ଚ ରକ୍ତଚାପ ରୋଗରେ ନିୟମିତ ଖାଉଥିବା ଏଲୋପ୍ୟାଥି ଔଷଧ ସହିତ ହୋମିଓ ଔଷଧ ନିର୍ଦ୍ୱନ୍ଦ୍ୱରେ ଖାଇପାରିବେ, ମାତ୍ର ସେପରି କିଛି ଔଷଧ ଖାଉଥିଲେ ଡାକ୍ତରଙ୍କୁ ଜଣାଇ ତାଙ୍କର ମତାମତ ନେବା ଉଚିତ।

–ହୋମିଓପ୍ୟାଥି ଚିକିତ୍ସାରେ ସମସ୍ତ ରୋଗର ମୂଳୋତ୍ପାଟନ ହୋଇଥାଏ: ରୋଗଟି ସମ୍ପୂର୍ଣ୍ଣ ମୂଳୋତ୍ପାଟନଯୋଗ୍ୟ ହୋଇଥିଲେ ହିଁ ଏହା ସମ୍ଭବ ହୋଇଥାଏ। ରୋଗଟି ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ହୋଇ ନ ଥିଲେ ବା ରୋଗର ଆରୋଗ୍ୟ ଅବସ୍ଥା ଅତିକ୍ରାନ୍ତ ହୋଇଯାଇଥିଲେ, ସମ୍ପୂର୍ଣ୍ଣ ଆରୋଗ୍ୟ ହେବା ସମ୍ଭବ ହୋଇ ନ ଥାଏ।

–ମଧୁମେହ ରୋଗୀ ହୋମିଓପାଥି ମିଠା ଗୁଳି ଔଷଧ ଖାଇପାରିବେନି : ହୋମିଓପ୍ୟାଥି ଔଷଧ ସାଧାରଣତଃ ଅତି ଅଳ୍ପ ସଂଖ୍ୟକ ଗୁଳିରେ ଖାଇବାକୁ ଦିଆଯାଇଥାଏ, ଯେଉଁଥିରେ କି ଶର୍କରାର ମାତ୍ରା ଅତ୍ୟନ୍ତ ନଗଣ୍ୟ। ରକ୍ତଶର୍କରାର ମାତ୍ରା ଉଦ୍‌ବେଗଜନକ ଭାବରେ ଅଧିକ ନ ଥିଲେ ଏହି ମିଠାଗୁଳି ଔଷଧ ନିର୍ଦ୍ଦିଷ୍ଟ ମାତ୍ରାରେ ଖାଇ ପାରିବେ।

ଏହି ଚିକିତ୍ସା ସମ୍ବନ୍ଧରେ କୌଣସି ଭ୍ରାନ୍ତ ଧାରଣାର ସମ୍ମୁଖୀନ ହେଲେ ତାହାକୁ ତତ୍‌କ୍ଷଣାତ ବିଶ୍ୱାସ ନ କରି ଶିକ୍ଷିତ ଓ ଦକ୍ଷ ହୋମିଓପ୍ୟାଥି ଚିକିତ୍ସକଙ୍କ ସହିତ ପରାମର୍ଶ କରି ଉପୁଜୁଥିବା ଆଶଙ୍କାର ସମାଧାନ କରି ପ୍ରକୃତ ତଥ୍ୟ ବିଷୟରେ ଅବଗତ ହେବାକୁ ଅନୁରୋଧ। ଉପଯୁକ୍ତ ଶିକ୍ଷାପ୍ରାପ୍ତ ହୋମିଓପ୍ୟାଥି ଚିକିତ୍ସକଙ୍କ ପରାମର୍ଶରେ ଔଷଧ ସେବନ କଲେ ନିଶ୍ଚିତ ଭାବରେ ଉପକୃତ ହେବେ।

ଅଧ୍ୟାପକ, ଡା. ଅଭିନ ଚନ୍ଦ୍ର ହୋମିଓପ୍ୟାଥିକ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍
ଖାରବେଳନଗର, ଭୁବନେଶ୍ୱର

## ଏଇ ଭାରତରେ

ଚାଷୀମାନେ କେମିତି କମ୍ ଖର୍ଚ୍ଚରେ ଅଧିକ ଲାଭ ପାଇପାରିବେ ସେ ବିଷୟରେ ଚିନ୍ତା କରୁଛନ୍ତି ୨୨ ବର୍ଷୀୟ ଯୁବକ ଜିତେନ୍ଦ୍ର ଅଟୋଦିୟା। ମଧ୍ୟପ୍ରଦେଶର ରତ୍‌ଲାମ ବାସିନ୍ଦା ଜିତେନ୍ଦ୍ର ଜୈବିକ ଖତ ପ୍ରସ୍ତୁତ କରୁଛନ୍ତି ଓ ଚାଷୀମାନଙ୍କୁ ୧ କେଜି ଖତକୁ ମାତ୍ର ୬ ଟଙ୍କାରେ ବିକୁଛନ୍ତି। ଅନ୍ୟପକ୍ଷରେ ଏହି ଖତ ବଜାରରେ କେଜି ପିଛା ୨୦୦ଟଙ୍କାରେ ବିକ୍ରି କରାଯାଉଛି। କହିବାକୁ ଗଲେ ବଜାର ମୂଲ୍ୟର ୩୩ଗୁଣ ଶସ୍ତାରେ ସେ ଚାଷୀମାନଙ୍କୁ ଖତ ଯୋଗାଇ ଦେଉଛନ୍ତି। ଏଥିରୁ ସେ ଖୁବ୍ କମ୍ ଲାଭ କରୁଛନ୍ତି ଓ ସେଥିରେ ପ୍ଲାଣ୍ଟ ଚଳାଉଛନ୍ତି। । ଜିତେନ୍ଦ୍ର କୃଷି ବିଜ୍ଞାନରେ ଡିଗ୍ରୀ ହାସଲ କରିଛନ୍ତି। ଜିଆଖତ ପ୍ରସ୍ତୁତ କରିବା କୌଶଳ ସମ୍ପର୍କରେ ସେ ନାବାର୍ଡରୁ ପ୍ରଶିକ୍ଷଣ ନେଇଛନ୍ତି। ୨୦୨୦ରେ ଜିତେନ୍ଦ୍ର ଜିଆଖତ ପ୍ଲାଣ୍ଟ ଆରମ୍ଭ କରିଥିଲେ ଓ ଆରମ୍ଭରୁ ତାଙ୍କୁ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା। ହେଲେ ସେ ତାହାକୁ ପାର କରି କୃଷକମାନଙ୍କୁ ଶସ୍ତାରେ ଖତ ଯୋଗାଇ ଦେଇଚାଲିଛନ୍ତି। ଗତ ବର୍ଷ ସେ ୫୦୦ କୁଇଣ୍ଟାଲ ଖତ ପ୍ରସ୍ତୁତ କରି ବିକ୍ରି କରିଛନ୍ତି। ଲାଭ ଅପେକ୍ଷା କୃଷକଙ୍କ ସ୍ୱାର୍ଥ ତାଙ୍କ ପାଇଁ ଅଧିକ ଗୁରୁତ୍ୱ ରଖେ ବୋଲି କହନ୍ତି ଜିତେନ୍ଦ୍ର।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୯୬

- ଅତି ମାରାତ୍ମକ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ବୋଝେଇ ଇରାନର ଏକ ଜାହାଜକୁ ବେଲଜିୟମର ଆଣ୍ଟୱର୍ପ ଉପକୂଳରେ ଅଟକ ରଖାଯାଇଛି।
- ଫିଲିପାଇନ୍ସ ଏବଂ ସିଙ୍ଗାପୁର ମଧ୍ୟରେ ପୁଣି ସ୍ୱାଭାବିକ ସମ୍ପର୍କ ସ୍ଥାପନ ପାଇଁ ଉଭୟ ପକ୍ଷ ରାଜି ହୋଇଛନ୍ତି।
- ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ କୁଞ୍ଜବିହାରୀ ପଣ୍ଡାଙ୍କ ୮୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ନୁହଇ ଧରମ ସେ ତ ଧରମର
ଚର୍ମ ଆବରଣ
ବାହ୍ୟ ପରିଧାନ ଏକ, ନାହିଁ ତା'ର
ଅପର କାରଣ।

–(ପ୍ରାଚୀନ ଓ ନବୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ନିଯୁକ୍ତି ଦିଆଯାଉ

ମହାଶୟ,

ବାରିପଦା ଟାଉନ ପ୍ଲାନିଂ ଅଫିସରେ ଦୀର୍ଘଦିନ ହେଲା କୌଣସି ଅଫିସର ନିୟମିତ ଅଫିସକୁ ଆସୁନାହାନ୍ତି। କଟକରେ ରହି ପ୍ଲାନ ପାସ୍ କରୁଛନ୍ତି ଓ ମାସିକିଆ ଦରମା ବିଲ୍ କରୁଛନ୍ତି। ସାଧାରଣ ଲୋକ ଅଫିସରେ କିଛି ଗୁହାରି କଲେ ଶୁଣିବାକୁ କେହି ନାହାନ୍ତି। କେତେକ କିରାଣି ଅମିନ ଅବସର ଗ୍ରହଣ କଲା ପରେ ଅଫିସରେ ଜଣେ ମାତ୍ର କିରାଣି ଏସବୁ କାର୍ଯ୍ୟ କରୁଛନ୍ତି । ପ୍ଲାନ୍ ପାସ୍ କରିବାକୁ ହେଲେ ଇନ୍‌କ୍ୱାରି କରିବାକୁ କେହି ନାହିଁ। ଅଫିସର ପରିସରଭୁକ୍ତ ଭଡ଼ା ଲାଗିଥିବା ଗୃହଗୁଡିକ ମରାମତି ଅଭାବରୁ ଭାଙ୍ଗିଯିବାକୁ ବସିଲାଣି। ଜଣେ ଜେଇ ଏବଂ ଜଣେ ଅମିନ ନିୟୋଜିତ ଥିଲେ, ସେମାନଙ୍କ ଅବସର ପରେ କେହି ନିଯୁକ୍ତି ପାଇ ନାହାନ୍ତି। ସେହିପରି ବାରିପଦା ଏକ ପୁରାତନ ସହର ଓ ଏକ ମ୍ୟୁନିସିପାଲିଟି। ଏଠାରେ ସ୍ଥାୟୀ ଏକ୍‌ଜିକ୍ୟୁଟିଭ ଅଫିସର ଗତ ୨ ବର୍ଷ ହେଲା ନିଯୁକ୍ତି ପାଇନାହାନ୍ତି। ବର୍ତ୍ତମାନ ସବ୍‌କଲେକ୍ଟର ମ୍ୟୁନିସିପାଲିଟି ଏକ୍‌ଜିକ୍ୟୁଟିଭ ଦାୟିତ୍ୱ ତୁଲାଉଛନ୍ତି, ମାତ୍ର ମ୍ୟୁନିସିପାଲିଟି ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ସେ ସମୟ ପାଉନାହାନ୍ତି। ତେଣୁ ଏକ ସ୍ଥାୟୀ ଏକ୍‌ଜିକ୍ୟୁଟିଭ ଅଫିସର ମ୍ୟୁନିସିପାଲିଟିରେ ନିଯୁକ୍ତି କରାଯାଉ।

–କୃପାସିନ୍ଧୁ ସିଂ, ବାରିପଦା, ମୟୂରଭଞ୍ଜ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଶନିବାର, ୧୦ ଏପ୍ରିଲ , ୨୦୨୧



# ସମଲେଇ ଯୋଜନା: ସମସ୍ତଙ୍କୁ କ୍ଷତିପୂରଣ

**ଥଇଥାନ, ପୁନର୍ବାସ ପ୍ୟାକେଜକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ**

- ମେ' ୧୫ ସୁଦ୍ଧା ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ
- ପୂଜାରୀଙ୍କ ପାଇଁ ଜମି ବଦଳରେ ଜମି, ଘର ନିମନ୍ତେ ସହାୟତା
- ବର୍ଷକ ପାଇଁ ୧୦ ହଜାର ଟଙ୍କା ଲେଖାଏ ଘରଭଡ଼ା
- ଉଠା ଦୋକାନୀଙ୍କ ପାଇଁ ଷ୍ଟ୍ରିଟ୍ ଭେଣ୍ଡିଂ ଯୋଜନା
- ବସ୍ତି ଲୋକଙ୍କୁ ୬୫୦ ବର୍ଗଫୁଟ ଜାଗା

ଭୁବନେଶ୍ୱର,୯।୪(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସମଲେଇ ବିକାଶ ଯୋଜନା ଅନ୍ତର୍ଗତ ଥଇଥାନ ଓ ପୁନର୍ବାସ ପ୍ୟାକେଜକୁ ଅନୁମୋଦନ କରିଛନ୍ତି। ଏଥିରେ ଉଭୟ ସରକାରୀ ଓ ବେସରକାରୀ ଜମିରେ ଘର ବା ଦୋକାନ କରିଥିବା ଲୋକଙ୍କ ପାଇଁ ସମ୍ପୂର୍ଣ୍ଣ ଥଇଥାନ ବ୍ୟବସ୍ଥା କରାଯାଇଛି। ପ୍ୟାକେଜକୁ ଅନୁମୋଦନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା' ସମଲେଶ୍ୱରୀଙ୍କ କ୍ଷେତ୍ରର ଉନ୍ନତି ପାଇଁ ସ୍ଥାନୀୟ ଜନସାଧାରଣ ଯେଉଁ ତ୍ୟାଗ କରିଛନ୍ତି ତାକୁ ଯୁଗ ଯୁଗ ଧରି ଆମର ଉତ୍ତରପିଢ଼ି ମନେରଖିବେ। ଏହା ସହିତ ପ୍ରକଳ୍ପକୁ ଆଗେଇ ନେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ସମ୍ବଲପୁରର ପ୍ରସିଦ୍ଧ ମା' ସମଲେଶ୍ୱରୀ ମନ୍ଦିର ତଥା ଏହାର ଆଖପାଖ ଅଞ୍ଚଳର ବିକାଶ ପାଇଁ ସମଲେଇ (ସମଲେଶ୍ୱରୀ ଟେମ୍ପଲ୍ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ ଇକୋନୋମିକ ଇନିସିଏଟିଭ) ଯୋଜନା କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନା ପାଇଁ ଜନସାଧାରଣଙ୍କଠାରୁ ମତାମତ ସଂଗ୍ରହ କରାଯାଇଥିଲା। ଏଥିରେ ଡିଜାଇନ, ପରିବହନ, ନଦୀ ସମ୍ମୁଖ ଭାଗର ଉନ୍ନତୀକରଣ ଓ ଅନ୍ୟାନ୍ୟ ବ୍ୟବସ୍ଥା ସହିତ ଆକର୍ଷଣୀୟ ଥଇଥାନ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଆସିଥିଲା। ଏହିସବୁ ପ୍ରସ୍ତାବକୁ ଦୃଷ୍ଟିରେ ରଖି ଥଇଥାନ ପୁନର୍ବାସ ପ୍ୟାକେଜ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମସ୍ତ କାର୍ଯ୍ୟ ପାଇଁ ଲୋକଙ୍କଠାରୁ ମତାମତ ସଂଗ୍ରହ ଜାରି ରହିଛି। ଆବଶ୍ୟକ ସ୍ଥଳେ ଲୋକଙ୍କ ମତାମତ ଅନୁଯାୟୀ ଏହାକୁ ଆହୁରି ଆକର୍ଷଣୀୟ କରାଯିବ। ସମ୍ପୂର୍ଣ୍ଣ ସମଲେଇ ଯୋଜନାକୁ ମେ' ୧୫ ସୁଦ୍ଧା ପ୍ରସ୍ତୁତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବେସରକାରୀ ଜାଗାରେ ଘର କରିଥିବା ଲୋକଙ୍କ ଜମିକୁ ସିଧା କିଣାଯାଇ ଅଧିଗ୍ରହଣ କରାଯିବ। ପୁନର୍ବାସ ଓ ଥଇଥାନ ଆଇନ-୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ମନ୍ଦିର ପୂଜାରୀମାନଙ୍କୁ ଜମି ବଦଳରେ ଜମି ପ୍ରଦାନର ସୁବିଧା ରହିବ। ଯଦି ପ୍ରଦାନ କରାଯାଉଥିବା ଜମିର ମୂଲ୍ୟ ପୂଜାରୀଙ୍କ ମୂଳ ଜମିର ବଜାର ଦରଠାରୁ କମ୍ ରୁହେ ତେବେ ପାର୍ଥକ୍ୟ ଅନୁଯାୟୀ କ୍ଷତିପୂରଣ ଟଙ୍କା ଆକାରରେ ପ୍ରଦାନ କରାଯିବ। ଏଥିସହିତ ପୂଜାରୀମାନଙ୍କୁ ୨୦ ଲକ୍ଷ ଟଙ୍କାର ପୁନର୍ବାସ ଭତ୍ତା କିମ୍ବା ତାଙ୍କ ଘରର ମୂଲ୍ୟ ଯାହା ଅଧିକ ଥିବ ତାହା ପ୍ରଦାନ କରାଯିବ। ପରିବହନ ଓ ଅନ୍ୟାନ୍ୟ ସୁବିଧା ପାଇଁ ୧ ଲକ୍ଷ ଟଙ୍କା ତୁରନ୍ତ ପ୍ରଦାନ କରାଯିବ। ପ୍ରତ୍ୟେକ ପରିବାରକୁ ୧୨ ମାସ ପାଇଁ ୧୦ ହଜାର ଟଙ୍କା ଲେଖାଏ ଘରଭଡ଼ା ଆକାରରେ ଦିଆଯିବ। ଯେଉଁ ପୂଜାରୀମାନଙ୍କର ଘର ନ ଥିବ ସେମାନଙ୍କ ପାଇଁ ଜିଲାପାଳଙ୍କ ସହ ଆଲୋଚନା ଜରିଆରେ ଉପଯୁକ୍ତ ପୁନର୍ବାସ ପ୍ୟାକେଜ ଦିଆଯିବ।

ସେହିପରି ପଟ୍ଟା ଥିବା ବେସରକାରୀ ଜାଗାର ଦୋକାନୀ ମାଲିକଙ୍କଠାରୁ ଜମିକୁ ସିଧା କିଣାଯିବ। କ୍ଷତିପୂରଣ ଆଇନ-୨୦୧୩ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ଦୋକାନକୁ ଅନ୍ୟ ଜାଗାରେ ଅବସ୍ଥାପିତ କରିବା ପାଇଁ ୧ ଲକ୍ଷ ଟଙ୍କାର ସହାୟତା ଦୁଇଟି ସମାନ କିସ୍ତିରେ ପ୍ରଦାନ କରାଯିବ। ଉଚ୍ଛେଦ ପ୍ରକ୍ରିୟା ଆରମ୍ଭରୁ ଗୋଟିଏ କିସ୍ତି ଏବଂ ସମ୍ପତ୍ତି ଅଧିଗ୍ରହଣ ପରେ ଆଉ ଏକ କିସ୍ତି ପ୍ରଦାନ କରାଯିବ। ସରକାରୀ ଜାଗାରେ ବସ୍ତିରେ ଥିବା ଅନଧିକୃତ ଛୋଟ ଛୋଟ କଚ୍ଚା କିମ୍ବା ଆଂଶିକ ପକ୍କାଘର ଥିବା ପରିବାରକୁ ଏକକାଳୀନ ୫୦ ହଜାର ଟଙ୍କା କିମ୍ବା ଘରର ମୂଲ୍ୟ ଯାହା ଅଧିକ ଥିବ ତାହା ଦିଆଯିବ। ଏଥିସହିତ ଲୋକଙ୍କ ପୁନର୍ବାସ ପାଇଁ ୬୫୦ ବର୍ଗଫୁଟ ଜାଗା ଯୋଗାଇ ଦିଆଯିବ। ବଡ଼ ବଡ଼ ପକ୍କାଘର ଥିବା ବସ୍ତିର ପରିବାରଗୁଡ଼ିକୁ ଘରର ମୂଲ୍ୟ ଏବଂ ୬୫୦ ବର୍ଗ ଫୁଟର ଜାଗା ଦିଆଯିବ। ସମ୍ବଲପୁର ମହାନଗର ନିଗମ ଦ୍ୱାରା ପରିବହନ, ୮ ଦିନ ପାଇଁ ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ସୁବିଧା ଯୋଗାଇ ଦିଆଯିବ।

ବସ୍ତି ବ୍ୟତୀତ ଅନ୍ୟ ଜାଗାରେ ଥିବା ବେସରକାରୀ ଅନଧିକୃତ ଘରର ପ୍ରତ୍ୟେକ ପରିବାର ପାଇଁ ଘରର ବଜାର ଦର ଅନୁଯାୟୀ କ୍ଷତିପୂରଣ ସହ ୨,୫୭,୪୬୫ ଟଙ୍କାର ପୁନର୍ବାସ ସହାୟତା ପ୍ରଦାନ କରାଯିବ। ଅନ୍ୟ ସ୍ଥାନକୁ ଯିବା ପାଇଁ ପରିବାର ପିଛା ଏକକାଳୀନ ୫୦ ହଜାର ଟଙ୍କାର ସହାୟତା ଦିଆଯିବ। ସରକାରୀ ଜାଗାରେ ଥିବା ଅନଧିକୃତ ଦୋକାନ ଘର ପାଇଁ ଆଂଶିକ ପକ୍କାଘର ଲାଗି ଏକକାଳୀନ ୩୦ ହଜାର ଓ ସମ୍ପୂର୍ଣ୍ଣ ପକ୍କାଘର ପାଇଁ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯିବ। ସରକାରୀ ଜାଗାରେ ଥିବା ଉଠାଦୋକାନୀମାନଙ୍କୁ ଦୁଇଟି କିସ୍ତିରେ ୩୦ ହଜାର ଟଙ୍କା ପ୍ରଦାନ କରାଯିବ। ସେମାନଙ୍କ ପାଇଁ ଏକ ଷ୍ଟ୍ରିଟ୍ ଭେଣ୍ଡିଂ ପ୍ଲାନ୍ କରାଯିବ। କ୍ଷତିଗ୍ରସ୍ତ ଦୋକାନ ପାଇଁ ଜାଗା ଦିଆଯିବ। ସରକାରୀ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସଂସ୍ଥାକୁ ସମ୍ବଲପୁର ଜିଲାପାଳ ଅନ୍ୟତ୍ର ସାମୟିକ ବ୍ୟବସ୍ଥା କରିବା ସହ ସେମାନଙ୍କୁ ସରକାରୀ ଜାଗାରେ ଅଫିସ ବିଲ୍ଡିଂ କରିବା ପାଇଁ ସ୍ଥାନ ଯୋଗାଇ ଦେବେ। ଭିକ୍ଷା ବୃତ୍ତି କରୁଥିବା ଲୋକଙ୍କ ପାଇଁ ଜିଲାପାଳଙ୍କ ଦ୍ୱାରା ଏକ ସମ୍ପୂର୍ଣ୍ଣ ଥଇଥାନ ଯୋଜନା କରାଯିବ। ଏହାକୁ ସମ୍ବଲପୁର ମହାନଗର ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଏଥିରେ ଧନ୍ଦାମୂଳକ ତାଲିମ, ଆର୍ଥିକ ସହାୟତା, ରାଶନ କାର୍ଡ, ସ୍ଥାନୀୟ ସମ୍ବଳର ଉପଯୋଗ, ଆଶ୍ରୟ ଘର ବ୍ୟବସ୍ଥା କରାଯିବ। ସରକାରୀ ଜମିରେ ଥିବା ଧାର୍ମିକ ଅନୁଷ୍ଠାନ ଓ କ୍ଲବ୍‌ଗୁଡ଼ିକୁ ଏକକାଳୀନ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବ। ଏହି ପ୍ୟାକେଜ ଘୋଷଣା ଆଲୋଚନାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଜଳଯୋଗାଣ ପ୍ରକଳ୍ପ ଅଚଳ



ବାଉଁଶୁଣୀ,୯।୪(ଡି.ଏନ.ଏ)

ବୌଦ୍ଧ ଜିଲାରେ ପ୍ରଚଣ୍ଡ ଖରା ହେଉଥିବା ବେଳେ ପାନୀୟ ଜଳସଙ୍କଟ ଦେଖା ଦେଇଛି। ଜିଲାର ଆଭ୍ୟନ୍ତରଣ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଉତ୍କଟ ହୋଇଛି। ବହୁ ସ୍ଥାନରେ ଜଳଯୋଗାଣ ପ୍ରକଳ୍ପ ଗୁଡିକ ଅଚଳ ହୋଇପଡିଛି। ବୌଦ୍ଧ ବ୍ଲକର ବାଉଁଶୁଣୀ ଟିକିରିପଡାର ୭ ଓ ୮ ନମ୍ବର ୱାର୍ଡକୁ ସୌରଶକ୍ତି ଦ୍ୱାରା ପାନୀୟ ଜଳ ଯୋଗାଣ କରାଯାଉଛି। କିନ୍ତୁ ଏହି ବହୁ ସମୟରେ ଏହା ଖରାପ ହୋଇ ଅଚଳ ହୋଇପଡୁଛି। ଏବେ ଏହି ପ୍ରକଳ୍ପ ଅଚଳ ଥିବାରୁ ୱାର୍ଡବାସୀ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ବାଉଁଶୁଣୀ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣବନ୍ଧୁ ପ୍ରଧାନଙ୍କୁ ପଚାରିବାରୁ ଲୋକମାନେ ଠିକ୍ ଭାବେ ବ୍ୟବହାର କରିବା ଜାଣୁ ନ ଥିବାରୁ ଜଳପ୍ରକଳ୍ପ ଏପରି ବାରମ୍ବାର ଅଚଳ ହେଉଥିବା ସେ ପ୍ରକାଶ କରଥିଲେ। ବାଉଁଶୁଣୀ ପଞ୍ଚାୟତ ଗଡଭିତର ଜଳଯୋଗାଣ ପ୍ରକଳ୍ପ ବନ୍ଦ ହୋଇପଡିଛି। ଏହାକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ପଦ ହରାଇଲେ ରାଇକଳା ସରପଞ୍ଚ

**କେନ୍ଦୁଝର,୯।୪(ସ୍ୱ.ପ୍ର/ଡି.ଏନ.ଏ.):** କେନ୍ଦୁଝର ସଦର ବ୍ଲକ ରାଇକଳା ପଞ୍ଚାୟତର ସରପଞ୍ଚ ଅନୀତା ନାଏକ ଅନାସ୍ଥା ଭୋଟରେ ପରାଜିତ ହେବା ପରେ ପଦ ହରାଇଛନ୍ତି। ପଞ୍ଚାୟତର ୧୨ ୱାର୍ଡ ସଭ୍ୟା ସଭ୍ୟ ତାଙ୍କ ବିରୋଧରେ ୨୦୧୯ ସେପ୍ଟେମ୍ବର ୨୪ରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଏସମ୍ପର୍କରେ କେନ୍ଦୁଝର ଉପଜିଲାପାଳଙ୍କୁ ସେମାନେ ଲିଖିତ ଭାବେ ଜଣାଇଥିଲେ। ଆବେଦନକୁ ଭିତ୍ତିକରି ଗତ ନଭେମ୍ବର ୧୩ରେ ଅନାସ୍ଥା ଭୋଟ ଗ୍ରହଣ କରାଯାଇଥିଲା। କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ରହିତାଦେଶ ଏବଂ କରୋନା କାରଣରୁ ଭୋଟ ଗଣତି ହୋଇ ପାରି ନ ଥିଲା। ଏନେଇ ଅନାସ୍ଥା ସପକ୍ଷବାଦୀମାନେ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିବାରୁ ନ୍ୟାୟାଳୟ ଭୋଟ ଗଣତି ପାଇଁ ଆଦେଶ ଦେଇଥିଲେ। ଶୁକ୍ରବାର ଗଣତି ପାଇଁ ଦିନଧାର୍ଯ୍ୟ ହୋଇଥିଲା। ପ୍ରିଜାଇଡିଂ ଅଫିସର ଭାବେ ସଦର ତହସିଲଦାର ଆଶିଷ କୁମାର ମହାପାତ୍ର, ମାଜିଷ୍ଟ୍ରେଟ ଭାବେ ବାଂଶପାଳ ତହସିଲଦାର ସପନ କୁମାର ସାହୁ, ଜିପିଇଓ ବିଦ୍ୟୁଭୂଷଣ ଜେନାଙ୍କ ଉପସ୍ଥିତିରେ ଭୋଟ ବାକ୍ସ ଖୋଲାଯାଇ ଗଣତି କରାଯାଇଥିଲା। ଗଣତିବେଳେ ଅନାସ୍ଥା ସପକ୍ଷରେ ୧୨ ଖଣ୍ଡ ଭୋଟ ପଡ଼ିଥିବା ଜଣାପଡିଥିବାବେଳେ ବିପକ୍ଷରେ ମାତ୍ର ୨ଟି ଭୋଟ ପଡ଼ିଥିବା ଜଣାପଡ଼ିଥିଲା। ତେବେ ନାଏବ ସରପଞ୍ଚ ଯୋଗେଶ୍ୱର ମହାନ୍ତ ସରପଞ୍ଚ ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି।

### ମାଛ ଜାଲରେ ପଡ଼ିଲା ବାଇକ୍



**ଭଦ୍ରକ ଅଫିସ, ୯।୪:** ମାଛ ଧରିବା ବେଳେ ଜାଲ ଉଠିଲାନି। ବଡ଼ ମାଛ ପଡ଼ିଥିବା ଭାବି ମତ୍ସ୍ୟଜୀବୀମାନେ ମିଶି ଜାଲ ଉଠାଇଲା ବେଳକୁ ସେଥିରେ ଏକ ବାଇକ୍ ପଡ଼ିଥିଲା। ଭଦ୍ରକ ଜିଲା ଧାମନଗର ବ୍ଲକ କାଞ୍ଜିଆପାଳ ଗ୍ରାମରେ ଶୁକ୍ରବାର ସକାଳେ ଏଭଳି ଘଟଣା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, କାଞ୍ଜିଆପାଳ ଗାଁର ଆମ୍ବନାଳ ନିକଟରେ ମତ୍ସ୍ୟଜୀବୀ ମାଛ ଧରୁଥିଲେ। ଜଣେ ମତ୍ସ୍ୟଜୀବୀଙ୍କ ଜାଲ ଭାରି ଲାଗିଥିଲା। ତାଙ୍କ ଜାଲରେ ବଡ଼ ମାଛ ପଡ଼ିଥିବା ଭାବି ସେ ସ୍ଥାନୀୟ ଯୁବକମାନଙ୍କୁ ଡାକିଥିଲେ। ଯୁବକମାନେ ପହଞ୍ଚି ଜାଲ ଟାଣିବାରୁ ସେଥିରେ ଏକ ବାଇକ୍ ଲାଗିଥିବା ଦେଖିଥିଲେ। କିନ୍ତୁ ବାଇକ୍‌ଟି କାହାର ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ। ହୁଏ ତ କୌଣସି ଅପରାଧ ପରେ କିମ୍ବା ଚୋରା ବାଇକ୍‌କୁ ଲୁଚାଇବା ପାଇଁ କେହି ଦୁର୍ବୃତ୍ତ ନଦୀକୁ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ତେବେ ଏ ସମ୍ପର୍କରେ ଖବର ପାଇ ଧାମନଗର ଥାନା ପୋଲିସ ଘଟଣାର ତଦନ୍ତ ଚଳାଇଛି।

### କର୍ମଚାରୀଙ୍କୁ ସମ୍ମାନିତ କଲା ଜିଲା ପ୍ରଶାସନ

ନୂଆପଡା ଅଫିସ,୯।୪ :ନୂଆପଡା ଜିଲା ସିନାପାଲି ବ୍ଲକରେ କାର୍ଯ୍ୟରତ ଥିବା ପଞ୍ଚାୟତ ପିଇଓ ଏବଂ ଜିଓ ଟେକିଙ୍ଗ କର୍ମଚାରୀଙ୍କୁ ଦକ୍ଷ୍ୟ କାର୍ଯ୍ୟ ପାଇଁ ଗୁରୁବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ନବୀନ ପଟେଲ ଔପଢୋକନ ଓ ପ୍ରସଂଶାପତ୍ର ଦେଇ ସମ୍ମାନିତ କରିଥିଲେ। ସିନାପାଲି ବ୍ଲକରେ କାର୍ଯ୍ୟରତ ସତ୍ୟ କୁମାର ମାଝି, ସଞ୍ଜୟ କୁମାର ପ୍ରଧାନ, ଆଶିସ କୁମାରଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ସିନାପାଲିରେ ଥିବା ଜିଓ ଟେକିଙ୍ଗମାନଙ୍କୁ ବେଗ, ଟୋପି ଓ ପାଣି ବୋତଲ ଦେଇ ସେମାନଙ୍କୁ ପ୍ରଶଂସିତ କରାଯାଇଛି। ଡିଆରଡିଏ ପିଡି ପଟେଲଙ୍କ ସମେତ ଜିଲା ଗ୍ରାମପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜଳ ଓ ପରିମଳ ବିଭାଗ କନୀଷ୍ଟ ଯନ୍ତ୍ରୀ, ବିଡିଓ ସଦାଶିବ ନାଏକ ଉପସ୍ଥିତ ରହି ପ୍ରଶଂସାପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ସିନାପାଲି ଅଞ୍ଚଳରେ ଥିବା ଆବାସ ଯୋଜନା, ପାନୀୟ ଜଳ ସମସ୍ୟା ତୁରନ୍ତ ପଦକ୍ଷେପ ନେଇ ସମାଧାନ କରିବା ପାଇଁ ସମସ୍ତ ପଞ୍ଚାୟତ ପିଇଓମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି କାର୍ଯ୍ୟ କରି ଦକ୍ଷତା ପ୍ରତିପାଦନ କରିବାକୁ ଆହ୍ୱାନ କରିଥିଲେ।

# ସପ୍ତାହରେ ୨ଦିନ ବେଳାଭୂମି ମନା

**ପ୍ରତି ବୁଧବାର ବନ୍ଦ ରହିବ ତାରାତାରିଣୀ ମନ୍ଦିର**

ଛତ୍ରପୁର,୯।୪(ଡି.ଏନ୍.ଏ.)

ଗଞ୍ଜାମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି କ୍ରମରେ ଜିଲାର ଦର୍ଶନୀୟ ସ୍ଥାନଗୁଡ଼ିକରେ ଭିଡ଼ କମାଇବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଏଣିକି ପ୍ରତ୍ୟେକ ଶନିବାର ଓ ରବିବାର ଗୋପାଳପୁର ଏବଂ ସୁନାପୁର ବେଳାଭୂମି ବନ୍ଦ ରହିବ। ପର୍ଯ୍ୟଟକଙ୍କୁ ପ୍ରବେଶ ଅନୁମତି ଦିଆଯିବନାହିଁ। ସେହିପରି ପ୍ରତି ସୋମବାର ବ୍ରହ୍ମପୁରସ୍ଥିତ ରାମଲିଙ୍ଗେଶ୍ୱର ପାର୍କ ଓ ତାମ୍ପରା ହ୍ରଦ ବନ୍ଦ ରଖାଯିବ। ଅନ୍ୟପକ୍ଷରେ ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀଙ୍କ ମନ୍ଦିରକୁ ପ୍ରତ୍ୟେକ ବୁଧବାର ଶ୍ରଦ୍ଧାଳୁଙ୍କ ନିମନ୍ତେ ବନ୍ଦ କରାଯାଇ ସାନିଟାଇଜ୍ କରାଯିବ। ଶୁକ୍ରବାର ଜିଲାପାଳ କୁଲାଙ୍ଗେ ଭିଡିଓ କନଫରେନ୍ସରେ ଏକ ବୈଠକ କରି ସମସ୍ତ ଅଧିକାରୀଙ୍କୁ ଏହା ଜଣାଇବା ସହ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି।

ଜିଲାରେ ସ୍ଥିତି ଦେଖି ପୂର୍ବପରି ଚାଲୁଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କ୍ଲଷ୍ଟରସ୍ତରୀୟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ପୁଣି ଖୋଲିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ସୀମାନ୍ତ ଗିରିସୋଲା, ଖଲ୍ଲିକୋଟ, ଭଞ୍ଜନଗରରେ ଥିବା ଚେକିଂ ପଏଣ୍ଟଗୁଡିକରେ ଆସନ୍ତା ୧୨ ତାରିଖରୁ କଡାକଡି ଯାଞ୍ଚ କରାଯିବ। ଟ୍ରେନ୍, ବସ୍, ବିମାନ, ବ୍ୟକ୍ତିଗତ ଯାନ କିମ୍ବା ସାମୁଦ୍ରିକ ପଥ ଦେଇ ବାହାର ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କର ତଥ୍ୟ ସ୍ୱତନ୍ତ୍ର ରେଜିଷ୍ଟ୍ରାରରେ ପଞ୍ଜୀକରଣ ହେବ। ସେମାନଙ୍କ ଆର୍‌ଟି-ପିସିଆର୍ ନେଗେଟିଭ ପ୍ରମାଣପତ୍ର କିମ୍ବା ଦୁଇ ଡୋଜ ଟିକା ନେଇଥିଲେ ପ୍ରମାଣପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ହୋଇଛି। ଦଣ୍ଡନାଚ, ଠାକୁରାଣୀ ଯାତ୍ରାରେ ଯେଭଳି ଗହଳି ନ ହେବ ସେଥିପ୍ରତି ନଜର ରଖିବାକୁ କୁହାଯାଇଛି।




କଟକ ରେଲୱେ ଷ୍ଟେଶନ ପ୍ଲାଟଫର୍ମରେ ଶୁକ୍ରବାର ଆର୍‌ପିଆଇ ପକ୍ଷରୁ କରୋନା ସଚେତନତା କାର୍ଯ୍ୟକ୍ରମ।

# ଉତ୍ତମ ମଡେଲ ହୋଇଛି 'ଇକୋ-ଟୁରିଜମ୍': ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୯।୪(ବ୍ୟୁରୋ)

ରାଜ୍ୟରେ ଇକୋ-ଟୁରିଜମ୍ ଅପୂର୍ବ ସଫଳତା ହାସଲ କରିଛି। ୨୦୧୬ରେ ବର୍ତ୍ତମାନର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ପ୍ରଚେଷ୍ଟାରେ ଆରମ୍ଭ କରାଯାଇଥିବା 'ସ୍ଥାନୀୟ ଲୋକଙ୍କ ସକ୍ରିୟ ଭାଗୀଦାରିତା' (କମ୍ୟୁନିଟି ମ୍ୟାନେଜମେଣ୍ଟ) ପରିଚାଳନା ବ୍ୟବସ୍ଥା ଏକ ଉତ୍ତମ ମଡେଲ ଭାବେ ପ୍ରମାଣିତ ହୋଇଛି। ଶୁକ୍ରବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକର ସମୀକ୍ଷାରୁ ଏହା ଜଣାପଡ଼ିଛି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ରାଜ୍ୟରେ ପ୍ରକୃତି ପର୍ଯ୍ୟଟନର ନୂଆ ଦିଗ ସମ୍ବନ୍ଧିତ ଆର୍ଥିକ ଓ ପ୍ରଶାସନିକ ବିଷୟ ଉପରେ ତଥ୍ୟ ଉପସ୍ଥାପନ କରିଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ହୋଇଥିବା ଅଗ୍ରଗତିର ସମୀକ୍ଷା କରି ରାଜ୍ୟର ବିଭିନ୍ନ ଜିଲାରେ ଉପଯୁକ୍ତ ସମ୍ଭାବନା ଥିବା ଅଧିକ ସ୍ଥାନ ପ୍ରକୃତ ପର୍ଯ୍ୟଟନ ନିମନ୍ତେ ଚିହ୍ନଟ କରିବାକୁ ମୁଖ୍ୟ ଶାସନ ସଚିବ ଜିଲାପାଳ, ବନଖଣ୍ଡ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ବିଭିନ୍ନ ନଦୀ ଅବବାହିକା ଏବଂ ବଡ଼ ବଡ଼ ଜଳାଶୟରେ ପାଖାପାଖି ୧୦୦ଟି ନୌକାବିହାର ଅଞ୍ଚଳ ଚିହ୍ନଟ ସହ ମିଳିତ କ୍ଷେତ୍ରସ୍ତରୀୟ ଅନୁଧ୍ୟାନ ମାଧ୍ୟମରେ ଜେଟି ନିର୍ମାଣ ଓ ନୌକାବିହାର ସ୍ଥାନ ନିର୍ଣ୍ଣୟ ପାଇଁ ଜଳ ସମ୍ପଦ ଓ ଜଙ୍ଗଲ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜଙ୍ଗଲ ସଫାରି ନିମନ୍ତେ ଅତି କମ୍‌ରେ ୧୫ଟି ନୂଆ ଟ୍ରାକ୍ ଚିହ୍ନଟ କରିବାକୁ ମଧ୍ୟ ନିର୍ଦ୍ଦେଶ ହୋଇଛି। ସମସ୍ତ ପର୍ଯ୍ୟଟନ କେନ୍ଦ୍ରକୁ ସ୍ଥାନୀୟ ବନ ସଂରକ୍ଷଣ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମ ସମୁଦାୟ ମାଧ୍ୟମରେ ପରିଚାଳନା କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।



ସୁରେଶ ଚନ୍ଦ୍ର ମହାପାତ୍ର

ଏହି ଅବସରରେ ମୋନା ଶର୍ମା କହିଛନ୍ତି, ସମଗ୍ର ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ ଇକୋ-ଟୁରିଜମ୍ କମ୍ୟୁନିଟି ମ୍ୟାନେଜମେଣ୍ଟ ମଡେଲକୁ ସଫଳତାର ସହ ପ୍ରୟୋଗ କରିଛି। ପ୍ରଧାନ ବନ୍ୟଜନ୍ତୁ ବନ ସଂରକ୍ଷକ ଶଶୀ ପଲ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲାରେ ୪୭ଟି ଇକୋ-ଟୁରିଜମ୍ ସ୍ଥାନ କରାଯାଇଛି। ମୟୂରଭଞ୍ଜ, ସୁନ୍ଦରଗଡ଼, ମାଲକାନଗିରି, କନ୍ଧମାଳ, ବରଗଡ଼, ନୟାଗଡ଼ ଆଦି ୧୮ ଜିଲାରେ ଏହିସବୁ ପର୍ଯ୍ୟଟନ ସ୍ଥାନ ବେଶ୍ ଲୋକପ୍ରିୟ ହୋଇଛି। ଏସବୁ ସ୍ଥାନରେ ରାତ୍ରିରହଣି ନିମନ୍ତେ ୩୩୩ଟି କଟେଜ୍ କାର୍ଯ୍ୟ କରୁଛି। ଏକ ସମୟରେ ଏହିସବୁ କଟେଜରେ ୭୦୫ ଲୋକ ରହିପାରିବେ। କୋଭିଡ୍-୧୯ ଦ୍ୱାରା ସୃଷ୍ଟି ହୋଇଥିବା ବହୁ ଅସୁବିଧା ସତ୍ତ୍ୱେ ୨୦୨୦-୨୧ର ୫ମାସରେ ପର୍ଯ୍ୟଟକଙ୍କ ସଂଖ୍ୟା ୫୭,୦୦୦କୁ ବୃଦ୍ଧିପାଇଛ। ଅନୁରୂପ ଭାବେ ଏହି ସମୟ ମଧ୍ୟରେ ଇକୋ-ଟୁରିଜମ୍‌ରୁ ସଂଗ୍ରହ ହୋଇଥିବା ରାଜସ୍ୱ ମଧ୍ୟ ୧.୫୭ କୋଟିରୁ ୮.୩୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

# ବିଧବାଙ୍କୁ ଗଣବଳାତ୍କାର କରି ଫିଙ୍ଗିଦେଲେ

**ଜଣେ ଗିରଫ, ୩ ଫେରାର**

ବାଲେଶ୍ୱର ଅଫିସ, ୯।୪

ବାଲେଶ୍ୱର ଜିଲା ମେରାଇନ ଥାନା ଅଧୀନ ନାଉପାଳଗଡ଼ି ଅଞ୍ଚଳର ଏକ ଚିଙ୍ଗୁଡ଼ି ପ୍ରୋସେସିଂ ଫାର୍ମରେ କାର୍ଯ୍ୟ କରୁଥିବା ଜଣେ ୪୦ ବର୍ଷୀୟା ବିଧବା ଗୁରୁବାର ରାତିରେ ଗଣବଳାତ୍କାରର ଶିକାର ହୋଇଛନ୍ତି। ୪ଜଣ ଦୁର୍ବୃତ୍ତ ତାଙ୍କୁ ସମୁଦ୍ର କୂଳକୁ ଉଠାଇନେଇ ଏଭଳି ଅମାନୁଷିକ କାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୂର୍ବାହ୍ନରେ ମେରାଇନ ଥାନାଧିକାରୀ ମହିଳାଙ୍କୁ ଉଦ୍ଧାର କରି ମୁମୂର୍ଷ ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଗୁରୁତର ରହିଛି।

ପୀଡିତା ମହିଳାଙ୍କ ଘର ମୟୂରଭଞ୍ଜ ଜିଲା ଚିତ୍ରଡା ଅଞ୍ଚଳର। ତାଙ୍କର ପରିବାରରେ କେହି ନ ଥିବା ବେଳେ ସେ ନାଉପାଳଗଡିରେ ଏକ ଚିଙ୍ଗୁଡି ଫାର୍ମରେ କାମ କରି ପେଟ ପୋଷୁଥିଲେ। ଗୁରୁବାର ରାତି ପ୍ରାୟ ୭ଟା ବେଳେ ୪ଜଣ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ପୀଡ଼ିତାଙ୍କ ଦେହସାରା କ୍ଷତବିକ୍ଷତ ଚିହ୍ନ ଥିବା ଦେଖିବାକୁ ମିଳିଛି। ସମସ୍ତ ବଳାତ୍କାରକାରୀଙ୍କୁ ପୀଡିତା ଜାଣିଥିବା ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୪/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ସ୍ଥାନୀୟ ଅଞ୍ଚଳର ଶଙ୍କର ମୁର୍ମୁ (୪୩)ଙ୍କୁ ଗିରଫ କରାଯାଇଛି। ଅନ୍ୟ ୩ଜଣଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ମେରାଇନ ଥାନା ଅଧିକାରୀ ଗୋପାଳ ସିଂ ପ୍ରକାଶ କରିଛନ୍ତି।

# 'ଓଡ଼ିଶା ଇତିହାସ'ର ହିନ୍ଦୀ ସଂସ୍କରଣ ଉନ୍ମୋଚିତ

**ହରେକୃଷ୍ଣ ମହତାବଙ୍କ ଅବଦାନର ସ୍ମୃତିଚାରଣ କଲେ ପ୍ରଧାନମନ୍ତ୍ରୀ**

ନୂଆଦିଲ୍ଲୀ/କଟକ ଅଫିସ, ୯।୪

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଲିଖିତ 'ଓଡ଼ିଶାର ଇତିହାସ'ର ହିନ୍ଦୀ ଅନୁବାଦ ପୁସ୍ତକକୁ ଜନପଥସ୍ଥିତ ଆମ୍ବେଡକର ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଶୁକ୍ରବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉନ୍ମୋଚନ କରିଛନ୍ତି। ଓଡ଼ିଆ ଏବଂ ଇଂରାଜିରେ ଉପଲବ୍ଧ ଏହି ପୁସ୍ତକକୁ ଶଙ୍କରଲାଲ ପୁରୋହିତ ହିନ୍ଦୀରେ ଅନୁବାଦ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଏମ୍‌ପି ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ହରେକୃଷ୍ଣ ମହତାବଙ୍କ ଅବଦାନର ସ୍ମୃତିଚାରଣ କରିଛନ୍ତି। ସେ କହିଛନ୍ତି, ପ୍ରାୟ ଦେଢ଼ବର୍ଷ ତଳେ ଦେଶ ମହତାବଙ୍କ ୧୨୦ତମ ଜନ୍ମବାର୍ଷିକୀ ପାଳନ କରିଥିଲା। ଓଡ଼ିଶାର ବିବିଧ ଏବଂ ବିସ୍ତୃତ



ଉତ୍ସବରେ ଉପସ୍ଥିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଏମ୍‌ପି ଭର୍ତ୍ତୃହରି ମହତାବ।

ଇତିହାସ ଦେଶବାସୀଙ୍କ ନିକଟରେ ପହଞ୍ଚିବା ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା ଏବଂ ଗଣତନ୍ତ୍ରକୁ ବଞ୍ଚାଇବା ଲାଗି ମହତାବ ଜେଲ ଯାଇଥିଲେ। ଓଡ଼ିଶାକୁ ଜାତୀୟ ସ୍ତର ପର୍ଯ୍ୟନ୍ତ ନେବାରେ ସେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୋଦି ପୁଣି କହିଛନ୍ତି, ଓଡ଼ିଶାର ଇତିହାସ ସମଗ୍ର ଭାରତବର୍ଷର ଇତିହାସ ଶକ୍ତିର ପ୍ରତିନିଧିତ୍ୱ କରେ। ଇତିହାସରେ ପ୍ରଦର୍ଶିତ ଶକ୍ତି ଆମର ବର୍ତ୍ତମାନ ଏବଂ ଭବିଷ୍ୟତ ସମ୍ଭାବନା ସହ ସଂଶ୍ଳିଷ୍ଟ। ଏହା ଆମ ପାଇଁ ପଥ ପ୍ରଦର୍ଶକ ଭାବେ କାର୍ଯ୍ୟ କରିଥାଏ। କାର୍ଯ୍ୟକ୍ରମ ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶାର ବରପୁତ୍ରମାନଙ୍କର ଅବଦାନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ବିକାଶ ଲାଗି କେନ୍ଦ୍ର ସରକାର ଗ୍ରହଣ କରୁଥିବା ବିଭିନ୍ନ ପଦକ୍ଷେପ ଉପରେ ମଧ୍ୟ ସେ ସୂଚନା ଦେଇଥିଲେ। ଓଡ଼ିଶାର ଇତିହାସ ଏବଂ ଏହାର ଉତ୍କର୍ଷକୁ ବିଶ୍ୱର ଚାରିଆଡ଼େ ପହଞ୍ଚାଇବା ଲାଗି ମୋଦି ଆହ୍ୱାନ ଜଣାଇଛନ୍ତି। ସେହିଭଳି ଉକ୍ତ କାର୍ଯ୍ୟକ୍ରମକୁ କଟକସ୍ଥିତ ମହତାବ ଫାଉଣ୍ଡେଶନ ପକ୍ଷରୁ ପ୍ରଜାତନ୍ତ୍ର ବିଷୁବ ମଣ୍ଡପଠାରେ ସିଧା ପ୍ରସାରଣ କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ମହତାବ ସ୍ୱାଧୀନତା ସଂଗ୍ରାମ ପାଇଁ ୧୯୪୨-୪୬ ମଧ୍ୟରେ ଅହମ୍ମଦନଗର ଦୁର୍ଗ ଜେଲରେ ଥିବା ବେଳେ ଓଡ଼ିଆ ଏବଂ ଇଂରାଜି ଭାଷାରେ ଓଡ଼ିଶାର ଇତିହାସ ପୁସ୍ତକଟିକୁ ରଚନା କରିଥିଲେ।

# କୃଷି ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣରେ ଅବହେଳାକୁ ପ୍ରଶ୍ରୟ ଦିଆଯିବନି: ମନ୍ତ୍ରୀ

ଭୁବନେଶ୍ୱର, ୯।୪(ବ୍ୟୁରୋ)

ଉଦ୍ୟାନ କୃଷି ନିମନ୍ତେ ବିଭିନ୍ନ ଯୋଜନାରେ ବରାଦ ଅର୍ଥକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରି ଏହାର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ପଡ଼ିବ। କୃଷକଙ୍କ ଆୟ ଦ୍ୱିଗୁଣିତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ଥିବା ବେଳେ ଉଦ୍ୟାନ କୃଷି ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଦିଗରେ କୌଣସି ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି।

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନ୍ତର୍ଗତ ଜିଲାର ଜିଲାସ୍ତରୀୟ ଉଦ୍ୟାନ କୃଷି ଅଧିକାରୀଙ୍କ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ କହିଛନ୍ତି, ରାଜ୍ୟରେ ଉଦ୍ୟାନ କୃଷିର ବିକାଶର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାକୁ ପୂର୍ଣ୍ଣ ବିନିଯୋଗ ସହିତ ପ୍ରତି ବ୍ଲକ୍‌ର ସ୍ଥାନୀୟ ଉତ୍ପାଦକୁ ଦୃଷ୍ଟିରେ ରଖି 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ କୃଷି ଉଦ୍ୟୋଗ ପ୍ରତିଷ୍ଠା ଦିଗରେ ଅଧିକାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବାକୁ ହେବ। କୃଷକ ଉତ୍ପାଦକ ସଙ୍ଗଠନ ଏବଂ ସ୍ଥାନୀୟ କୃଷକଙ୍କ ସହିତ ଉପଯୁକ୍ତ ସମନ୍ୱୟ ରଖି ପନିପରିବାର ସଂରକ୍ଷଣ ସହିତ ଶୀତଳ ଭଣ୍ଡାରର ପୂର୍ଣ୍ଣ କ୍ଷମତା ଉପଯୋଗ କରିବା ପାଇଁ ମନ୍ତ୍ରୀ କହିଛନ୍ତି। ଉପକୂଳ ଜିଲାଗୁଡ଼ିକରେ ନଡ଼ିଆ ଚାଷର ବ୍ୟାପକ ସୁଯୋଗ ରହିଥିବାରୁ ଅଧିକରୁ ଅଧିକ ଚାଷୀ ନଡ଼ିଆ ଚାଷ ନିମନ୍ତେ ମନୋନିବେଶ କରିବା ଏବଂ ଅଧିକ ଉତ୍ପାଦନ ନିମନ୍ତେ ହାଇବ୍ରିଡ୍ ପନିପରିବା ଚାଷ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଚଳିତ ବର୍ଷ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ଓ ଉନ୍ନତ କୃଷି ସାମଗ୍ରୀ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦେବା ସହ ଏଥିରେ ଖିଲାପ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ବୈଠକ ପ୍ରାରମ୍ଭରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା ରାଜ୍ୟରେ କାର୍ଯ୍ୟକାରୀ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ।

## କୂଅରେ ପଡି ଯୁବକଙ୍କ ମୃତ୍ୟୁ

ରାଜଗାଙ୍ଗପୁର,(ଡି.ଏନ.ଏ): ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ୧୩ ନମ୍ବର ୱାର୍ଡ ବାରୁପଡା ନିବାସୀ ଜାସୁଆ ବାର୍ଲା (୨୬) ଗତ ବିଳମ୍ବିତ ରାତିରେ ନିଜର ଅସାବଧାନତା ଯୋଗୁ ସେହି ପଡାରେ ଥିବା ଏକ କୂଅରେ ପଡି ମୃତ୍ୟୁବରଣ କରିଛନ୍ତି। ଜାସୁଆ ନିଜ ପରିବାର ବର୍ଗଙ୍କ ସହ ଉକ୍ତ ୱାର୍ଡରେ ଏକ ଭଡା ଘରେ ରୁହନ୍ତି । ବହୁତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘର ଲୋକ ଓ ସାହିପଡୋଶୀ ଖୋଜିବାରେ ଲାଗିଥିଲେ। ଖୋଜୁ ଖୋଜୁ କୁଅ ଭିତରେ ଚପଲ ଭାସୁଥିବାର ଦେଖି ସନ୍ଦେହ କରି କିଛି ଲୋକ ରସି ମାଧମରେ କୂଅକୁ ଓହ୍ଲାଇ ଜାସୁଆଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ରକ୍ତଦାନ ଶିବିର, କ୍ଷେତରାଜପୁର ଭୋଜପୁର ଧର୍ମଶାଳା, ପୂର୍ବାହ୍ନ ୯ଟା ।
- ଭିମ୍ସାର ଏସ୍ଏସ୍ଜି ଛାତ୍ର ସଂଘ ଆୟୋଜିତ ରକ୍ତଦାନ ଶିବିର, ବୁର୍ଲା ରକ୍ତ ଭଣ୍ଡାର, ପୂର୍ବାହ୍ନ ସାଢ଼େ ୯ଟା ।

## ସଂକ୍ଷେପରେ

### ପୁରୁଣା, ନକଲି ଭିଡିଓ ଶେୟାର କରନ୍ତୁ ନାହିଁ

**ସମ୍ବଲପୁର, ୯।୪ (ବ୍ୟୁରୋ):** ସମ୍ପ୍ରତି କରୋନା ସଂକ୍ରମଣର ଦ୍ୱିତୀୟ ଲହର ସମଗ୍ର ଦେଶରେ ଦେଖାଦେଇଛି। ତେଣୁ କୋଭିଡ୍- ୧୯ର ଉପଯୁକ୍ତ ଆଚରଣ ଅନୁସରଣ କରିବା ଆବଶ୍ୟକ। କିନ୍ତୁ କେତେକ ଖଳ ପ୍ରକୃତିର ବ୍ୟକ୍ତି ବିଭିନ୍ନ ଷ୍ଟେଶନରେ ଭିଡ ଦେଖାଯାଉଥିବା ପୁରୁଣା ଭିଡିଓ ସାମାଜିକ ଗଣମାଧମରେ ପ୍ରଚାର କରୁଛନ୍ତି। ଏହା ସମ୍ପୂର୍ଣ୍ଣ ମିଥ୍ୟା। କରୋନା ମହାମାରୀ ସମୟରେ ଏପରି ପୁରୁଣା ଭିଡିଓ ପ୍ରଚାର ନ କରିବାକୁ ଶୁକ୍ରବାର ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରେସ ବିବୃତିରେ ଅନୁରୋଧ କରିଛନ୍ତି।

### କାରଖାନାରୁ ମୁଣ୍ଡା ଲୁହା ଚୋରି, ୨ ଗିରଫ

**କୁଆଁରମୁଣ୍ଡା,୯।୪(ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ନିକଟସ୍ଥ ମୁଣ୍ଡା ପୋଖରୀ ନିକଟରେ ଥିବା ସ୍ୱସ୍ତିକ ସ୍ୱଞ୍ଜ କାରଖାନାରୁ ଶୁକ୍ରବାର ମୁଣ୍ଡା ଲୁହା ଚୋରି କରି ନେଉଥିବା ବେଳେ ସୁରକ୍ଷା କର୍ମୀ ଦେଖିଦେଇଥିଲେ। ଏ ନେଇ ସୁରକ୍ଷା କର୍ମୀ ତୁରନ୍ତ କୁଆଁରମୁଣ୍ଡା ଫାଣ୍ଡିକୁ ଖବର ଦେବାରୁ ପୋଲିସ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ୨ ଜଣଙ୍କୁ ଗିରଫ କରିଛି। ଏହା ସହ ସେମାନେ ୧ କୁଇଣ୍ଟାଲ ମୁଣ୍ଡା ଲୁହାକୁ ବୋହିବା ପାଇଁ ବ୍ୟବହୃତ ବାଇକ୍ ଓଆର୧୪ଏ ୩୫୧୮କୁ ମଧ୍ୟ ପୋଲିସ ଜବତ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଉଛନ୍ତି ରାଜଗାଙ୍ଗପୁରର ମନୋଜ ଲାକ୍ରା(୨୫) ଓ ବାର୍ତାଗୁଟୁ ଗ୍ରାମର ସୋମନାଥ ଏକ୍କା(୨୭)। ଅଭିଯୁକ୍ତଦ୍ୱୟ ଉକ୍ତ ସ୍ୱସ୍ତିକ କାରଖାନାର କର୍ମଚାରୀ ହୋଇଥିବା ବେଳେ କାରଖାନାରୁ ଚୋରି କରୁଥିଲେ। ଥାନାରେ ପୋଲିସ ଏକ ମାମଲା ରୁଜୁ କରିଛି ।

### ଅଜଣା ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ରାଜଗାଙ୍ଗପୁର, ୯।୪ (ଡି.ଏନ.ଏ.):** ରାଜଗାଙ୍ଗପୁର ଥାନା କାଂଶବାହାଲ ଫାଣ୍ଡି ଅଧିନସ୍ଥ ଲାଇଫ୍ ଛକରୁ ଅନତିଦୂରରେ ଗତ ରାତିରେ ଏକ ଅଜଣା ଗାଡି ମାଡରେ ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ରାଣୀପିଆ ଗ୍ରାମର ମଙ୍ଗଳ ଟପ୍ପୋ (୨୨)ଙ୍କର ମୃତ୍ୟୁ ଘଟିଛି । ମଙ୍ଗଳ ଦିନମଜୁରିଆ ଭାବେ କାମ କରନ୍ତି। କାମ ଖୋଜିବା ପାଇଁ ନିଜ ମୋଟର ସାଇକେଲ ନଂ. ଓଡି ୧୬ ଏଚ- ୦୦୯୨ ମନ୍ଦିରା ଗ୍ରାମରୁ ନିଜ ଘରକୁ ଲାଇଙ୍ଗ ଛକ ଦେଇ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା । ମଙ୍ଗଳ ସେଠାରେ ପଡିଯାଇଥିଲେ । ସ୍ଥାନୀୟ ଲୋକ ଓ ପୋଲିସ ସହାୟତାରେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ ।

# ଧରାପଡ଼ିଲେ ୩ ଆନ୍ତଃରାଜ୍ୟ ଲୁଟେରା

**ସମ୍ବଲପୁର,୯।୪(ବ୍ୟୁରୋ)**



ମହୁଲପାଲି ଥାନା ସମ୍ମୁଖରେ ଗିରଫ ୩ ଅଭିଯୁକ୍ତ ଓ ଜବତ କାର୍।




**ଏଟିଏମ୍‌ରୁ ହେଉଥିଲା ଲୁଟ୍**
- ନଗଦ ଟଙ୍କା, କାର୍, ୧୨ ଏଟିଏମ୍ କାର୍ଡ ଜବତ
- ୧୫ଦିନ ପିଛା ପରେ ଏଟିଏମ୍‌ରୁ କାବୁକଲା ପୋଲିସ

ସମ୍ବଲପୁର ଜିଲାର ବିଭିନ୍ନ ଏଟିଏମ୍‌ରୁ ଲୁଟେରାମାନେ ଟଙ୍କା ଲୁଟ୍ କରୁଥିବା ନେଇ ପୋଲିସରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଜାରି ରହିଥିଲା। ପ୍ରାୟ ୧୫ଦିନ ପିଛା କରିବା ପରେ କୁଚିଣ୍ଡା ଥାନା କେଶେଇବାହାଲ ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଉଠାଣ ସମୟରେ ପୋଲିସ ଗୁରୁବାର ୩ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ କାନପୁର ରମାଦେବୀ ଥାନା ଅଞ୍ଚଳର ପ୍ରିନ୍ସ କୁମାର (୨୩), ପଟେଲ ନଗରର ଆଦିତ୍ୟ ସିଂ ( ୨୨) ଓ କଲପି ଥାନା ଦେବକାଳୀ ଗ୍ରାମର ବବଲୁ ଲାଲ ସିଂ (୨୫)। ସେମାନଙ୍କଠାରୁ ୧ ଲକ୍ଷ ୫୫ ହଜାର ନଗଦ ଟଙ୍କା ସହ ବିଭିନ୍ନ ବ୍ୟାଙ୍କର ୧୨ ଏଟିଏମ୍ କାର୍ଡ, ବ୍ୟବହୃତ କାର୍ (ୟୁପି୭୮ଜିଏ-୯୫୯୬) ଓ ୪ ମୋବାଇଲ ଜବତ ହୋଇଛି। ଶୁକ୍ରବାର ଏସ୍‌ପି ଅଫିସ ସମ୍ମିଳନୀ କକ୍ଷରେ ଖବରଦାତାମାନଙ୍କୁ ଏସ୍‌ପି ବାତୁଲା ଗଙ୍ଗାଧର ଏହି ସୂଚନା ଦେଇଛନ୍ତି।

ସେ କହିଥିଲେ, କୁଚିଣ୍ଡା ଥାନା କେଶେଇବାହାଲ ଏସ୍‌ବିଆଇ ଏଟିଏମ୍‌ରୁ ଏପ୍ରିଲ ୧ରେ ୧୮ ଗୋଟି ଟ୍ରାଞ୍ଜାକ୍ସନରେ ୧ ଲକ୍ଷ ୪୪ ହଜାର ଓ ଏପ୍ରିଲ ୬ରେ ୧୬ ଗୋଟି ଟ୍ରାଞ୍ଜାକ୍ସନରେ ୧ ଲକ୍ଷ ୫୫ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ବ୍ୟାଙ୍କ ପକ୍ଷରୁ ମହୁଲପାଲି ଥାନାରେ ଅଭିଯୋଗ ହୋଇଥିଲା। ଏହା ପରେ ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଅଭିଯୁକ୍ତମାନେ ଅଭିନବ ଉପାୟରେ ଏଟିଏମ୍ କାଉଣ୍ଟରରୁ ଟଙ୍କା ଲୁଟୁଥିବା ଜଣାପଡିଥିଲା। ଏଟିଏମ୍‌ରୁ ଟଙ୍କା ବାହାରିବା ପୂର୍ବରୁ ସେମାନେ ଟଙ୍କା ବାହାରିବା ଶଟରରେ କୌଣସି ବସ୍ତୁ ରଖି କିମ୍ବା ହାତ ଦେଇ ଅଟକାଉଥିଲେ। ଫଳରେ ଟଙ୍କା ବାହାରିଗଲେ ମଧ ଟ୍ରାଞ୍ଜାକ୍ସନ ଫେଲ୍ ଶୋ' କରୁଥିଲା ଓ ମୋବାଇଲକୁ ମେସେଜ ଆସୁଥିଲା। ହେଲେ ଟଙ୍କା ନେଇ ଚାଲିଯାଉଥିଲେ। ପରେ ଏଟିଏମ୍ କାଉଣ୍ଟର ପାଖରୁ ବ୍ୟାଙ୍କର କଷ୍ଟମର କେୟାରକୁ ଅଭିଯୋଗ କରି ପୁଣିଥରେ ଟଙ୍କା ଫେରସ୍ତ ପାଉଥିଲେ। ସେମାନେ ବିଭିନ୍ନ ଘରୋଇ ବ୍ୟାଙ୍କ ବିଶେଷକରି ଏସ୍‌ବିଆଇର ଏଟିଏମ୍ ବ୍ୟବହାର କରୁଥିଲେ। ଏହାସହ ପୁରୁଣା ମଡେଲ ଏଟିଏମ୍ କାଉଣ୍ଟରକୁ ଟାର୍ଗେଟ କରୁଥିଲେ। ତଦନ୍ତ ପରେ ଜିଲାର ବିଭିନ୍ନ ଏଟିଏମ୍ କାଉଣ୍ଟରରୁ ପ୍ରାୟ ୪ କୋଟି ୫୦ ଲକ୍ଷ ଟଙ୍କା ଠକେଇ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଏତେଟଙ୍କା ଠକେଇ ହେବା ପରେ ବ୍ୟାଙ୍କ କି ପଦକ୍ଷେପ ନେଇଥିଲା ସେ ଉପରେ ମଧ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାରେ ଏ ପର୍ଯ୍ୟନ୍ତ ବ୍ୟାଙ୍କ କର୍ମଚାରୀ ସମ୍ପୃକ୍ତ ଥିବା ନେଇ ପ୍ରମାଣ ମିଳିପାରି ନାହିଁ। ହେଲେ ପୋଲିସ ସେ ଦିଗରେ ମଧ ତଦନ୍ତ କରିବ ବୋଲି ଏସ୍‌ପି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଚିଣ୍ଡା ଏସ୍‌ଡିପିଓ ରାଜ କିଶୋର ମିଶ୍ର, ସଦର ଏସ୍‌ଡିପିଓ ତପନ କୁମାର ମହାନ୍ତି, ମହୁଲପାଲି ଥାନା ଅଧିକାରୀ ଜେ.ଆର. ବେହେରା, ଟାଉନ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦୋରା ଉପସ୍ଥିତ ଥିଲେ।

## କୁଲୁଥକାନୀରୁ ଜବରଦଖଲ ଉଚ୍ଛେଦ ଦାବି

**ସମ୍ବଲପୁର, ୯।୪ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ କୁଲୁଥକାନୀ ଅଞ୍ଚଳରେ ସରକାରୀ ଜମିକୁ କେତେଜଣ ଜବରଦଖଲ କରି ରଖିଛନ୍ତି। ସଞ୍ଜ ନଇଁଲେ ସେଠାରେ ଅସାମାଜିକ କାର୍ଯ୍ୟକଳାପ ହେଉଛି। ଜିଲା ପ୍ରଶାସନ ଏହାକୁ ଉଚ୍ଛେଦ କରି ଶିଶୁ ଉଦ୍ୟାନ କରିବାକୁ ଦାବି ହୋଇଛି। ଏ ନେଇ କୁଲୁଥକାନୀ ଆନନ୍ଦନଗର ନାଗରିକ କମିଟି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ପ୍ରଦତ୍ତ ସ୍ମାରକପତ୍ରରେ ବଦ୍ରିନାରାୟଣ ନାୟକ, ଧରଣୀଧର ପ୍ରଧାନ, ଅନୀଲ କୁମାର ତ୍ରିପାଠୀ, ବିପିନ ବିହାରୀ ଭୋଇ, ରବିନାରାୟଣ ପଣ୍ଡା, ସୁରେଶ କୁମାର ମିଶ୍ର, ପଠାଣୀ ସାମନ୍ତଦାସ, ଅରବିନ୍ଦ ନାୟକ, ଯଜ୍ଞେଶ୍ୱରୀ ପାଣିଗ୍ରାହୀ, ରୁଦ୍ରଦେବ ପ୍ରଧାନ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

# ବିବାଦୀୟ କମ୍ପାନୀ ପୁଣି ଯୋଗାଇଲା ବୋଟ୍

**ସମ୍ବଲପୁର,୯।୪(ବ୍ୟୁରୋ)**



ଦେବଝରଣକୁ ଆସିଥିବା ପେଡେଲ ବୋଟ୍ ।

ସମ୍ବଲପୁର ଜିଲା ଯୁଯୁମୁରାର ଇକୋ ଟୁରିଜମ୍ ସ୍ଥଳ ଦେବଝରଣକୁ ରବିବାର ବୋଟ୍ ଆସିଥିଲା। ଗତ ସୋମବାର ଡିଏଫ୍‌ଓ ଡ. ସଞ୍ଜିତ କୁମାର ସେଠାକୁ ଯାଇଥିବା ସମୟରେ ଦେବଝରଣ ବିକାଶ ମଞ୍ଚ ପକ୍ଷରୁ ରଙ୍ଗଲଗା ପୁରୁଣା ବୋଟ୍ କ୍ରୟ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହା ଉପରେ ଡିଏଫ୍‌ଓ କୁମାର ଯୋଗାଣକାରୀ ସଂସ୍ଥାର ମାଲିକ ସବୀର ବକ୍ସଙ୍କୁ ସମସ୍ତ କାଗଜପତ୍ର ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ଏସିଏଫ୍ ମଦନଲାଲ ଶର୍ମାଙ୍କୁ ଯାଞ୍ଚ କରିବାକୁ କହିଥିଲେ। ଘଟଣାର ୫ ଦିନ ପରେ ଶୁକ୍ରବାର ପୁଣି ଦୁଇଟି ପେଡେଲ୍ ବୋଟ୍ ଉକ୍ତ ବିବାଦୀୟ କମ୍ପାନୀ ଯୋଗାଇଛି। ଏହାକୁ ନେଇ ଯୁଯୁମୁରା ଅଞ୍ଚଳବାସୀ ତଥା ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ ଏକ ପୁରୁଣା ବୋଟ୍ ମରାମତି ପରେ ରଙ୍ଗ ଲଗାଇ କମ୍ପାନୀ ଯୋଗାଇ ଦେଇଛି। ଏଥିରେ ପ୍ରାୟ ୭ଲକ୍ଷ ଟଙ୍କାର ବ୍ୟୟ ଅଟକଳ ରହିଥିବାରୁ ଟଙ୍କା ଆତ୍ମସାତ୍ କରାଯାଇଥିବା ସନ୍ଦେହ କରାଯାଉଛି। ତେଣୁ ବୈଷୟିକ ଟିମ୍ ଦ୍ୱାରା ବୋଟ୍‌ର ଯାଞ୍ଚ ସହ କାଗଜପତ୍ର ନକଲି ଥିବା ସନ୍ଦେହ ହେଉଥିବାରୁ ଏହାର ତଦନ୍ତ କରାଯାଉ। ପୂର୍ବ ଅଭିଯୋଗର ଯାଞ୍ଚ ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ ପୁଣି ଦୁଇଟି ବୋଟ୍ ଆସିବା ଘଟଣା ବନ ବିଭାଗ ଅଧିକାରୀଙ୍କୁ ସନ୍ଦେହ ଘେରକୁ ଟାଣିଛି। ଏ ସମ୍ପର୍କରେ ତଦନ୍ତ ଅଧିକାରୀ ଏସିଏଫ୍ ମଦନଲାଲ ଶର୍ମା କହନ୍ତି, ଉକ୍ତ ଠିକା ସଂସ୍ଥାକୁ ସମସ୍ତ କାଗଜପତ୍ର ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେ ହ୍ୱାଟ୍ସଆପ୍ ମାଧ୍ୟମରେ କିଛି ବିଲ୍ ପଠାଇଥିଲେ। ତାହା ସ୍ପଷ୍ଟ ହେଉ ନ ଥିବାରୁ ଶୀଘ୍ର ଅରିଜିନାଲ କପି ଦାଖଲ କରିବାକୁ କୁହାଯାଇଛି। ବିଲ୍‌ଗୁଡିକ ଯାଞ୍ଚ ପରେ ଡିଏଫ୍‌ଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ବୈଷୟିକ ଟିମ୍ ଦ୍ୱାରା ବୋଟ୍ ଯାଞ୍ଚ କରାଯିବ ବୋଲି କହିଥିଲେ ।

## ଅସହାୟ ବୃଦ୍ଧଙ୍କୁ ଭରସା କେନ୍ଦ୍ରରେ ଥଇଥାନ

**ଝାରସୁଗୁଡ଼ା ଅଫିସ,୯।୪**

ଲଖନପୁର ବ୍ଲକ୍ କତରବଗା ପଞ୍ଚାୟତ ସାହସବଗା ବସ୍‌ଷ୍ଟାଣ୍ଡରୁ ଉଦ୍ଧାର ହୋଇଥିବା ଜଣେ ଅସହାୟ ବୃଦ୍ଧଙ୍କୁ ଗୋବିନ୍ଦପୁରସ୍ଥିତ ବୃଦ୍ଧାଶ୍ରମ (ଭରସା କେନ୍ଦ୍ର)ରେ ଶୁକ୍ରବାର ଥଇଥାନ କରାଯାଇଛି। ଏହି ମହାନତା ଦେଖାଇଛନ୍ତି ସ୍ଥାନୀୟ ସରପଞ୍ଚ ରୋହିତ ଧୁରୁଆ ଓ ସାମାଜିକ କର୍ମୀ ମହେନ୍ଦ୍ର ସାଏ ପ୍ରମୁଖ। ପିପୁଲ୍ସ ଫୋରମ୍ ପଶ୍ଚିମାଞ୍ଚଳ ମୁଖ୍ୟ ସଞ୍ଜୟ ଜେଠିଙ୍କ ଅନୁମତିକ୍ରମେ ଭରସା କେନ୍ଦ୍ରର ଇନ୍‌ଚାର୍ଜ ଲଳିତ ପ୍ରସାଦ ପାତ୍ର ଓ ଫାର୍ମାସିଷ୍ଟ କବିତା ଛତ୍ରିଆ ପ୍ରମୁଖ ବୃଦ୍ଧଙ୍କ କୋଭିଡ୍ ପରୀକ୍ଷା କରି ଥଇଥାନ କରାଇଥିଲେ। ବୃଦ୍ଧଙ୍କ ପରିଚୟ ମିଳିପାରି ନାହିଁ।

## ଜିଲା କ୍ରୀଡ଼ାସଂଘ ଉପସଭାପତିଙ୍କ ବିୟୋଗରେ ଶୋକସଭା

**ଝାରସୁଗୁଡ଼ା ଅଫିସ,୯।୪**

ଝାରସୁଗୁଡ଼ା ଜିଲା କ୍ରୀଡାସଂଘ ଉପସଭାପତି ଅଶୋକ ମିଶ୍ର (୫୯)ଙ୍କ ବିୟୋଗରେ ବିଟିଏମ୍ ଫୁଟ୍‌ବଲ ପଡିଆରେ ସଂଘର ସମ୍ପାଦକ ତାପସ ରାୟ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପସଭାପତି ଜୀବନ ମହାନ୍ତି, ସହସମ୍ପାଦକ ପ୍ରଜ୍ୱଳ ପଟେଲ, ପୂର୍ବତନ ସମ୍ପାଦକ ଡିଲେଶ୍ୱର ରାଓ, କାର୍ଯ୍ୟକାରୀ ସଭାପତି ବିଜୟ ବେହେରା, କୋଷାଧ୍ୟକ୍ଷ ଗଣେଶ ନାୟକ, ଓସିଏ ସହସମ୍ପାଦକ ମେହେତାପ୍ ଖାନ୍, ଶିକ୍ଷାବିତ୍ ଟହଲୁ ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି ତାଙ୍କ ସ୍ମୃତିଚାରଣ କରିଥିଲେ। ମନମୋହନ ସ୍କୁଲ୍ ପଡିଆରେ ନିର୍ମାଣ ହୋଇଥିବା ଏକ ଗ୍ୟାଲେରି ତାଙ୍କ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା।

## ଦଳଗାଁ ହାଇସ୍କୁଲ ମୋ ସ୍କୁଲ ଅଭିଯାନରେ ସାମିଲ

**ଝାରସୁଗୁଡ଼ା ଅଫିସ,୯।୪**

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ଦଳଗାଁ ଆଞ୍ଚଳିକ ହାଇସ୍କୁଲ ସରକାରଙ୍କ ମୋ ସ୍କୁଲ୍ ଅଭିଯାନରେ ସାମିଲ ହୋଇଛି। ଏ ନେଇ ପ୍ରଧାନଶିକ୍ଷକ ଦାମୋଦର ପାଢୀଙ୍କ ଅଧ୍ୟକ୍ଷତାରେ ମୋ ସ୍କୁଲ୍ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଜିଲା ଶିକ୍ଷାଧିକାରିଣୀ କଳ୍ପନା ପଣ୍ଡା, ସମ୍ମାନିତ ଅତିଥି ଆର୍‌ଏମ୍‌ଏସ୍‌ଏ ଅଧ୍ୟକ୍ଷ ସଦାନନ୍ଦ ଦାସ, ବ୍ଲକ୍ ଶିକ୍ଷାଧିକାରୀ ରୁଦ୍ର ନାରାୟଣ ପ୍ରଧାନ, ବିଜ୍ଞାନ ନିରୀକ୍ଷକ ଜ୍ଞାନ ରଞ୍ଜନ ମିଶ୍ର ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପାଢୀ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ଅଶୋକ ପାଢୀ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ପଣ୍ଡା ମୋ ସ୍କୁଲ ଅଭିଯାନ ସରକାରଙ୍କର ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ପୁରାତନ ଛାତ୍ର ତଥା ସ୍ଥାନୀୟ ସରପଞ୍ଚ ଚିତ୍ରସେନ ଧୁରୁଆ ନିଜର ଅନୁଭୂତି ବଖାଣିବା ସହ ଏଠାରେ ଯୁକ୍ତ୨ କଲେଜ ଖୋଲିବା ପାଇଁ ଦାବି କରିଥିଲେ । ଏଥିରେ ସ୍କୁଲ ଛାତ୍ରୀଛାତ୍ରଙ୍କ ସମେତ ପୁରାତନ ଛାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍କୁଲ୍‌ର ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

## ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଦ୍‌ଘାଟିତ



ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ମୁଖ୍ୟଅତିଥି ଉଦ୍‌ଘାଟନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୯।୪**

ଓଡିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲିସ୍ଥିତ ଇବ୍ ଥର୍ମାଲ ରାଜୀବ ଗାନ୍ଧୀ ପଡିଆରେ ଏକ ଅତ୍ୟାଧୁନିକ ଇନ୍‌ଡୋର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମିତ ହୋଇଛି। ଏହାକୁ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ତଥା ଓପିଜିସିର ଚେୟାରମ୍ୟାନ୍ ନିକୁଞ୍ଜ ବିହାରୀ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ନିଗମର ମୁଖ୍ୟ ପରିଚାଳକ (ଏମ୍‌ଡି) ପ୍ରଶାନ୍ତ କୁମାର ମହାପାତ୍ର, ନିର୍ଦ୍ଦେଶକ (ଅପରେଶନ) ସୁକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କମ୍ପ୍ଲେକ୍ସ ପରିସରରେ କୋଭିଡ୍ ନିୟମ ପାଳନ କରାଯାଇ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅତ୍ୟାଧୁନିକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ମଧ୍ୟରେ ରହିଛି ବାସ୍କେଟ୍‌ବଲ୍, ଭଲିବଲ, ବ୍ୟାଡ୍‌ମିଣ୍ଟନ କୋର୍ଟ, ଜିମ୍ନାସିୟମ୍, ଯୋଗ, ଏରୋବିକ୍ସ ରୁମ୍, ଟେବୁଲ୍ ଟେନିସ୍ ରୁମ୍, ସ୍କାସ୍ ରୁମ୍ ଓ ସୁଇମିଂ ପୁଲ୍ ଭଳି ଅନେକ ଇନ୍‌ଡୋର କ୍ରୀଡାର ସୁବିଧା। ନିଗମର ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟ ଏହାର ସୁବିଧା ନେଇପାରିବେ ବୋଲି କୁହାଯାଇଛି।

# ଭିଜିଲାନ୍ସ ତଦନ୍ତ ଦାବି କଲେ ଚାଷୀ

**ସମ୍ବଲପୁର,୯।୪(ବ୍ୟୁରୋ)**

**ହିଣ୍ଡାଲ୍‌କୋର କ୍ଷତିପୂରଣ ପ୍ରସଙ୍ଗ**

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ କମ୍ପାନୀ ନିର୍ଗତ ଫ୍ଲୋରାଇଡ ଗ୍ୟାସରେ ଆଖପାଖ ଅଞ୍ଚଳର ଫସଲ ନଷ୍ଟ ହୋଇଛି। କ୍ଷତିପୂରଣ ରାଶି ଦେବା ପୂର୍ବରୁ ରାଜସ୍ୱ ବିଭାଗ, କମ୍ପାନୀ, ପରିସଂଖ୍ୟାନ ବିଭାଗ ପକ୍ଷରୁ ସର୍ଭେ କରି ପ୍ରସ୍ତୁତ ହୋଇଥିବା ତାଲିକାରେ ପୁଣି ପରିବର୍ତ୍ତନ କରାଯାଇଛି। ପ୍ରଭାବିତ ପ୍ରାୟ ୬୦ ଜଣ ଚାଷୀଙ୍କ ନାମ କାଟି ଦିଆଯାଇଛି। ଏହାର ତଦନ୍ତ କରାଯାଉ ବୋଲି ଶୁକ୍ରବାର ଭିଜିଲାନ୍ସ ଅଫିସରେ ଚାଷୀମାନେ ଦାବି କରଛନ୍ତି। ସେମାନେ ଦର୍ଶାଇଛନ୍ତି, ୨୦୦୨ ମସିହାରୁ ପ୍ରାୟ ବର୍ଷ ଫ୍ଲୋରାଇଡ୍ ଗ୍ୟାସରେ ଧାନ ଫସଲ ନଷ୍ଟ ହୋଇଆସୁଛି। କମ୍ପାନୀ ଏହାର ସ୍ଥାୟୀ ପ୍ରତିକାର କରୁନାହିଁ। ତେଣୁ ଚାଷୀ ଗ୍ରୀନ୍ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ୨୦୧୭ରେ କମ୍ପାନୀକୁ ୫୦ ଲକ୍ଷ ଟଙ୍କା ଜରିମାନା ହୋଇଥିଲା। ଉକ୍ତ ଟଙ୍କା ଜିଲାଜଜ୍‌ଙ୍କ ତତ୍ତ୍ୱାବଧାନରେ ଜିଲା ପ୍ରଶାସନ ଖର୍ଚ୍ଚ କରିବ। ଏହା ଚାଷୀ ଓ ଚାଷର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ ବୋଲି ନିର୍ଦ୍ଦେଶ ରହିଥିଲା। ୩ବର୍ଷ ବିତିଯାଇଥିଲେ ମଧ ଉକ୍ତ ଟଙ୍କା କେଉଁଠାରେ ଖର୍ଚ୍ଚ କରାଗଲା ଜଣାପଡିଲା ନାହିଁ। ପ୍ରଶାସନ ଓ କମ୍ପାନୀକୁ ଏହାର ତଥ୍ୟ ମାଗିଲେ କାହାରି ପାଖରେ ହିସାବ ନାହିଁ। ତେଣୁ ଏହି ଟଙ୍କା ଉପରେ ମଧ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଦାବି କରିଥିଲେ। ଚାଷୀ ଏତୁଆ ଖଡିଆ, ଭୈରବ ପ୍ରଧାନ, ଜି ଶ୍ରୀନୁ, ଦିଲୀପ ପ୍ରଧାନ, ବିଶ୍ୱନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# କାନ୍‌ଭାସରେ ଭୀମ ଭୋଇ ଦୃଷ୍ଟି ଓ ଦର୍ଶନ

**ସମ୍ବଲପୁର, ୯।୪ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭୀମ ଭୋଇ ଗବେଷଣା କେନ୍ଦ୍ର ଆନୁକୂଲ୍ୟରେ ମହୀମା ଧର୍ମ ଦର୍ଶନ ଓ ଭୀମ ଭୋଇ କାବ୍ୟ ଦୃଷ୍ଟି ଶୀର୍ଷକ ଚିତ୍ରକଳା କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସୁକ୍ଷ୍ମତୁଳି, ସପ୍ତରଙ୍ଗ ସ୍ପର୍ଶରେ କାନ୍‌ଭାସଗୁଡିକ ଭୀମ ଭୋଇଙ୍କ ଦୃଷ୍ଟି ଓ ଦର୍ଶନ ଜୀବନ୍ତ ହୋଇଉଠିଥିଲା। ଚିତ୍ରଶିଳ୍ପୀମାନେ ଭୀମ ଭୋଇଙ୍କ ଦିବ୍ୟ ଚେତନାକୁ ଚିତ୍ରରେ ସର୍ଜନା କରିଥିଲେ। ଉପସ୍ଥିତ ଅତିଥି ଓ ଆୟୋଜକମାନଙ୍କୁ ଏହି ଚିତ୍ରକଳା ପରମ୍ ଅନୁଭୂତି ଦେଇଥିଲା ପ୍ରଫେସର ଡ. ପ୍ରଦୀପ କୁମାର ପଣ୍ଡାଙ୍କ ପରିଚାଳନାରେ କର୍ମଶାଳା ହୋଇଥିଲା। କୁଳପତି ପ୍ରଫେସର ଏନ୍ ନାଗରାଜୁ ଏହାକୁ ଉଦ୍‌ଘାଟନ କରିଥିଲେ। ଆଲୋଚନା ଚକ୍ର, ନଭସଞ୍ଚାର, ଗ୍ରନ୍ଥ ପ୍ରକାଶନ ଜରିଆରେ ସନ୍ଥ କବିଙ୍କ ବିଷୟରେ ପ୍ରଚାର ହୋଇପାରିବ ବୋଲି କୁଳପତି କହିଥିଲେ। ଗୁରୁ ଭୋଳାନାଥ ନାୟକ, ପ୍ରଫେସର କାଳୀଦାସ ମିଶ୍ର, ପ୍ରଫେସର କାମଦେବ ସାହୁ, ବିଶ୍ୱବିଦ୍ୟାଳୟ କୁଳସଚିବ ଗିରିଶ ଚନ୍ଦ୍ର ସିଂ, ଉପକୁଳସଚିବ ଡ. ଉମାଚରଣ ପତି ସମ୍ମାନିତ ଅତିଥି ଥିଲେ। ଚିତ୍ରଶିଳ୍ପୀ ସଞ୍ଜୟ କୁମାର ସାହୁ, ମନୋଜ କୁମାର ଚୌଧୁରୀ, ବନ୍ଦନା ପଣ୍ଡା, ସୁଜାତା ବେହେରା, ପ୍ରେମଚାନ୍ଦ ରାଉତ, କୁଳଦୀପ ବର୍ମା, ଜତିନ କୁମାର ପାଢ଼ୀ, ସମ୍ବଲପୁର କଳା ଏକାଡେମୀ ସଭାପତି ପ୍ରଶାନ୍ତ କୁମାର ମାଝି କର୍ମଶାଳାରେ ଭାଗ ନେଇଥିଲେ।



ଜିଏମ୍‌ୟୁ କୁଳପତି ବକ୍ତବ୍ୟ ପ୍ରଦାନ କରୁଛନ୍ତି।

# ବିସ୍ଥାପିତଙ୍କ କ୍ଷେତ୍ରରେ ଯତ୍ନବାନ ହେବାକୁ ନିର୍ଦ୍ଦେଶ

**ଝାରସୁଗୁଡ଼ା ଅଫିସ,୯।୪**



ଆର୍‌ପିଡିଏସି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

**ଏମ୍‌ସିଏଲ୍‌ର ଆର୍‌ପିଡିଏସି ବୈଠକ**

ଝାରସୁଗୁଡ଼ା ଜିଲା ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍(ଏମ୍‌ସିଏଲ୍)ର ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ଉପଦେଷ୍ଟା କମିଟି (ଆର୍‌ପିଡିଏସି) ବୈଠକ ଅନୁଷ୍ଠିତ ହୋଇଯାଇଛ। ବୈଠକରେ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ କିଶୋର ମହାନ୍ତି, ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିନିଧି ସନ୍ଦିପ ଅଗସ୍ତି, ଜିଲାପରିଷଦ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ପଟେଲ, ଉତ୍ତରାଞ୍ଚଳ ଆଇଜି ନରସିଂହ ଭୋଳ, ଜିଲାପାଳ ସରୋଜ କୁମାର ସାମଲ, ଏସ୍‌ପି ବିକାଶ ଚନ୍ଦ୍ର ଦାସ, ଡିଏଫ୍‌ଓ ଲଳିତ ପାତ୍ର, ଏମ୍‌ସିଏଲ୍ ନିର୍ଦ୍ଦେଶକ (ଟେକ୍ନିକାଲ୍) ଓ.ପି. ସିଂହ, ନିର୍ଦ୍ଦେଶକ (ପର୍ସନାଲ) କେଶବ ରାଓ, ନିର୍ଦ୍ଦେଶକ(ଫାଇନାନ୍ସ) କେ.ଆର୍. ବାସୁଦେବନ୍, ଲଖନପୁର ଜିଏମ୍ ଅନିଲ କୁମାର ସିଂହ, ଇବ୍‌ଭ୍ୟାଲି ଜିଏମ୍ ଅନୁଆର ହୁସେନ୍, ଓରିଏଣ୍ଟ ଜିଏମ୍ ବି.ସି. ତ୍ରିପାଠୀ, ଅତିରିକ୍ତ ଜିଲାପାଳ ଲିଲି କୁମାରୀ କୁଲୁ, ଉପଜିଲାପାଳ ଶିବ ଟପ୍ପୋ, ଲଖନପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ପ୍ରଧାନ, ଝାରସୁଗୁଡା ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ବିସ୍ଥାପିତମାନେ ଯେଭଳି ନିୟମ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କ୍ଷତିପୂରଣ ସହ ସମସ୍ତ ସୁବିଧା ସୁଯୋଗ ପାଇବେ ଏଥିପ୍ରତି ଯତ୍ନବାନ ହେବା ପାଇଁ ରାଜସ୍ୱ କମିଶନର ସାମଲ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସ୍ଥାନୀୟ ନିଯୁକ୍ତି ପ୍ରଦାନ ସହ ଜିଲାପାଳଙ୍କୁ ପ୍ରତିମାସରେ ତଥ୍ୟ ପ୍ରଦାନ ପାଇଁ କମିଶନର ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସିଏସ୍‌ଆର୍ ପାଣ୍ଠିରେ ଚାଲୁଥିବା କାର୍ଯ୍ୟକ୍ରମର ସମୀକ୍ଷା କରି ଏହି ପାଣ୍ଠି କିଭଳି ଅଧିକ ବିନିଯୋଗ କରାଯାଇ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ପ୍ରଦୂଷଣ, ବୃକ୍ଷ ରୋପଣ, ପାନୀୟଜଳ, ରାସ୍ତାଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ ଜିଲାର କେତେକ ସ୍କୁଲ୍‌କୁ ସ୍ମାର୍ଟ ସ୍କୁଲ୍‌ରେ ପରିଣତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଜିଲାରେ କୋଭିଡ୍ ନିୟମ କଡାକଡି ପାଳନ କରିବା ପାଇଁ କମିଶନର ସାମଲ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ବାଇକ୍‌ରୁ ପଡି ଯୁବକ ମୃତ

ଲହୁଣୀପଡା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ କମାରପୋଷ ନିକଟସ୍ଥ ରେଲୱେ ଓଭର ବ୍ରିଜ ନିକଟରେ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତି ପ୍ରାୟ ୧୦ଟା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରାପ୍ତସୂଚନାରୁ ପ୍ରକାଶ ଯେ, କେ.ବଲାଙ୍ଗ ଗ୍ରାମର ଘାସିରାମ ସେଠଙ୍କ ପୁଅ ପ୍ରଦୀପ କୁମାର ସେଠ (୩୮) ନିଜ ବାଇକ ଓଡି ୧୪ ୱାଇ- ୦୦୬୧ ଯୋଗେ ବିମଳାଗଡଠାରୁ କମାରପୋଷ ଦେଇ କେ.ବଲାଙ୍ଗ ଯାଉଥିବାବେଳେ କମାରପୋଷ ରେଲୱେ ଓଭର ବ୍ରିଜ ନିକଟରେ ଭାରସାମ୍ୟ ହରାଇ ଖସିପଡିଥିଲେ। କିଛି ଲୋକ ଦେଖି କେ.ବଲାଙ୍ଗ ଥାନାକୁ ଖବର ଦେବାରୁ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରଦୀପଙ୍କୁ ଉଦ୍ଧାର କରି ଲହୁଣୀପଡା ଡାକ୍ତରଖାନାକୁ ଆଣିଥିଲେ।

**ସଂକ୍ଷେପରେ**

## ଓଟିଇଟି: ପରୀକ୍ଷା ଦେଲେ ୨୯୯୪ ପରୀକ୍ଷାର୍ଥୀ

ସୁନ୍ଦରଗଡ଼,୯।୪ (ଡି.ଏନ୍.ଏ): ଶୁକ୍ରବାର ଜିଲାରେ ଓଡିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ୨୦୨୧ ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହୋଇଛି। ଜିଲାର ୧୦ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ସିଟିଂରେ ମୋଟ ୩ହଜାର ୧୯୩ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୯୯୪ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ୧୯୯ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ। ସେହିପରି ଦ୍ୱିତୀୟ ସିଟିଂରେ ମୋଟ ୧୩୩୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୨୨୯ଜଣ ପରୀକ୍ଷା ଦେଇଥିଲେ ଓ ୧୦୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ସୁନ୍ଦରଗଡ ସହରର ଭବାନୀଶଙ୍କର ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସେଣ୍ଟମେରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ରାଉରକେଲା ସହରରେ ଉଦିତ ନଗର ସରକାରୀ ହାଇସ୍କୁଲ ,ଏନଏସି ଏସଟି ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ ,ଡେଭଲପ ଏରିଆ ହାଇସ୍କୁଲ ,ଆରଇସି କ୍ୟାମ୍ପସ୍ ହାଇସ୍କୁଲ ଓ ଡେଲିମାର୍କେଟ ଟାଉନ ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ହୋଇଥିଲା ।

# ବଢୁଛି ପ୍ରଦୂଷଣ: ଅତିଷ୍ଠ ଜନସାଧାରଣ

କୁତ୍ରା, ୯।୪(ଡି.ଏନ୍.ଏ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ବଢିଚାଲିଛି ପ୍ରଦୂଷଣ। ଫଳରେ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ଏହି ବ୍ଲକ ଅଞ୍ଚଳରେ ଅନେକ ଗୁଡ଼ିଏ ଖଣି, ଖାଦାନ, କାରଖାନା ରହିଥିବାରୁ ପ୍ରଦୂଷଣ ବଢୁଛି। ୧୦ନଂ. ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ସ୍ଥାପିତ ହୋଇଥିବା କେତେକ କାରଖାନା ଯୋଗୁ ପ୍ରଦୂଷଣ ଅଧିକ ବଢୁଛି। ବାୟୁ ପ୍ରଦୂଷଣ ଯୋଗୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କେତେକ ପଞ୍ଚାୟତବାସୀ। କନ୍ଦେମୁଣ୍ଡା ଗ୍ରାମପଞ୍ଚାୟତ ଅଧିନରେ ଥିବା ତେଲିଘଣା ସ୍ଥିତ ଏକ କମ୍ପାନୀ ନିଜର ଉତ୍ପାଦନ ପାଇଁ ଅଧିକ ମାତ୍ରାରେ ପ୍ରଦୂଷଣ ସୃଷ୍ଟି କଲାଣି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳର ରାସ୍ତା ଉପରେ ଯାତାୟତ କରୁଥିବା ସାଧାରଣ ଲୋକେ ପ୍ରଦୂଷଣ ଯୋଗୁ ଠିକ୍ ଭାବେ ରାସ୍ତା ଦେଖିପାରୁ ନାହାନ୍ତି। ଚାରିଆଡ଼େ ଧୂଆଁମୟ, କୁହୁଡ଼ି ଭଳି ଦେଖାଯାଉଛି। ଆଖି, ନାକରେ ଏହାର ପ୍ରଭାବ ଅନୁଭୂତ ହେଉଥିବା ବେଳେ କାରଖାନା ଆଖପାଖରେ ବୃକ୍ଷଗୁଡ଼ିକର ପତ୍ର ଉପରେ ଏହାର ଆସ୍ତରଣ ଦେଖିବାକୁ ମିଳୁଛି। ଖାଲି ଏତିକିରେ ନୁହେଁ ଗଙ୍ଗାଜଳସ୍ଥିତ ଏକ କାରଖାନା ବିଳମ୍ବିତ ରାତିରେ ପ୍ରଦୂଷଣ କଳାଭଳି ଧୂଆଁ ଛାଡୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ପ୍ରଦୂଷଣ ବିଭାଗ ବିଭିନ୍ନ ସମୟରେ କାରଖାନାଗୁଡ଼ିକୁ ଚଢ଼ାଉ କରି ଯାଞ୍ଚ କରୁଛି ସତ କିନ୍ତୁ ଠୋସ ପଦକ୍ଷେପ ନେବାରେ ବର୍ତ୍ତମାନ ଯାଏଁ ସଫଳ ହୋଇନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ପ୍ରଦୂଷଣ ବିଭାଗର ଅଧିକାରୀ, କର୍ମଚାରୀ କମ୍ପାନୀ ସହିତ ହାତମିଳାଇ ଲୋକଦେଖାଣିଆ ଚଢାଉ କରୁଛନ୍ତି। କେବଳ ଏତିକି ନୁହେଁ, ରାଉରକେଲାରୁ ସୁନ୍ଦରଗଡ଼ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଥିବା କାରଖାନାଗୁଡ଼ିକ ପ୍ରଦୂଷଣର ନୀତିନିୟମ ପାଳନ କରୁଥିବା ମନେହେଉନାହିଁ। ପ୍ରଦୂଷଣ ଯୋଗୁ ସମ୍ପୃକ୍ତ ଅଞ୍ଚଳର ଲୋକେ କାଶ, ଯକ୍ଷା ଓ ଅନ୍ୟ ରୋଗରେ ପଡୁଥିବା ଅଭିଯୋଗ ହେଉଛି। ଚାଷ ଜମିରେ କଳାଆସ୍ତରଣ ଭଳି ଗୁଣ୍ଡ ପଡୁଥିବାରୁ ଚାଷ ଠିକ୍ ହେଉନାହିଁ। ପାଣି ମଧ୍ୟ ପ୍ରଦୂଷିତ ହେଉଛି। ରାଜ୍ୟ ସରକାରଙ୍କ ପ୍ରଦୂଷଣ ବିଭାଗ ଏଦିଗରେ ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବେ ବୋଲି ଆଶା ବ୍ୟକ୍ତ କରିଛନ୍ତି ପ୍ରଭାବିତ ହେଉଥିବା ଅଞ୍ଚଳବାସୀ।



କୁତ୍ରା ଅଞ୍ଚଳ ପ୍ରଦୂଷଣ ଯୋଗୁ ଧୂଆଁମୟ ହୋଇଛି।

# ପ୍ରଶାସନ, ପୋଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଦେବଗଡ଼,୯।୪(ଡି.ଏନ୍.ଏ.)

**କୋଭିଡ୍ ନିୟମ ପାଳନ ନିମନ୍ତେ ପଦକ୍ଷେପ**

ଦେବଗଡ଼ ଜିଲାରେ କରୋନାର ଦ୍ୱିତୀୟ ଲହରୀକୁ ପ୍ରତିହତ ନିମନ୍ତେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ଏହି କ୍ରମରେ ଶୁକ୍ରବାର ପୂର୍ବାହ୍ନରେ ଦେବଗଡ ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଡେପୁଟି କଲେକ୍ଟର କୈବଲ୍ୟ କିଶୋର କର, ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ଅତସୀ ପରିଡା, ଦେବଗଡ଼ ଆଦର୍ଶ ଥାନା ଅଧିକାରୀ ସୁରେନ୍ଦ୍ର କୁମାର ନାୟକ ଓ ସବ୍‌ଇନ୍ସପେକ୍ଟର ପ୍ରଦୀପ ରଞ୍ଜନ ପାତ୍ର ପ୍ରମୁଖ ଦେବଗଡ ପୌର ପରିଷଦର କର୍ମଚାରୀମାନଙ୍କ ସହ ସଦଳବଳେ ସହରର ମୁଖ୍ୟବଜାର ଓ ଘରୋଇ ବସଷ୍ଟାଣ୍ଡ ସମେତ ବିଭିନ୍ନ ଅଞ୍ଚଳ ବୁଲିଥିଲେ। ଲୋକଙ୍କୁ ସାମାଜିକ ଦୂରତ୍ୱ ରକ୍ଷା କରିବାସହ ମାସ୍କ ଓ ସାନିଟାଇଜର ବ୍ୟବହାର କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଏଥିସହ ଗ୍ରାହକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା ନିମନ୍ତେ ଗୋଲେଇ/ବକ୍ସ ନିର୍ମାଣ କରିବାକୁ ପରାମର୍ଶ ଦେବା ସହ କୋଭିଡ ନିୟମ ଅମାନ୍ୟ କଲେ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକୁ ସିଲ୍ କରାଯିବ ବୋଲି ଚେତାବନୀ ମଧ୍ୟ ଦେଇଥିଲେ।



ଦେବଗଡ଼ ମୁଖ୍ୟବଜାରରେ ଲୋକଙ୍କୁ ସଚେତନ କରାଯାଉଛି।

# ଧନ୍ୟବାଦ ଆଲୁମ୍‌ନି କାର୍ଯ୍ୟକ୍ରମ




ଧନ୍ୟବାଦ ଆଲୁମ୍‌ନି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

କୁତ୍ରା, ୯।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ମୋ ସ୍କୁଲ ଅଭିଯାନ ଅନ୍ତର୍ଗତ ଧନ୍ୟବାଦ ଆଲୁମ୍‌ନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ବିଭୀଷଣ ବାରିକ ଆଲୁମିନି ସଦସ୍ୟଙ୍କୁ ସ୍ୱାଗତ କରିବା ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ଅନୁଷ୍ଠାନର ଆଲୁମିନି ସଦସ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ଲାଲମୋହନ ନାଏକ, ମୋ ସ୍କୁଲ ଅଭିଯାନ ସଭାପତି ଶଙ୍କରପ୍ରସାଦ ଟପ୍ପୋ, ପ୍ରଶାନ୍ତ ସାହୁ, ପ୍ରତାପ ସୁନ୍ୟାନୀ, ସୁରେଶଚନ୍ଦ୍ର ଟପ୍ପୋ, କୃପାନିଧି ପ୍ରଧାନ, ଟିକୁ କିଷାନ, ଗଣେଷ ଟପ୍ପୋ, ମୋତିଲାଲ ସିଂ, ସୂର୍ଯ୍ୟ ଲାକଡା, ଫୁଲବାସ ଟପ୍ପୋ, ରାଜେଶ ସାହୁ, ପ୍ରଦୀପ ମଲୁଆ ପ୍ରମୁଖଙ୍କୁ ଫୁଲଚନ୍ଦନ, ପୁଷ୍ପଗୁଚ୍ଛ ସହ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ମାନପତ୍ର ପ୍ରଦାନ କରାଯାଇଥିଲା। ପରେ ଭାବପୂର୍ଣ୍ଣ ଭାବେ ଆଲୁମିନି ଗଣ ଅନୁଷ୍ଠାନର ଉନ୍ନତିରେ ଖୁସିବ୍ୟକ୍ତ କରି ସରକାରଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ମୋ ସ୍କୁଲ ଅଭିଯାନ ସଂଯୋଜକ ବିଭୀଷଣ ବାରିକ ସଂଯୋଜନା କରିଥିଲେ। ଅନୁୱର ଅହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବୈଜୟନ୍ତି ପଟେଲ, ଦୀପିକା କେରକେଟା, ଜସ୍ମିନ ମିଞ୍ଜ, ବାବଲାଲ ଟପ୍ପୋ, ଦିଲୀପ ବେହେରା, ଜାନକୀ ସିଂ, ଲବଣିଧର ଗର୍ଡିଆ, ମନୋରମା କଲସେର ସମେତ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ ।

# ୩୫ ହଜାର ଟଙ୍କା, ଗାଡ଼ି ଜବତ: ୫ ଗିରଫ

ବେଦବ୍ୟାସ, ୯।୪ (ଡି.ଏନ.ଏ)

**ବଲଣ୍ଡା କେନାଲ ରୋଡ ଡକାୟତି ଘଟଣା**

ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବଲଣ୍ଡା କେନାଲ ରୋଡରେ ଏପ୍ରିଲ ୨ରେ ପୂର୍ବାହ୍ନ ସାଢ଼େ ୧୦ଟାବେଳେ ହୋଇଥିବା ଡକାୟତି ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରିଛି। ମାଇକ୍ରୋ ଫାଇନାନ୍ସ ସଂସ୍ଥାର କର୍ମଚାରୀଙ୍କ ଠାରୁ ଦିନ ଦ୍ୱିପହରରେ ପ୍ରାୟ ଅଶି ହଜାର ଟଙ୍କା, ଜରୁରୀ କାଗଜପତ୍ର ଆଦି ଡକାୟତି ହୋଇଥିଲା। ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଶୁକ୍ରବାର ଜଣେ ନାବାଳକ ସମେତ ୪ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମାଣ୍ଡିଆ କୁଦର ନିବାସୀ ସଞ୍ଜୟ ସାହୁ, ଜିଆବାହାଲ ଗ୍ରାମର ବାଦଲ କେରକେଟା, କଲୁଙ୍ଗାର ଟୋବା ମାଝୀ, କଲୁଙ୍ଗା ଶିଳ୍ପାଞ୍ଚଳର ରାଜେଶ ବିଶୋଇ। ମାଇକ୍ରୋ ଫାଇନାନ୍ସର କର୍ମଚାରୀ ପିଣ୍ଟୁ ବାରାଭାଇ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ଦେଇଥିବା ଟଙ୍କା ଅସୁଲ କରି ରାଜଗାଙ୍ଗପୁର ଫେରୁଥିବା ବେଳେ ଅଭିଯୁକ୍ତମାନେ ଯୋଜନା ମୁତାବକ ପିଣ୍ଟୁ ବାରଭାଇଙ୍କୁ ବଲଣ୍ଡା କେନାଲ ରୋଡରେ ଅଟକାଇବା ସହ ଭୟଭୀତ କରି ତାଙ୍କ ଠାରୁ ପ୍ରାୟ ୮୦ ହଜାର ଟଙ୍କା ସମେତ ସଂସ୍ଥାର ଜରୁରୀ କାଗଜପତ୍ର ଲୁଟ କରି ନେଇଥିଲେ। ଏନେଇ ପିଣ୍ଟୁ ବାରାଭାଇ ବ୍ରାହ୍ମଣୀତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବ୍ରାହ୍ମଣୀତରଙ୍ଗ ଥାନାରେ ଏକ ମାମଲା (ନଂ. ୬୯/୨୧) ରୁଜୁ ହୋଇଥିଲା। ଶୁକ୍ରବାର ବିଶେଷ ସୂତ୍ରରୁ ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ କିଶୋର ବିଶ୍ୱାଳ, ଏସଆଇ ସୁବ୍ରତ କୁମାର ପଣ୍ଡା, ନରେନ୍ଦ୍ର ଛତ୍ର, ଏଏସଆଇ କିଶୋର କୁମାର ମହାକୁଡ, ହାବିଲଦାର ବ୍ରଜମୋହନ ଖମାରୀଙ୍କ ସମେତ ଏକ ପୋଲିସ ଟିମ ଅଭିଯୁକ୍ତମାନଙ୍କ ଘରେ ଚଢ଼ାଉ କରି ଗିରଫ କରିଥିଲେ। ସେମାନଙ୍କ ଠାରୁ ପ୍ରାୟ ୩୫ ହଜାର ଟଙ୍କା, ଗୋଟିଏ ବ୍ୟବହୃତ ହିରୋହୋଣ୍ଡା ବାଇକ, ବ୍ୟାଗ ଓ ଜରୁରୀ କାଗଜପତ୍ର ଉଦ୍ଧାର କରାଯାଇଛି । ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ସଭ୍ୟଙ୍କ ନିକଟରେ ଉପସ୍ଥିତ କରାଇଥିବାବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ଏଟିଏମ୍ ଓ ନଗଦ ଟଙ୍କା ଚୋରି ଘଟଣା: ନାବାଳକ ଧରାପଡ଼ିଲେ

ଲହୁଣୀପଡା, ୯।୪ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଖୁଣ୍ଟଗାଁ ପଞ୍ଚାୟତ ଜଡିବାହାଲ ଗ୍ରାମର ଧିରେନ ମାହାନ୍ତଙ୍କ ଘରୁ ଗତ ଜୁଲାଇ ମାସରେ ନଗଦ ଟଙ୍କା ଓ ଏଟିଏମ କାର୍ଡ ଚୋରି କରିଥିବା ବାଳ ଅପରାଧିକୁ ପୋଲିସ ଧରି ଶୁକ୍ରବାର ବାଳ ସୁଧାର ଗୃହକୁ ପଠାଇଛି। ଜଡିବାହାଲ ଗ୍ରାମର ଧିରେନ ମାହାନ୍ତଙ୍କ ଘରୁ ନଗଦ ୬ ହଜାର ଟଙ୍କା ଓ ଏଟିଏମ କାର୍ଡ ଚୋରି ହୋଇଥିଲା। ଏ ସମ୍ପର୍କରେ ଲହୁଣୀପଡା ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲେ। ଉକ୍ତ ଏଟିଏମ ସାହାଯ୍ୟରେ ଖୁଣ୍ଟଗାଁ ଷଣ୍ଢ ଛକଠାରେ ଥିବା ଜନସେବା କେନ୍ଦ୍ର ଓ ବଣେଇ, ଲହୁଣୀପଡା ଏଟିଏମରୁ ପ୍ରାୟ ତିରିଶ ହଜାର ଟଙ୍କା ଉଠାଇ ନେଇଥିବା ଜଣାପଡିଥିଲା । ପୋଲିସର ତଦନ୍ତ ବେଳେ ବିଭିନ୍ନ ଏଟିଏମରେ ଲାଗିଥିବା ସିସି କ୍ୟାମେରାରୁ ଫଟୋ ଯାଞ୍ଚ କରିବାରୁ ଜଣାପଡିଥିଲା ଯେ, ସେହି ଜଡିବାହାଲ ଗ୍ରାମର ଜନୈକ ନାବାଳକ। ତାକୁ ପୋଲିସ ପଚରାଉଚରା କରିବାରୁ ଘଟଣା ସମ୍ପର୍କରେ ସ୍ୱୀକାର କରିବା ସହିତ ଏକ ଖଜୁରୀ ଗଛ ମୂଳରେ ଏଟିଏମକୁ ଲୁଚାଇ ରଖିଥିବା କହିବା ସହିତ ବାହାର କରି ଦେଇଥିଲା ।

**FOR SALE**
SINGLE ROOM SET
(1st Floor)
having One Room ,
One Kitchen, One Bathroom
and One Common Balcony
(situated on 1st Floor),
JD- 36, Jagda, Rourkela.
Approximate Area : 300 Sqft.
is for Sale.
Contact :
9437043885, 7683971043

# ପୌର ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ ଅସ୍ଥାୟୀ ସଫେଇ କର୍ମଚାରୀ



ପୌର ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼, ୯।୪ (ଡି.ଏନ୍.ଏ)

ସହରର ପୌରପାଳିକା ଅଧୀନରେ ସହରରେ ପୁରୁଷାନୁକ୍ରମେ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସମେତ ବିଭିନ୍ନ ଦାବି ନେଇ ଶୁକ୍ରବାର ଗାନ୍ଧୀ କ୍ଲବ କର୍ମକର୍ତ୍ତାଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ପୌର ନିର୍ବାହୀ ଅଧିକାରୀ ଡ. ପ୍ରଦୀପ କୁମାର ସାହାଙ୍କ ସହ ଭେଟି ଆଲୋଚନା କରିଛନ୍ତି। ଏନେଇ ଏକ ସ୍ମାରକପତ୍ର ମଧ୍ୟ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ପୌରପାଳିକା ଅଧୀନରେ ପୂର୍ବରୁ କାର୍ଯ୍ୟ କରୁଥିବା ମୃତ ସଫେଇ କର୍ମଚାରୀଙ୍କ ଉତ୍ତରାଧିକାରୀଙ୍କୁ କାର୍ଯ୍ୟରେ ନିଯୁକ୍ତି କରାଇବା, କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରାଯିବା , ପୌରପାଳିକାରେ ଥିବା ଘାସିପଡାକୁ ନାମ ପରିବର୍ତ୍ତନ କରି ଗାନ୍ଧୀନଗର ନାମରେ ନାମିତ କରିବା, ଏହି ପଡାରେ ବସବାସ କରୁଥିବା ବ୍ୟକ୍ତିମାନଙ୍କ ଶାରୀରିକ ସୁସ୍ଥତା ନିମନ୍ତେ ଜିମ୍ ସେଣ୍ଟର ଖୋଲାଯିବା, ସୌନ୍ଦର୍ଯ୍ୟକରଣ ପାଇଁ ତୋରଣ ନିର୍ମାଣ କରାଯିବା ପାଇଁ ଦାବି କରାଯାଇଛି।

# ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ଉଦ୍‌ଘାଟିତ

ଦେବଗଡ଼, ୯।୪(ଡି.ଏନ.ଏ.)

ଜିଲା ମୁଖ୍ୟ ଚିକିତ୍ସାଳୟ ଅଧିନସ୍ଥ ଚକ୍ଷୁ ୱାର୍ଡ ପରିସରରେ ନୂତନ ଭାବେ ନିର୍ମିତ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲାପାଳ ସୁଧାଂଶୁ ମୋହନ ସାମଲ ଯୋଗଦେଇଥିଲେ। ପ୍ରଦୀପ ପ୍ରଜ୍ୱଳନ ଓ ଫଳକ ଉନ୍ମୋଚନ ସହ ଫିତାକାଟି ଏହି ପରୀକ୍ଷା କେନ୍ଦ୍ରକୁ ଜିଲାପାଳ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ପରୀକ୍ଷାଗାର ସ୍ଥାପନ ହେବା ଦ୍ୱାରା ଜିଲାରେ କରୋନା ଆର୍‌ଟିପିସିଆର୍ ପରୀକ୍ଷା ସମେତ ବିଭିନ୍ନ ରୋଗର ପରୀକ୍ଷଣ କରାଯାଇପାରିବ। ଜିଲାବାସୀ ବେଶ ଉପକୃତ ହେବେ ବୋଲି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଉପାଧ୍ୟାୟ ପ୍ରକାଶ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଉମେଶ ପ୍ରସାଦ ଷଡଙ୍ଗୀ, ହସପିଟାଲ ମ୍ୟାନେଜର ଜତିନ ଭଇଁସା, ମାଇକ୍ରୋ ବାଇଲୋଜିଷ୍ଟ ମାନସୀ ମହାନ୍ତ, ଆର୍‌ସିଏଚ୍‌ର ଡେପୁଟି ମ୍ୟାନେଜର ଜ୍ୟୋତ୍ସ୍ନା ଶର୍ମା, ଏଡିପିଏଚଇ ନରେଶ ଦାଶ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନର ବୈଶାଳୀନୀ ସାହୁଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



ଦେବଗଡ଼ ଜିଲାପାଳ ଜନସ୍ୱାସ୍ଥ୍ୟ ପରୀକ୍ଷାଗାର ଉଦ୍‌ଘାଟନ କରୁଛନ୍ତି।

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. www.coalindia.in/ respective Subsidiary Company (CMPDI, www.cmpdi.co.in), CIL e-procurement portal https://coalindiatenders.nic.in and Central Public Procurement Portal https://eprocure.gov.in. In addition, procurement is also done through GeM portal https://gem.gov.in"

# ଆର୍‌ଏସ୍‌ଏସ୍, ଜିଏମ୍‌ଏମ୍‌ର ଧର୍ମଘଟ ଚେତାବନୀ

ରାଉରକେଲା ଅଫିସ, ୯।୪

- ଇସ୍ପାତ ଶ୍ରମିକ କର୍ମଚାରୀଙ୍କର ନୂତନ ବେତନ ଚୁକ୍ତିନାମା ସମ୍ପନ୍ନ କରିବାରେ ଅହେତୁକ ବିଳମ୍ବ
- ପରିଚାଳନା କର୍ତ୍ତୃପକ୍ଷଙ୍କର ନକାରାତ୍ମକ ଓ ସ୍ୱେଚ୍ଛାଚାର ମନୋବୃତ୍ତିକୁ ବିରୋଧ

ଦୀର୍ଘ ୫୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏସଏଆଇଏଲ ତଥା ଆର୍‌ଏସ୍‌ପି ଶ୍ରମିକ କର୍ମଚାରୀଙ୍କର ନୂତନ ବେତନ ଚୁକ୍ତିନାମା ସମ୍ପନ୍ନ ହୋଇପାରିନାହିଁ। ୧ ଜାନୁୟାରୀ, ୨୦୧୭ରୁ ନୂତନ ମଜୁରି ଚୁକ୍ତିନାମାର ଅବଧି ଆରମ୍ଭ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏସ୍‌ଏଆଇଏଲ ପରିଚାଳନା କର୍ତ୍ତୃପକ୍ଷଙ୍କର ଟାଳଟୁଳ ନୀତି, ନକରାତ୍ମକ ମନୋଭାବ, ଅପୌକ୍ତିକ ପ୍ରସ୍ତାବ ଆଦି ଏନଜେସିଏସରେ ଭାଗ ନେଉଥିବା ଶ୍ରମିକ ୟୁନିୟନର ପ୍ରତିନିଧିମାନଙ୍କୁ ଗ୍ରହଣୀୟ ହୋଇନାହିଁ । କେନ୍ଦ୍ର ସରକାରଙ୍କର ଇସ୍ପାତ ମନ୍ତ୍ରଣାଳୟ ମଧ୍ୟ ନୀରବ ଦ୍ରଷ୍ଟା ସାଜି ବସିଛନ୍ତି । କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କର ୨୦୧୯ ମସିହାରେ ରାଉରକେଲା ଗସ୍ତ ସମୟରେ ରାଉରକେଲା ଶ୍ରମିକ ସଂଘ ଓ ଗାଙ୍ଗପୁର ମଜଦୁର ମଞ୍ଚ ପକ୍ଷରୁ ସାକ୍ଷାତ ଆଲୋଚନା କରାଯାଇ ତୁରନ୍ତ ନୂତନ ମଜୁରି ଚୁକ୍ତିନାମାକୁ ସମ୍ପନ୍ନ କରିବା ଓ ଅନ୍ୟାନ୍ୟ ନ୍ୟାର୍ଯ୍ୟଦାବି ପୂରଣ ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଅତିଶୀଘ୍ର ପୂରଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ଆଜକୁ ୫୨ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏନଜେସିଏସ ବୈଠକରେ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ନୂତନ ଚେୟାରମ୍ୟାନ ସୋମା ମଣ୍ଡଳ ଦାୟିତ୍ୱ ଗ୍ରହଣ ପରେ ଏନ୍‌ଜେସିଏସର ୩ଟି ବୈଠକ କରାଯାଇଥିଲା। ପୂର୍ବରୁ ୫ ବର୍ଷିୟା ଚୁକ୍ତିନାମା ପାଇଁ ଦାବିପତ୍ର ଦିଆଯାଇଥିଲେ ମଧ୍ୟ ମ୍ୟାନେଜମେଣ୍ଟ ଓ ସରକାରଙ୍କ ପ୍ରସ୍ତାବ ଓ ଅନୁରୋଧକୁ ରକ୍ଷା କରି ୧୦ ବର୍ଷିୟା ବେତନ ଚୁକ୍ତିନାମା ପାଇଁ ସମସ୍ତ ଟ୍ରେଡ ୟୁନିୟନର ପ୍ରତିନିଧିମାନେ ସମ୍ମତି ପ୍ରଦାନ କରିଥିଲେ ଓ ୧୦ ବର୍ଷିୟା ଚୁକ୍ତିନାମାର ସର୍ତ୍ତାବଳୀ, ଯାହା ଅନ୍ୟ ପିଏସୟୁରେ ହୋଇଅଛି ଯଥା ୧୫ ପ୍ରତିଶତ ମିନିମମ୍ ଗ୍ୟାରେଣ୍ଟେଡ୍ ବେନିଫିଟ୍ (ଏମଜିଆର), ୩୫ ପ୍ରତିଶତ ପର୍କ୍ସ, ୯ ପ୍ରତିଶତ ପେନସନର ଅନୁଦାନ, ୧ ଜାନୁୟାରୀ, ୨୦୧୭ରୁ ସମସ୍ତ ଏରିଅର ପ୍ରଦାନ ଆଦି ପ୍ରମୁଖ ଦାବୀ ଓ ପ୍ରସ୍ତାବ ଗୁଡିକ ଆଗତ କରାଯାଇଥିଲା । ଏସଏଆଇଏଲ ତଥା ଆରଏସପିର ଶ୍ରମିକ କର୍ମଚାରୀମାନେ କଠିନ ପରିଶ୍ରମ ତଥା ନିଜର ସୃଜନଶୀଳ କର୍ମୀ କରି ଆରଏସପି ଓ ଏସଏଆଇଏଲକୁ ଉତ୍ପାଦନ ଓ ଉତ୍ପାଦକତାରେ ପ୍ରଗତି ଆଣି ଲାଭାର୍ଥନ କରିବା ସହିତ ଅନେକ ଉତ୍କର୍ସ ହାସଲ କରୁଛନ୍ତି କିନ୍ତୁ ଏସଏଆଇଏଲ ଓ ଆରଏସପି ପରିଚାଳନା କର୍ତ୍ତୃପକ୍ଷ ଏହା ଉପରେ କୌଣସି ପ୍ରଶଂସା ନକରି କର୍ମଚାରୀମାନଙ୍କୁ ଶୋଷଣ କରୁଛନ୍ତି ଓ ନୂତନ ବେତନ ଚୁକ୍ତିନାମା ସମ୍ପନ୍ନ କରିବାରେ ଅହେତୁକ ବିଳମ୍ବ କରୁଛନ୍ତି । ଏହିସବୁ ଅନ୍ୟାୟ, ଅତ୍ୟାଚାର, ଶ୍ରମିକ ଶୋଷଣ ବିରୁଦ୍ଧରେ ରାଉରକେଲା ଶ୍ରମିକ ସଂଘ (ଆରଏସଏସ) ଓ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍)ୟୁନିୟନ ତରଫରୁ ଶିଳ୍ପ ବିବାଦ ଆଇନ- ୧୯୪୭, ସେକ୍ସନ-୨୨ (୨) ଅନୁଯାୟୀ ଧର୍ମଘଟର ନୋଟିସ ଆରଏସପି, ସିଇଓଙ୍କୁ ପ୍ରଦାନ କରାଯାଇଛି। ଏହାର ନକଲ ଏସଏଆଇଏଲ ଚେୟାରମ୍ୟାନ, ଜିଲାପାଳ, ଏଡିଏମ ରାଉରକେଲା, ଏସପି ରାଉରକେଲା, ରିଜିନାଲ ଲେବର କମିଶନର ଓ ଆଇଏନଟିୟୁର ସଭାପତି ଡ. ସଞ୍ଜିବ ରେଡ୍ଡି ଓ ରାଜ୍ୟ ସଭାପିତି ଡ. ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ପ୍ରଦାନ କରାଯାଇଛି। ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ, ରାଉରକେଲାର ଶ୍ରମିକ ସଙ୍ଗଠନ, ଶ୍ରମିକ କର୍ମଚାରୀଙ୍କ ସହିତ ଆଲୋଚନା କରାଯାଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଆରଏସଏସର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରା, ଜିଏମଏମର ସାଧାରଣ ସମ୍ପାଦକ ଗୋପାଳ ଦାସ ସୂଚନା ଦେଇଛନ୍ତି।

**OFFICE OF THE MUNICIPAL COUNCIL, SUNABEDA**

Letter No.1250 Date:8.4.21

**TENDER CALL NOTICE**

No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.

The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.

i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.

Sd./- Executive Officer, Sunabeda Municipality
OIPR-13076/11/0001/2122



## ଆମେରିକାରେ ଘାତକ ହେଉଛି ବନ୍ଧୁକ ହିଂସା

ଆମେରିକାରେ ବନ୍ଧୁକ ହିଂସା ଏକ ମହାମାରୀ ରୂପ ନେଇସାରିଛି । ଏହା ଆମ ପାଇଁ ଏକ ଆନ୍ତର୍ଜାତିକ ଲଜ୍ଜା। ବହୁତ ହୋଇଗଲାଣି । ଏବେ କାର୍ଯ୍ୟାନୁଷ୍ଠାନର ବେଳ । ହ୍ୱାଇଟ୍ ହାଉସ୍‌ର ରୋଜ୍ ଗାର୍ଡେନରେ ନିଜ ନାଗରିକମାନଙ୍କୁ ଏଭଳି ଭାଷାରେ ସତର୍କ କରାଇଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ୍ । କାରଣ ସେଠାରେ ୩୯୦ ନିୟୁତରୁ ଅଧିକ ଲୋକ ବନ୍ଧୁକ ରଖିଛନ୍ତି । ୟୁଏସ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନର ତଥ୍ୟାନୁସାରେ ୨୦୧୯ରେ ଦେଶରେ ବନ୍ଧୁକ ଗୁଳିରେ ୩୮,୩୫୫ ଜଣ ପ୍ରାଣ ହରାଇଥିଲେ । ସେମାନଙ୍କ ମଧ୍ୟରୁ ୨୩,୯୪୧ ଆତ୍ମହତ୍ୟା କରିଥିଲେ ।

### ବନ୍ଧୁକ ସଂସ୍କୃତି

ଦୁନିଆରେ କେତେଜଣଙ୍କ ପାଖରେ ବନ୍ଧୁକ ରହିଛି ତାହା କହିବା ସହଜ ନୁହେଁ। ତେବେ ଆମେରିକାରେ ବିଶ୍ୱର ସର୍ବାଧିକ ବନ୍ଧୁକ ମାଲିକ ଅଛନ୍ତି। ଆମେରିକା ସମ୍ବିଧାନର ଦ୍ୱିତୀୟ ସଂଶୋଧନ ସେମାନଙ୍କୁ ବନ୍ଧୁକ ଧାରଣର ସୁରକ୍ଷା ଦେଇଥାଏ। ଆତ୍ମରକ୍ଷା, ଶିକାର ଓ ଅବସର ବିନୋଦନ ପାଇଁ ବନ୍ଧୁକ ବ୍ୟବହାର ସେଠାରେ ସାଧାରଣ କଥା। କିନ୍ତୁ ଏହି ସୁବିଧା ଆମେରିକୀୟଙ୍କୁ ମୃତ୍ୟୁ ମୁଖକୁ ଟାଣିନେଉଛି। କାରଣ ଟାର୍ଗେଟ ଶୁଟିଂ ମଧ୍ୟ ବଢ଼ି ବଢ଼ି ଚାଲିଛି।

### ଅନ୍ୟ ଦେଶ ସହ ତୁଳନା

୨୦୧୯ରେ ଆମେରିକାରେ ବନ୍ଧୁକ ହିଂସା ୧୪,୪୦୦ ଜଣଙ୍କ ଜୀବନ ନେଇଥିଲା। ଏହା ଥିଲା ଦେଶରେ ମୋଟ ହତ୍ୟାର ୭୩%। ଏହି ଅବଧି ମଧ୍ୟରେ ବ୍ରିଟେନରେ ମୋଟ ହତ୍ୟାର ୪% ବନ୍ଧୁକରେ ହୋଇଥିଲା। ସେହିପରି ଅଷ୍ଟ୍ରେଲିଆରେ ୨୨% ଓ କାନାଡାରେ ୩୯% ହତ୍ୟା ବନ୍ଧୁକରେ କରାଯାଇଥିଲା।

### ନିୟନ୍ତ୍ରଣକୁ ବିରୋଧ

ନ୍ୟାଶନାଲ ରାଇଫଲ ଆସୋସିଏଶନ (ଏନ୍ଆର୍ଏ) ମତରେ ଲୋକଙ୍କ ହାତରେ ଯେତେ ଅଧିକ ବନ୍ଧୁକ ରହିବ ଆମେରିକା ସେତେ ସୁରକ୍ଷିତ ରହିବ। ଏହି ସଙ୍ଗଠନ ବନ୍ଧୁକ ନିୟନ୍ତ୍ରଣକୁ ବିରୋଧ କରେ। ଆମେରିକାରେ ଏହା ହେଉଛି ସବୁଠୁ ପ୍ରଭାବଶାଳୀ ସ୍ପେଶାଲ ଇଣ୍ଟ୍ରେଷ୍ଟ ଲବି ଗ୍ରୁପ୍, ଯାହା ପାଖରେ ବନ୍ଧୁକ ନୀତି ଉପରେ କଂଗ୍ରେସ ସଦସ୍ୟମାନଙ୍କୁ ପ୍ରଭାବିତ କରିବା ପାଇଁ ସ୍ୱତନ୍ତ୍ର ବଜେଟ ରହିଛି।



# ଏବେ ଲଗାମର ବେଳ

ୱାଶିଂଟନ,୯।୪

ଆମେରିକାରେ ବିସ୍ଫୋରକ ସ୍ଥିତି ଧାରଣ କରିଛି ବନ୍ଧୁକ ହିଂସା। ଦେଶବାସୀଙ୍କୁ ଲଗାତର ଦୁଇଟି ଗୁଳିକାଣ୍ଡ ସ୍ତବ୍ଧ କରିଦେବା ପରେ ରାଷ୍ଟ୍ରପତି ଜୋ ବାଇଡେନ୍ ନେଇଛନ୍ତି ଏକ୍‌ଜିକ୍ୟୁଟିଭ୍ ଆକ୍ସନ। ବନ୍ଧୁକ ବ୍ୟବହାର ଉପରେ ଲଗାମ ଲଗାଇବା ପାଇଁ ସେ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଘୋଷଣା କରିଛନ୍ତି। ଏହାସହ ଅଧିକ କଠୋର ଆଇନ ଗୃହୀତ କରାଇବା ଲାଗି ଏମ୍‌ପିମାନଙ୍କୁ ବାଇଡେନ୍ ପରାମର୍ଶ ଦେଇଛନ୍ତି। କଂଗ୍ରେସ ସଦସ୍ୟ ଓ ବନ୍ଧୁକ ନିୟନ୍ତ୍ରଣ ଓକିଲାତି ଗୋଷ୍ଠୀ ଉପସ୍ଥିତ ଥିବା ହ୍ୱାଇଟ୍ ହାଉସ୍‌ର ରୋଜ୍ ଗାର୍ଡେନ୍ ଉତ୍ସବରେ ଗୁରୁବାର ବାଇଡେନ୍ କହିଥିଲେ, ଆମେରିକାରେ ବନ୍ଧୁକ ହିଂସାରେ ପ୍ରତିଦିନ ବହୁ ଲୋକଙ୍କ ଜୀବନ ଯାଉଛି। ଏକ ରାଷ୍ଟ୍ର ହିସାବରେ ଆମ ଚରିତ୍ରରେ ଏହା ଏକ କଳଙ୍କ। ପରିସଂଖ୍ୟାନ ଅନୁସାରେ ଆମେରିକାରେ ଦିନକୁ ୩୧୬ ଜଣ ଗୁଳିମାଡ଼ର ଶିକାର ହେଉଛନ୍ତି। ୧୦୬ ଜଣ ପ୍ରାଣ ହରାଉଥିବାବେଳେ ଅବଶିଷ୍ଟଙ୍କ ମଧ୍ୟରୁ ଅଧିକାଂଶଙ୍କ ଜୀବନ ମାଟି ହୋଇଯାଉଛି।

> ବନ୍ଧୁକ ହିଂସାରେ ଦୈନିକ ୧୦୦ ଜଣଙ୍କ ଜୀବନ ଯାଉଛି। ଏକ ରାଷ୍ଟ୍ର ହିସାବରେ ଆମେରିକାର ଚରିତ୍ର ଉପରେ ଏହା ଏକ କଳଙ୍କ। ପ୍ରାର୍ଥନା ବହୁତ ହୋଇଗଲା, ଏବେ ବନ୍ଧୁକ ଉପରେ ନିୟନ୍ତ୍ରଣର ସମୟ ଉପନୀତ।
>
> –ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି



ଆଟଲାଣ୍ଟାର ସ୍ପା ଓ ମସାଜ ପାର୍ଲରରେ ମାର୍ଚ୍ଚ ୧୬ରେ ଘଟିଥିବା ଗୁଳିକାଣ୍ଡରେ ୮ ଜଣଙ୍କ ଜୀବନ ଯାଇଥିଲା। ଏହାର ୬ ଦିନ ପରେ ଅର୍ଥାତ୍ ୨୨ତାରିଖରେ ବୋଲ୍ଡର ଗୁଳିକାଣ୍ଡରେ ୧୦ ନିହତ ହୋଇଥିଲେ। ଏହି ଦୁଇ ଘଟଣା ମଧ୍ୟରେ ସପ୍ତାହେରୁ କମ୍ ସମୟରେ ୮୫୦ରୁ ଉର୍ଦ୍ଧ୍ୱ ଗୁଳିକାଣ୍ଡ ଘଟିଛି, ଯେଉଁଥିରେ ୨୫୦ରୁ ଅଧିକ ଲୋକ ନିହତ ଓ ୫୦୦ ଆହତ ହୋଇଛନ୍ତି। ଏଭଳି ହିଂସାକୁ ଆଉ ବରଦାସ୍ତ କରିହେବ ନାହିଁ ବୋଲି ବାଇଡେନ୍ ଚେତାବନୀ ଦେଇଛନ୍ତି। ଏତିକି ନୁହେଁ, ଆମେରିକୀୟମାନଙ୍କୁ ବନ୍ଧୁକ ହିଂସାରୁ ସୁରକ୍ଷା ଦେବା ପାଇଁ ସେ ତାଙ୍କ ସବୁ କ୍ଷମତାର ଉପଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସର ରିପବ୍ଲିକାନ୍ ସଦସ୍ୟମାନେ ଗଣହତ୍ୟା ପରେ ବହୁତ ପ୍ରାର୍ଥନା କରିଛନ୍ତି। କିନ୍ତୁ ବନ୍ଧୁକ ହିଂସା କମାଇବା ଲାଗି ଗୋଟିଏ ହେଲେ ଆଇନ ଆଣିନାହାନ୍ତି ବୋଲି ରାଷ୍ଟ୍ରପତି କ୍ଷୋଭ ବ୍ୟକ୍ତ କରିଛନ୍ତି। ଏହାସହ ସେ ବନ୍ଧୁକ ହିଂସା ଉପରେ ୬ଟି ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କରିଛନ୍ତି। ନିର୍ଦ୍ଦେଶନାମା ଅନୁଯାୟୀ ତଥାକଥିତ 'ଭୂତ ବନ୍ଧୁକ' ବିକ୍ରି ଉପରେ ଅଙ୍କୁଶ ଲଗାଇବା ସକାଶେ ଏକ ଆଇନ ପ୍ରଣୟନ ପାଇଁ ନ୍ୟାୟ ବିଭାଗ ୩୦ ଦିନ ଭିତରେ ପ୍ରସ୍ତାବ ଦେବ। ଏହି ଅବସରରେ ସେ ପୂର୍ବତନ ଫେଡେରାଲ ଏଜେଣ୍ଟ ତଥା ଗନ୍ କଣ୍ଟ୍ରୋଲ ଆଡ୍‌ଭୋକେଟମାନଙ୍କ ପରାମର୍ଶଦାତା ଡେଭିଡ୍ ଚିପ୍‌ମ୍ୟାନଙ୍କୁ ବ୍ୟୁରୋ ଅଫ୍ ଆଲକୋହଲ, ଟବାକୋ, ଫାୟାର ଆର୍ମସ୍ ଆଣ୍ଡ ଏକ୍ସପ୍ଲୋସିଭ୍‌ସର ନିର୍ଦ୍ଦେଶକ ନିଯୁକ୍ତ କରିଛନ୍ତି।



## ଲାସ୍ ଭେଗାସ୍‌ରୁ ବୋଲ୍ଡର

**ଆଧୁନିକ ଆମେରିକା ଇତିହାସରେ ସବୁଠୁ ଘାତକ ଥିଲା ୨୦୧୭ର ଲାସ୍ ଭେଗାସ୍ ଶୁଟିଂ । ବିଗତ କିଛି ବର୍ଷ ମଧ୍ୟରେ ଘଟିଥିବା ଅସଂଖ୍ୟ ବନ୍ଧୁକ ହିଂସା ମଧ୍ୟରୁ ସବୁଠୁ ଚର୍ଚ୍ଚିତ ଥିଲା ଏହି ୭ଟି ଆକ୍ରମଣ ।**

- ୨୦୧୭ ଅକ୍ଟୋବର ୧ ସନ୍ଧ୍ୟାରେ ଲାସ୍ ଭେଗାସ୍‌ର ନେଭାଡାସ୍ଥିତ ପାରାଡାଇଜ୍ ସହରରେ ଗୁଳିକାଣ୍ଡ ଘଟିଥିଲା। ଏଥିରେ ୫୮ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିଲେ ଓ ୮୬୯ ଜଣ ଆହତ ହୋଇଥିଲେ। ୧୦୦୦ରୁ ଅଧିକ ରାଉଣ୍ଡ ଗୁଳି ଚଳାଇଥିବା ୬୪ ବର୍ଷୀୟ ଷ୍ଟିଫେନ୍ ପେଡୋକ୍ ଗିରଫ ହୋଇଥିଲେ।
- ୨୦୧୬ ଜୁନ୍ ୧୨ରେ ଫ୍ଲୋରିଡାର ଓର୍ଲାଣ୍ଡୋ ନାଇଟ୍ କ୍ଲବ୍‌ରେ ଶୁଟିଂ ହୋଇଥିଲା। ୫୦ ନିହତ ଓ ୫୮ ଆହତ ହୋଇଥିଲେ। ୩ ଘଣ୍ଟାର ଗୁଳି ବିନିମୟ ପରେ ୪୯ ବର୍ଷୀୟ ଆତତାୟୀ ଓମାର ମଟିନଙ୍କ ଜୀବନ ଯାଇଥିଲା ସୁରକ୍ଷା ବଳ ହାତରେ।
- ୨୦୦୭ ଏପ୍ରିଲ ୧୬ରେ ଭର୍ଜିନିଆ ଟେକ୍ ଶୁଟିଂରେ ୩୨ ମୃତ ଓ ୨୩ ଆହତ ହୋଇଥିଲେ। ବ୍ଲାକ୍ସବର୍ଗ ଟାଉନ୍‌ର ଦୁଇଟି ବିଲ୍ଡିଂରେ ହୋଇଥିଲା ଏହି ଘାତକ ଆକ୍ରମଣ।
- ୨୦୧୨ ଡିସେମ୍ବର ୧୪ରେ ନ୍ୟୁଟାଉନ୍‌ର ସାଣ୍ଡି ହୁକ୍ ଏଲିମେଣ୍ଟାରି ସ୍କୁଲ ଗୁଳିକାଣ୍ଡ ଆମେରିକାର ଅନ୍ୟତମ ଚର୍ଚ୍ଚିତ ଘାତକ ହିଂସା। ୨୦ ବର୍ଷୀୟ ଆଡାମ୍ ଲାଞ୍ଜା ୨୬ ଜଣଙ୍କୁ ଗୁଳି କରି ହତ୍ୟା କରିଥିଲେ। ମୃତକଙ୍କ ମଧ୍ୟରୁ ୨୦ ଜଣ ଶିଶୁଙ୍କ ବୟସ ଥିଲା ୬ରୁ ୭ ବର୍ଷ।
- ୨୦୧୭ ନଭେମ୍ବର ୫ରେ ଟେକ୍ସାସର ସଥରଲାଣ୍ଡ ସ୍ପ୍ରିଙ୍ଗ୍ ଶୁଟିଂ ସମସ୍ତଙ୍କୁ ଚକିତ କରିଦେଇଥିଲା। ଫାଷ୍ଟ ବାପ୍ଟିଷ୍ଟ ଚର୍ଚ୍ଚ ସମ୍ମୁଖରେ ଗୁଳିବର୍ଷା ଧୋଇନେଇଥିଲା ୨୬ ଜୀବନ। ଏଥିରେ ୨୦ ଜଣ ଆହତ ହୋଇଥିଲେ।
- ୨୦୨୧ ମାର୍ଚ୍ଚ ୧୬ରେ ଜର୍ଜିଆର ଆଟଲାଣ୍ଟା ସହରରେ ଥିବା ଅନେକ ସ୍ପା ଓ ମସାଜ ପାର୍ଲରରେ ଆଖିବୁଜା ଗୁଳି ଚଳାଇଥିଲେ ୨୧ ବର୍ଷୀୟ ଆତତାୟୀ ରବର୍ଟ ଆରୋନ୍ ଲଙ୍ଗ୍। ଏଥିରେ ୮ ଜଣଙ୍କ ଜୀବନ ଯାଇଥିଲା। ମୃତକଙ୍କ ମଧ୍ୟରୁ ୬ ଜଣ ଥିଲେ ଏସୀୟ ମହିଳା।
- ୨୦୨୧ ମାର୍ଚ୍ଚ ୨୨ କଲରାଡୋର ବୋଲ୍ଡର ସହରସ୍ଥିତ କିଙ୍ଗ୍ ସୁପର୍ସ ସୁପରମାର୍କେଟ ଦେଖିଥିଲା ଆଉ ଏକ ଗୁଳିକାଣ୍ଡ। ୨୧ ବର୍ଷୀୟ ଅହମ୍ମଦ ଅଲ୍ ଅଲିୱି ଅଲ୍-ଇସାଙ୍କ ଗୁଳିମାଡ଼ରେ ଜଣେ ପୋଲିସ ଅଧିକାରୀଙ୍କ ସମେତ ୧୦ ଜଣଙ୍କ ଜୀବନ ଯାଇଥିଲା।
- ସାଉଥ୍ କାରୋଲିନାସ୍ଥିତ ରକ୍ ହିଲ୍ ବାସଭବନରେ ୭୦ ବର୍ଷୀୟ ଡାକ୍ତର ରବର୍ଟ ଲେସ୍‌ଲି ଓ ତାଙ୍କ ପରିବାରର ୪ ସଦସ୍ୟଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗୁରୁବାର ସକାଳେ ସେମାନଙ୍କ ସହ ହତ୍ୟାକାରୀଙ୍କ ମୃତଦେହ ମିଳିଛି। ଡାକ୍ତରଙ୍କ ପଡ଼ୋଶୀ ଫିଲିପ୍ ଆଡାମ୍(୩୨) ବୁଧବାର ରାତିରେ ଏହି କାଣ୍ଡ ଭିଆଇବା ପରେ ନିଜ ଗୁଳିରେ ଟଳିପଡ଼ିଥିବା ପୋଲିସ କହିଛି।

**ରାଜ୍ୟ ଖବର...**

# ଏମାର ମଠ ଛାଡ଼ିବାକୁ ମହନ୍ତ ଅରାଜି

ପୁରୀ ଅଫିସ, ୯।୪

ବହୁ ଚର୍ଚ୍ଚିତ ଏମାର ମଠର ମହନ୍ତଙ୍କଠାରୁ ଦାୟିତ୍ୱ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି। ଦେବୋତ୍ତର ବିଭାଗର ନିଷ୍ପତ୍ତି ପରେ ନୂଆ ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ସମ୍ପ୍ରତି ଏହି ମଠର ମହନ୍ତ ଥିବା ଗୋପାଳ ରାମାନୁଜ ଦାସ ଦାୟିତ୍ୱ ହସ୍ତାନ୍ତରରେ ସହଯୋଗ ନ କରିବାରୁ ଶୁକ୍ରବାର ପ୍ରଶାସନ ବାଧ୍ୟହୋଇ ତାଲା ଭାଙ୍ଗି ମଠ ଭିତରକୁ ପ୍ରବେଶ କରିଛି।

ଏଣ୍ଡାଓମେଣ୍ଟ ଇନ୍ସପେକ୍ଟର, ସିଟି ଡିଏସ୍‌ପି, ସିଂହଦ୍ୱାର ଥାନା ଆଇଆଇସି, ମାଜିଷ୍ଟ୍ରେଟ୍ ଏବଂ ୨ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତିରେ ମଠର ବନ୍ଦ କୋଠରିଗୁଡ଼ିକ ଖୋଲାଯାଇଛି। ମଠରେ ପାଖାପାଖି ଶହେ କୋଠରି ଥିବା ଅନୁମାନ କରାଯାଉଛି। କୋଠରିଗୁଡ଼ିକର ତାଲା ଭାଙ୍ଗି ପ୍ରଶାସନ ସମ୍ପତ୍ତି ଏକାଠି କରିବା ଆରମ୍ଭ କରିଛି। ଏଯାବତ୍ ଆସବାବପତ୍ର, ସିନ୍ଦୁକ ଓ ସମ୍ପତ୍ତିର ଗଣନା ହୋଇଥିବା ବେଳେ ଏହାର ସମ୍ପୂର୍ଣ୍ଣ ଆକଳନ କରାଯାଇ ପାରିନାହିଁ। ଏହି ଅବସରରେ ଟ୍ରଷ୍ଟି ତଥା ଉତ୍ତରପାର୍ଶ୍ୱ ମଠ ମହନ୍ତ ନାରାୟଣ ରାମାନୁଜ ଦାସଙ୍କ ସମେତ ଐତିହ୍ୟ ଗବେଷକ ନରେଶ ଚନ୍ଦ୍ର ଦାସ, ବନବିହାରୀ ନାୟକ, ସାମାଜିକ କର୍ମୀ ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ନରେଶ ଚନ୍ଦ୍ର ଦାସ କହିଛନ୍ତି, ମହନ୍ତ ପ୍ରାଥମିକ ସ୍ତରରେ ସହଯୋଗ ନ କରିବାରୁ ପ୍ରଶାସନକୁ ତାଲା ଭାଙ୍ଗିବାକୁ ପଡ଼ିଛି।



ପ୍ରଶାସନିକ ଅଧିକାରୀ ଏବଂ ଟ୍ରଷ୍ଟ ବୋର୍ଡ ସଦସ୍ୟମାନେ ଏମାର ମଠ ଅଭିମୁଖେ ଯାଉଛନ୍ତି।

### ତାଲା ଭାଙ୍ଗି ଭିତରେ ପଶିଲା ପ୍ରଶାସନ

- ଦାୟିତ୍ୱ ନେବ ନୂଆ ଟ୍ରଷ୍ଟ ବୋର୍ଡ
- ପ୍ରଶାସନ ବେଆଇନ କାର୍ଯ୍ୟ କରୁଛି: ଗୋପାଳ ରାମାନୁଜ ଦାସ
- ଆଇନ ଉଲ୍ଲଂଘନ କରାଯାଉନାହିଁ: ଟ୍ରଷ୍ଟ ବୋର୍ଡ ସଦସ୍ୟ

ଝୁଲଣ ଉପକରଣ, ଅନେକ ତୈଳଚିତ୍ର, ପୂର୍ବ ମହନ୍ତଙ୍କ ଆସବାବପତ୍ର ଓ କିଛି କାଗଜପତ୍ର ମିଳିଛି। ସମସ୍ତ ସମ୍ପତ୍ତିର ହିସାବ ଚାଲିଛି। ତେବେ ଆଇନ ଉଲ୍ଲଂଘନ କରି କୌଣସି କାର୍ଯ୍ୟ କରାଯାଉନାହିଁ। ଅନ୍ୟପକ୍ଷରେ ଏମାର ମଠ ମହନ୍ତ ଗୋପାଳ ରାମାନୁଜ ଦାସ କହିଛନ୍ତି, ଏହି ମାମଲା ଏବେ ହାଇକୋର୍ଟରେ ବିଚାରାଧୀନ ରହିଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ ରହିତାଦେଶ ଅଛି। ଏଭଳି ସ୍ଥଳେ ପ୍ରଶାସନ ଜୋରଜବରଦସ୍ତ ମଠରେ ପ୍ରବେଶ କରିବା ଆଇନସମ୍ମତ ନୁହେଁ। କେହି ଜଣେ ଏକା ଥିବାବେଳେ ପ୍ରଶାସନ ଯଦି ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଳପୂର୍ବକ ଉଠାଇ ନିଏ ତେବେ କ'ଣ କରାଯାଇପାରିବ। ସେହିପରି ଉକ୍ତ ମାମଲାରେ ରିପୋର୍ଟ ଦାଖଲ କରିବା ପାଇଁ ପ୍ରଶାସନକୁ ସୁପ୍ରିମ୍‌କୋର୍ଟ କହିଥିଲେ। ମାତ୍ର ପ୍ରଶାସନ ତାହା କରିବାକୁ ଉଚିତ୍ ମନେ କରିନାହିଁ। ଏଭଳି ପରିସ୍ଥିତିରେ ନୂଆ ଟ୍ରଷ୍ଟ ବୋର୍ଡକୁ କିଭଳି ଦାୟିତ୍ୱ ହସ୍ତାନ୍ତର କରାଯାଇପାରିବ ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୧ ମସିହାରେ ଏମାର ମଠରୁ ୫୨୨ ଖଣ୍ଡ ରୁପାଇଟା ଜବତ ହୋଇଥିଲା। ଏହାର ଆନୁମାନିକ ମୂଲ୍ୟ ୯୦ କୋଟି ଟଙ୍କା ଥିଲା। ଢେଙ୍କାନାଳର ଜଣେ ବ୍ୟକ୍ତିଙ୍କଠାରୁ ରୁପା ଇଟା ମିଳିବା ପରେ ପୋଲିସ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତି ଏମାର ମଠରୁ ଇଟା ନେଇଥିଲେ ବୋଲି ଜାଣିବାକୁ ପାଇଥିଲା। ଏହାପରେ ଏମାର ମଠରେ ଚଢ଼ାଉ କରାଯାଇ ରୁପା ଇଟା ଜବତ କରାଯାଇଥିଲା। ମଠରେ ରୁପା ଇଟା ଥିବା ମହନ୍ତ ଗୋପାଳ ରାମାନୁଜ ଦାସ ଜାଣିଥିଲେ ଓ ଏହାକୁ ବିକ୍ରି ଅଭିଯୋଗରେ ତାଙ୍କୁ ଜେଲ ଦଣ୍ଡାଦେଶ ହୋଇଥିଲା। ଏହାପରେ ଦେବୋତ୍ତର ବିଭାଗ ମଠର ପରିଚାଳନା ଦାୟିତ୍ୱ ହସ୍ତାନ୍ତର ପାଇଁ ଏକ ଟ୍ରଷ୍ଟ ଗଢ଼ିଥିଲେ। ପ୍ରଥମ ଟ୍ରଷ୍ଟ କାର୍ଯ୍ୟକାରୀ ହୋଇ ନ ପାରିବା ପରେ ନୂତନ ଟ୍ରଷ୍ଟ ଗଢ଼ାଯାଇଛି। ତେବେ ଏମାର ମଠର କୋଠରିରୁ କେଉଁ ସବୁ ସାମଗ୍ରୀ ମିଳିବ ସେ ନେଇ ସାଧାରଣରେ ଉତ୍କଣ୍ଠା ସୃଷ୍ଟି ହୋଇଛି।

## ନାବାଳିକା ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ଫୁଲବାଣୀ ଅଫିସ, ୯।୪

ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ବିଚାରକରି ଫୁଲବାଣୀ ପୋକ୍‌ସୋ କୋର୍ଟ ସ୍ୱତନ୍ତ୍ର ବିଚାରପତି ସମର ବିଳାସ ବେହେରା ଅଭିଯୁକ୍ତଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୨ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦେୟ ଅଧିକ ୬ ମାସ ଜେଲ ଭୋଗିବାକୁ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଫିରିଙ୍ଗିଆ ଥାନା ଅଞ୍ଚଳର ବିନୋଦ ନାୟକ।

୨୦୧୭ ଅଗଷ୍ଟ ୧୮ ତାରିଖ ଅପରାହ୍ନରେ ୫ ବର୍ଷର ଜଣେ ନାବାଳିକା ସାଙ୍ଗମାନଙ୍କ ସହ ଖେଳୁଥିଲେ । ଏହି ସମୟରେ ସେହି ଗ୍ରାମର ବିନୋଦ ତାଙ୍କୁ କୌଶଳ କରି ଘରକୁ ଡାକି ନେଇ ବଳାତ୍କାର କରିଥିଲେ। ନାବାଳିକାଙ୍କ ବାପା ଏହା ଜାଣିବା ପରେ ଝିଅକୁ ଉଦ୍ଧାର କରି ଆଣିବା ପରେ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ.୭୪/୧୭ରେ ମାମଲା ରୁଜୁ କରି ବିନୋଦଙ୍କୁ ଗିରଫ କରିଥିଲା। ବିଚାରପତି ୯ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ମାମଲା ପରିଚାଳନା କରୁଥିଲେ।

## ୩.୩୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

ନିମାପଡ଼ା,୯।୪(ଡି.ଏନ୍.ଏ.)

କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଶୁକ୍ରବାର ପୁରୀ ଜିଲା କୋଣାର୍କ ଥାନା ଅନ୍ତର୍ଗତ ଜୁଣେଇଁ, ନଳବଣ ବନଖଣ୍ଡ ଆଦି ଅଞ୍ଚଳରେ ଅଚାନକ ଚଢ଼ାଉ କରାଯାଇଛି। ଚଢ଼ାଉରେ ୩ଲକ୍ଷ ୩୦ହଜାର ଟଙ୍କାର ୩୨ଗ୍ରାମ ବ୍ରାଉନସୁଗାର ଜବତ ହୋଇଥିବାବେଳେ ଜଣେ ବ୍ରାଉନସୁଗାର ବେପାରୀକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେ ହେଲେ କୋଣାର୍କ ଥାନା ଅନ୍ତର୍ଗତ ଜୁଣେଇଁ ଅଞ୍ଚଳର ବୁଲୁ କାଣ୍ଡି। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲକୁ ପଠାଇ ଦେଇଛନ୍ତି। ଏ ନେଇ କଟକ ଅବକାରୀ ବିଭାଗ ପକ୍ଷରୁ ଏନ୍‌ଡିପିଏସ୍ ଦଫାରେ ନଂ. ୮/୨୧ରେ ଏକ ମାମଲା ରୁଜୁ ହୋଇଛି। ଚଢ଼ାଉରେ କଟକ ଅବକାରୀ ବିଭାଗର ଇନ୍ସପେକ୍ଟର ଜଗଦୀଶ ଚନ୍ଦ୍ର ସାମଲ, ଏସ୍ଆଇ ସୌମ୍ୟରଞ୍ଜନ ସିଂ ଭୋଇ, କିଶୋର ଚନ୍ଦ୍ର ରାଉତ, ଜଗନ୍ନାଥ ନାୟକ, ରଞ୍ଜନ ପାତ୍ର, ରଜନୀ ପଞ୍ଚବାୟା ପ୍ରମୁଖ ସଦଳବଳ ସାମିଲ ଥିଲେ।



ଗିରଫ ବ୍ରାଉନସୁଗାର ବେପାରୀ।

# ଆରସିବିର ରୋମାଞ୍ଚକ ବିଜୟ

ଚେନ୍ନାଇ, ୯।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଉଦ୍‌ଘାଟନୀ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ରୋମାଞ୍ଚକ ବିଜୟ ହାସଲ କରିଛି। ଶୁକ୍ରବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆରସିବି ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସକୁ ୨ ଉଇକେଟରେ ପରାସ୍ତ କରିଛି। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୫୯ ରନ୍ କରିଥିବାବେଳେ ଆରସିବି ୨୦ ଓଭରରେ ୮ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।

## ହର୍ଷଲ ପଟେଲଙ୍କୁ ୫ ଉଇକେଟ

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବି ଅଧିନାୟକ ବିରାଟ କୋହଲି। କ୍ୱିଣ୍ଟନ ଡି'କକ୍ କ୍ୱାରାଣ୍ଟାଇନ୍‌ରେ ଥିବାରୁ ଅଧିନାୟକ ରୋହିତ ଶର୍ମାଙ୍କ ମୁମ୍ବାଇ ପକ୍ଷରୁ ଇନିଂସ ଓପନ କରିଥିଲେ କ୍ରିସ୍

**ଆଇପିଏଲ୍-୧୪**

ଲିନ୍। ଓପନିଂ ଯୋଡ଼ିରେ ୨୪ ବଲ୍‌ରୁ ୨୪ ରନ ସଂଗ୍ରହ ହୋଇଥିବାବେଳେ ରୋହିତ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଯାଇଥିଲେ। ଯୁଜବେନ୍ଦ୍ର ଚହଲଙ୍କ ଗୁଗ୍‌ଲିକୁ ରୋହିତ କଭର ଅଞ୍ଚଳକୁ ଖେଳିଥିବାବେଳେ ରୋହିତ ସିଙ୍ଗଲ ରନ ନେବାକୁ ଚାହିଁଥିଲେ। ଲିନ୍ ଦୁଇ ଷ୍ଟେପ୍ ଆଗକୁ ବାହାରି ଆସି ପୁଣି କ୍ରିଜ୍‌କୁ ଫେରି ଯାଇଥିଲେ ଏବଂ ରୋହିତଙ୍କୁ ଫେରିଯିବାକୁ କହିଥିଲେ। ମାତ୍ର ରୋହିତଙ୍କ ପାଇଁ ଆଉ ସୁଯୋଗ ନ ଥିଲା। କୋହଲିଙ୍କଠାରୁ ଥ୍ରୋ ପାଇ ଚହଲ ଷ୍ଟମ୍ପ ଭାଙ୍ଗି ଦେଇଥିଲେ। ୧୫ଟି ବଲ୍ ଖେଳିଥିବା ରୋହିତ ଗୋଟିଏ ଲେଖାଏ ଚୌକା ଓ ଛକା ମାରି ୧୫ ରନ କରିଥିଲେ। ଏହାକୁ ମିଶାଇ ରୋହିତ ଆଇପିଏଲରେ ସର୍ବାଧିକ ୩୬ଥର ରନଆଉଟ ହୋଇଥିଲେ। ୧୧ ଥର ସେ ନିଜ ଭୁଲ୍ ପାଇଁ ଏବଂ ୨୫ ଥର ପାର୍ଟନରଙ୍କ ପାଇଁ ସେ ଏହି ଦଶା ଭୋଗିଛନ୍ତି। ଲିନ୍ ଓ ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ଉଇକେଟରେ ୪୪ ବଲ୍‌ରୁ ୭୦ ରନ ଯୋଗକରି ଦଳକୁ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। କାଏଲ ଜେମିସନ ୨ ଓଭର ବୋଲିଂ କରି ସାରିଥିଲେ ହେଁ ପରିସ୍ଥିତିକୁ ଦୃଷ୍ଟିରେ ରଖି ତାଙ୍କ ହାତକୁ ବଲ ବଢ଼ାଇଥିଲେ କୋହଲି। ଏହା କାମ ଦେଇଥିଲା। ୧୧ତମ ଓଭରର ଶେଷ ବଲ୍‌ରେ ସୂର୍ଯ୍ୟକୁମାରଙ୍କୁ ଉଇକେଟ କିପର ଏବି ଡି'ଭିଲର୍ସଙ୍କ ହାତରେ କ୍ୟାଚ କରାଇ ଆରସିବିକୁ ବ୍ରେକ୍ ଥ୍ରୁ ଦେଇଥିଲେ ଜେମିସନ। ଅଫ୍‌ଷ୍ଟମ୍ପ ବାହାରର ଶର୍ଟ ବଲ୍‌କୁ ବିଳମ୍ବରେ ଅପ୍ କଟର ଖେଳିବାକୁ ଯାଇ ସୂର୍ଯ୍ୟକୁମାର ଉଇକେଟ କିପରଙ୍କ ହାତରେ ଧରାପଡ଼ିଥିଲେ। ସେ ୨୩ ବଲ୍‌ରୁ ୪ ଚୌକା ଓ ୧ ଛକା ସହାୟତାରେ ୩୧ ରନ କରିଥିଲେ। ଜେମିସନଙ୍କର ଏହାଥିଲା ପ୍ରଥମ ଆଇପିଏଲ ଉଇକେଟ।



ଉଦ୍‌ଘାଟନୀ ମ୍ୟାଚ୍‌ରେ ୫ ଉଇକେଟ ସଫଳତା ହାସଲ କରିଥିବା ଆର୍‌ସିବିର ହର୍ଶଲ ପଟେଲ।

ଅନ୍ୟପକ୍ଷରେ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳିଥିଲେ ହେଁ ମାତ୍ର ୧ ରନ ପାଇଁ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ ଲିନ୍। ସେ ୩୫ ବଲ୍‌ରୁ ୪ ଚୌକା ଓ ୩ ଛକା ସହାୟତାରେ ୪୯ ରନ କରିଥିବାବେଳେ ୱାଶିଂଟନ ସୁନ୍ଦରଙ୍କ ବଲ୍‌ରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। ଫଳରେ ଏକଦା ମୁମ୍ବାଇ ୨୦୦ ରନ ପାଖାପାଖି ସ୍କୋର କରିବ ବୋଲି ଯାହା ଆଶା କରାଯାଉଥିଲା ତାହା ମଉଳିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ୧୦ ବଲ୍‌ରୁ ୧୩(୨ ଚୌକା) ରନ କରି ହର୍ଶଲ ପଟେଲଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଯିବାରୁ ୧୬ ଓଭର ଶେଷ ବେଳକୁ ମୁମ୍ବାଇ ସ୍କୋର ୧୩୫/୪ ହୋଇ ଯାଇଥିଲା। ଫର୍ମରେ ଥିବା ଇଶାନ କିଶନ ୧୯ ବଲ୍‌ରୁ ୨ ଚୌକା ଓ ୧ ଛକା ସହ ୨୮ ରନ କରି ହର୍ଶଲଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଡେଥ୍ ଓଭରରେ ଆରସିବି ବୋଲିଂ ଚମତ୍କାର ରହିଥିଲା। ବିଶେଷ କରି ଶେଷ ଓଭରରେ ମୁମ୍ବାଇର ନାଟକୀୟ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ମାତ୍ର ୧ ରନ ସଂଗ୍ରହ ହୋଇଥିବାବେଳେ ୪ ଉଇକେଟ ହରାଇଥିଲା ଡିଫେଣ୍ଡିଂ ଚାମ୍ପିୟନ। ହର୍ଶଲ ପଟେଲ ଏହି ଓଭରର ପ୍ରଥମ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟା ଓ ଦ୍ୱିତୀୟ ବଲ୍‌ରେ କିରନ ପୋଲାର୍ଡଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିବାବେଳେ ୪ର୍ଥ ବଲ୍‌ରେ ମାର୍କୋ ଜେନସେନଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଏଥିସହ ସେ ଚଳିତ ଆଇପିଏଲ ଆରମ୍ଭରୁ ୫ ଉଇକେଟ ସଫଳତା ପାଇଥିଲେ। ଇନିଂସର ଶେଷ ବଲ୍‌ରେ ରାହୁଲ ଚହର ରନ୍‌ଆଉଟ ହେବାରୁ ମୁମ୍ବାଇ ଇନିଂସ ୨୦ ଓଭରରେ ୧୫୯/୯ରେ ସୀମିତ ରହିଥିଲା। ଆରସିବି ବୋଲରଙ୍କ ମଧ୍ୟରେ ହର୍ଶଲ ୪-୦-୨୭-୫ ବୋଲିଂ ଫିଗର ପାଇଥିଲେ। ଆଇପିଏଲରେ କୌଣସି ବୋଲର ମୁମ୍ବାଇ ବିପକ୍ଷରେ ୫ ଉଇକେଟ ନେବା ଏହା ପ୍ରଥମ। ଆଇପିଏଲରେ ହର୍ଶଲଙ୍କର ମଧ୍ୟ ଏହା ପ୍ରଥମ ୫ ଉଇକେଟ ସଫଳତା। ଜେମିସନ ୨୭ ରନରେ ଏବଂ ୱାଶିଂଟନ ସୁନ୍ଦର ୭ ରନରେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ମହମ୍ମଦ ସିରାଜ ଉଇକେଟ ପାଇ ନ ଥିଲେ ହେଁ ଚମତ୍କାର ବୋଲିଂ କରି ୪ ଓଭରରେ ମାତ୍ର ୨୨ ରନ ବ୍ୟୟ କରିଥିଲେ। ସବୁଠାରୁ ମହଙ୍ଗା ବୋଲରଭାବେ ଯୁଜବେନ୍ଦ୍ର ଚହଲ ୪ ଓଭରରେ ୪୧ ରନ ବ୍ୟୟ କରିଥିଲେ।

୧୬୦ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଆରସିବି ପକ୍ଷରୁ ବିରାଟଙ୍କ ସହ ଇନିଂସ ଓପନ କରିଥିଲେ ୱାଶିଂଟନ ସୁନ୍ଦର। ଓପନିଂ ଯୋଡ଼ିରେ ୨୬ ବଲ୍‌ରୁ ୩୬ ରନ ସଂଗ୍ରହ ହୋଇଥିବାବେଳେ ସୁନ୍ଦର ୧୦ ରନ କରି କ୍ରୁନାଲ ପାଣ୍ଡ୍ୟାଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପ୍ରଥମ ମ୍ୟାଚ ଖେଳିଥିବା ରଜତ ପଟିଦାର (୮ ରନ)ଙ୍କୁ ଟ୍ରେଣ୍ଟ ବୋଲ୍ଟ କ୍ଲିନ ବୋଲ୍ଡ କରି ଦେଇଥିଲେ। ଫଳରେ ୪୬ ରନରେ ଆରସିବିର ୨ୟ ଉଇକେଟ ପଡ଼ିଥିଲା। ବିରାଟ ଓ ଗ୍ଲେନ ମ୍ୟାକ୍ସୱେଲ ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ବିଜୟ ଦିଗରେ ଅଗ୍ରସର କରାଇଥିଲେ। ତୃତୀୟ ଉଇକେଟରେ ୪୨ ବଲ୍‌ରୁ ୫୨ ରନ ସଂଗ୍ରହ ପରେ କୋହଲିଙ୍କୁ ଏଲବିଡବ୍ଲ୍ୟୁ କରି ମୁମ୍ବାଇକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ ଯଶପ୍ରୀତ୍ ବୁମ୍‌ରା। ୨୯ ବଲ୍ ଖେଳିଥିବା କୋହଲି ୪ ଚୌକା ସହ ୩୩ ରନ କରିଥିଲେ। ପରେପରେ କ୍ରିଜରେ ଜମିରହି ବଡ଼ ଶଟ୍ ଖେଳୁଥିବା ମ୍ୟାକ୍ସୱେଲ ଆଉଟ ହୋଇଯିବାରୁ ମ୍ୟାଚର ମୋଡ଼ ବଦଳିଥିଲା। ମ୍ୟାକ୍ସୱେଲ ୨୮ ବଲ୍‌ରୁ ୩୯(୩ ଚୌକା, ୨ ଛକା) ରନ କରିଥିଲେ। ଶାହାବାଜ ଅହମଦ ୧ ରନରେ ଆଉଟ ହେବା ମୁମ୍ବାଇ ଶିବିରରେ ଖୁସି ଭରିଥିଲା। ଡାନିଏଲ କ୍ରିଷ୍ଟିଆନ ମଧ୍ୟ ମାତ୍ର ୧ ରନ କରିଥିଲେ। ଶେଷ ୩ ଓଭରରୁ ୩୪ ରନ ଆବଶ୍ୟକ ହେଉଥିବାବେଳେ ୧୮ତମ ଓଭରରେ ଏବି ଡି'ଭିଲର୍ସ ଓ ଜେମିସନ ଟ୍ରେଣ୍ଟ ବୋଲ୍ଟଙ୍କ ବୋଲିଂରୁ ୧୫ ରନ ନେଇ ଆଶ୍ୱସ୍ତି ଆଣିଥିଲେ। ୧୯ତମ ଓଭରରେ ଜେମିସନଙ୍କ ଉଇକେଟ ନେଇ ବୁମ୍‌ରା ୧୨ ରନ ବ୍ୟୟ କରିଥିଲେ। ଫଳରେ ୬ ବଲ୍‌ରୁ ଆରସିବିକୁ ୭ ରନ ଆବଶ୍ୟକ ଥିଲା। ପ୍ରଭାବୀ ବ୍ୟାଟିଂ କରି ଡି'ଭିଲର୍ସ ୨୭ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୮ ରନ କରି ରନଆଉଟ ହୋଇ ଯାଇଥିଲେ। ଶେଷ ୨ ବଲ୍‌ରୁ ୨ ରନ ଔପଚାରିକତାକୁ ଅର୍ଶଲ ପଟେଲ ଓ ମହମ୍ମଦ ସିରାଜ ପୂରଣ କରିଥିଲେ। ମୁମ୍ବାଇ ପକ୍ଷରୁ ବୁମ୍‌ରା ଓ ମାର୍କୋ ଜେନସେନ ୨ଟି ଲେଖାଏ ଏବଂ ଟ୍ରେଣ୍ଟ ବୋଲ୍ଟ ଓ କ୍ରୁନାଲ ପାଣ୍ଡ୍ୟା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ପ୍ରକାଶଯୋଗ୍ୟ ଯେ, ୮ ବର୍ଷ ବ୍ୟବଧାନରେ ମ୍ୟାକ୍ସୱେଲ, କାଏଲ ଜେମିସନ ଓ ଡାନିଏଲ କ୍ରିଷ୍ଟିଆନ ଆରସିବିକୁ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ରଜତ ପଟିଦାର ଆଇପିଏଲ ପଦାର୍ପଣ କରିଥିଲେ। ୬ ଫୁଟ ୮ ଇଞ୍ଚ ଦକ୍ଷିଣ ଆଫ୍ରିକୀୟ ବୋଲର ମାର୍କୋ ଜେନସେନ ମଧ୍ୟ ଆଇପିଏଲ ପଦାର୍ପଣ କରିଥିଲେ। ଏହା ପୂର୍ବରୁ ଚେପକ୍‌ରେ ମୁମ୍ବାଇ ଖେଳିଥିବା ୫ଟି ଯାକ ମ୍ୟାଚରେ ବିଜୟୀ ହୋଇଥିବାବେଳେ ଆରସିବି ୫ ପରାଜୟ ଲଭିଥିଲା। ଆରସିବି ଏଠାରେ ଶେଷଥର ପାଇଁ ୨୦୧୧ ସଂସ୍କରଣର ଦ୍ୱିତୀୟ କ୍ୱାଲିଫାୟରରେ ମୁମ୍ବାଇକୁ ୪୩ ରନରେ ପରାସ୍ତ କରିଥିଲା। ମୁମ୍ବାଇର ମଧ୍ୟ ଏହାଥିଲା ଏଠାରେ ଶେଷ ପରାଜୟ। ମାତ୍ର ଏଥର ଉଭୟ ମୁମ୍ବାଇ ଓ ଆର୍‌ସିବିର ଏହି ରେକର୍ଡ ଭଙ୍ଗ ହୋଇଛି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୯/୯(କ୍ରିସ୍ ଲିନ୍-୪୯, ସୂର୍ଯ୍ୟକୁମାର ଯାଦବ-୩୧, ଇଶାନ କିଶନ-୨୮, ହର୍ଶଲ ପଟେଲ-୫/୨୭, କାଏଲ ଜେମିସନ-୧/୨୭, ୱାଶିଂଟନ ସୁନ୍ଦର-୧/୭)। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୦/୮(ଏବି ଡି'ଭିଲର୍ସ-୪୮, ଗ୍ଲେନ ମ୍ୟାକ୍ସୱେଲ-୩୯, ବିରାଟ କୋହଲି-୩୩, ଯଶପ୍ରୀତ୍ ବୁମ୍‌ରା-୨/୨୬, ମାର୍କୋ ଜେନସେନ-୨/୨୮, ଟ୍ରେଣ୍ଟ ବୋଲ୍ଟ-୧/୩୬, କ୍ରୁନାଲ ପାଣ୍ଡ୍ୟା-୧/୨୫)।

## ସମସ୍ୟାରେ ପଡ଼ିପାରନ୍ତି ନ୍ୟୁଜିଲାଣ୍ଡ ଖେଳାଳି

**ୱେଲିଂଟନ, ୯।୪ (ପି.ଟି.):** କରୋନା ଭାଇରସ ଯୋଗୁ ନ୍ୟୁଜିଲାଣ୍ଡ ସରକାର ରବିବାରଠାରୁ ଯାତାୟାତ କଟକଣା ଜାରି କରିଛନ୍ତି। ଯଦି ଏହି କଟକଣା ଏପ୍ରିଲ ୨୮ ପରେ ବୃଦ୍ଧି କରାଯାଏ ତେବେ ଆଇପିଏଲ ଖେଳୁଥିବା ଏହି ଦେଶର ଖେଳାଳିମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଆଇପିଏଲ୍ ଶେଷ ହେବା ମାତ୍ରେ ଏହି ଖେଳାଳିମାନେ ନିଜଦେଶକୁ ନ ଫେରି ସିଧାସଳଖ ୟୁନାଇଟେଡ କିଙ୍ଗଡମ(ୟୁକେ) ଗସ୍ତ କରିବେ। ସେଠାରେ ସେମାନେ ପ୍ରଥମେ ମେ-ଜୁନ୍‌ରେ ଇଂଲଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଏବଂ ଏହାପରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଖେଳିବେ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଲ)ରେ ୧୦ ନ୍ୟୁଜିଲାଣ୍ଡ ଖେଳାଳି ଭାଗ ନେଉଛନ୍ତି। ସେମାନଙ୍କ ମଧ୍ୟରେ ଅଧିନାୟକ କେନ୍ ୱିଲିୟମସନ, ପେସ୍ ବୋଲର ଟ୍ରେଣ୍ଟ୍ ବୋଲ୍ଟ ଓ କାଇଲ ଜେମିସନ ରହିଛନ୍ତି। ପରିସ୍ଥିତି ଉପରେ ଆମେ ନଜର ରଖିଛୁ। ଫ୍ରାଞ୍ଚାଇଜ୍‌ଗୁଡ଼ିକ ସହ ଆମେ ଯୋଗାଯୋଗ ରଖିଛୁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍‌ସି)ର ଲୋକସମ୍ପର୍କ ବ୍ୟାପାର ମ୍ୟାନେଜର ରିଜାର୍ଡ୍ସ ବୁକ୍ସ କହିଛନ୍ତି। କରୋନା ସଂକ୍ରମଣ ଦ୍ରୁତ ହାରରେ ବୃଦ୍ଧି ପାଉଥିବାରୁ ଏପ୍ରିଲ ୧୧ରୁ ୨୮ ପର୍ଯ୍ୟନ୍ତ ଭାରତର ଯାତ୍ରୀଙ୍କ ଆଗମନ ଉପରେ କଟକଣା ଜାରି କରାଯାଇଥିବା ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜାସିଣ୍ଡା ଆର୍ଡର୍ନ ଗୁରୁବାର ଘୋଷଣା କରିଥିଲେ।

## ସାଇର ଗ୍ରୀଷ୍ମଛୁଟି

**ନୂଆଦିଲ୍ଲୀ, ୯।୪ (ପି.ଟି.):** ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏହାର ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସଲେନ୍ସଗୁଡ଼ିକ ଲାଗି ୩ ସପ୍ତାହ ଗ୍ରୀଷ୍ମ ଛୁଟି ଘୋଷଣା କରିଛି। ଆଥ୍‌ଲେଟମାନଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଆଥ୍‌ଲେଟମାନେ ସେମାନଙ୍କ କ୍ୟାମ୍ପରେ ରହି ଟ୍ରେନିଂ ଜାରି ରଖିପାରିବେ। ବିଗତ କିଛିଦିନ ହେଲା ଭାରତରେ ଦୈନିକ କରୋନା ସଂକ୍ରମିତଙ୍କ ସଂଖ୍ୟା ୧ଲକ୍ଷରୁ ଅଧିକ ରହିଛି, ଯାହାକି ଚିନ୍ତା ବଢ଼ାଇ ଦେଇଛି। ହେଲେ ଅଲିମ୍ପିକ ଯିବାକୁ ଥିବା ଆଥ୍‌ଲେଟମାନଙ୍କ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଆଶା କରାଯାଉଛି।

## ଲଣ୍ଡନରେ ଆଇପିଏଲ୍ ଆୟୋଜନ କରିବାକୁ ମେୟର ଆଗ୍ରହୀ

ଲଣ୍ଡନ,୯।୪(ପି.ଟି.)

ଆସନ୍ତା ମାସରେ ନିର୍ବାଚନ ଆୟୋଜନ ହେବାକୁ ଯାଉଥିବାରୁ ଲଣ୍ଡନ ମେୟର ସାଦିକ୍ ଖାଁ ଏକ ଭିନ୍ନ ଧରଣର ଇଚ୍ଛା ଜାହିର କରି ଚର୍ଚ୍ଚିତ ହୋଇଛନ୍ତି। କୋଭିଡ୍-୧୯ ଅବନତି ହେଲେ ଲଣ୍ଡନରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ମ୍ୟାଚ୍ ଆୟୋଜନ କରିବାକୁ ସେ ଆଗ୍ରହୀ ଅଛନ୍ତି ବୋଲି କହିଛନ୍ତି। ଏଥିପାଇଁ ସେ କ୍ରିକେଟ ସମ୍ପର୍କିତ ପ୍ରଶାସକ ଓ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି।

ଇତିମଧ୍ୟରେ ଲଣ୍ଡନରେ ଏନ୍‌ଏଫ୍‌ଏଲ୍ (ନ୍ୟାଶନାଲ ଫୁଟ୍‌ବଲ ଲିଗ୍) ଓ ମେଜର ଲିଗ୍ ବେସ୍‌ବଲ (ଏମ୍‌ଏଲ୍‌ବି)ର ମ୍ୟାଚ୍ ସଫଳତାର ସହ ଆୟୋଜନ ହେବା ପରେ ସାଦିକ୍ ଏହି କଥା କହିଛନ୍ତି। ମହାମାରୀ ପରେ ଲଣ୍ଡନକୁ ଆହୁରି ଉନ୍ନତ କରିବାକୁ ଏହି ଯୋଜନା ରହିଛି। ଲଣ୍ଡନବାସୀ ବିରାଟ କୋହଲି, ରୋହିତ ଶର୍ମା ଓ ରିଷଭ ପନ୍ତଙ୍କ ଖେଳ ଲର୍ଡ୍ସ ଓ କିଆ ଓଭାଲରେ ଦେଖିବାକୁ ବ୍ୟଗ୍ର ଅଛନ୍ତି। ଆଇପିଏଲ୍ ଆୟୋଜନ କରିବା ଦ୍ୱାରା ଆମେ ବହୁତ ଲାଭବାନ ହୋଇପାରିବା। ଆଇପିଏଲ ପୂର୍ବରୁ ଏକାଧିକବାର ଭାରତ ବାହାରେ ଆୟୋଜନ ହୋଇଛି। ଆଇପିଏଲ ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ଓ ଗତବର୍ଷ ୟୁଏଇରେ ଖେଳାଯାଇଛି ବୋଲି ସେ କହିଛନ୍ତି।



ସାଦିକ୍ ଖାଁ

## ବେହରେନଡର୍ଫ ସାମିଲ

ମୁମ୍ବାଇ,୯।୪(ପି.ଟି.)

ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜୋଶ ହାଜେଲଉଡ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରୁ ଓହରିଯିବା ପରେ ଚେନ୍ନାଇ ସୁପର କିଙ୍ଗ୍ସ ଦଳରେ ଅଦଳବଦଳ ହୋଇଛି। ହାଜେଲଉଡ୍‌ଙ୍କ ବଦଳରେ ଅନ୍ୟତମ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଜାସନ ବେହରେନଡର୍ଫଙ୍କୁ ଚେନ୍ନାଇ ଦଳରେ ସାମିଲ କରାଯାଇଛି। ଆଇପିଏଲ୍ ଆୟୋଜକ ଏ ନେଇ ସୂଚନା ଦେଇଛନ୍ତି। ବାମହାତୀ ଦ୍ରୁତ ବୋଲର ବେହରେନଡର୍ଫ ଏ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ୧୧ଟି ଦିନିକିଆ ଓ ୭ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ଦ୍ୱିତୀୟଥର ପାଇଁ ସେ ଆଇପିଏଲ୍ ଖେଳିବାକୁ ଯାଉଛନ୍ତି। ପୂର୍ବରୁ ସେ ୨୦୧୯ରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ପ୍ରତିନିଧିତ୍ୱ କରିଥିଲେ। ୫ଟି ମ୍ୟାଚ୍ ଖେଳି ସେ ୫ଟି ଉଇକେଟ ହାସଲ କରିଥିଲେ।

ଆଶେସ୍ ଓ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ନିଜକୁ ପ୍ରସ୍ତୁତ କରିବା ପାଇଁ ହାଜେଲଉଡ ଆଇପିଏଲ୍‌ରୁ ଓହରିଯାଇଛନ୍ତି। ଗତ ସଂସ୍କରଣରେ ୩୦ ବର୍ଷୀୟ ହାଜେଲଉଡ୍ ଚେନ୍ନାଇ ପାଇଁ ୩ଟି ମ୍ୟାଚ୍ ଖେଳିଥିଲେ।



ଜାସନ ବେହରେନଡର୍ଫ

## ଚେନ୍ନାଇ-ଦିଲ୍ଲୀ ମୁକାବିଲା ଆଜି

ମୁମ୍ବାଇ,୯।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣର ଦ୍ୱିତୀୟ ମ୍ୟାଚ୍‌ରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଲଢେଇ ଦେଖିବାକୁ ମିଳିବ। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱାଧୀନ ଚେନ୍ନାଇ ସୁପର କିଙ୍ଗ୍ସ ଓ ରିଷଭ ପନ୍ତଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ଶନିବାର ପରସ୍ପରକୁ ଭେଟିବେ। ଉଭୟ ଦଳ ବିଜୟରୁ ଏଥର ଆଇପିଏଲ୍ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଗତ ସଂସ୍କରଣରେ ଦିଲ୍ଲୀ ଫାଇନାଲରେ ମୁମ୍ବାଇ ଇଣ୍ଡିଆନ୍ସଠାରୁ ପରାସ୍ତ ହୋଇ ରନର୍ସଅପ ହୋଇଥିଲା। ଏଥର ଆଉ ଗୋଟିଏ ପାଦ ଆଗକୁ ଯାଇ ଦିଲ୍ଲୀ ଟାଇଟଲ ହାସଲ ଲକ୍ଷ୍ୟରେ ରହିବ। ନିୟମିତ ଅଧିନାୟକ ଶ୍ରେୟାସ ଆୟାର ଇଞ୍ଜୁରି କାରଣରୁ ଆଇପିଏଲ୍‌ରୁ ବାଦ୍ ପଡିବା ଫଳରେ ତାରକା କିପର- ବ୍ୟାଟ୍ସମ୍ୟାନ ରିଷଭ ପନ୍ତଙ୍କୁ ଦିଲ୍ଲୀର ନେତୃତ୍ୱ ପ୍ରଦାନ କରାଯାଇଛି। ଧୋନୀଙ୍କଠାରୁ ଯାହା ଶିକ୍ଷା କରିଛି ପ୍ରଥମ ମ୍ୟାଚ୍‌ରେ ଲାଗୁ କରିବାକୁ ପ୍ରୟାସ କରିବେ ବୋଲି ପନ୍ତ କିଛିଦିନ ତଳେ କହିଥିଲେ। ମାହି ଭାଇଙ୍କ ବିରୋଧରେ ଅଧିନାୟକ ଭାବେ ପ୍ରଥମ ମ୍ୟାଚ୍ ଖେଳିବି। ଏହା ମୋ ପାଇଁ ଏକ ସ୍ୱତନ୍ତ୍ର ତଥା ଭଲ ଅଭିଜ୍ଞତା ରହିବ। ତାଙ୍କଠାରୁ ବହୁତ କିଛି ଶିକ୍ଷା କରିଛି। ତାଙ୍କଠାରୁ ଯାହା କିଛି ବି ଶିଖିଛି ଓ ନିଜର ଅଭିଜ୍ଞତାକୁ ଏହି ମ୍ୟାଚ୍‌ରେ ପ୍ରୟୋଗ କରିବି ବୋଲି ସେ କହିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନ, ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ଷ୍ଟିଭ୍ ସ୍ମିଥ୍ ଓ ପନ୍ତଙ୍କୁ ନେଇ ଦିଲ୍ଲୀ ବ୍ୟାଟିଂ ଲାଇନ ବେଶ୍ ଦୃଢ଼ ରହିଛି। ପୁଣି ପ୍ରଥମ ମ୍ୟାଚ୍‌ରୁ ହିଁ ପନ୍ତ ନିଜର ସ୍ୱାଭାବିକ ବିସ୍ଫୋରକ ବ୍ୟାଟିଂ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ଗତ ସଂସ୍କରଣରେ ଧାୱନ ଦ୍ୱିତୀୟ ସର୍ବାଧିକ ରନ୍ ସଂଗ୍ରହକାରୀ ଭାବେ ୬୧୮ ରନ ସଂଗ୍ରହ କରିଥିଲେ। କିଛିଦିନ ତଳେ ଅନୁଷ୍ଠିତ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜରେ ସେ ଦମ୍‌ଦାର ପ୍ରଦର୍ଶନ କରି ଭଲ ଫର୍ମରେ ରହିଛନ୍ତି। ଏଥର ଆଇପିଏଲ୍‌ରେ ସେ ପୁଣି ଭଲ ପ୍ରଦର୍ଶନ କରିବେ। ସେହିପରି ବିଜୟ ହଜାରେ ଟ୍ରଫିରେ ରେକର୍ଡ ୮୨୭ ରନ ସଂଗ୍ରହ କରି ଜବରଦସ୍ତ ଫର୍ମରେ ଥିବା ଯୁବ ଓପନର ପୃଥ୍ୱୀ ଶ ମଧ୍ୟ ବିସ୍ଫୋରକ ବ୍ୟାଟିଂ କରିବେ ବୋଲି ଆଶା କରାଯାଉଛି। ଧାୱନ ଓ ପୃଥ୍ୱୀ ଓପନିଂ କରିବେ। ଜଣେ ହାର୍ଡ ହିଟିଂ ବ୍ୟାଟ୍ସମ୍ୟାନ ରୂପେ ଜଣାଥିବା ଅଧିନାୟକ ପନ୍ତ ଗତ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବିପକ୍ଷ ସିରିଜରେ ମ୍ୟାଚ୍ ୱିନର ବିବେଚିତ ହୋଇଥିଲେ। ଏହି ଜବରଦସ୍ତ ଫର୍ମକୁ ସେ ବଜାୟ ରଖିବାକୁ ଚାହିଁବେ। ଦିଲ୍ଲୀ ଦଳରେ ମଧ୍ୟ ତାରକା ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍, ଶିମରନ ହେଟମେୟର ଓ ସାମ ବିଲିଙ୍ଗ୍ସଙ୍କ ଭଳି ମ୍ୟାଚ୍ ୱିନର ରହିଛନ୍ତି। ତେବେ ଅନ୍ତିମ ଏକାଦଶରେ କେବଳ ୪ଜଣ ବିଦେଶୀ ଖେଳାଳିଙ୍କୁ ସାମିଲ କରିବେ ଓ ଏହା ଦିଲ୍ଲୀ ପାଇଁ ସମସ୍ୟା ସୃଷ୍ଟି କରିବ। ଦ୍ରୁତ ବୋଲିଂରେ ଦିଲ୍ଲୀ ପାଖରେ ପର୍ଯ୍ୟାପ୍ତ ବିକଳ୍ପ ରହିଛି। ଇଶାନ୍ତ ଶର୍ମା, କାଗିସୋ ରାବାଡ଼ା, ଉମେଶ ଯାଦବ, କ୍ରିସ୍ ୱୋକ୍ସ, ଅନରିଚ ନର୍ଜେଙ୍କ ଭଳି ଦ୍ରୁତ ବୋଲର ଦଳରେ ରହିଛନ୍ତି। ରାବାଡ଼ା ଓ ନର୍ଜେ ପ୍ରଥମ ମ୍ୟାଚ୍ ନ ଖେଳିଲେ ମଧ୍ୟ ଦିଲ୍ଲୀ ପାଇଁ ସମସ୍ୟା ନାହିଁ। ସେହିପରି ୱାଙ୍ଖେଡେ ଟ୍ରାକ୍‌ରେ ରବିଚନ୍ଦ୍ରନ ଅଶ୍ୱିନ, ଅମିତ ମିଶ୍ରା ବେଶ୍ ପ୍ରଭାବୀ ସାବ୍ୟସ୍ତ ହେବେ। ଗତ ଶନିବାର କୋଭିଡ୍-୧୯ ପଜିଟିଭ ବୋଲି ଜଣାପଡିବା ପରେ ଅକ୍ଷର ପଟେଲ ପ୍ରଥମ ମ୍ୟାଚ୍ ଖେଳିପାରିବେ ନାହିଁ।

ଅପରପକ୍ଷରେ ଚେନ୍ନାଇ ମଧ୍ୟ କୌଣସି ଦୃଷ୍ଟିକୋଣରୁ ପଛରେ ପଡିନାହିଁ। ଅଭିଜ୍ଞ ବ୍ୟାଟ୍ସମ୍ୟାନ ସୁରେଶ ରାଇନା ପ୍ରତ୍ୟାବର୍ତ୍ତନ କରିବା ପରେ ଦଳ ଆହୁରି ଦୃଢ଼ ହୋଇଛି। ରାଇନା ୫,୩୬୮ ରନ ସଂଗ୍ରହ କରି ଆଇପିଏଲ୍‌ର ସର୍ବାଧିକ ରନ୍ ସ୍କୋରର ସାବ୍ୟସ୍ତ ହୋଇଛନ୍ତି। ରାଇନା ଫେରିବା ପରେ ଚେନ୍ନାଇ ଟପ୍ ଅର୍ଡର ଆହୁରି ଶକ୍ତିଶାଳୀ ହେବ। ଟପ୍ ଅର୍ଡରରେ ଋତୁରାଜ ଗାଏକ୍ୱାଡ, ଫାଫ୍ ଡୁପ୍ଲେସି ଓ ଅମ୍ବାତି ରାୟୁଡୁ ଟପ୍ ଅର୍ଡରରେ ନିର୍ଣ୍ଣାୟକ ସାବ୍ୟସ୍ତ ହେବେ। ଭାରତ ବିପକ୍ଷ ଅନ୍ତିମ ଦିନିକିଆରେ ସାମ କୁରାନ ଜବରଦସ୍ତ ବ୍ୟାଟିଂ କରି ଦଳକୁ ବିଜୟର ଦ୍ୱାରରେ ପହଞ୍ଚାଇଥିଲେ। ତେଣୁ କୁରାନ, ଅଲରାଉଣ୍ଡର ମୋଇନ ଅଲି ଓ ସର୍ବଶ୍ରେଷ୍ଠ ଫିନିଶର ବିବେଚିତ ହେଉଥିବା ଧୋନୀ ମିଡ୍‌ଲ ଅର୍ଡରରେ ପୁଣି ଥରେ ଦମ୍ ଦେଖାଇବେ ବୋଲି ଆଶା କରାଯାଉଛି। ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ଚେନ୍ନାଇ ବୋଲିଂ ବିଭାଗର ନେତୃତ୍ୱ ନେବେ। ଶାର୍ଦ୍ଦୁଳ ମଧ୍ୟ ବ୍ୟାଟିଂ କରିବା ଦକ୍ଷତା ରଖନ୍ତି। ମିଡିୟମ ପେସର ଦୀପକ ଚହର ତାଙ୍କୁ ସହାୟତା ପ୍ରଦାନ କରିବେ। ସ୍ପିନ ବିଭାଗରେ ରବୀନ୍ଦ୍ର ଜାଡେଜା ମଧ୍ୟ ପ୍ରଭାବୀ ସାବ୍ୟସ୍ତ ହେବେ। ବିନା ଦର୍ଶକରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପନ୍ତ ଗୁରୁ ଧୋନୀଙ୍କୁ ଚକ୍‌ମା ଦେଉଛନ୍ତି କି ନା ତାହା ଉପରେ ସମସ୍ତଙ୍କ ନଜର ରହିଛି।





କୋଚ୍-କ୍ୟାପ୍‌ଟେନ ମନ୍ତ୍ରଣା: ଷ୍ଟିଫେନ୍ ଫ୍ଲେମିଂ ଓ ମହେନ୍ଦ୍ର ସିଂ ଧୋନୀ, ରିଷଭ ପନ୍ତ ଓ ରିକି ପଣ୍ଟିଂ ଆଲୋଚନାରତ।

**ଦିଲ୍ଲୀ କ୍ୟାପିଟାଲ୍ସ ଦଳ:**
ରିଷଭ ପନ୍ତ (ଅଧିନାୟକ/ ଉଇକେଟ କିପର), ଶିଖର ଧାୱନ, ପୃଥ୍ୱୀ ଶ, ଅଜିଙ୍କ୍ୟ ରାହାନେ, ଶିମରନ ହେଟମେୟର, ମାର୍କସ ଷ୍ଟୋଇନିସ୍, କ୍ରିସ୍ ୱୋକ୍ସ, ଆର. ଅଶ୍ୱିନ, ଅକ୍ଷର ପଟେଲ, ଅମିତ ମିଶ୍ରା, ଲଳିତ ଯାଦବ, ପ୍ରବୀଣ ଦୁବେ, କାଗିସୋ ରାବାଡ଼ା, ଅନରିଚ ନୋର୍ଜେ, ଇଶାନ୍ତ ଶର୍ମା, ଆଭେସ ଖାଁ, ଷ୍ଟିଭ ସ୍ମିଥ୍, ଉମେଶ ଯାଦବ, ରିପଲ ପଟେଲ, ବିଷ୍ଣୁ ବିନୋଦ, ଲୁକମ୍ୟାନ ମେରିୱାଲା, ଏମ୍. ସିଦ୍ଧାର୍ଥ, ଟମ୍ କୁରନ ଓ ସାମ ବିଲିଙ୍ଗ୍ସ।

**ଚେନ୍ନାଇ ସୁପର କିଙ୍ଗ୍ସ ଦଳ:**
ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ/ ଉଇକେଟ କିପର), ସୁରେଶ ରାଇନା, ଅମ୍ବାତି ରାୟୁଡୁ, କେ.ଏମ. ଆସିଫ୍, ଦୀପକ ଚହର, ଡ୍ୱେନ ବ୍ରାଭୋ, ଫାଫା ଡୁପ୍ଲେସି, ଇମ୍ରାନ ତାହିର, ଏନ୍. ଜଗଦୀଶନ, କର୍ନ ଶର୍ମା, ଲୁନ୍‌ଗି ଏନ୍‌ଗିଡି, ମିଚେଲ ସାଣ୍ଟନର, ରବୀନ୍ଦ୍ର ଜାଡେଜା, ଋତୁରାଜ ଗାଏକ୍ୱାଡ, ଶାର୍ଦ୍ଦୁଳ ଠାକୁର, ସାମ କୁରାନ୍, ଆର. ସାଇ କିଶୋର, ମୋଇନ ଅଲି, କେ. ଗୋଥାମ, ଚେତେଶ୍ୱର ପୂଜାରା, ହରିଶଙ୍କର ରେଡ୍ଡୀ, ଭଗତ ବର୍ମା, ସି. ହାରି ନିଶାନ୍ତ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**
**ସ୍ଥାନ: ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ସଂକ୍ଷେପରେ

### ଲାଞ୍ଚ ନେଇ ଜିଆର୍‌ଏସ୍ ଗିରଫ

**କେସିଙ୍ଗା, ୯।୪ (ଡି.ଏନ.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେଶିର ପଞ୍ଚାୟତ ଗ୍ରାମ ରୋଜଗାର ସେବକ (ଜିଆରଏସ୍) ଜୟଚନ୍ଦ୍ର ଜାଲ୍ ଲାଞ୍ଚ ନେଇ ଶୁକ୍ରବାର ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶନିବାର ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯିବ। ସୂଚନା ଅନୁସାରେ କନ୍ତେଶିର ପଞ୍ଚାୟତ କୁର୍ଲୁପଡା ଗ୍ରାମର ବିଜୟ ଚନ୍ଦ୍ର ସାହୁ ସରକାରଙ୍କ ଗୋ ପାଳନ ଯୋଜନାରେ ଗୁହାଳ ଘର ନିର୍ମାଣ କରିଥିଲେ। ଗୁହାଳ ଘର ବିଲ୍ କରିବା ପାଇଁ ସେ ଜିଆରଏସଙ୍କୁ କହିଥିଲେ। ଏଥିପାଇଁ ଜିଆରଏସ୍ ତାଙ୍କୁ ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ସମ୍ପର୍କରେ ବିଜୟ ଭିଜିଲାନ୍ସ ବିଭାଗ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ଅଫିସରେ ହଜାର ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଏହି ସମୟରେ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ତାଙ୍କ ନିକଟରୁ ରାସାୟନିକ ପ୍ରଲେପ ଥିବା ୨ଟି ୫ଶହ ଟଙ୍କିଆ ନୋଟ ଜବତ କରିଥିଲେ। ତଦନ୍ତ ଚାଲୁ ରହିଥିବାରୁ ସମସ୍ତ ତଥ୍ୟ ମିଳି ପାରିନାହିଁ। ଭିଜିଲାନ୍ସ ଡିଏସପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଭିଜିଲାନ୍ସ ଇନ୍ସପେକ୍ଟର ପ୍ରମିଳା ସୁନା, ସନ୍ତୋଷ ମହାନ୍ତି, ବ୍ରହ୍ମାନନ୍ଦ ମହାନ୍ତି, ରାଜେଶ କୁମାର ନାଏକ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

### ବୋମାମାଡ଼ ଘଟଣା: ଆଉ ଜଣେ ଗିରଫ

**ବଡ଼ମ୍ବା, ୯।୪(ଡି.ଏନ୍.ଏ.):** ବଡ଼ମ୍ବା ଥାନା ବୁଢ଼ାପଙ୍କ-ଭାଗବତପୁର ଗ୍ରାମରେ ଗୋଷ୍ଠୀ ସଂଘର୍ଷ ଓ ବୋମାମାଡ଼ ଘଟଣାରେ ଶୁକ୍ରବାର ପୋଲିସ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବୁଢ଼ାପଙ୍କ ଗ୍ରାମର ସୁରଥ ଦେହୁରୀ (୪୨)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ନରସିଂହପୁର ଉପକାରାଗାରକୁ ପଠାଇଦିଆଯାଇଛି। ପୂର୍ବରୁ ଏହି ଘଟଣାରେ ୭ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସରକାରୀ ଜମି ଜବରଦଖଲକୁ କେନ୍ଦ୍ରକରି ମଙ୍ଗଳବାର ସକାଳେ ବଡ଼ମ୍ବା ଥାନା ଅନ୍ତର୍ଗତ ବୁଢ଼ାପଙ୍କ-ଭାଗବତପୁର ଗ୍ରାମ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ହୋଇଥିଲା। ଗୁଳି ଓ ବୋମାମାଡ଼ରେ ଭାଗବତପୁର ଗାଁର ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

### ବସ୍ ଧକ୍କାରେ ପାନ ବ୍ୟବସାୟୀ ମୃତ

**ଟାଙ୍ଗୀ, (କଟକ)୯।୪(ଡି.ଏନ୍.ଏ.):** ୧୬ନଂ. ଜାତୀୟ ରାଜପଥର ଟାଙ୍ଗୀ ଥାନା ଅଧୀନ କଏରାପାରୀ ଛକରେ ଶୁକ୍ରବାର ଅପରାହ୍ନରେ ବସ୍ ଧକ୍କାରେ ଜଣେ ପାନ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଙ୍ଗିମୁଣ୍ଡା ଗ୍ରାମର ଗୌରାଙ୍ଗ ସାହୁ(୫୦)। ଟାଙ୍ଗୀ ହାଟରେ ଗୌରାଙ୍ଗ ବ୍ୟବସାୟ ସାରି ଲୁନାରେ ନିଜ ଗ୍ରାମକୁ ଫେରୁଥିଲେ। ଏହି ସମୟରେ ସେ ରାଜପଥ ପାର ହେଉଥିବାବେଳେ କଟକରୁ ଚଣ୍ଡିଖୋଲ ଅଭିମୁଖେ ଆସୁଥିବା ଯାତ୍ରୀବାହୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ରାଜପଥରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହିତ ମୃତଦେହକୁ ଆମ୍ବୁଲାନ୍ସରେ କଟକ ବଡ଼ ଡାକ୍ତରଖାନା ପଠାଇଥିଲା।

## ହଷ୍ଟେଲ ବନ୍ଦ ପ୍ରତିବାଦରେ

# ରାଜରାସ୍ତାରେ ଛାତ୍ରୀଛାତ୍ର

**ଭୁବନେଶ୍ୱର, ୯।୪ (ବ୍ୟୁରୋ)**

ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ ତେଜିବା ପରେ ରାଜ୍ୟ ସରକାର ମୁଣ୍ଡ ନୁଆଁଇଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ହଷ୍ଟେଲ୍ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ହଷ୍ଟେଲ ବନ୍ଦ ହେବନାହିଁ। ଆଗକୁ କରୋନା ସ୍ଥିତିକୁ ଦେଖି ନିଷ୍ପତ୍ତି ନିଆଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି।

ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସଂକ୍ରମଣ ବ୍ୟାପୁଛି। ବିଗୁଡୁଥିବା ସ୍ଥିତିକୁ ଦେଖି ରାଜଧାନୀରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକୁ ଖାଲି କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ନିର୍ଦ୍ଦେଶ ଦେଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ୧୨ ତାରିଖ ସୁଦ୍ଧା ଚତୁର୍ଥ ସେମିଷ୍ଟର ଓ ୧୬ ତାରିଖ ସୁଦ୍ଧା ପ୍ରଥମ ସେମିଷ୍ଟର ପିଲାଙ୍କୁ ହଷ୍ଟେଲ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ଛାତ୍ରୀଛାତ୍ରମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ନିର୍ଦ୍ଦେଶକୁ ବିରୋଧ କରି ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଥିଲେ। ଶହଶହ ଛାତ୍ରୀଛାତ୍ର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ସମ୍ମୁଖ ଜାତୀୟ ରାଜପଥ ଓ ବାଣୀବିହାର ଛକରେ ବସି ରହିବା ସହ ଅବରୋଧ କରି ପିକେଟିଂ କରିଥିଲେ। ଏଥିସହ



ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ବାଣୀବିହାରଠାରେ ରାଜପଥ ଅବରୋଧ କରିଛନ୍ତି।


ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଅଧିକାରୀ ଆଲୋଚନା କରୁଛନ୍ତି।

### ଆନ୍ଦୋଳନ ପରେ ସ୍ଥଗିତ ରହିଲା ବନ୍ଦ ନିଷ୍ପତ୍ତି

କୁଳପତିଙ୍କ କାର୍ଯ୍ୟାଳୟରେ ମଧ୍ୟ ଧାରଣା ଦେଇଥିଲେ। ସେମାନେ ସରକାର ଓ ବିଏମସିର ଏଭଳି ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର ପାଇଁ ଦାବି କରିଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଚେତାବନୀ ବି ଦେଇଥିଲେ। ଛାତ୍ରୀଛାତ୍ରଙ୍କ କହିବାନୁଯାୟୀ, କରୋନା ପାଇଁ ପ୍ରାୟ ବର୍ଷେ ହେବ ଘରେ ରହିଥିଲୁ। ଫଳରେ ପାଠପଢ଼ାରେ ବହୁ ବ୍ୟାଘାତ ହୋଇଛି। ଏବେ ହଷ୍ଟେଲରେ ଆସି ପାଠ ପଢ଼ାକୁ ସଜାଡ଼ିବା ପାଇଁ ପରିଶ୍ରମ କରୁଥିବାବେଳେ ହଷ୍ଟେଲ ଛାଡ଼ିବା ନିଷ୍ପତ୍ତି ଗ୍ରହଣୀୟ ନୁହେଁ। ନିର୍ବାଚନ ପାଇଁ ରାଲି, ପ୍ରଚାର କରାଯାଉଛି, ସେଠି ଯଦି କରୋନା ସଂକ୍ରମଣ ହେଉ ନାହିଁ, ହଷ୍ଟେଲରେ କିପରି ସଂକ୍ରମଣ ହୋଇଯିବ। ତେଣୁ ଆମେ ହଷ୍ଟେଲ ଛାଡ଼ିବୁ ନାହିଁ ବୋଲି ଜିଦ୍ ଧରି ବସିଥିଲେ। ଫଳରେ କ୍ୟାମ୍ପସ ସମେତ ବିଶ୍ୱବିଦ୍ୟାଳୟ ଫାଟକ ଓ ବାଣୀବିହାର ଛକରେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଜପଥରେ ଗାଡ଼ିମୋଟର ଚଳାଚଳ ଠପ୍ ହୋଇଯାଇଥିଲା। ଫୋର୍ସ ସହ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବା ସହ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏପଟେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ସରକାରଙ୍କ କୋଭିଡ୍ କଟକଣାକୁ ଆମକୁ ପାଳନ କରିବାକୁ ପଡ଼ିବ। ଜୀବନ ବଞ୍ଚିଲେ ପାଠପଢ଼ିହେବ। ତେଣୁ ନିର୍ଦ୍ଦେଶ ମାନିବାକୁ ବୁଝାଇଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ଅପରାହ୍ନ ପ୍ରାୟ ୩ଟାରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ଏକ ପ୍ରତିନିଧି ଦଳକୁ ଡକାଇ ନିଜ ବାସଭବନରେ ଆଲୋଚନା କରିଥିଲେ। ଆଲୋଚନା ପରେ ହଷ୍ଟେଲ ଖୋଲା ରହିବ ବୋଲି ମନ୍ତ୍ରୀ ଘୋଷଣା କରିଥିଲେ। ପିଲାଙ୍କ ପାଠପଢ଼ା ଓ ଉଚ୍ଚଶିକ୍ଷା ପାଇଁ ବର୍ତ୍ତମାନ ହଷ୍ଟେଲ ଖୋଲାଯିବାର ଆବଶ୍ୟକତା ରହିଛି। ତେଣୁ ଏବେ ଉତ୍କଳ ବିଶ୍ୱବିଦ୍ୟାଳୟର ହଷ୍ଟେଲ ଖୋଲା ରହିବ। ପରବର୍ତ୍ତୀ ସମୟରେ କରୋନା ସ୍ଥିତିକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ। ତେବେ କରୋନା ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରି ହଷ୍ଟେଲରେ ରହିବା ପାଇଁ ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କୁ ମଧ୍ୟ ଏକ ପ୍ରତିନିଧି ଦଳ ଭେଟିଥିଲା। କମିଶନର ମଧ୍ୟ ହଷ୍ଟେଲରେ ସମସ୍ତ ନିୟମକୁ ପାଳନ କରି ରହିବା ପାଇଁ କହିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଚିନ୍ତା ନାରୀ ବାପଘର ଯାଏ,
ମନ ଫୁଲାଣିଆ ଗୀତ ଗାଏ।**

ଶାଶୁ ଘରେ ବୋହୂ ଉପରେ ଅନେକ ଦାୟିତ୍ୱ ରହିଥାଏ। ସାଧାରଣତଃ ପିଲାପିଲି ନ ଥିବା ନାରୀର ଦାୟିତ୍ୱ ବା ଜଞ୍ଜାଳ କମ୍। ଏପରିସ୍ଥଳେ ଶାଶୁ ଘରର ଜଞ୍ଜାଳ ଭିତରେ ମୁଣ୍ଡ ପୂରାଉ ନ ଥିବା ବେପରୁଆ ନାରୀ ବେଳଅବେଳରେ ବାପଘରକୁ ଯାଇ ଅୟସରେ ଦିନ ବିତାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଳେଇଚ,
ମତେ ଦେଖିକରି ପଳେଇଚ।**

ଜଣେ ଅନ୍ୟ ଜଣକୁ ଦେଖି ସହି ନ ପାରିବା। ଜଣଙ୍କର ଛାଇ ପଡ଼ିଲେ ଅନ୍ୟ ଜଣଙ୍କର ନାହି ଡେଇଁଲା ଭଳି ଜଣଙ୍କର ଉପସ୍ଥିତିକୁ ସହଜରେ ଗ୍ରହଣ କରି ନ ପାରି ସେଠାରୁ ପଳେଇଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

## କଳାଭୂମି ପରିଦର୍ଶନ କଲେ ମନ୍ତ୍ରୀ ପଦ୍ମିନୀ ଦିଆନ


ମନ୍ତ୍ରୀ ପଦ୍ମିନୀ ଦିଆନ କଳାଭୂମି ପରିଦର୍ଶନ କରୁଛନ୍ତି।

**ଭୁବନେଶ୍ୱର, ୯।୪ (ବ୍ୟୁରୋ)**

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଶୁକ୍ରବାର ଓଡ଼ିଶା ହସ୍ତଶିଳ୍ପ ସଂଗ୍ରହାଳୟ 'କଳାଭୂମି' ପରିଦର୍ଶନ କରିଛନ୍ତି। ଏହି ଅବସରରେ କଳାଭୂମିରେ ନିର୍ମାଣାଧୀନ 'ଶ୍ରୀଜଗନ୍ନାଥ ସଂସ୍କୃତି ଗ୍ୟାଲେରି' ଓ 'ଓଡ଼ିଶାର ନୃତ୍ୟ କଷ୍ଟ୍ୟୁମ୍' ଗ୍ୟାଲେରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ଏଠାରେ ୮ଟି ଗ୍ୟାଲେରୀ ରହିଛି। ଏଠାକୁ ଯେପରି ଅଧିକ ପର୍ଯ୍ୟଟକ ଆସିବେ ତାହାକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କରୋନା ସଂକ୍ରମଣ ବଢୁଥିବାରୁ କୋଭିଡ୍ ଗାଇଡ୍‌ଲାଇନ୍‌କୁ କଡାକଡି ଭାବେ ଅନୁପାଳନ କରାଯାଇ ପରିଦର୍ଶକଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ସଂଗ୍ରହାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଦଶମ ଶ୍ରେଣୀ ପିଲାଙ୍କୁ ସହଜରେ ମିଳିବ ଜାତିଗତ, ଆବାସିକ ପ୍ରମାଣପତ୍ର

**ଭୁବନେଶ୍ୱର,୯।୪(ବ୍ୟୁରୋ)**

ଏଣିକି ଦଶମ ଶ୍ରେଣୀ ଛତ୍ରୀଛାତ୍ରଙ୍କ ପାଇଁ ଜାତିଗତ, ଆୟ ଓ ଆବାସିକ ପ୍ରମାଣପତ୍ର ପାଇବା ସହଜ ହେବ। ସରକାରୀ ବୃତ୍ତି ପାଇବା ସହିତ ଉଚ୍ଚଶ୍ରେଣୀରେ ନାମଲେଖା ପାଇଁ ପିଲାଙ୍କୁ ଆବଶ୍ୟକ ହେଉଥିବା ଏହି ସବୁ ପ୍ରମାଣପତ୍ର ସହଜରେ ଯୋଗାଇ ଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ସଚିବ ବିଷ୍ଣୁପଦ ସେଠୀ ଶୁକ୍ରବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି।

ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ରାଜସ୍ୱ ନିରୀକ୍ଷକମାନେ ପ୍ରତି ସ୍କୁଲକୁ ଯାଇ କ୍ୟାମ୍ପ କରି ପିଲାମାନଙ୍କୁ ପ୍ରମାଣପତ୍ର ଯୋଗାଇବେ। ଏହି ସବୁ କ୍ୟାମ୍ପରେ ପ୍ରଧାନଶିକ୍ଷକ ଓ ଶ୍ରେଣୀ ଶିକ୍ଷକ ଉପସ୍ଥିତ ରହିବେ। ଜୁଲାଇ ମାସରେ ରାଜସ୍ୱ ନିରୀକ୍ଷକମାନେ ପ୍ରତି ବିଦ୍ୟାଳୟରେ ସ୍ୱତନ୍ତ୍ର ଶିବିର କରିବେ। ଛାତ୍ରୀଛାତ୍ରମାନେ ସମସ୍ତ ତଥ୍ୟ ଓ ପ୍ରମାଣପତ୍ର ସହିତ ଫର୍ମ ପୂରଣ କରି ଶିବିରରେ ପ୍ରଧାନ ଶିକ୍ଷକମାନଙ୍କୁ ହସ୍ତାନ୍ତର କରିବେ। ସରକାରୀ ପ୍ରକ୍ରିୟା ମଧ୍ୟରେ ଯଦିଓ ପ୍ରମାଣପତ୍ର ଦିଆଯିବ, ତେବେ ଛାତ୍ରୀଛାତ୍ରମାନଙ୍କୁ ଏଥିପାଇଁ ହଇରାଣ ହେବାକୁ ପଡ଼ିବ ନାହିଁ। ଅଗଷ୍ଟ ମାସ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଯୋଗାଇବା ପାଇଁ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜାତି ଜନଜାତି ବିଭାଗ, ସଂଖ୍ୟାଲଘୁ ଓ ପଛୁଆବର୍ଗ ବିଭାଗ ଓ ମହିଳା ଶିଶୁ ବିକାଶ ବିଭାଗ ଏହି କାର୍ଯ୍ୟରେ ସହଯୋଗ କରିବାକୁ ନିର୍ଦ୍ଦେଶ ରହିଛି। ସ୍କୁଲ ସାର୍ଟିଫିକେଟ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତି ଜିଲାରେ ଜଣେ ଡେପୁଟି କଲେକ୍ଟରଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ପ୍ରତି ସପ୍ତାହରେ ଉପଜିଲାପାଳ ଏହି କାର୍ଯ୍ୟକ୍ରମର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ରହିଛି।

## ୧୭୧ ମଦ ଦୋକାନକୁ ଲାଇସେନ୍ସ ପ୍ରଦାନ

**କଟକ ଅଫିସ, ୯।୪:** କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୭୧ଟି ମଦ ଦୋକାନକୁ ଲଟେରି ମାଧ୍ୟମରେ ଲାଇସେନ୍ସ ପ୍ରଦାନ କରାଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷ ପାଇଁ ୧୧୮ ବିଦେଶୀ ମଦ ଦୋକାନ ଓ ୫୩ ଦେଶୀ ମଦ ଦୋକାନ ପାଇଁ ଗୁରୁବାର ଓ ଶୁକ୍ରବାର ଲଟେରି କରାଯାଇଥିଲା। ବିଦେଶୀ ମଦ ଦୋକାନ ପାଇଁ ୧୧୭୬ ଜଣ ଓ ଦେଶୀ ମଦ ଦୋକାନ ଲାଇସେନ୍ସ ପାଇଁ ୨୧୩ ଜଣ ଆବେଦନ କରିଥିଲେ। ୧୧ଟି ଦେଶୀ ମଦ ଦୋକାନ ପାଇଁ କୌଣସି ଆବେଦନପତ୍ର ଆସି ନ ଥିଲା। ତେଣୁ ଆଗାମୀ ଦିନରେ ଏଥିପାଇଁ ପୂନର୍ବାର ଗଣମାଧ୍ୟମରେ ବିଜ୍ଞାପନ ଦିଆଯାଇ ଲଟେରି ମାଧ୍ୟମରେ ଲାଇସେନ୍ସ ପ୍ରଦାନ କରାଯିବ ବୋଲି ଅବକାରୀ ବିଭାଗର ଡେପୁଟି ଅଧୀକ୍ଷକ ଦେବାଶିଷ ପଟେଲ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## 'ଏମ୍‌ଏସ୍‌ଏମ୍‌ଇ ନୋଡାଲ ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ ବାଧ୍ୟତାମୂଳକ'

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

କୋଭିଡ୍ ପରିସ୍ଥିତି ସତ୍ତ୍ୱେ ଏମ୍‌ଏସ୍‌ଏମ୍‌ଇ ବିଭାଗର ନୋଡାଲ୍ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ସେମାନେ କ୍ଷେତ୍ରକୁ ଯାଇ ପ୍ରତ୍ୟକ୍ଷ ଭାବେ ରହିଥିବା ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସମାଧାନ ଦିଗରେ ପ୍ରଚେଷ୍ଟା କଲେ ଅନେକ ସୁଫଳ ମିଳିପାରିବ ବୋଲି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଶୁକ୍ରବାର ସବୁ ଜିଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକଙ୍କୁ ନେଇ ଆୟୋଜିତ ଏକ ଭିଡ଼ିଓ କନ୍‌ଫରେନ୍ସରେ ଦିବ୍ୟଶଙ୍କର କହିଛନ୍ତି, ବିଭାଗର କାର୍ଯ୍ୟଧାରାକୁ ଆହୁରି ଲୋକାଭିମୁଖୀ କରିବାକୁ ଅଧିକାରୀମାନେ ଯତ୍ନବାନ ହେବାକୁ ଆବଶ୍ୟକ। ଅଧିକ ନିଯୁକ୍ତି/ଆତ୍ମନିଯୁକ୍ତିର ସୁଯୋଗ ଥିବା ଏହି ବିଭାଗ ରାଜ୍ୟ ତଥା ଦେଶର ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିଭାଗ ପ୍ରତି ଅଧିକ ଆସ୍ଥା ପ୍ରକଟ କରି ଚଳିତ ଥର ବଜେଟକୁ ଦ୍ୱିଗୁଣ କରିଥିବାରୁ ଆମ କାର୍ଯ୍ୟଧାରାକୁ ସେହିଭଳି ଅଧିକ ଦକ୍ଷ ଓ ପାରଦର୍ଶୀ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି।


ଦିବ୍ୟଶଙ୍କର ମିଶ୍ର

ସେ କହିଛନ୍ତି, ଅଧିକ ଲୋକ କିପରି ଖଦୀର ବ୍ୟବହାର କରିପାରିବେ ସେନେଇ କେତେକ ଗଠନମୂଳକ କାର୍ଯ୍ୟ ହାତକୁ ନେବାକୁ କହିଥିଲେ। 'ଆମ କୃଷି' ଭଳି ଏମ୍‌ଏସ୍‌ଏମ୍‌ଇ ବିଭାଗ ତରଫରୁ 'ଆମ ଉଦ୍ୟୋଗୀ' ଦୂରଦର୍ଶନ (ଓଡ଼ିଆ)ରେ ପ୍ରସାରଣ କରିବା ପାଇଁ ପ୍ରସ୍ତାବ ରଖାଯାଇଛି। ଏହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ। ବିଭିନ୍ନ ମଲ୍ ଏବଂ ବଡ଼ ବଡ଼ ଆଉଟ୍‌ଲେଟ୍ ଗୁଡ଼ିକରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରି ପାଇଁ ଆକର୍ଷଣୀୟ ପ୍ୟାକେଜିଂ ଏବଂ ବାର୍‌କୋଡ୍ ପ୍ରଚଳନ କରିବାକୁ ଗୁରୁତ୍ୱାରୋପ କରାଯାଇଛି। ସରକାର ଏସ୍‌ଏଚ୍‌ଜିଗୁଡ଼ିକର ସଶକ୍ତିକରଣ ଉଦ୍ଦେଶ୍ୟରେ ଅବ୍ୟବହୃତ ସମ୍ପତ୍ତିଗୁଡ଼ିକୁ ମିଶନ ଶକ୍ତିକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିବା ପରିପ୍ରେକ୍ଷୀରେ ଏଣିକି ଏମ୍‌ଏସ୍‌ଏମ୍‌ଇକୁ ଏସ୍‌ଏଚ୍‌ଜି କୈନ୍ଦ୍ରିକ କରିବାକୁ ହେବ। ବିଶେଷ ଭାବେ ପ୍ୟାକେଜିଂ ଉପରେ ଅଧିକ ଦୃଷ୍ଟି ଦେବାକୁ ହେବ ବୋଲି ମନ୍ତ୍ରୀ ମିଶ୍ର କହିଛନ୍ତି। ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ଦେଶ ଭିତରେ ଓଡିଶା ଉଲ୍ଲେଖନୀୟ ସଫଳତା ହାସଲ କରିଛି। ସେହିପରି ୮୨ କୋଟି ଟଙ୍କା ବ୍ୟୟରେ ଏକ ନୂତନ ଓ ଅତ୍ୟାଧୁନିକ ଖଦୀ ଭବନ ନିର୍ମାଣ କରି ଖଦୀର ବହୁଳ ପ୍ରଚାର ପ୍ରସାର କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ବିଭାଗ ଏହି ସଫଳତାର ହାର ବଜାୟ ରଖି ଓଡ଼ିଶାକୁ ଦେଶର ସର୍ବୋତ୍କୃଷ୍ଟ ରାଜ୍ୟରେ ପରିଣତ କରିବା ପାଇଁ ଉଦ୍ୟମ କରିବାକୁ ମନ୍ତ୍ରୀ କହିଛନ୍ତି। ଅପରପକ୍ଷରେ ଏଣିକି ରାଜ୍ୟରେ ମହିଳା ଉଦ୍ୟୋଗ ପ୍ରତି ଗୁରୁତ୍ୱ ପ୍ରଦାନ କରିବାକୁ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲାପାଳଙ୍କ ଅଫିସ ଆଗରେ ସ୍ୱାମୀ-ସ୍ତ୍ରୀ ମାରପିଟ

- ଆପୋସ ସମାଧାନ ସତ୍ତ୍ୱେ ପଦାକୁ ଆସିଲା ପାରିବାରିକ ଗଣ୍ଡଗୋଳ
- ନିର୍ଯାତନା ଅଭିଯୋଗରେ ସ୍ୱାମୀ ଗିରଫ

**ସମ୍ବଲପୁର,୯।୪(ବ୍ୟୁରୋ)**

ଆପୋସ ସମାଧାନ ସତ୍ତ୍ୱେ ସମ୍ବଲପୁର ଜିଲାରେ ଏକ ପାରିବାରିକ ଗଣ୍ଡଗୋଳ ପଦାକୁ ଆସିଛି। ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମାରପିଟ ହୋଇଛି। ଟାଉନ ଥାନା ପୋଲିସ ପହଞ୍ଚି ଉଭୟଙ୍କୁ ଥାନାକୁ ନେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପୂର୍ବରୁ ଉଭୟଙ୍କ ମାମଲା ହୀରାକୁଦ ଥାନାରେ ରହିଥିବାରୁ ସେଠାକୁ ଏହି ମାମଲା ହସ୍ତାନ୍ତର କରାଯାଇଛି। ନିର୍ଯାତନା ଅଭିଯୋଗରେ ସ୍ୱାମୀ ଅକ୍ଷୟ କୁମାର ସୁତାରଙ୍କୁ ଗିରଫ କରାଯାଇଛି।

ହୀରାକୁଦ ପୋଲିସ ସୂଚନା ଅନୁଯାୟୀ, ଅକ୍ଷୟଙ୍କ ସହିତ ପ୍ରାଚୀ ପଣ୍ଡାଙ୍କ ବିବାହ ହୋଇଥିଲେ ମଧ୍ୟ ଉଭୟଙ୍କ ପାରିବାରିକ ସମ୍ପର୍କ ଭଲ ନ ଥିଲା। ପ୍ରାଚୀ ଅଭିଯୋଗ କରିଥିଲେ ଯେ, ଅକ୍ଷୟ ପୂର୍ବରୁ ବିବାହିତ ସତ୍ତ୍ୱେ ତାଙ୍କୁ ଠକି ବିବାହ କରିଥିଲେ। ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ଏହାର ଆପୋସ ବୁଝାମଣା କରାଯାଇଥିଲା। ଅନ୍ୟପଟେ ଅକ୍ଷୟ ମଧ୍ୟ ସ୍ତ୍ରୀ ପ୍ରାଚୀଙ୍କ ନାମରେ ୨୦୨୦ ମାର୍ଚ୍ଚ ୧୫ରେ ଥାନା ଓ ଜାତୀୟ ମାନବାଧିକାର ପରିଷଦ ନିକଟରେ ଅଭିଯୋଗ କରିଥିଲେ। ସେ ଦର୍ଶାଇଥିଲେ, ପ୍ରାଚୀ ବାରମ୍ବାର ଆତ୍ମହତ୍ୟା କରି ଫସାଇଦେବାକୁ ଧମକ ଦେଉଛନ୍ତି। ଜାତୀୟ ମାନବାଧିକାର ପରିଷଦ ପକ୍ଷରୁ ଆପୋସ ବୁଝାମଣା ପାଇଁ ପ୍ରୟାସ କରାଯାଇଥିଲା।


ଜିଲାପାଳଙ୍କ ଅଫିସ ସମ୍ମୁଖରେ ସ୍ୱାମୀ-ସ୍ତ୍ରୀଙ୍କ ମାରପିଟ।

## ୨୦୦ ପରିବାରକୁ ପିଇବା ପାଣି ଯୋଗାଇଲେ ବିନୋଦ

**ଗୋପ,୯।୪(ଡି.ଏନ୍.ଏ.)**

ଚଳିତବର୍ଷ ଗ୍ରୀଷ୍ମ ଋତୁ ପୂର୍ବରୁ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପୁରୀ ଜିଲା ଗୋପ ବ୍ଲକ ଅଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ହୋଇଛି। ଫଳରେ ସରକାରୀ ସ୍ତରରେ ଗୋପର ବିଭିନ୍ନ ଗ୍ରାମକୁ ପିଇବା ପାଣି ଯୋଗାଇ ଦିଆଯାଉଛି। ହେଲେ ଅଧିକାଂଶ ଗାଁରେ ପିଇବା ପାଣି ଠିକ୍ ସମୟରେ ପହଞ୍ଚିପାରୁ ନ ଥିବା ଅଭିଯୋଗ ହୋଇଛି। ଏପରି ସମୟରେ ଗୋପ ବ୍ଲକର ତରଙ୍ଗିରା ଗ୍ରାମର ବିନୋଦ କୁମାର ସ୍ୱାଇଁ ପାଣି ମିଳୁ ନ ଥିବା ଅଞ୍ଚଳରେ ନିଜ ତରଫରୁ ପାଣି ଯୋଗାଇଦେବା ପାଇଁ ଆଗେଇ ଆସିଛନ୍ତି। ଗୋପ ପଞ୍ଚାୟତର ୧୩ ନମ୍ବର ୱାର୍ଡକୁ ମାଗଣାରେ ୨ ଶହ ପରିବାରକୁ ପିଇବା ପାଣି ଯୋଗାଇଛନ୍ତି। ସୂଚନାଯୋଗ୍ୟ, ଗୋପ ବ୍ଲକର ଜଳପରିମଳ ବିଭାଗ ପକ୍ଷରୁ ଗୋପ ପଞ୍ଚାୟତର କେତେକ ସ୍ଥାନକୁ ପାଇପ ମାଧ୍ୟମରେ ପିଇବା ପାଣି ଦିଆ ଯାଉଥିଲା। ହେଲେ ଅଧିକାଂଶ ସ୍ଥାନରେ ପାଇପ କାଟି କେତେଜଣ ମୋଟର ଲଗାଇ ପାଣି ନେଉଥିବା ବେଳେ କେତେକ ସ୍ଥାନରେ ଏହି ପିଇବା ପାଣି ଅପଚୟ ହେଉଛି। କିଛି ଦିନ ହେବ ଏହି ପଞ୍ଚାୟତର ୧୩ ନମ୍ବର ୱାର୍ଡକୁ ପିଇବା ପାଣି ନ ଯାଇ ପାରିବା ଯୋଗୁ ୨ ଶହ ପରିବାରର ୧ ହଜାର ରୁ ଅଧିକ ଲୋକ ପିଇବା ପାଣି ପାଇଁ ଡହଳବିକଳ ହେଉଥିଲେ। ଏପରି ଅବସ୍ଥା ଦେଖି ବିନୋଦ ତାଙ୍କ ହାତରୁ ଟଙ୍କା ଖର୍ଚ୍ଚ କରି ଏକ ହଜାର ଲିଟରର ଟାଙ୍କି ଆଣି ନିଜ ଗାଡ଼ିରେ ପ୍ରତ୍ୟେକ ଦିନ ୫/୬ ଥର ଅର୍ଥାତ୍ ୬ ହଜାରରୁ ଅଧିକ ଲିଟର ପିଇବା ପାଣି ଏହି ପରିବାରକୁ ଯୋଗାଇ ଦେଉଛନ୍ତି। ଏହି ୨ ଶହ ପରିବାର କୁ ଆବଶ୍ୟକତା ଅନୁସାରେ ପାଣି ମିଳୁ ନ ଥିବା ବେଳେ କିଛି ମାତ୍ରାରେ ବିନୋଦଙ୍କ ମଣିଷ ପଣିଆ ଯୋଗୁ ସେମାନଙ୍କ ପରିବାରର ଜୀବନ ବଞ୍ଚିଯାଉଥିବା କହିଛନ୍ତି ୧୩ନମ୍ବର ୱାର୍ଡବାସିନ୍ଦା। ଅପରପକ୍ଷେ ବିନୋଦଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଥିବା ବେଳେ ଆଗକୁ ମଧ୍ୟ ଆବଶ୍ୟକତା ଅନୁସାରେ ଯିଏ ଚାହିଁବେ ସେମାନଙ୍କୁ ମଧ୍ୟ ପିଇବା ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି ବିନୋଦ। ଆଉ ବିନୋଦ ଏପରି ପିଇବା ପାଣି ଯୋଗାଇ ଦେବା ନୂଆ କଥା ନୁହେଁ। ପୂର୍ବରୁ ମଧ୍ୟ ବନ୍ୟା ବାତ୍ୟା ସହିତ କରୋନା ମହାମାରୀ ସମୟରେ ବିନୋଦ ବିଭିନ୍ନ ସମାଜ ସେବାରେ ନିୟୋଜିତ ଥିବା ମଧ୍ୟ କହିଛନ୍ତି। ଆଉ ମଧ୍ୟ ବିନୋଦ ନିଜ ବାପା ମହେଶ୍ୱରଙ୍କ ନାମରେ ଏକ ଲାଇବ୍ରେରୀ ଖୋଲିବା ସହିତ ଗରିବ ଲୋକଙ୍କ ପାଇଁ ସବୁବେଳେ ସେବା କରିବା ତାଙ୍କର ଏକ ନିଶା ବୋଲି ସେ କହିଛନ୍ତି।


ଲୋକମାନେ ଟ୍ୟାଙ୍କରରୁ ପାଣି ନେଉଛନ୍ତି।



ବଲିଉଡ ଅଭିନେତା ଶାହିଦ କପୁରଙ୍କ ସ୍ତ୍ରୀ ମୀରା ରାଜପୁତ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ପ୍ରଶଂସକଙ୍କ ସହ ସବୁବେଳେ ପ୍ରଶ୍ନ-ଉତ୍ତର ଖେଳ ଖେଳିଥାନ୍ତି। ନିକଟରେ ଏଭଳି ଏକ ଗେମ୍‌ରେ ମୀରା ପ୍ରଶଂସକଙ୍କ ଅନେକ ପ୍ରଶ୍ନର ଉତ୍ତର ଦେଇଥିଲେ। ତାଙ୍କୁ ଏକ ପ୍ରଶ୍ନ ପଚରାଯାଇଥିଲା, ଶାହିଦ କପୁର ଏବଂ ଏବି ଡିଭିଲିୟର୍ସଙ୍କ ମଧ୍ୟରେ ଆପଣଙ୍କର ପ୍ରିୟ ସେଲିବ୍ରିଟି କିଏ। ଉତ୍ତରରେ ମୀରା ଡିଭିଲିୟର୍ସଙ୍କ ନାମ ନେଇଥିଲେ। ଆପଣ କ୍ରିକେଟ ଦେଖିବାକୁ ଭଲ ପାଆନ୍ତି ନା ଫୁଟବଲର ଉତ୍ତରରେ ମୀରା କହିଥିଲେ, ଡିଭିଲିୟର୍ସ ଭଲ କ୍ରିକେଟର, ତେଣୁ ମୁଁ କ୍ରିକେଟ ଦେଖିବାକୁ ଭଲପାଏ।

# ବାଜା ବଜାଇ ପହଞ୍ଚିଲା ପୋଲିସ



**ବୈଶାଳୀ:** ପୋଲିସ ବ୍ୟାଣ୍ଡ୍‌ବାଜା ବଜାଇ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଯାଇଥିବା କଥା କେବେ କେଉଁଠି ଶୁଣିଛନ୍ତି କି? କଥାଟି ଅଡୁଆ ଲାଗିଲେ ବି ସତ। ବିହାରର ବୈଶାଳୀ ଜିଲାରେ ଏଭଳି ଚକିତ କରିଦେବା ଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି। ପୋଲିସ ବ୍ୟାଣ୍ଡ୍‌ବାଜା ସାଙ୍ଗରେ ନେଇ ଅଭିଯୁକ୍ତଙ୍କ ଘରେ ପହଞ୍ଚିଥିଲା। ଏହାପରେ ଘର ସମ୍ମୁଖରେ ବ୍ୟାଣ୍ଡବାଜା ବଜାଇ ମାଇକ ଯୋଗେ ତାଙ୍କୁ ଆତ୍ମସମର୍ପଣ କରିବାକୁ କହିବା ସହ ଅଭିଯୁକ୍ତଙ୍କ ଘରେ ଏକ ନୋଟିସ ଲଗାଇଥିଲା। ଏହି ଘଟଣା ଏବେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ, ୨୦୨୦ ନଭେମ୍ବରରେ ବୈଶାଳୀ ଜିଲାର ମହୁଆ ଅଞ୍ଚଳରେ ରହୁଥିବା ଜଣେ ଯୁବକ ଜଣେ ନାବାଳିକାକୁ ବଳାତ୍କାର କରି ଅଶ୍ଳୀଳ ଭିଡିଓ ତିଆରି କରିଥିଲେ। ଏଥିସହ ଉକ୍ତ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ କହି ପୀଡ଼ିତାଙ୍କ ଘର ଲୋକକୁ ଧମକ ଦେବା ସହ ୧୦ହଜାର ଟଙ୍କା ମାଗିଥିଲେ। ଏହା ସତ୍ତ୍ୱେ ଅଭିଯୁକ୍ତ ଜଣଙ୍କ ଉକ୍ତ ଭିଡିଓକୁ ଭାଇରାଲ କରିଦେଇଥିଲେ। ଫଳରେ ପୀଡ଼ିତାଙ୍କୁ ବହୁ ଅପମାନ ସହ୍ୟ କରିବାକୁ ପଡ଼ିଥିଲା। ଶେଷରେ ପୀଡ଼ିତାଙ୍କ ପରିବାର ଲୋକେ ସ୍ଥାନୀୟ ଥାନାରେ ଅଭିଯୁକ୍ତଙ୍କ ନାଁରେ ଏଫ୍‌ଆଇଆର ଦାଏର କରିଥିଲେ। ପୋଲିସ ପୋକ୍ସୋ ଆଇନ ଆଧାରରେ ଅଭିଯୁକ୍ତଙ୍କ ନାଁରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଗତ ୩ମାସରୁ ଅଭିଯୁକ୍ତ ଜଣଙ୍କ ଫେରାର ଥିବା ବେଳେ ପୋଲିସ ପ୍ରତିଦିନ ତାଙ୍କ ଘରକୁ ଯାଇ ବ୍ୟାଣ୍ଡବାଜା ବଜାଇବା ସହ ଆତ୍ମସମର୍ପଣ କରିବାକୁ ଏକ ନୋଟିସ ଦେଇକି ଆସିଥାନ୍ତି।

# ପ୍ରଶଂସକଙ୍କୁ ଦୀପିକାଙ୍କ ଉପହାର



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ତାଙ୍କର ସୌନ୍ଦର୍ଯ୍ୟ ଏବଂ ଅଭିନୟ ମାଧ୍ୟମରେ ପ୍ରଶଂସକଙ୍କୁ ବାନ୍ଧି ରଖିଥାନ୍ତି। ଏବେ ସେ ଗୋଟିଏ ପରେ ଗୋଟିଏ ଫିଲ୍ମରେ ସାଇନ କରୁଥିବା ନଜର ଆସିଛନ୍ତି। ପ୍ରଶଂସକମାନେ ତାଙ୍କୁ ଆଗାମୀ ଫିଲ୍ମରେ ଦେଖିବାକୁ ଉତ୍ସାହର ସହିତ ଅପେକ୍ଷା କରିଥିବାବେଳେ ଏବେ ଦୀପିକା ସେମାନଙ୍କୁ ଏକ ବିଶେଷ ଉପହାର ଦେଇଛନ୍ତି। ସେ ନିଜର ଏକ ୱେବସାଇଟ୍ ଲଞ୍ଚ କରିଛନ୍ତି। ଏନେଇ ଦୀପିକା ନିଜର ଏକ ଭିଡିଓ ସୋସିଆଲ ମିଡିଆ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟକରି ପ୍ରଶଂସକଙ୍କୁ ଜଣାଇଛନ୍ତ। ଭିଡିଓରେ ସେ କହିଛନ୍ତି, ହାଏ, ମୁଁ ଆଜି ମୋର ୱେବ୍‌ସାଇଟ୍ ଲଞ୍ଚ୍ କରିବାକୁ ଯାଉଥିବାରୁ ବହୁତ ଉତ୍ସାହିତ ଅଛି। ଅନେକ ମାସ ହେବ ଏ ନେଇ କାମ ଚାଲିଥିଲା। ମାତ୍ର କରୋନା ଯୋଗୁ ଏଥିରେ ବିଳମ୍ବ ହୋଇଛି। ହେଲେ ଶେଷରେ ଏହା ରେଡ଼ି ହୋଇଯାଇଛି ବୋଲି ଦୀପିକା କହିଛନ୍ତି।

ଦୀପିକାଙ୍କ ନୂଆ ୱେବ୍‌ସାଇଟ୍‌କୁ ନେଇ ତାଙ୍କ ସ୍ୱାମୀ ତଥା ଅଭିନେତା ରଣବୀର ସିଂ ଗର୍ବିତ ବୋଲି କହିଛନ୍ତି। ସେ ଉକ୍ତ ୱେବ୍‌ସାଇଟ୍‌ରେ ଦୀପିକାଙ୍କୁ ପ୍ରଶଂସା କରିବା ସହ ନିଜକୁ ସବୁଠୁ ଗର୍ବ ଅନୁଭବ କରୁଥିବା ସ୍ୱାମୀ ବୋଲି ଲେଖିଛନ୍ତି। ଦୀପିକାଙ୍କର ଏହି ୱେବ୍‌ସାଇଟରେ ତାଙ୍କର ଫଟୋ, ଭିଡିଓ, ବିଜ୍ଞାପନ, ସାକ୍ଷାତ୍‌କାର ତଥା ଅଭିନେତ୍ରୀଙ୍କ ସମ୍ପର୍କରେ ସବୁକିଛି ପ୍ରକାଶ ପାଇବ। ଏଥିରେ ଥିବା ଟେଷ୍ଟିମୋନିଆଲ ସେକ୍ସନ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିବ। ୨୦୧୮ରେ ଇଟାଲୀରେ ଦୀପିକା ରଣବୀରଙ୍କ ବିବାହ ହୋଇଥିଲା। ଏହା ପୂର୍ବରୁ ଉଭୟ ପଦ୍ମାବତ୍, ବାଜିରାଓ ମସ୍ତାନି ଭଳି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ଆଗାମୀ ଚଳଚ୍ଚିତ୍ର କବିର ଖାନ୍‌ଙ୍କ '୮୩'ରେ ଦୀପିକା ଓ ରଣବୀର ଏକାଠି ନଜରକୁ ଆସିବେ। ଭାରତୀୟ କ୍ରିକେଟ ଟିମ୍ ବିଶ୍ୱକପ୍ ଜିତିବାକୁ ନେଇ ଏହି ଚଳଚ୍ଚିତ୍ର ନିର୍ମାଣ ହେଉଛି। ଏଥିରେ ରଣବୀର କପିଲ ଦେବଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହା ବ୍ୟତୀତ ଅମିତାଭ ବଚ୍ଚନଙ୍କ ସହ 'ଦି ଇଣ୍ଟର୍ନ'ଏବଂ ଶାହାରୁଖ ଖାନ୍‌ଙ୍କ ସହ 'ପଠାନ' ଚଳଚ୍ଚିତ୍ରରେ ମଧ୍ୟ ଦୀପିକା ଅଭିନୟ କରୁଛନ୍ତି।

# ଜରୁରୀ ଅବତରଣ କଲା ଏୟାର ଏସିଆ ବିମାନ



**ନୂଆଦିଲ୍ଲୀ:** ଏୟାର ଏସିଆ ବିମାନରେ ଉତ୍ତେଜନା। ବିମାନର ଜରୁରୀ ଅବତରଣ କରାଇଲେ ପାଇଲଟ। ଏହି ଘଟଣା ଘଟିଛି ନୂଆଦିଲ୍ଲୀରେ। ବେଙ୍ଗାଲୁରୁରୁ ଦିଲ୍ଲୀ ଯାଉଥିବା ଏୟାର ଏସିଆ ବିମାନରେ ଜଣେ ଯାତ୍ରୀ ହଠାତ୍ ଉଲଗ୍ନ ହୋଇଯିବାରୁ ବାଧ ହୋଇ ପାଇଲଟଙ୍କୁ ଦିଲ୍ଲୀରେ ଜରୁରୀ ଅବତରଣ କରିବାକୁ ପଡ଼ିଥିଲା, ଯାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ବିମାନରେ ଲାଇଫ୍ ଜ୍ୟାକେଟକୁ ନେଇ କ୍ରୁ ମେମ୍ବରଙ୍କ ସହ ଉକ୍ତ ଯାତ୍ରୀଙ୍କ ଯୁକ୍ତିତର୍କ ହୋଇଥିଲା। ଏହାପରେ ଯାତ୍ରୀ ଜଣକ ବିମାନରେ ଥିବା ଅନ୍ୟ କ୍ରୁ ମେମ୍ବରଙ୍କୁ ଦୁର୍ବ୍ୟବହାର କରିବା ସହ ହଠାତ ଉଲଗ୍ନ ହୋଇପଡ଼ିଥିଲେ। ଏହାକୁ ଦେଖି ଅନ୍ୟ ଯାତ୍ରୀମାନେ ହୋହାଲ୍ଲା କରିଥିଲେ। ତେବେ ପରିସ୍ଥିତକୁ ନିୟନ୍ତ୍ରଣ କରିବାକୁ ଯାଇ ଘଟଣା ବାବଦରେ କ୍ରୁ ମେମ୍ବର ପାଇଲଟଙ୍କୁ ଜଣାଇ ଦେଇଥିଲେ। ଏହାପରେ ପାଇଲଟ ଦିଲ୍ଲୀ ଏୟାର ଟ୍ରାଫିକ୍ କଣ୍ଟ୍ରୋଲରଙ୍କ ସହ ଆଲୋଚନା କରି ବିମାନକୁ ଜରୁରୀ ଅବତରଣ କରାଇଥିଲେ। ବିମାନ ଅବତରଣ ପରେ ଉକ୍ତ ଯାତ୍ରୀଙ୍କୁ ବିମାନ ବନ୍ଦର କର୍ତ୍ତୃପକ୍ଷ ସିଆଇଏସ୍‌ଏଫ୍ ଯବାନର ଜିମା ଦେଇଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏୟାର ଏସିଆ ଇଣ୍ଡିଆର ପ୍ରବକ୍ତା ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏୟାର ଏସିଆ ବିମାନରେ ଯାତ୍ରା ପାଇଁ ଉକ୍ତ ଯାତ୍ରୀଙ୍କ ଉପରେ କୌଣସି ପ୍ରତିବନ୍ଧକ ଲଗାଯାଇ ନ ଥିବା ଜଣାପଡ଼ିଛି।

# କୁମ୍ଭୀର ଆଁରୁ ଜୀବନ ନେଇ ଧାଇଁଲେ

ପ୍ରତ୍ୟେକ ଦିନ ସୋସିଆଲ ମିଡିଆରେ କିଛି ନା କିଛି ଭିଡିଓ ଏବଂ ଫଟୋ ଭାଇରାଲ ହେଉଛି। ସେଥିରୁ କେତେକ ଭିଡିଓ ଏବଂ ଫଟୋ ହସର ଖୋରାକ ଯୋଗାଉଥିବା ବେଳେ କେତେକ ଭାବପ୍ରବଣ କରିଦିଏ। ସେହିଭଳି ଟୁଇଟରରେ ଏବେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ କୁମ୍ଭୀର ଥିବା ଜଳାଶୟରେ ଜଣେ ବ୍ୟକ୍ତି ଗାଧୋଉଥିବା ଦେଖିବାକୁ ମିଳୁଛି। ପରେ କୁମ୍ଭୀର ବ୍ୟକ୍ତିଙ୍କୁ କାମୁଡି ଧରିଥିବା ବେଳେ ସେ କୌଣସି ପ୍ରକାରେ ଜୀବନ ନେଇ ଉପରକୁ ଆସିଛନ୍ତି। ଏହି ଭିଡିଓକୁ ଭାରତୀୟ ବନସେବା ଅଧିକାରୀ ସୁଶାନ୍ତ ନନ୍ଦ ତାଙ୍କ ଟୁଇଟରରେ ଶେୟାର କରିଛନ୍ତି। କ୍ୟାପଶନ୍‌ରେ ଲେଖିଛନ୍ତି, 'ଦୁନିଆର ସମସ୍ୟା ହେଉଛି ଯେତେବେଳେ ବୁଦ୍ଧିମାନ ଲୋକେ ସନ୍ଦେହରେ ଓ ମୂର୍ଖମାନେ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ'। ଏହି ଭିଡିଓଟି ଭାଇରାଲ ହେବାରେ ଲାଗିଛି।

# ରାହୁଲଙ୍କ ବଧୂ ପାଲଟିଲେ ଦିଶା



**ବମ୍ବେ:** ବିଗ୍‌ବସ ଫେମ ରାହୁଲ ବୈଦ୍ୟ ଓ ପ୍ରେମିକା ଦିଶା ପରମାରଙ୍କ କିଛି ଫଟୋ ଏବେ ପ୍ରଶଂସକଙ୍କୁ ଚିନ୍ତାରେ ପକାଇଛି। ଫଟୋରେ ଉଭୟ ବିବାହ ପୋଷାକରେ ନଜର ଆସୁଛନ୍ତି। ଏହାକୁ ଦେଖି ପ୍ରଶଂସକମାନେ ସେମାନେ ବିବାହ କରିନେଇଥିବା କହୁଛନ୍ତି। ହେଲେ ସେଭଳି କିଛି ନୁହେଁ। ରାହୁଲ-ଦିଶା ଏକ ମ୍ୟୁଜିକ ଭିଡିଓରେ ନଜର ଆସିବେ। ଏହାର ଶୁଟିଂ ଚାଲୁ ରହିଛି। ଫଟୋଗୁଡ଼ିକ ଶୁଟିଂ ସମୟର। ଏଥିରେ ଗୋଲାପୀ ରଙ୍ଗର ଲେହେଙ୍ଗା ପିନ୍ଧି ବେଶ୍ ସୁନ୍ଦର ଦିଶୁଛନ୍ତି ଦିଶା। ସେହିଭଳି ପ୍ରେମିକାଙ୍କୁ ମ୍ୟାଚିଂ କରି ସେରୱାନୀ ପିନ୍ଧିଛନ୍ତି ରାହୁଲ। ଫଟୋଗୁଡ଼ିକ ଭାଇରାଲ ହେବା ପରେ ଉଭୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା। କିନ୍ତୁ ସତ ଜଣାପଡ଼ିବା ପରେ ପ୍ରଶଂସକ ନିରାଶ ହୋଇଛନ୍ତି। କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆସିବା ପରେ ବିବାହ ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି ଦିଶା କହିଛନ୍ତି। ବିଗ୍‌ବସ ୧୪ରେ ଭାଗ ନେଇଥିବାବେଳେ ଦିଶାଙ୍କ ସହ ରାହୁଲଙ୍କ ପ୍ରେମକାହାଣୀ ଚର୍ଚ୍ଚାର ବିଷୟ ପାଲଟିଥିଲା। କାରଣ ବିଗ୍‌ବସ ଘରେ ରାହୁଲ ଦିଶାଙ୍କୁ ପ୍ରପୋଜ କରିଥିଲେ।

# କୁକୁର କରୁଛି ନିର୍ବାଚନ ପ୍ରଚାର



**ଲକ୍ଷ୍ନୌ:** ନିର୍ବାଚନ ପ୍ରଚାର ସମୟରେ ପ୍ରାର୍ଥୀମାନେ ବିଭିନ୍ନ ଉପାୟ ଆପଣାଇଥାନ୍ତି। ହେଲେ ଉତ୍ତର ପ୍ରଦେଶ ପଞ୍ଚାୟତ ନିର୍ବାଚନ ପାଇଁ ଅଜବ ପ୍ରଚାର ଦେଖିବାକୁ ମିଳିଛି। କେତେକ ସ୍ଥାନରେ ପ୍ରଚାର ପାଇଁ ବୁଲା କୁକୁରଙ୍କୁ ମଧ୍ୟ ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ରାଏବରେଲି ଏବଂ ବଲିଆ ଜିଲାରେ ଦୁଇଜଣ ପ୍ରାର୍ଥୀ କୁକୁର ଦେହରେ ପ୍ରଚାର ପୋଷ୍ଟର ଲଗାଇଛନ୍ତି। ତେବେ ଏହି ଘଟଣାରେ ଜଣେ ପ୍ରାର୍ଥୀ କହିଛନ୍ତି, ନିର୍ବାଚନୀ ଆଚାର ସଂହିତାରେ ବୁଲା କୁକୁରଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି କୌଣସି ନିୟମ ନାହିଁ। ତେବେ ପଶୁଟିର କୌଣସି ପ୍ରକାର କ୍ଷତି କରାଯାଇନାହିଁ। ଦୈନିକ କୁକୁରଟିକୁ ଭୋଜନ ଦିଆଯାଉଛି। ଏଭଳି ଅଭିନବ ଉପାୟରେ ଲୋକେ ମଧ୍ୟ ଆକର୍ଷିତ ହେଉଛନ୍ତି ବୋଲି ସେ କହିଛନ୍ତି। ଦେହରେ ପ୍ରଚାରପତ୍ର ଲାଗିଥିବା ଏହି କୁକୁରଟିର ଫଟୋ ଏବେ ସୋସିଆଲ ମିଡିଆରେ ଘୂରି ବୁଲୁଛି। ଏହାକୁ ଅନେକ ଲୋକ ବିରୋଧ କରିବା ସହ ପ୍ରାଣୀଙ୍କ ପ୍ରତି ଅନ୍ୟାୟ ବୋଲି କହିଛନ୍ତି। ପ୍ରାଣୀଙ୍କ ସୁରକ୍ଷା ପାଇଁ ଆନ୍ଦୋଳନ କରୁଥିବା ଜଣେ ମହିଳା ଏଥିରେ ପ୍ରତିକ୍ରିୟା ରଖି କହିଛନ୍ତି, ମନୁଷ୍ୟ ମୁହଁରେ ଏଭଳି ପ୍ରଚାର ପତ୍ର ଲଗାଇଲେ ସେମାନେ ଠିକ୍ ବୁଝନ୍ତେ। ପଶୁଟି ପ୍ରତିବାଦ କରିପାରୁ ନ ଥିବାରୁ ଏଭଳି ଅନ୍ୟାୟ କରାଯାଉଛି ବୋଲି ସେ କହିଛନ୍ତି।

# କେମିତି ରହିବ ଆଜିର ପାଗ

**ରାଜ୍ୟ-** ଆଗାମୀ ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, କନ୍ଧମାଳ, ମାଲକାନଗିରି, କୋରାପୁଟ, ନୟାଗଡ଼, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି। ଅନ୍ୟ ଜିଲାଗୁଡ଼ିକରେ ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହୋଇପାରେ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ଶନିବାର ସର୍ବାଧିକ ତାପମାତ୍ରା ୩୫ ଡିଗ୍ରୀ ଓ ସର୍ବନିମ୍ନ ୨୩ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ ହୋଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୫ | ୨୫.୧ |
| ଚାନ୍ଦବାଲି | ୩୫.୬ | ୨୫.୦ |
| କଟକ | ୩୩.୮ | ୧୯.୦ |
| ପାରାଦୀପ | ୩୦.୭ | ୨୭.୪ |
| ଭୁବନେଶ୍ୱର | ୩୪.୯ | ୨୧.୦ |
| ଗୋପାଳପୁର | ୩୨.୨ | ୨୫.୩ |
| ପୁରୀ | ୩୨.୪ | ୨୧.୪ |
| ଅନୁଗୋଳ | ୩୮.୧ | ୨୩.୬ |
| ବାରିପଦା | ୩୫.୨ | ୨୧.୦ |
| ଝାରସୁଗୁଡ଼ା | ୩୬.୨ | ୨୩.୬ |
| କେନ୍ଦୁଝର | ୩୩.୦ | ୨୨.୦ |
| ସମ୍ବଲପୁର | ୩୬.୬ | ୨୫.୪ |
| ସୁନ୍ଦରଗଡ଼ | ୪୦.୦ | ୨୦.୦ |
| ହୀରାକୁଦ | ୩୫.୭ | ୨୫.୯ |
| ତାଳଚେର | ୩୭.୭ | ୨୦.୬ |
| ଭବାନୀପାଟଣା | ୩୯.୫ | ୨୬.୦ |
| ବଲାଙ୍ଗୀର | ୩୯.୨ | ୨୫.୮ |
| କୋରାପୁଟ | ୩୪.୦ | ୨୧.୦ |
| ଫୁଲବାଣୀ | – | ୨୨.୨ |
| ଟିଟିଲାଗଡ଼ | ୩୯.୨ | ୨୭.୩ |
| ମାଲକାନଗିରି | ୩୯.୦ | ୨୩.୫ |
| ସୋନପୁର | ୩୮.୨ | ୨୫.୨ |
| ଦାରିଙ୍ଗିବାଡ଼ି | ୩୪.୦ | ୨୦.୦ |
| ନୟାଗଡ଼ | ୩୬.୩ | ୨୪.୦ |
| ବୌଦ୍ଧ | ୩୭.୦ | ୨୨.୦ |
| ଛତ୍ରପୁର | ୩୨.୫ | ୨୫.୦ |
| ପାରଳାଖେମୁଣ୍ଡି | ୩୪.୦ | ୨୧.୦ |
| ରାୟଗଡ଼ା | ୩୫.୬ | ୨୧.୦ |

ଡିଗ୍ରୀ ସେଲ୍‌ସିୟସ୍

# ଟିକା ନେଲେ ମଦ ଦେବ କମ୍ପାନୀ

**ନୂଆଦିଲ୍ଲୀ:** ଦେଶରେ କରୋନା ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ବଢ଼ିଚାଲିଛି। ଏଭଳି ପରିସ୍ଥିତିରେ ଟିକାକରଣ ଅଭିଯାନ ଜୋରସୋରରେ ଚାଲିଛି। ଅନେକ ଦେଶରେ ସରକାରୀ ଏବଂ ବେସରକାରୀ କମ୍ପାନୀଗୁଡିକ ଟିକାକରଣ ପାଇଁ ଲୋକଙ୍କୁ ଉତ୍ସାହିତ କରିବାକୁ ବିଭିନ୍ନ ଆକର୍ଷଣୀୟ ଅଫର ପ୍ରଦାନ କରୁଛନ୍ତି। ରେଷ୍ଟୁରାଣ୍ଟଗୁଡିକରେ ମାଗଣା ଖାଦ୍ୟଠାରୁ ଆରମ୍ଭ କରି ବିୟର ପାର୍ଲରରେ ମାଗଣା ବିୟର ଏବଂ ବାର୍‌ରେ ଶସ୍ତା ମଦ ପର୍ଯ୍ୟନ୍ତ ଅଫର୍ ଅନ୍ତର୍ଭୁକ୍ତ। ଲୋକପ୍ରିୟ କ୍ୟାବ ସେବା କମ୍ପାନୀ ଉବର ଏକ ବଡ ଘୋଷଣା କରିଛି। ଦିଲ୍ଲୀରେ ୧.୫ କୋଟି ଟଙ୍କା ପର୍ଯ୍ୟନ୍ତ ମାଗଣା ଯାତ୍ରା ଘୋଷଣା କରିଛି କମ୍ପାନୀ। ଏହା ସହିତ ଲୋକମାନେ ଟିକାକରଣ ପାଇଁ ମାଗଣାରେ କ୍ୟାବରେ ଯିବା ଆସିବା କରିପାରିବେ। ଆମେରିକାର ଓହିଓର ମାର୍କେଟ ଗାର୍ଡେନ ବ୍ରୁରି ପ୍ରଥମ ଟିକା ଲଗାଉଥିବା ଲୋକଙ୍କୁ ପାଞ୍ଚଥର ମାଗଣାରେ ବିୟର ପିଇବାକୁ ଅଫର୍ ଦେଇଛି। ସେହିପରି ଚାଇନାରେ ସରକାର ଏବଂ କମ୍ପାନୀମାନେ ଟିକା ନେବାକୁ ଉତ୍ସାହିତ ପାଇଁ ଅନେକ ପ୍ରକାରର ଅଫର ଦେଉଛନ୍ତି। ଏଥି ସହିତ ହେନାନ ପ୍ରଦେଶର ଏକ ସହରରେ ସ୍ଥାନୀୟ ସରକାର କର୍ମଚାରୀଙ୍କୁ ଚାକିରିରୁ ବାହାର କରିଦେବାକୁ ଚେତାବନୀ ଦେଇଛନ୍ତି।


## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏସୁନାକର ପାତ୍ର

ଆପଣଙ୍କର ସ୍ୱଚ୍ଛ ଓ ନିର୍ମଳ ବ୍ୟକ୍ତିତ୍ୱ ତଥା କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କ ଜୀବନରେ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କର ବିନମ୍ର ପ୍ରାର୍ଥନା।

-: ଶୋକସନ୍ତପ୍ତ :-

ଜଳସେଚନ, ସାଂସ୍କୃତିକ ପରିଷଦର ସମସ୍ତ କର୍ମକର୍ତ୍ତାବୃନ୍ଦ

ଧ-୭୦୫୮୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ରାଜଶ୍ରୀ ସାମନ୍ତ

ସ୍ୱାମୀ: ପତିତପାବନ ସାମନ୍ତ

ନୂଆଗଡ଼, ଗଁଦିଆ, ଢେଙ୍କାନାଳ

ଆବିର୍ଭାବ: ୦୨।୦୩।୧୯୬୪

ତିରୋଧାନ:୩୧।୦୩।୨୦୨୧

ତୁମର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଓ ପ୍ରେରଣା ଆମମାନଙ୍କର ଚିର ପାଥେୟ ହେଉ। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ପରିବାରବର୍ଗ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ।

ଧ-୭୦୩୧୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏ କୃଷ୍ଣଚନ୍ଦ୍ର ବେହେରା

ପିପଲପଦର, କଳାହାଣ୍ଡି

ଆବିର୍ଭାବ- ୨୫.୦୪.୧୯୬୧

ତିରୋଧାନ- ୩୧.୦୩.୨୦୨୧

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ଶ୍ରଦ୍ଧାଞ୍ଜଳି।

-: ଶୋକସନ୍ତପ୍ତ :-

ମାଆ, ପତ୍ନୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଆତ୍ମୀୟ ସ୍ୱଜନ ଓ ପରିବାର ବର୍ଗ

ଧ-୨୦୪୬୬

# ପରିବର୍ତ୍ତନର ସୂତ୍ରଧର

ଗପ



ବହୁ ଆଗରୁ ଦେଶରେ ଅସ୍ପୃଶ୍ୟତା ପୂରି ରହିଥିଲା। ସମାଜରେ ଛୁଆଁ ଛୁଇଁ ଭେଦ ଭାବର ଏକ ଶକ୍ତ ପାଚେରି ଗଢି ଉଠିଥିଲା। ସେଭଳି ଏକ ସମୟରେ ଏକ ଅଛୁଆଁ ପରିବାରରେ ଜନ୍ମ ନେଇଥିଲେ ଜଣେ ମହାନ୍ ପୁରୁଷ ଡ. ବାବା ସାହେବ ଆମ୍ବେଡକର।

ପିତାମାତାଙ୍କ କୋଳରେ ଅନାବିଳ ସ୍ନେହ ପାଇ ବଢୁଥିଲେ ଆମ୍ବେଡକର। ହେଲେ ଖୁବ୍ କମ୍ ଦିନରୁ ସେ ମାତୃ ସ୍ନେହରୁ ବଞ୍ଚିତ ହୋଇଥିଲେ। ତାଙ୍କୁ ପାଞ୍ଚ ବର୍ଷ ହୋଇଥିବା ବେଳେ ମାଆଙ୍କୁ ହରାଇ ମାତୃ ଶୋକରେ ମ୍ରିୟମାଣ ହୋଇ ପଡିଲେ। ତାଙ୍କ ବାଲ୍ୟ ଜୀବନରେ ଏହା ଥିଲା ତାଙ୍କ ପାଇଁ ଏକ ଦାରୁଣ ଆଘାତ। ଏହା ପରେ ସେ ତାଙ୍କ ମାଉସୀ ମୀରା ବାଈଙ୍କ ଘରେ ଅଯାଚିତ ସ୍ନେହ ଆଦର ପାଇ ସେଠାରେ ରହିଲେ। ମାଉସୀଙ୍କଠାରୁ ଅନାବିଳ ସ୍ନେହ ପାଇ ତାଙ୍କ ଜନ୍ମିତ ମାତାଙ୍କୁ ଭୁଲିଯାଇଥିଲେ। ପ୍ରାଥମିକ ବିଦ୍ୟାଳୟକୁ ସେ ଯେତେବେଳେ ପାଠ ପଢ଼ିବାକୁ ଯାଇଥିଲେ ତାଙ୍କୁ ନିଜ ସହପାଠୀ ପିଲାମାନଙ୍କଠୁ ଅଲଗା ବସିବାକୁ ପଡିଥିଲା। ସେହି ସମୟରେ ବିଦ୍ୟାଳୟ ଭଳି ପବିତ୍ର ଅନୁଷ୍ଠାନରେ ମଧ୍ୟ ଅସ୍ପୃଶ୍ୟତା ପୂରି ରହିଥିଲା। ତେଣୁ ଶିକ୍ଷକ ମାନେ ଅସ୍ପୃଶ୍ୟତାର ଘୃଣା ମନୋଭାବ ନେଇ ତାଙ୍କୁ ବାରଣ୍ଡାରେ ଅଲଗା ବସାଇ ପାଠ ପଢାଉଥିଲେ। ଆମ୍ବେଡକର ଛୋଟ ପିଲାଟିଏ ହୋଇଥିଲେ ମଧ୍ୟ ସମାଜର ଏହି ଘୃଣା ଭାବ, ଲାଞ୍ଛନା ସବୁକୁ ବୁଝି ପାରୁଥିଲେ। ତାଙ୍କୁ ଏହା ଖୁବ୍ ବାଧୁଥିଲା। ତଥାପି ସମସ୍ତ ଅସାମାଜିକ ପ୍ରଥାକୁ ହୃଦୟରେ ଚାପି ରଖି ମନକୁ ଦୃଢ କରି ନୀରବତା ଅବଲମ୍ବନ କରି ପାଠ ପଢୁଥିଲେ। ସେ ଏଥିପାଇଁ ଭାଙ୍ଗି ପଡୁ ନ ଥିଲେ। ଶିକ୍ଷକମାନଙ୍କୁ ସମ୍ମାନ ଦେଉଥିଲେ। ତାଙ୍କର ସମ୍ମାନ ଓ ଶିକ୍ଷା ଗ୍ରହଣ ଯୋଗୁଁ ସେ ଶିକ୍ଷକମାନଙ୍କର ଅତି ପ୍ରିୟ ହୋଇ ପାରିଥିଲେ। ଏହି ପାଠପଢ଼ାରେ ତାଙ୍କର ମୂଳ ଲକ୍ଷ୍ୟ ଥିଲା ସେ ଭଲ ପାଠ ପଢି ଜଣେ ଭଲ ମଣିଷ ହୋଇ ସମାଜରୁ ଏହି ଅସ୍ପୃଶ୍ୟତା ଭଳି କଳଙ୍କିତ ପ୍ରଥାକୁ ଦୂରେଇ ଦେବେ। ଯେପରି ସମସ୍ତଙ୍କ ମନରେ ଭ୍ରାତୃ ପ୍ରେମ ଜାଗ୍ରତ ହେବ। ଉଚ୍ଚ ନୀଚ ଭେଦ ଭାବ କାହାରି ମନରେ ରହିବ ନାହିଁ। ସମସ୍ତେ ଭାରତ ମାତାର ସନ୍ତାନ ରୂପରେ ପରିଚିତ ହୋଇ ଏହି ଜାତିଆଣ ମନୋଭାବକୁ ଦୂରେଇ ନୂଆ ସମାଜ ଗଠନ କରିବେ। ତାଙ୍କର ଦୃଢ ମନୋବଳ ଯୋଗୁଁ ସେ ଦିନେ ତାଙ୍କର ଲକ୍ଷ୍ୟକୁ ସଫଳ କରି ପାରିଥିଲେ। ଭଲ ପାଠ ପଢି ସେ ବଡ଼ ହୋଇ ଡକ୍ଟର ଆମ୍ବେଡକରଭାବେ ପରିଗଣିତ ହୋଇଥିଲେ ଏବଂ ଦେଶ ପାଇଁ ଆଇନ୍ ଲେଖିଥିଲେ।

ଏହି ମହାନ୍ ପୁରୁଷ ଜନ୍ମ ନେଇଥିଲେ ୧୮୯୧ ମସିହା ଏପ୍ରିଲ୍ ମାସ ୧୪ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ଜିଲାସ୍ଥିତ ମାଓ ନାମକ ଗ୍ରାମରେ। ଆଜି ଆମେ ତାଙ୍କର ସ୍ମୃତିଚାରଣ କରି ଚଳିତ ମାସ ୧୪ ତାରିଖରେ ସାରା ଭାରତରେ ଡ. ଆମ୍ବେଦକର ଜୟନ୍ତୀ ପାଳନ କରୁଛେ। ତେବେ ଆମ ସରକାର ତାଙ୍କର ଜୟନ୍ତୀ ଦିବସକୁ ସମସ୍ତ ସରକାରୀ ଅନୁଷ୍ଠାନ ଗୁଡିକୁ ପାଳନ ଦିବସ କରି ଛୁଟି ଘୋଷଣା କରିଛନ୍ତି। ତେବେ ଆମେ ବି ତାଙ୍କର ଜନ୍ମ ଦିବସକୁ ମାନିବା। ତାଙ୍କ ପରି ଦୃଢ ମନୋବଳ ନେଇ ଭଲ ପାଠ ପଢିବା, ଭଲ କାମ କରି ଦିନେ ସମାଜରେ ଭଲ ମଣିଷଟିଏ ହେବା।

**–ପ୍ରଦୀପ କୁମାର ନାଏକ**
ହାତୀସରା, ଦେଓଗାଁ, ବଲାଙ୍ଗୀର

## ଆଇନା



ଖୁସୀ
୯ ବର୍ଷ

## ମତାମତ

→ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଏଥର ପ୍ରକାଶିତ ଗପ 'ଶୁଆ ଓ କୁଆ' ବହୁତ ସୁନ୍ଦର ହୋଇଛି।
ମନୋଜ ମହାନ୍ତି, କେନ୍ଦୁଝର

→ଗତ ସପ୍ତାହରେ ପ୍ରକାଶିତ ଛୋଟ କବିତାଗୁଡ଼ିକର ଉପସ୍ଥାପନା ବହୁତ ସୁନ୍ଦର ହୋଇଥିଲା।
*–ଶ୍ରୀକାନ୍ତ ଜେନା, କୋରାପୁଟ*

→ଆଇନା ସ୍ତମ୍ଭରେ ଚିତ୍ରଟି ବେଶ୍ ଆକର୍ଷଣୀୟ ଲାଗିଲା।
*–ପ୍ରକାଶ ମହାପାତ୍ର, ଜଗତସିଂହପୁର*

→ଏଥର ସବୁଠୁ ଆକର୍ଷଣୀୟ ଲାଗୁଥିଲା କହିଲ ଦେଖି ସ୍ତମ୍ଭଟି। ଏଥିରେ କବିତା ସାଙ୍ଗକୁ ଚିତ୍ର ବେଶ୍ ସୁନ୍ଦରଭାବେ ଡିଜାଇନ୍ କରାଯାଇଥିଲା।
*–ମନସ୍ୱିନୀ ମହାପାତ୍ର, ଭୁବନେଶ୍ୱର*

→ଗିନିଜ ସ୍ତମ୍ଭରେ ପ୍ରତିଥର ଭଳି ଆଶ୍ଚର୍ଯ୍ୟଜନକ ବିଷୟ ସ୍ଥାନ ପାଇଥିଲା।
*–ଅନିକେତ ସ୍ୱାଇଁ, କୋରାପୁଟ*

## କବିତା





### ପ୍ରଜାପତି

ଟିକି ଟିକି ପରଜାପତିରେ
ଭଳି ଭଳିକା ରଙ୍ଗ
ଫୁଲୁ ଫୁଲେ ସେ ଭ୍ରମିଥାଏ
ସରି ନୁହଁଇ ଭୃଙ୍ଗ।

ଅଙ୍ଗେ ଅଙ୍ଗେ ତୋର ଫୁଲରେଣୁ
ତୋଳି ପାଉ ଆନନ୍ଦ
ମହୁମାଛି ଯେ ତୃପ୍ତ ହୁଅନ୍ତି
ଶୋଷି ସେ ମକରନ୍ଦ ।

ଦେହରେ ତୋହର ନାନା ରଙ୍ଗ
ଅଙ୍ଗ ଦିଶେ ଶୋଭିତ
ଫୁଲରେ ବସିବା ଧର୍ମ ତାହାର
ସଦା ଥାଉ କାର୍ଯ୍ୟରତ।

ରୂପରେ ତୋର ଆକୃଷ୍ଟ ହୋଇ
ଧରିବାକୁ ଶିଶୁମାନେ
ଧାଇଁଥାନ୍ତି ସଭି ପଛେ ପଛେ
ଭରିଆଶା କେତେ ମନେ।

ଜୀବନଟା ତୋର ଭାରି ସୂକ୍ଷ୍ମ
ସତେ କେଡେ ତ ଭଲ
ଜାତି ଜାତି ଫୁଲେ ତରକିଯାଉ
ଲାଗୁ ତୁ ଭାରି ଭଲ।

**–ପ୍ରତିଭା ସାହୁ,** ବଇଣ୍ଡା, ହାଇସ୍କୁଲ ରୋଡ୍, ଅନୁଗୋଳ

### ପକ୍ଷୀ

ଦେଖରେ ପିଲେ ନୀଳ ଗଗନେ
ଉଡୁଛି ଏକ ପକ୍ଷୀ
ଦେଖିଲେ ସତେ ଲାଗୁଛି ଭଲା
ନାଚୁଛି ଏକ ସକ୍ଷୀ।

କୁନି କୁନି ତା' ଡେଣା ହଲେଇ
ଉଡୁଛି ଧୀରେ ଧୀରେ
ପବନ ଦୋଳି ଉପରେ ବସି
ମନରେ ଖୁସି ଭରେ।

ସରଳ ହୃଦ ଅଟଇ ତା'ର
ନାହିଁ କପଟ ଛନ୍ଦ
ଦିନେ ବି କେବେ ଆଣେନା ମନେ
କା'ର ଅନିଷ୍ଟ ମନ୍ଦ।

ସବୁରି ଭଲ ମଙ୍ଗଳ ଚିନ୍ତା
କରେ ସେ ହସି ସଦା
କରଇ କାମ ନ ଡରି କେବେ
ଦେଖି ବିପଦ ବାଧା।

ତାହାର ପରି ମଙ୍ଗଳ ମନ
କରିବା ଆସ ଆମେ
ଟିକି ଜୀବନ ଲଗାଇ ଦେବା
ଦେଶର ହିତ କାମେ।

ପକ୍ଷୀ ପରିକା ସରଳ ହେବା
କରିବା ଭଲ କାମ
ବିଦାୟ ଏଠୁ ନେଲା ବେଳକୁ
ଲେଖିବା ନିଜ ନାମ।

***–ଅଶୋକ କୁମାର ପ୍ରଧାନ***
*ଶିକ୍ଷକ, ରୋହିଗାଁ, ଗଞ୍ଜାମ*

### ସପୁରି



ପାଚିଗଲେ ଲାଗେ
ମୁଁ ଯେ ଖଟାମିଠା

ନାମ ମୋ ସପୁରି
ଫଳ ମୁଁ ଟଟକା

ବୁଦାଳିଆ ଗଛ
ଅଟେ ମୋର ଘର

ମୋଟା ପତରଟା
କଣ୍ଟାର ଧାର।

***–ଜ୍ୟୋତିର୍ମୟୀ ମହାନ୍ତି***
*ବାଗସାହି, ଜଗତ୍‌ସିଂହପୁର*

### ସୁନ୍ଦର ସୃଷ୍ଟି

ଧନ୍ୟ ତୁମ ସରଜନା ମହାପ୍ରଭୁ
ପ୍ରକୃତି ଶୋଭାର ରାଣୀ,
ସୁମଧୁର ହାସେ ଶୀତଳ ପରଶେ
କୁସୁମ ବିକାଶେ ପୁଣି ।

ପ୍ରକୃତିର କୋଳେ ସବୁଜିମା ଖେଳେ
ନାନାଜାତି ତରୁଲତା,
ପଶୁପକ୍ଷୀ ସରୀସୃପ ନାନାରୂପ
ଜଳ ସ୍ଥଳ ତୁମ ସତ୍ତା।

ଆହା କି ସୁନ୍ଦର ନବରବି କର
ପ୍ରଭାତେ ରକ୍ତିମ ଆଭା,
କୁଳୁ କୁଳୁ ନାଦେ ଗିରିବନ ପଦେ
ଝରଣା ପ୍ରପାତ ଶୋଭା।

ବନେ ଉପବନେ ଚମ୍ପା କନିଅର
କଦମ୍ବ ମଲ୍ଲୀ ମାଳତି,
ଯୂଇ ଜାଇ ହେନା ଗୋଲାପ ଶେଫାଳି
ରଜନୀଗନ୍ଧା ସେବତୀ।

ଫୁଲର ସୁରଭି ମତୁଆଲା ଲୋଭି
ଭଅଁରର ମନ କିଣେ,
ପ୍ରେମିକ ଫୁଲରସିକ ପ୍ରେମିକାର
ମନକୁ ଅଳପେ ଜିଣେ।

ଅନନ୍ତ ବିଭୂତି ତୁମ ଦିବ୍ୟ ଜ୍ୟୋତି
ଧନ୍ୟ ତୁମ ବିଶ୍ୱ ସୃଷ୍ଟି
ପ୍ରାଣୀଙ୍କ ମଙ୍ଗଳ କାମନା ସକଳ
ଭରି ଦିଅ ଶୁଭଦୃଷ୍ଟି।

**–ବିନୟ କୁମାର ସାମଲ,**
ବେଡ଼ାପଡା, ହିନ୍ଦୋଳରୋଡ, ଢେଙ୍କାନାଳ

## ଖିଲିଖିଲି ହସ

୧

ଶିକ୍ଷକ– ପିଲାମାନେ କହିଲ ଏକ ବର୍ଷ କେତେ ସେକେଣ୍ଡ ?
ଚିଣ୍ଟୁ– ୧୨ଟି ସାର୍
ଶିକ୍ଷକ– କେମିତି ?
ଚିଣ୍ଟୁ– ସାର୍ ଜାନୁୟାରୀ ସେକେଣ୍ଡ, ଫେବୃୟାରୀ ସେକେଣ୍ଡ, ମାର୍ଚ୍ଚ ସେକେଣ୍ଡ ଏମିତି....

୨

ଶିକ୍ଷକ– ଆଚ୍ଛା ଜନି ତମେ କହିଲ କେଉଁ ମାସଟି ୨୮ ଦିନିଆ ?
ଜନି– ସାର୍ ସବୁ ମାସରେ ୨୮ ଦିନ ତ ନିଶ୍ଚିତ ରହିଥାଏ।

୩

ବାପା– ଆଚ୍ଛା ପୁଅ କହିଲୁ ତୁ ବଡ଼ ହେଲେ କ'ଣ ହେବୁ ?
ପୁଅ– ମୁଁ ଅଳିଆ ସଂଗ୍ରହକାରୀ ହେବି।
ବାପା– କ'ଣ ହେଲା ଇଏ କିଭଳି ପ୍ରଫେଶନ୍ ?
ପୁଅ– ଏଇଟା ବହୁତ ଭଲ ପ୍ରଫେଶନ ବାପା, କାହିଁକି ନା ଏହି ପ୍ରଫେଶନରେ ସପ୍ତାହକୁ ମାତ୍ର ଗୋଟିଏ ଦିନ କାମ କରିବାକୁ ପଡ଼େ।

୪

ଡାକ୍ତର– ଦେଖ ତୁମକୁ ଅତିକମରେ ଦିନକୁ ୩୦ ଗ୍ଲାସ ପାଣି ପିଇବାକୁ ପଡିବ।
ରୋଗୀ– ଏହା ତ ଅସମ୍ଭବ।
ଡାକ୍ତର– କାହିଁକି ?
ରୋଗୀ– କାହିଁକି ନା ଆମ ଘରେ ମାତ୍ର ୪ଟି ଗ୍ଲାସ ଅଛି।

## କହିଲ ଦେଖି

ଖୁଣ୍ଟ ପରି ଗୋଡ ଚାରୋଟି
କାଠରେ ଶରୀର ଗଢାଟି
ମା, ବାପା ସହ ଶୁଏ ମୁଁ ସେଥିରେ
କହିବ କିଏ ତା ନାଁଟି



ଉତ୍ତର : **ଖଟ**

ମଣିଷ ପରିକା ଦୁଇଟି ହାତ
କପଡାର ସଜ ଦେହକୁ ହିତ
ଶୀତ ଓ ଖରାରୁ ଆରାମ ଦିଏ ସେ
ତା'ର ନାଁ କହି ହୁଅ ମୋ ମିତ



ଉତ୍ତର–**ଶାର୍ଟ**

ପାଦ ନାହିଁ ଚାଲେ ଦୁଇ ଚକରେ
ବସି ଦୂରବାଟ ଯାଏ ସେଥିରେ
ତେଲ ଥିଲେ ତା'ର ପେଟ ଭିତରେ
ଘୁଁ ଘୁଁ ହୋଇ ଧାଏଁ ରାସ୍ତାରେ



ଉତ୍ତର– **ଦୁଇ ଚକିଆ ମୋଟର ଗାଡି**

ଫେଣା ଫେଣା ହୋଇ ଫଳେ ତା' ଫଳ
କାଣ୍ଡିକରେ ଡଙ୍ଗା ତା'ର ବକଳ
ପତରରେ ତା'ର ବାଢି ଖାଉ ଭାତ
ଗଛ ନାଁ କ'ଣ କହ ଚଞ୍ଚଳ



ଉତ୍ତର– **କଦଳୀ ଗଛ**

**–ଶୁଭନାରାୟଣ ଶତପଥୀ,** ବିଜିପୁର, ବ୍ରହ୍ମଗିରି, ପୁରୀ

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠୁ ବଡ଼ କ୍ଷୀର ଦାନ୍ତ



ପିଲାମାନେ ତୁମେ ତ ଜାଣିଛ ଏକ ନିର୍ଦ୍ଦିଷ୍ଟ ବୟସ ଆସିଲେ ଧୀରେ ଧୀରେ ଦାନ୍ତ ଉଠେ। ଠିକ୍ ସେମିତି ଏକ ବୟସ ଆସିବା ପରେ ଗୋଟିଏ ପରେ ଗୋଟିଏ ଦାନ୍ତ ଉପୁଡି ଯାଇ ପୁଣି ଥରେ ନୂଆ ଦାନ୍ତ ଉଠିଥାଏ। ଏହି କ୍ରମରେ ପ୍ରଥମେ କ୍ଷୀର ଦାନ୍ତ ହିଁ ଉପୁଡି ଥାଏ। ଏ କ୍ଷେତ୍ରରେ ବିଶ୍ୱ ରେକର୍ଡ କରିଛନ୍ତି ୯ ବର୍ଷର ବାଳକ ଲ୍ୟୁକ ବୁଲଟନ୍। କାନାଡାର ଏହି ବାଳକଜଣଙ୍କର କ୍ଷୀର ଦାନ୍ତ ହେଉଛି ସବୁଠାରୁ ଲମ୍ବା (୨.୬ ସେ.ମି.)। ଲ୍ୟୁକଙ୍କୁ ଯେତେବେଳେ ଆଠ ବର୍ଷ ହୋଇଥିଲା ସେତେବେଳେ ତାଙ୍କର ଏହି ଦାନ୍ତଟି ମନକୁ ମନ ଉପୁଡି ଯାଇଥିଲା। କିନ୍ତୁ ସେହି ଦାନ୍ତଟିକୁ ସେ ନ ଫିଙ୍ଗି ସାଇତି ରଖିଥିଲେ। ଏବେ ଏହି ଦାନ୍ତଟିକୁ ସେ ପ୍ରଦର୍ଶିତ କରିବା ଫଳରେ ତାହା ସବୁଠୁ ଲମ୍ବା ଦାନ୍ତ ବୋଲି ଜଣାପଡିଥିଲା। ଏହା ପୂର୍ବରୁ ଓହିଓର ୧୦ ବର୍ଷର ବାଳକଙ୍କ ନାଁରେ ଏହି ରେକର୍ଡ ଥିଲା। ତାଙ୍କ ଦାନ୍ତର ଲମ୍ବ ୨.୪ ସେ.ମି.।

## ଟଗଲା ଭୀମୁ




## ତୁମ ତୂଳୀରୁ



**ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ–୬, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲ୍ଲୀ, ମାଲକାନଗିରି



**ଶେଖର କୁମାର ସ୍ୱାଇଁ**
କ୍ଲାସ–୬, ଡିଏଭି ଏସ୍.ସି.ବି. ମେଡିକାଲ ପବ୍ଲିକ ସ୍କୁଲ



**ବାଦଲ କୁମାର ନାୟକ**
କ୍ଲାସ– ୬, କ୍ୟୁଏଭି, ଦେଉଳିପାଲ, ଜାରକା, ଯାଜପୁର




## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଅକ୍ଟୋବର ୧ରୁ

**କୁଆଲାଲମ୍ପୁର, ୯।୪ (ପି.ଟି.):** ଢାକାରେ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଅକ୍ଟୋବର ୧ରୁ ୯ ତାରିଖ ପର୍ଯ୍ୟନ୍ତ ହେବ। ମହାଦେଶୀୟ ଗଭର୍ନିଂବଡି ଏସିଆନ ହକି ଫେଡେରେଶନ (ଏଏଚ୍ଏଫ୍) ତରଫରୁ ଏହା ଶୁକ୍ରବାର ଘୋଷଣା କରାଯାଇଛି। କୋଭିଡ୍ ଯୋଗୁ ଏହି ଟୁର୍ନାମେଣ୍ଟ ଏକାଧିକ ଥର ଘୁଞ୍ଚା ସରିଲାଣି। ମହାମାରୀ ଯୋଗୁ ଏଏଚ୍ଏଫ୍ ପୂର୍ବରୁ ଉଭୟ ମହିଳା ଓ ପୁରୁଷ ଚାମ୍ପିୟନ୍ସ ଟ୍ରଫି ହକିକୁ ଦୁଇଥର ଘୁଞ୍ଚାଇ ସାରିଛି। କରୋନା ଭାଇରସ ଯୋଗୁ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ହକିକୁ ପଡ଼ିଆକୁ ଆଣିବା ଲାଗି ଏହା ଆମର ଏକ ପ୍ରୟାସ ବୋଲି ଏଏଚ୍ଏଫ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ତାୟାବ ଇକ୍ରମା ପ୍ରକାଶ କରିଛନ୍ତି। ପ୍ରତି ଦୁଇ ବର୍ଷ ବ୍ୟବଧାନରେ ପୁରୁଷ ଏସିଆନ୍ ଚାମ୍ପିୟନ୍ସ ଟ୍ରଫି ହକିର ୬ଷ୍ଠ ସଂସ୍କରଣ ଢାକାସ୍ଥିତ ମୌଲାନା ଭସାନୀ ଜାତୀୟ ହକି ଷ୍ଟାଡିୟମରେ ହେବ। ଏଥିରେ ଭାରତ, ଜାପାନ, ପାକିସ୍ତାନ, କୋରିଆ, ମାଲେସିଆ ଏବଂ ଆୟୋଜକ ବାଂଲାଦେଶ ଆଦି ୬ଟି ଦେଶର ଦଳ ଅଂଶଗ୍ରହଣ କରିବେ। ପୁରୁଷ ସଂସ୍କରଣ ଢାକାରେ ମାର୍ଚ୍ଚ ୧୧ରୁ ୧୯, ମହିଳା ଇଭେଣ୍ଟ ଦକ୍ଷିଣ କୋରିଆର ଡଙ୍ଘେଠାରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୬ ପର୍ଯ୍ୟନ୍ତ ହେବାର ଥିଲା, ମାତ୍ର କରୋନା ଯୋଗୁ ତାହାକୁ ସ୍ଥଗିତ ରଖାଯାଇଥିଲା।




# ନୂଆ ନିୟମ ଲାଗୁ କଲା ଜାପାନ

ଟୋକିଓ,୯।୪(ପି.ଟି.)

ଆଗକୁ ଅଲିମ୍ପିକ୍ସ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିବାରୁ ଆୟୋଜକ ଜାପାନ କୋଭିଡ୍-୧୯ର ବର୍ଦ୍ଧିତ ପ୍ରଭାବକୁ ଦୃଷ୍ଟିରେ ରଖି ନୂଆ ନିୟମ ଜାରି ରଖିଛି। ରାଜଧାନୀ ଟୋକିଓରେ ସଂକ୍ରମଣକୁ ରୋକିବା ପାଇଁ ଶୁକ୍ରବାର ବିଭିନ୍ନ କଟକଣା ଜାରି କରିଛନ୍ତି ସରକାର। ଟୋକିଓରେ ଏ ପର୍ଯ୍ୟନ୍ତ ବହୁ ଲୋକ ଟିକା ନେଇନାହାନ୍ତି।

ବାର୍ ଓ ରେଷ୍ଟୁରାଣ୍ଟ ଖୋଲିବା ନେଇ ନୂଆ ନିୟମ ଜାରି କରାଯାଇଛି। ନିୟମ ଉଲ୍ଲଂଘନ କରୁଥିବା ଲୋକଙ୍କୁ ଦଣ୍ଡିତ କରାଯିବାକୁ କୁହାଯାଇଛି। ପ୍ରଧାନମନ୍ତ୍ରୀ ୟୋଶିହିଡେ ସୁଗା ଟୋକିଓ ଗଭର୍ନରଙ୍କୁ ବାର୍ ଓ ରେଷ୍ଟୁରାଣ୍ଟ ସ୍ୱଳ୍ପ ସମୟ ପାଇଁ ଖୋଲିବାକୁ ଅନୁମତି ଦେଇଛନ୍ତି। କିନ୍ତୁ ଯେଉଁମାନେ ନିୟମ ପାଳନ କରୁଛନ୍ତି ସେମାନଙ୍କୁ କ୍ଷତିପୂରଣ ଦେବାକୁ କୁହାଯାଇଛି। ସୋମବାରଠାରୁ ମେ' ୧୧ ପର୍ଯ୍ୟନ୍ତ ଏହି ନିୟମ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଟୋକିଓରେ ଦେଖାଦେଇଥିବା ଅଧିକାଂଶ




ମାମଲା ନାଇଟ ଲାଇଫ୍ ଓ ଖାଇବା ପିଇବା ଯୋଗୁ ସୃଷ୍ଟି ହୋଇଛି। ପଶ୍ଚିମ ଜାପାନ ଓ ଓକିନାୱାରେ ମଧ୍ୟ କଟକଣା କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି। ଓସାକା, ହ୍ୟୋଓଗୋ ଓ ଉତ୍ତରରେ ଥିବା ମିୟାଗିରେ ସୋମବାରଠାରୁ ସଙ୍କଟର ସ୍ଥିତି ନେଇ ସତର୍କତାକୁ ଦୃଢ କରାଯାଇଛି। ଗତ ଜାନୁୟାରୀରୁ କଟକଣା କୋହଳ ହେବା ପରେ ପ୍ରତିଦିନ କରୋନା ମାମଲାରେ ବୃଦ୍ଧି ହୋଇଛି। ଏନେଇ ଅବଶ୍ୟ ଜାପାନ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଓସାକାରେ ମେଡିକାଲ ଇମର୍ଜେନ୍ସି ଲାଗୁ କରାଯାଇଛି। ଓସାକାରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ ମଶାଲ ରାଲିକୁ ସର୍ବସାଧାଣ ସଡକରେ ଆୟୋଜନ ନ କରିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ମାସ୍କ ବ୍ୟବହାର କରିବାସହ ସାମାଜିକ ଦୂରତା ରକ୍ଷା କରିବାକୁ ବାରମ୍ବାର କୁହାଯାଇଛି। ଜାପାନର ୧୦ ଲକ୍ଷ ଲୋକ ଅର୍ଥାତ ମୋଟ୍ ଜନସଂଖ୍ୟାର ଏକ ପ୍ରତିଶତ ଲୋକ ପ୍ରଥମ ପର୍ଯ୍ୟାୟରେ ଟିକା ନେଇଛନ୍ତି। ଟୋକିଓ ଅଲିମ୍ପିକ୍ସ ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି।

## ଭାରତ ଆଜି ଆର୍ଜେଣ୍ଟିନାକୁ ଭେଟିବ

**ବୁଏନ୍ସ ଏରିଜ, ୯।୪ (ପି.ଟି.):** ଭାରତର ପୁରୁଷ ହକି ଦଳ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବ୍ୟବଧାନରେ ଶୀର୍ଷସ୍ତରୀୟ ଅନ୍ତର୍ଜାତୀୟ ପ୍ରତିଯୋଗିତାକୁ ଫେରିବାକୁ ଯାଉଛି। ଶନିବାର ଦଳ ଅଲିମ୍ପିକ୍ସ ଚାମ୍ପିୟନ ଆର୍ଜେଣ୍ଟିନାକୁ ଭେଟିବ। ହକି ଦଳ ଗତବର୍ଷ କରୋନା ସମୟରେ ଏକ ବର୍ଷ ଧରି ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରଠାରେ

### ଏଫ୍ଆଇଏଚ୍ ପ୍ରୋ ଲିଗ୍

ଟ୍ରେନିଂ ନେଇଥିଲା। ଭାରତ ଏହାର ଶେଷ ଏଫ୍ଆଇଏଚ୍ ହକି ପ୍ରୋ ଲିଗ୍ ଗତବର୍ଷ ଫେବୃୟାରୀରେ ଭୁବନେଶ୍ୱରରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳିଥିଲା। ଭାରତ ବର୍ତ୍ତମାନ ୬ଟି ଗେମ୍‌ରୁ ୨ ବିଜୟ ଏବଂ ସମାନ ସଂଖ୍ୟକ ବିଜୟ ଓ ପରାଜୟ ପାଇଁ ଏଫ୍ଆଇ୍ଏଚ୍ ପ୍ରୋ ଲିଗ୍ ଷ୍ଟାଣ୍ଡିଂରେ ୧୦ମ ସ୍ଥାନରେ ରହିଛି। ବିଶ୍ୱ ଚାମ୍ପିୟନ ବେଲଜିୟମ ୧୩ ଗେମ୍‌ରୁ ୩୨ ପଏଣ୍ଟ ପାଇ ଷ୍ଟାଣ୍ଡିଂର ଶୀର୍ଷରେ ରହିଛି। ଏହାପଛକୁ ପଛ ଜର୍ମାନୀ (୮ ମ୍ୟାଚରୁ ୧୯ ପଏଣ୍ଟ), ନେଦରଲାଣ୍ଡ୍ସ (୧୮ ମ୍ୟାଚରୁ ୧୧) ଓ ଅଷ୍ଟ୍ରେଲିଆ (୮ ଗେମ୍‌ରୁ ୧୪ ପଏଣ୍ଟ ଅର୍ଜନ କରିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୧୦ ଏପ୍ରିଲ, ୨୦୨୧



## କାଠ ବୋଝେଇ ଟ୍ରାକ୍ଟର ଜବତ

ବଘିଆପଡା,(ଡି.ଏନ୍.ଏ): ବୌଦ୍ଧ ଜିଲା ବଘିଆପଡା ବନ କର୍ମଚାରୀ ଗୁରୁବାର ବିଳମ୍ବିତ ରାତିରେ ଚଢାଉ କରି କାଠ ବୋଝେଇ ଟ୍ରାକ୍ଟର ଜବତ କରିଛନ୍ତି। ବଘିଆପଡା ବ୍ରାହ୍ମଣପାଲି ନିକଟସ୍ଥ ରଙ୍ଗମାଟିଆ ଜଙ୍ଗଲରୁ କାଠ ଚୋରାଚାଲାଣ ହେଉଥିବା ଖବର ପାଇ ବନ କର୍ମଚାରୀମାନେ ରଙ୍ଗମାଟିଆ ଠାରେ ଜଗି ରହିଥିଲେ। ଏହି ସମୟରେ ଏକ ଟ୍ରାକ୍ଟର (ନଂ.ଓଆର୨୭/୨୧୩୯)ରେ କାଠ ଆସୁଥିବା ବେଳେ ବନ କର୍ମଚାରୀଙ୍କୁ ଦେଖି ଗାଡି ଚାଳକ ଗାଡି ଛାଡି ଫେରାର ହୋଇଯାଇଥିଲେ। ଏହାପରେ ବନ କର୍ମଚାରୀ କାଠ ସହ ଟ୍ରାକ୍ଟରକୁ ଜବତ କରି ବଘିଆପଡା ବନ କାର୍ଯ୍ୟାଳୟକୁ ନେଇଥିଲେ। ଫରେଷ୍ଟର ଶେଷଦେବ ମେହେର, ବନରକ୍ଷୀ ଉମାକାନ୍ତ ପାଣିଗ୍ରାହୀ, ଶରତ ନାୟକ, ରାମଚନ୍ଦ୍ର ଦଳବେହେରା ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ।



କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ଦାବିରେ ଧାରଣା ।



ବରଗଡ଼ ଜିଲା ସୀମାନ୍ତ ପଦ୍ମପୁର ଉପଖଣ୍ଡ ଧଉଁରାଭଟାରେ ଯାଞ୍ଚ ଚାଲିଛି।

# ଅଣାୟତ୍ତ ହେଉଛି କରୋନା

- ବରଗଡ଼ ଜିଲାରେ ଦିନକରେ ୮୪ ନୂଆ ସଂକ୍ରମିତ ଚିହ୍ନଟ
- କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ଦାବିରେ ଧାରଣା
- ସୀମାନ୍ତରେ ପୋଲିସର ଯାଞ୍ଚ କଡ଼ାକଡ଼ି

ବରଗଡ଼ ଅଫିସ୍,୯।୪

ବରଗଡ଼ ଜିଲାରେ କରୋନା ସଂକ୍ରମଣ ଅଣାୟତ୍ତ ହୋଇ ପଡ଼ିଛି। କିଛିଦିନ ହେଲା ପ୍ରତିଦିନ ନୂଆ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ମାର୍ଚ୍ଚ ମାସରୁ ଶୁକ୍ରବାର ସୁଦ୍ଧା ଜିଲାରେ ସମୁଦାୟ ୫୩୨ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇ ସାରିଲେଣି। ଗତ ଶୁକ୍ରବାର କେବଳ ୮୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଜିଲାରେ ଏଭଳି କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିଚାଲି ଥିବାବେଳେ ଏପର୍ଯ୍ୟନ୍ତ କୋଭିଡ୍ ହସ୍‌ପିଟାଲକୁ ପୁନଃ କାର୍ଯ୍ୟକ୍ଷମ କରାଯାଇନାହିଁ। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଶୁକ୍ରବାର ସନ୍ଧ୍ୟାରୁ ସ୍ଥାନୀୟ କଚେରୀ ସମ୍ମୁଖ ବାବା ସାହେବ ଡଃ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ତଳେ ବରଗଡ଼ର ହସ୍‌ପିଟାଲ ବଞ୍ଚାଅ ଅଭିଯାନ ଏବଂ ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଛି। ଗଣଧାରଣାରେ ପବିତ୍ର ଦେହେରୀ, ଭବାନୀ ପ୍ରସାଦ ସାହୁ, ରମେଶ ପତି, ଅସିତ ସାହୁ, ମେରିୟମ ବାର୍ଲା ପ୍ରମୁଖ ସାମିଲ ହୋଇଛନ୍ତି। ତେବେ ଆସନ୍ତା ସୋମବାରଠାରୁ କୋଭିଡ୍ ହସପିଟାଲ ପୁନଃ କାର୍ଯ୍ୟକ୍ଷମ ହେବ ବୋଲି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ଅପରପକ୍ଷେ ଜିଲାରେ କରୋନା ସଂକ୍ରମଣ ଚିନ୍ତାଜନକ ହୋଇପଡ଼ି ଥିବାରୁ ପୋଲିସ, ପ୍ରଶାସନ ପକ୍ଷରୁ ଯାଞ୍ଚ କଡ଼ାକଡ଼ି ସହିତ ସଚେତନ କରାଯାଉଛି। ପଡ଼ୋଶୀ ଛତିଶଗଡ଼ର ରାୟପୁର ହଟ୍‌ସ୍ପଟ୍ ପାଲଟିଥିବା ଯୋଗୁ ସୀମାନ୍ତକୁ ଜଗି ରହି ବରଗଡ଼ ଜିଲା ପୋଲିସ, ପ୍ରଶାସନ ନିୟମିତ ଯାଞ୍ଚ କରୁଥିବା ପରିଲକ୍ଷିତ ହୋଇଛି। ଶୁକ୍ରବାର ସୀମାନ୍ତ ଅମ୍ବାଭୋନା ବ୍ଲକ, ଝାରବନ୍ଧ ବ୍ଲକର ଜଗଦଲପୁର, ପାଇକମାଳ ବ୍ଲକର ମାଣ୍ଡୋସିଲ ଆଦି ଅଞ୍ଚଳରେ ଯାଞ୍ଚ କରାଯାଇଥିଲା। ଝାରବନ୍ଧ, ପାଇକମାଳ ଅଞ୍ଚଳରେ ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ସମେତ ସ୍ଥାନୀୟ ପୋଲିସ, ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଯାଞ୍ଚ କରିବା ସହିତ ଲୋକଙ୍କୁ କୋଭିଡ୍ ଗାଇଡ୍ ଲାଇନ ଉପରେ ଅବଗତ କରିଥିଲେ। ସେହିପରି ଜିଲାର ବରଗଡ଼ ସହର ସମେତ ଅନ୍ୟ ଅଞ୍ଚଳରେ ମଧ୍ୟ ପୋଲିସ, ପ୍ରଶାସନିକ ଅଧିକାରୀମାନେ ଯାଞ୍ଚ କରୁଥିବାବେଳେ ମାସ୍କ ପରିଧାନ ପାଇଁ ପରାମର୍ଶ ଦେଉଛନ୍ତି। ଯେଉଁମାନେ କୋଭିଡ୍ ଗାଇଡ୍ ଲାଇନ ଉଲ୍ଲଂଘନ କରୁଛନ୍ତି, ସେମାନଙ୍କଠାରୁ ଜରିମାନା ଅସୁଲ କରାଯାଉଥିବା ଦେଖିବାକୁ ମିଳିଛି।

## ଅମାନିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ

ଜାମଟିକ୍ରା, ୯।୪ (ଡି.ଏନ.ଏ)

ଏଣିକି ମାସ୍କ ନ ପିନ୍ଧିଲେ ଅମାନିଆଙ୍କୁ ଆଉ ନିସ୍ତାର ନାହିଁ। ବରଗଡ ଜିଲା ଅତାବିରା ପୋଲିସ ପକ୍ଷରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଯାଞ୍ଚ କରି ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କ ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିବାରେ ଲାଗିଥିବା ବେଳେ ଅତାବିରା ବ୍ଲକରେ କେତେକ କଟକଣାକୁ ମାନୁ ନ ଥିବା ଦେଖିବାକୁ ମିଳିଛି। ଏଥିପାଇଁ ବ୍ଲକ ପ୍ରଶାସନ ଓ ପୋଲିସ ପକ୍ଷରୁ ଲୋକଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ସଚେତନତା ସୃଷ୍ଟି ସତ୍ତ୍ୱେ ଅମାନିଆମାନେ ମାସ୍କ ଓ ସାମାଜିକ ଦୂରତା ନିୟମ ପାଳନ କରୁ ନ ଥିବା ଦେଖିବାକୁ ମିଳିଛି । ଶୁକ୍ରବାର ଅମାନିଆଙ୍କୁ ସାବାଡ କରିବା ପାଇଁ ଅତାବିରା ପୋଲିସ ପକ୍ଷରୁ ମାସ୍କ ଯାଞ୍ଚ କଡାକଡି କରି ଫାଇନ ଆଦାୟ କରାଯାଇଛି। ଲାଦର ଛକ ସମେତ ଗୋଡଭଗା, ରେଙ୍ଗାଲିକ୍ୟାମ୍ପ ଓ ଅତାବିରା ବସଷ୍ଟାଣ୍ଡ ଛକରେ ପୋଲିସ ଟିମ୍ ଚେକିଂ ଜୋରଦାର କରିବା ସହ ମାସ୍କ ପିନ୍ଧି ନ ଥିବା ଲୋକଙ୍କ ଠାରୁ ଫାଇନ ଆଦାୟ କରିଛି। ଅତାବିରା ଥାନାଧିକାରୀ ପୁରୁଷୋତ୍ତମ ଭୋଇଙ୍କ ନିର୍ଦ୍ଦେଶ କ୍ରମେ ରାମଚନ୍ଦ୍ର ଦାସ, ପଦ୍ମଲୋଚନ ଦାସ, ପଙ୍କଜିନୀ ତ୍ରିପାଠୀ ପ୍ରମୁଖ ପୋଲିସ କର୍ମଚାରୀ ଏଥିରେ ନିୟୋଜିତ ହୋଇଥିଲେ।

## ଭାକ୍‌ସିନ ଅଭାବ, କେନ୍ଦ୍ରରେ ତାଲା

ଜାମଟିକ୍ରା, ୯।୪ (ଡି.ଏନ.ଏ)

ଅତାବିରା ବ୍ଲକରେ ଗତ ବୁଧବାର ଠାରୁ କୋଭିଡ ଟିକା କରଣ ଅଭିଯାନକୁ ଧକ୍କା ଲାଗିଛି। ଟିକା ଅଭାବ କାରଣରୁ ବ୍ଲକରେ ଠିକ୍ ଭାବେ ଟିକାକରଣ ହୋଇପାରି ନାହିଁ। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା କାଦୋବାହାଲ, ପାହାଡଶ୍ରୀଗିଡା ସିଏଚ୍‌ସିରେ ଆରମ୍ଭରୁ ଟିକା ପ୍ରଦାନ କରାଯାଉଥିଲା। କିନ୍ତୁ ଭ୍ୟାକ୍‌ସିନ ଅଭାବରୁ ଏବେ ତିନି ଦିନ ହେଲା ପାହାଡଶ୍ରୀଗିଡା ସିଏଚ୍‌ସି ଟିକା କେନ୍ଦ୍ରରେ ତାଲା ଝୁଲୁଛି। ଫଳରେ ଉକ୍ତ ଅଞ୍ଚଳର ଶହ ଶହ ଲୋକ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନିରାଶରେ ଫେରୁଛନ୍ତି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରବିନାରାୟଣ ମିଶ୍ର କୁହନ୍ତି, ବୁଧବାର ପର୍ଯ୍ୟନ୍ତ ଅତାବିରା ବ୍ଲକରେ ସମୁଦାୟ ୧୨ ହଜାର ୮୭ ଜଣ ଟିକା ନେଇଛନ୍ତି । ଏବେ ଭ୍ୟାକସିନ୍ ପରିମାଣ କମ୍ ଥିବାରୁ ପାହାଡଶ୍ରୀଗିଡା ସିଏଚ୍‌ସିରେ ଟିକାକରଣକୁ ବନ୍ଦ କରାଯାଇଛି ।

## କୋଭିଡ୍ ନିୟମ କଡ଼ାକଡି, ଜିଲା ପ୍ରଶାସନର ତତ୍ପରତା



ଖଡିଆଳ ସହରରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି ।

ଖଡିଆଳ, ୯।୪ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ସହରରେ କଡାକଡି ହେଲା କୋଭିଡ୍ ନିୟମ। ଜିଲା ପ୍ରଶାସନ ପକ୍ଷରୁ ନାଇଟ କର୍ଫ୍ୟୁ କଡାକଡି ପାଳନ ହେଉଥିବା ଦେଖିବାକୁ ମିଳିଛି। ରାତ୍ରି ୧୦ଟା ପରେ ନାଇଟ କର୍ଫ୍ୟୁକୁ ପ୍ରଶାସନ ପକ୍ଷରୁ କଡାକଡି ଯାଞ୍ଚ କରୁଥିବା ବେଳେ ମାସ୍କ ଯାଞ୍ଚ କରାଯାଉଛି। ଖଡିଆଳ ପୋଲିସ ଏବଂ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସହରର ବିଭିନ୍ନ ଦୋକାନ ବଜାର ତଥା ଯିବାଆସିବା କରୁଥିବା ଲୋକଙ୍କୁ ସଚେତନତା କରୁଥିବା ବେଳେ ଅମାନିଆଙ୍କଠାରୁ ଫାଇନ ଆଦାୟ କରୁଥିବା ଜଣାପଡିଛି। ଖଡିଆଳ ପୋଲିସ ଡାକବାଜି ଯନ୍ତ୍ର ସାହାଯ୍ୟରେ ଲୋକଙ୍କୁ ସଚେତନତା କରୁଥିବା ବେଳେ ସହରର ବ୍ୟାଙ୍କ ଓ ଜନଗହଳି ସ୍ଥାନରେ ଯାଞ୍ଚ କରାଯାଉଛି। ଖଡିଆଳ ତହସିଲଦାର ସିନ୍ଧୁସୁତା ପାତ୍ର, ଅତିରିକ୍ତ ତହସିଲଦାର ତପନ କୁମାର ନାୟକ, ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ, ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟ ଏବଂ ପୋଲିସ କର୍ମୀ ଉପସ୍ଥିତ ରହି ଯାଞ୍ଚ କରୁଛନ୍ତି ।

## କୋଭିଡ୍ ଟିକାକରଣ କେନ୍ଦ୍ର ପାଇଁ ଦାବି

ଭୁଣ୍ଡଲା, ୯।୪ (ଡି.ଏନ.ଏ.)

**ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କୋଭିଡ୍ ଟିକାକରଣ କେନ୍ଦ୍ର ଖୋଲିବା ପାଇଁ ଦାବି ହେଉଛି। କରୋନାର ଦ୍ୱିତୀୟ ଲହରି ବୃଦ୍ଧି ପାଉଥିବା ବେଳେ ଅଞ୍ଚଳର ବୟସ୍କ ବୃଦ୍ଧା, ବୃଦ୍ଧ ବ୍ୟକ୍ତିମାନେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଟିକା ନେବା ଓ ନିଜ ବାସସ୍ଥାନକୁ ଫେରିବ ସମ୍ଭବ ଯୋଗ୍ୟ ନୁହେଁ । ଏଣୁ ଅଞ୍ଚଳବାସୀ ଟିକା ନେବାରେ ଅସମର୍ଥ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଟିକାକରଣ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଇ ସମଗ୍ର ଜିଲାରେ ଟିକାକରଣକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ଏବଂ ଜିଲା ପ୍ରଶାସନ ପକ୍ଷରୁ ତ୍ୱରାନ୍ୱିତ କରାଯାଇଛି। ଗ୍ରାମାଞ୍ଚଳରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣର ବ୍ୟବସ୍ଥା କରାଗଲେ ଅଞ୍ଚଳବାସୀ ଉପକୃତ ହୋଇପାରିବେ। ଏ ନେଇ ବେଲଖଣ୍ଡି ଓ ତୁର୍ଲାଖମନ ପଞ୍ଚାୟତ ସରପଞ୍ଚମାନେ ମଧ୍ୟ କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଗୋଚର କରିଛନ୍ତି। ଏ ନେଇ ଜିଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପଚାରିବାରୁ ଏହାର ସମାଧାନ କରି ଟିକାକରଣ କେନ୍ଦ୍ର ଖୋଲିବାକୁ ଚେଷ୍ଟା କରିବୁ ବୋଲି ପ୍ରକାଶ କରିଥିଲେ।



## ରାତ୍ରିକର୍ଫ୍ୟୁ ଉଲ୍ଲଂଘନ କରି ୨ ଯୁବକ ଗିରଫ

ଭବାନୀପାଟଣା, ୯।୪ (ଡି.ଏନ.ଏ.): କଳାହାଣ୍ଡି ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ଛତିଶଗଡ ସୀମାନ୍ତ ୧୦ଟି ଜିଲାରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରିଛନ୍ତି। କଳାହାଣ୍ଡି ଜିଲାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ପୋଲିସ ପକ୍ଷରୁ ୩୦ଟି ଚେକ୍ ପଏଣ୍ଟରେ ୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। କର୍ଫ୍ୟୁ ଆଇନ ଉଲ୍ଲଂଘନ ଅଭିଯୋଗରେ ଭବାନୀପାଟଣା ଟାଉନ ଥାନା ପୋଲିସ ସ୍ଥାନୀୟ ନକଟିଗୁଡା ଅଞ୍ଚଳରୁ ୨ ଜଣ ଯୁବକ ଗିରଫ କରିଛି। ସେମାନେ ହେଲେ ଜୁନାଗଡ ଅଞ୍ଚଳର ଜତିଶ ବାଗ ଓ ଅଁଳାଭଟ୍ଟା ଗାଁର ପ୍ରିୟଦର୍ଶନ ବାଗ। କୋଭିଡ୍ ଓ କର୍ଫ୍ୟୁ ଆଇନ ଉଲ୍ଲଂଘନ ଅଭିଯୋଗରେ ପୋଲିସ ମାମଲା ରୁଜୁ କରିଛି। ଉଭୟ କର୍ଫ୍ୟୁ ସମୟରେ ଭବାନୀପାଟଣାରୁ ଜୁନାଗଡ ଅଭିମୁଖେ ଯାଉଥିବା ବେଳେ ପୋଲିସକୁ ଦେଖି ଫେରାର ହେବାକୁ ପ୍ରୟାସ କରିଥିଲେ। ସେମାନଙ୍କୁ ପିଛା କରି ଧରାଯାଇଥିବା ଥାନା ଅଧିକାରୀ ସତ୍ୟ ନନ୍ଦ ସୂଚନା ଦେଇଛନ୍ତି।

## ବଢ଼ିଚାଲିଛି ସଂକ୍ରମଣ: ପାଳନ ହେଉନି ନିୟମ

ଲାଠୋର,୯।୪(ଡି.ଏନ.ଏ.)

କରୋନାର ଦ୍ୱିତୀୟ ଲହର କାୟାବିସ୍ତାର କରି ଚାଲିଛି। ଦିନକୁ ଦିନ ସଂକ୍ରମିତ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏପରି ସ୍ଥିତିରେ କୋଭିଡ ପରୀକ୍ଷା, ଚିକିତ୍ସା, କୋଭିଡ ସୁରକ୍ଷା ନିୟମ ଏବଂ ଟିକାକରଣ ବଢାଇବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । କିନ୍ତୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ସରକାରୀ ନିୟମ କଡାକଡି ଭାବେ ପାଳନ ହେଉ ନ ଥିବା ଯୋଗୁ ରୋଗୀ ସଂଖ୍ୟା ବଢି ଚାଲିଛି। ଗତ ଏକ ସପ୍ତାହ ମଧ୍ୟରେ ଅଞ୍ଚଳରେ ୪୫ରୁ ଊର୍ଦ୍ଧ୍ୱ ରୋଗୀ ଚିହ୍ନଟ ହେଲେଣି। ହେଲେ ସେମାନେ କାହା କାହା ସହିତ ମିଶିଛନ୍ତି ସେମାନଙ୍କୁ ଚିହ୍ନଟ କରା ଯାଉନାହିଁ। ଅଞ୍ଚଳର ଜଣେ ବ୍ୟକ୍ତି ଗତ ୬ ଏପ୍ରିଲରୁ ପଜିଟିଭ୍ ଚିହ୍ନଟ ହୋଇଥିଲେ ମଧ୍ୟ ଆଜିଯାଏ ତାଙ୍କ ପାଖକୁ କେହି ଯାଇନାହାନ୍ତି କି ତାଙ୍କୁ କୌଣସି ଔଷଧ ଦେଇ ନାହାନ୍ତି । ଏହାଛଡା ସେ କାହା ସହିତ ମିଶିଛନ୍ତି ଚିହ୍ନଟ କରାଯାଇ ନାହିଁ। ଯେଉଁମାନେ ପିଜିଟିଭ ଚିହ୍ନଟ ହେଉଛନ୍ତି ସେମାନଙ୍କ ମଧ୍ୟରୁ କେହି କେହି ବାହାରେ ବୁଲୁଥିବା ଦେଖାଯାଉଛି। ସରକାରୀ ଗାଇଡ୍ ଲାଇନର ଏପରି ଖୋଲା ଉଲ୍ଲଂଘନ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରିବା ଆଶଙ୍କା ରହିଛି । ସ୍ୱାବ୍ ପରୀକ୍ଷା ଦାୟିତ୍ୱରେ ଥିବା ନିରାକାର ବାରିକଙ୍କୁ ପଚାରିବାରେ ଆମ ପାଖରେ ଷ୍ଟାଫ୍ କମ ଥିବାରୁ ରୋଗୀଙ୍କ ସହ ମିଶିଥିବା ଲୋକଙ୍କୁ ଚିହ୍ନଟ କରିବାରେ ସମସ୍ୟା ଦେଖାଦେଇଛି। ସେହିପରି ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୂରଜ ଦୀପଙ୍କୁ ଯୋଗାଯୋଗ କରିବାରେ କୋଭିଡ ପରୀକ୍ଷା କରି ପଜିଟିଭ ଚିହ୍ନଟ ହେଲେ ଚିକିତ୍ସା କରିବା ଆମର ଦାୟିତ୍ୱ । ତେବେ ଯିଏ ଯେଉଁ ଦାୟିତ୍ୱରେ ରହିଛନ୍ତି ସେମାନେ ତାହା ସୁଚାରୁ ରୂପେ ତୁଲାଇଲେ ମହାମାରୀ କରୋନାକୁ ଆୟତ୍ତ କରିବା ସହଜ ହେବ।

## କର୍ଲାମୁଣ୍ଡାରେ ୯ କରୋନା ପଜିଟିଭ ଚିହ୍ନଟ

କର୍ଲାମୁଣ୍ଡା, ୯।୪ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରରେ ଶୁକ୍ରବାର ୯ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ବ୍ଲକ ସଦର ଡୁକେରମାଲର ୪ଜଣ, ରୁଗୁଡିପଡା ୩ଜଣ ଓ ବାଗବୁରେଇ ଗାଁର ୨ଜଣ ରହିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ପଜିଟିଭ ଚିହ୍ନଟ ହେବା ପରେ ଅଞ୍ଚଳରେ ଲୋକମାନେ ଭୟଭିତ ହୋଇଛନ୍ତି। ଅନ୍ୟପକ୍ଷେ ପ୍ରଶାସନ ପକ୍ଷରୁ କଡାକଡି ଯାଞ୍ଚ ବ୍ୟବସ୍ଥା କରୁଥିଲେ ହେଁ ଲୋକେ ସାମାଜିକ ଦୂରତାକୁ ଭୂଲି ଯାଉଥିବା ଦେଖିବାକୁ ମିଳୁଛି ।

**ସଂକ୍ଷେପରେ**

## କୁକୁର କାମୁଡ଼ାରେ ୧୬ ଆହତ

ପଦ୍ମପୁର,୯।୪(ଡି.ଏନ.ଏ): ପଦ୍ମପୁର ସହରରେ ବୁଲା କୁକୁର ଆତଙ୍କ ଦେଖାଯାଇଛି। କୁକୁର କାମୁଡାରେ ପଦ୍ମପୁର ସହରର ୧୦ ଜଣ, ସଁପିଆର ୨ଜଣ ଓ ତୁର୍ଲା, କେର୍ମେଲି, କନସିଂହା, ବୁଡେନରୁ ଜଣେ ଲେଖାଏଁ ଆହତ ହୋଇଛନ୍ତି। ୧୬ ଜଣଙ୍କୁ କୁକୁର କାମୁଡିବା ପରେ ଉତ୍ୟକ୍ତ ଲୋକମାନେ କୁକୁରକୁ ପିଟି ପିଟି ମାରିଦେଇଛନ୍ତି। ପଦ୍ମପୁର ସହରରେ ବର୍ତ୍ତମାନ ବୁଲା କୁକୁରଙ୍କ ଉପଦ୍ରବ ବୃଦ୍ଧି ପାଇବାରେ ଲାଗିଛି। ଏ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

## କେନ୍ଦୁ କାଠ ବୋଝେଇ ଟ୍ରାକ୍ଟର ଜବତ: ୫ ଗିରଫ

ବାଉଁଶୁଣୀ, ୯।୪ (ଡି.ଏନ.ଏ): କଣ୍ଡାମାଳ ବନାଞ୍ଚଳ ଉମା ବିଟ୍ ଅଧୀନ ତେନ୍ତୁଳିମୁଣ୍ଡା ଗ୍ରାମ ନିକଟରେ ଗୁରୁବାର ବିଳମ୍ବିତ ରାତିରେ ବନ ବିଭାଗ ଚଢାଉ କରି କେନ୍ଦୁକାଠ ବୋଝେଇ ଟ୍ରାକ୍ଟର (ନଂ.ଓଡ଼ି୧୫ପି/୮୭୩୮) ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଡ୍ରାଇଭର ଭଗବାନ ରଣା, ସହଯୋଗୀ ବିଷ୍ଣୁ ରଣା, ସୁମନ୍ତ ରଣା, ଅହନ ବିଶି, କପିଳେଶ୍ୱର ରଣା। ଭଗବାନ ଇଟା ପୋଡିବା ପାଇଁ ନିଜ ଟ୍ରାକ୍ଟରରେ କେନ୍ଦୁକାଠ ଆଣୁଥିବା ବେଳେ ଜଙ୍ଗଲ ନିଆଁ ଲିଭା କାମରେ ନିୟୋଜିତ ବନ ବିଭାଗ ଅଧିକାରୀମାନେ ଚଢାଉ କରିଥିଲେ। ବୌଦ୍ଧ ଜିଲା ଜଙ୍ଗଲ ବିଭାଗର ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ ଏକ ଟିମ୍ ଏହି ଚଢାଉ କରିଥିଲେ।

## ଅପମିଶ୍ରିତ ପେଟ୍ରୋଲ ବିକ୍ରି ଅଭିଯୋଗ

ବରପାଲି,୯।୪(ଡି.ଏନ.ଏ)



ପେଟ୍ରୋଲ ପମ୍ପ ପରିସରରେ ଉତ୍ତେଜନା ।

ବରଗଡ଼ ଜିଲା ବରପାଲି ଥାନା ଅଧୀନ ବାଗବାଡ଼ିରେ ଥିବା ଏକ ପେଟ୍ରୋଲ ପମ୍ପରେ ଅପମିଶ୍ରଣ କରାଯାଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ଜଣେ ଗ୍ରାହକ ଉକ୍ତ ପମ୍ପରୁ ପେଟ୍ରୋଲ କିଣିବା ପରେ ସେଥିରେ ପାଣି ମିଶିଥିବା ଅଭିଯୋଗ କରିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ବରପାଲି ପୋଲିସ ସେଠାକୁ ପହଞ୍ଚି ପେଟ୍ରୋଲର ନମୁନା ସଂଗ୍ରହ କରିବା ସହିତ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଥାନାକୁ ଆଣିଥିଲା। ପରେ ସେମାନଙ୍କୁ ପୋଲିସ ଛାଡ଼ି ଦେଇଥିବା ସୂଚନା ମିଳିଛି । ଅନ୍ୟପଟେ ଲୋକଙ୍କ ଏଭଳି ଅଭିଯୋଗ ପରେ ଉକ୍ତ ପମ୍ପରେ ପେଟ୍ରୋଲ ବିକ୍ରି ବନ୍ଦ କରି ଦିଆଯାଇଛି। ଏ ସମ୍ପର୍କରେ ବରପାଲି ଥାନାଧିକାରୀ ରୋଜାଲିନ ପଟେଲଙ୍କୁ ପଚାରିବାରୁ ସେ ସମ୍ପର୍କରେ ତାଙ୍କଠାରେ କିଛି ଲିଖିତ ଅଭିଯୋଗ ହୋଇନାହିଁ। ଯୋଗାଣ ବିଭାଗକୁ ଖବର ଦିଆଯାଇଛି। ଯୋଗାଣ ବିଭାଗ ଯାଞ୍ଚ କରି ସେ ନେଇ ଯାହା କିଛି କାର୍ଯ୍ୟାନୁଷ୍ଠାନ ନେବ ବୋଲି ସେ କହିଥିଲେ।

## ଶିକ୍ଷାଦାନରୁ ମିଳେ ଆନନ୍ଦ

ଜହ୍ନାପଙ୍କ, ୯।୪ (ଡି.ଏନ.ଏ)



ଅବସରପ୍ରାପ୍ତ ଶିକ୍ଷକ ପଞ୍ଚାନନ ପ୍ରଧାନ।

ଅବସର ପରେ ମଧ୍ୟ ପିଲାଙ୍କୁ ଶିକ୍ଷାଦାନ କରିଆସୁଛନ୍ତି। କେବଳ ସେତିକି ନୁହେଁ ଯେଉଁ ବିଦ୍ୟାଳୟରେ ଅତ୍ୟନ୍ତ ଗରିବ ମେଧାବୀ ଛାତ୍ରୀଛାତ୍ର ଅର୍ଥାଭାବରୁ ଶିକ୍ଷାଗ୍ରହଣ କରିପାରନ୍ତିନି ସେମାନଙ୍କୁ ନିଜ ପେନଶନରୁ ଆର୍ଥିକ ସାହାଯ୍ୟ ମଧ୍ୟ କରିଥାନ୍ତି। ସେମାନଙ୍କୁ ବହି, ଖାତା, କଲମ ଆଦି ପାଠ୍ୟ ଉପକରଣ ଯୋଗାଇଥାନ୍ତି। ଏହି ବ୍ୟକ୍ତି ଜଣକ ହେଲେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ଗ୍ରାମର ପଞ୍ଚାନନ ପ୍ରଧାନ। ସେ ୭୪ ବର୍ଷ ବୟସରେ ଉପନୀତ ହୋଇସାରିଲେଣି। ସେ ୧୯୬୨ରେ ଚାକିରୀରେ ଯୋଗ ଦେଇଥିବା ବେଳେ ୨୦୦୪ରେ ଜଗତି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସେ ସକାଳୁ ଉଠି ନିତ୍ୟକର୍ମ ସାରି ଠିକ ସମୟରେ ପହଞ୍ଚି ଯାଆନ୍ତି ନିକଟସ୍ଥ ଜଗତି, ବୁରକଟା, ମକୁନ୍ଦପୁର, ଗୁଡିଆଲି ଓ ଜହ୍ନାପଙ୍କ ସ୍କୁଲରେ। ଶିକ୍ଷାଦାନ ପାଇଁ କୌଣସି ସରକାରୀ ନିର୍ଦ୍ଦେଶ ପାଇ ନ ଥିଲେ ମଧ୍ୟ ପ୍ରଧାନଶିକ୍ଷକଙ୍କଠାରୁ ଅନୁମତି ନେଇ ୧୦ଟାରୁ ୪ଟା ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ଶିକ୍ଷାଦାନ କରିଥାନ୍ତି ପଞ୍ଚାନନ ସାର୍। ସେଥିରେ ସେ ବହୁ ଆନନ୍ଦ ଅନୁଭବ କରନ୍ତି। କେବଳ ଶିକ୍ଷା ନୁହେଁ ସେ ପିଲାମାନଙ୍କୁ ସତ୍‌ସଙ୍ଗ ଶିକ୍ଷା ଦେଇଥାନ୍ତି। ଏହି କାର୍ଯ୍ୟ ପାଇଁ ସେ କୌଣସି ପାରିଶ୍ରମିକ ନିଅନ୍ତି ନାହିଁ । ସେଥିପାଇଁ ସେ ଜହ୍ନାପଙ୍କ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟରୁ ପ୍ରଶଂସାପତ୍ର ପାଇଛନ୍ତି ।

## ଡିକି ଭାଙ୍ଗି ୯୪ ହଜାର ଲୁଟ୍

ଅତାବିରା, ୯।୪ (ଡି.ଏନ.ଏ)

ବରଗଡ ଜିଲା ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅଧୀନ ଖୁଣ୍ଟୁଲିପାଲି ଛକରେ ଶୁକ୍ରବାର ଦିନ ଦ୍ୱିପ୍ରହରରେ ବାଇକ୍ ଡିକି ଭାଙ୍ଗି ୯୪ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି ।

ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ସାଢେ ୧ଟାରେ ଉଦେପୁର ଗ୍ରାମର ଶ୍ରୀନିବାସ ଦନ୍ତା କାଦୋବାହାଲ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରୁ ୯୪ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ଘରକୁ ଫେରୁଥିଲେ। ସେ ଖୁଣ୍ଟୁଲିପାଲି ଛକର ଏକ କିରାନା ଦୋକାନ ସାମ୍ନାରେ ବାଇକ ରଖି ଦହି କିଣିବାକୁ ଯାଇଥିବା ବେଳେ ଲୁଟେରାମାନେ ଡିକି ଭାଙ୍ଗି ୯୪ ହଜାର ଲୁଟ୍ କରି ଫେରାର ହୋଇ ଯାଇଥିଲେ। ଜଣେ ଲୁଟେରା ରାଜପଥ ଉପରେ ବାଇକ ଷ୍ଟାର୍ଟ୍ କରି ରଖିଥିଲେ ଏବଂ ଅନ୍ୟ ଦୁଇଜଣ ଡିକି ଭାଙ୍ଗି ଟଙ୍କା ଲୁଟ୍ କରି ସେହି ବାଇକରେ ଚାଲିଯାଇଥବବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣାସ୍ଥଳକୁ ରୁଷୁଡା ଫାଣ୍ଡି ଅଧିକାରୀ ଗଣେଶ କଲେତ, ଭେଡେନ ଥାନା ଏସ୍‌ଆଇ ମନୋଜ ପ୍ରଧାନ ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି ।

## ନୂତନ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଭବାନୀପାଟଣା, ୯।୪ (ଡି.ଏନ.ଏ.)

ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସ୍ଥାୟୀ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦବୀ ଖାଲି ପଡିଥିଲା। ଗତ ୭ ତାରିଖରେ ଜିଲାରେ ନୂତନ ଲୋକ ସମ୍ପର୍କ ଅଧିକାରୀ ଭାବେ ମନୋଜ କୁମାର ବେହେରା ଯୋଗଦେଇଛନ୍ତି। ଏଥିପୂର୍ବରୁ ବେହେରା ଭବାନୀପାଟଣା, ବାଲିଗୁଡା ଏବଂ ଟିଟଲାଗଡଠାରେ ସହକାରୀ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଟିଟଲାଗଡଠାରେ ସେ ସହକାରୀ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ପଦୋନ୍ନତି ପାଇ କଳାହାଣ୍ଡି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦାୟୀତ୍ୱ ଗ୍ରହଣ କରିଛନ୍ତି। ଜିଲାର ବିଭିନ୍ନ ବିଭାଗ ଉନ୍ନୟନମୂଳକ କାର୍ଯ୍ୟ, ସମୀକ୍ଷା ବୈଠକର ସୂଚନା ଓ ସମୟ ସମୟରେ ଖବରଦାତାମାନଙ୍କ ସହ ସୁସମ୍ପର୍କ ରଖିବା ପାଇଁ ବିଶେଷ ଭାବେ ଗୁରୁତ୍ୱ ଦେବେ ବୋଲି ବେହେରା ପ୍ରକାଶ କରିଥିଲେ।

## ଗ୍ରୀଷ୍ମ ପ୍ରବାହ: ରାସ୍ତାଘାଟ ଶୂନ୍‌ଶାନ୍



ଖରା ଯୋଗୁ ସହରର ରାସ୍ତାଘାଟ ଶୂନ୍‌ଶାନ୍।

ବୌଦ୍ଧ,୯।୪(ସ୍ୱ.ପ୍ର)

ବୌଦ୍ଧ ଜିଲାରେ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇଛି। ଜିଲାରେ ପ୍ରଚଣ୍ଡ ଖରା ସହ ପ୍ରବଳ ତତଲା ପବନ ବହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ପୂର୍ବାହ୍ନ ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି। ରାସ୍ତାଘାଟ, ଦୋକାନ ବଜାର, ବସ୍‌ଷ୍ଟାଣ୍ଡ ଚାରିଆଡ ଜନଶୂନ୍ୟ ହୋଇପଡୁଛି। ଖରା ଯୋଗୁ ଥଣ୍ଡା ପାନୀୟ ଦୋକାନ ଗୁଡିକରେ ଲୋକଙ୍କ ଭିଡ ଦେଖିବାକୁ ମିଳୁଛି। ଏପଟେ ପ୍ରଚଣ୍ଡ ଖରା ସେପଟେ ବୌଦ୍ଧ ସହର ନିକଟରେ ଶୁଖିଲା ମହାନଦୀର ଉତ୍ତପ୍ତ ବାଲୁକା ରାଶି। ଅନ୍ୟପଟେ ଜିଲାରେ ଥିବା ଜଙ୍ଗଲ ଓ ଶୁଖିଲା ଧାନ ବିଲ ଗୁଡିକରେ ଲାଗିଥିବା ନିଆଁ ଯୋଗୁ ତାତି ବୃଦ୍ଧି ପାଇଛି । ମହାନଦୀ ଏବେ ଶୁଷ୍କ। ବାଲି ତତଲା ଯୋଗୁ ସନ୍ଧ୍ୟା ହେଲେ ସହରକୁ ଉତ୍ତପ୍ତ ପବନ ବହୁଛି। ପ୍ରଶାସନ ପକ୍ଷରୁ ସହରର ଶେଷ ମୁଣ୍ଡରେ ଏକ ଆନିକଟ ନିର୍ମାଣ କରାଯାଇ ମହାନଦୀ ଜଳକୁ ରଖାଗଲେ ତତଲା ପବନ ଏବଂ ଜଳକଷ୍ଟରୁ ସହରବାସୀ ମୁକ୍ତି ପାଇବେ ବୋଲି ମତପ୍ରକାଶ ପାଇଛି ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ କାର୍ଯ୍ୟାଳୟଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଯୋଗୁ ଏହା ଭର୍ଚ୍ୟୁଆଲ୍ କାର୍ଯ୍ୟକ୍ରମ ଜରିଆରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ଭାରପ୍ରାପ୍ତ ସିଡିଏମ୍ ଏଣ୍ଡ ପିଏଚ୍‌ଓ ଡା. ଜଳନ୍ଧର ମେହେର, ଏଡିପିଏଚ୍‌ଓ ଡା. ରାକେଶ ସାହୁ, ଏଡିପିଏଚ୍‌ଓ (ଏଫଡବ୍ଲୁ) ଡା. ଚନ୍ଦ୍ରକାନ୍ତି ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଏହି ଦିବସର ଉପଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଭର୍ଚ୍ୟୁଆଲ କାର୍ଯ୍ୟକ୍ରମରେ ବହୁ ମେଡିକାଲ ଅଫିସର, ବିପିଏମ୍, ପିଏଚ୍‌ଇଓ ତଥା ବିଭିନ୍ନ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଭର୍ଚ୍ୟୁଆଲ ମିଟିଂ କାର୍ଯ୍ୟକ୍ରମକୁ ଡିପିଏଚ୍‌ସିଓ ବିବେକାନନ୍ଦ ସାମଲ ପରିଚାଳନା କରିଥିଲେ।

# କୂଅ ପାଣି ମେଣ୍ଟାଉଛି ଶୋଷ

ବେହେରା, ୯।୪ (ଡି.ଏନ.ଏ.)



ମହିଳାମାନେ କୂଅରୁ ପାଣି ବାହାର କରୁଛନ୍ତି।

**ଦଣ୍ଡପାଟ ଅଞ୍ଚଳରେ ପାନୀୟ ଜଳ ସମସ୍ୟା**

■ ୨ ବର୍ଷ ହେବ ସୋଲାର ପାଣିଟାଙ୍କି ଅଚଳ

କଳାହାଣ୍ଡି ଜିଲାରେ ଗତ ସପ୍ତାହଠାରୁ ତାପମାତ୍ରା ବୃଦ୍ଧି ପାଇବା ସହ ପ୍ରବଳ ଗରମ ହେଉଛି। ଏହାର ପ୍ରଭାବରେ ଜଳସ୍ତର କମିବାରେ ଲାଗିଛି। ଫଳରେ କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଦଣ୍ଡପାଟ ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ବେହେରା ପଞ୍ଚାୟତ ପିଠା ଗ୍ରାମରେ ଗୋଟିଏ ମାତ୍ର ନଳକୂପ ରହିଛି। ଏହା ଉପରେ ଗ୍ରାମବାସୀ ନିର୍ଭର କରୁଥିବା ବେଳେ ଉକ୍ତ ନଳକୂପରୁ ଗୋଳିଆ ଓ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଛି। ଫଳରେ ସ୍ଥାନୀୟ ଲୋକେ ଗ୍ରାମର ଗୋଟିଏ କୂଅର ପାଣିକୁ ବ୍ୟବହାର କରୁଛନ୍ତି। ଗ୍ରାମରେ ଥିବା ସୋଲାର ପାଣିଟାଙ୍କି ୨ବର୍ଷ ହେଲା ଅଚଳ ପଡିଛି। ଆଜି ପର୍ଯ୍ୟନ୍ତ ତାହାର ମରାମତି ହୋଇ ପାରିନାହିଁ। ବେହେରା ପଞ୍ଚାୟତରେ ଲାଗିଥିବା ସମସ୍ତ ସୋଲାର ପାଣିଟାଙ୍କି ନିର୍ମାଣ ଶେଷ ପରେ ଅଚଳାବସ୍ଥାରେ ପଡିରହିଛି। ସେହିପରି ଛଞ୍ଚାଣବାହାଲି ପଞ୍ଚାୟତ ବେହେରାଗୁଡା ଗ୍ରାମରେ ଅନେକ ନଳକୂପ ଅଚଳ ଅବସ୍ଥାରେ ପଡିରହିଛି। ମାତ୍ର ଗୋଟିଏ ଦୁଇଟି ନଳକୂପରେ ପାଣି ପାଇଁ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ପଳସପାଣି ଗ୍ରାମର ସୋଲାର ଟାଙ୍କି ମାତ୍ର ଦୁଇ ମାସ ଚାଲି ୨ ବର୍ଷ ହେଲା ଅଚଳାବସ୍ଥାରେ ପଡ଼ି ରହିଛି। ସେହିପରି ଧଅଁରପୁର ଗ୍ରାମପଞ୍ଚାୟତ ବିଭିନ୍ନ ସ୍ଥାନରେ ଥିବା ନଳକୂପ ଅଚଳ ପଡିଥିବା ବେଳେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଏକ ପାଣିଟାଙ୍କି ନିର୍ମାଣ କାର୍ଯ୍ୟ ଚାଲିଛି । କିନ୍ତୁ ଦୀର୍ଘ ୨ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଶେଷ ହୋଇପାରିନି। ବର୍ତ୍ତମାନ ମହାମାରୀ କରୋନାର ଭୟାବହ ପରିସ୍ଥିତି ସହ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ପାନୀୟ ଜଳ ସଙ୍କଟ ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଲୋକେ ପ୍ରଶାସନଙ୍କୁ ଗୁହାରି କରିଛନ୍ତି।

# ଡବ୍ଲ୍ୟୁଓଡିସି ଅଧ୍ୟକ୍ଷଙ୍କ ଭୀମପାହାଡ ପରିଦର୍ଶନ

ଦେଓଗାଁ,୯।୪(ଡି.ଏନ.ଏ.)



ଅନ୍ୟମାନଙ୍କ ଗହଣରେ ଡବ୍ଲୁଓଡିସି ଅଧ୍ୟକ୍ଷ ଭୀମପାହାଡ ପରିଦର୍ଶନ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପର୍ଯ୍ୟଟନସ୍ଥଳ ଭୀମପାହାଡକୁ ଶୁକ୍ରବାର ପଶ୍ଚିମ ଓଡିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ୍ କୁମାର ତ୍ରିପାଠୀ ପରିଦର୍ଶନ କରିଛନ୍ତି । ଅଧ୍ୟକ୍ଷ ତ୍ରିପାଠୀଙ୍କ ସହ ଜିଲାପାଳ ଚଞ୍ଚଳ ରାଣା, ଉପ-ଜିଲାପାଳ ସୁଧାକର ନାୟକ, ବିଡିଓ ମୁରଲୀଧର ନାଏକ ପ୍ରମୁଖ ପର୍ଯ୍ୟଟନସ୍ଥଳ ମାନ୍ୟତା ପାଇବା ପରେ ନିର୍ମାଣ ହୋଇଥିବା ପ୍ରକଳ୍ପଗୁଡିକୁ ବୁଲି ଦେଖିଥିଲେ । ପରେ ପାହାଡର ଗୁମ୍ଫା ,କଳାକୃତି ଓ ପ୍ରାକୃତିକ ପରିବେଶ ଆଦିକୁ ବୁଲି ଦେଖିଥିଲେ । ଓଟିଡିସି ତରଫରୁ ନିର୍ମାଣ ହୋଇଥିବା ପାନ୍ଥଶାଳା ଓ ନିକଟରେ ଥିବା ବନ୍ଧର ଉନ୍ନତୀକରଣ କାମକୁ ପରିଦର୍ଶନ କରିଥିଲେ । ଏହି ଅବସରରେ ଅଧ୍ୟକ୍ଷ ତ୍ରିପାଠୀ ଏହି ଐତିହ୍ୟସମ୍ପନ୍ନ ପର୍ଯ୍ୟଟନସ୍ଥଳର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ଓ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି କହିଥିଲେ । ପରିଦର୍ଶନ ସମୟରେ ସ୍ଥାନୀୟ ସରପଞ୍ଚ ବାଳକ ପଧାନ, ଯନ୍ତ୍ରୀ ଜ୍ୟୋତିରଞ୍ଜନ ମହାନ୍ତିପ୍ରମୁଖ ଉପସ୍ଥିତ ଥିଲେ ।

# ୪୦ ଫୁଟ୍ କୂଅଁରୁ ବଳଦକୁ ଉଦ୍ଧାର କଲେ ଅଗ୍ନିଶମ କର୍ମଚାରୀ

ଜୁନାଗଡ, ୯।୪ (ଡି.ଏନ.ଏ.)



କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ସୀମାନ୍ତ ଭବାନୀପାଟଣା ବ୍ଲକ ବାଦଲି ଗ୍ରାମର ପାହାଡ ତଳ ଏକ ବିଲରେ ଥିବା ପରିତ୍ୟକ୍ତ କୂଅଁରେ ଗୁରୁବାର ରାତିରେ ଗୋଟିଏ ବଳଦ ପଡିଯାଇଥିଲା। ବଳଦ ବାହାରକୁ ନ ବାହାରି ପାରି ମୃତ୍ୟୁ ସହ ସଂଗ୍ରାମ କରୁଥିଲା। ଖବର ପାଇ ଜୁନାଗଡ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଅନ୍ଧକାର ସ୍ଥାନରେ ଥିବା କୁଅଁ ଅଣଓସାରିଆ ହେବା ସହ ୪୦ଫୁଟ ଗଭୀର ଥିବାରୁ ବଳଦକୁ ଉଦ୍ଧାର ପାଇଁ ଅଗ୍ନିଶମ ବିଭାଗକୁ ଦୀର୍ଘ ସମୟ ଧରି କଷ୍ଟ କରିବାକୁ ପଡିଥିଲା। କଷ୍ଟକୁ ଖାତିର ନ କରି ଶେଷରେ ସେମାନେ ବଳଦକୁ ଉଦ୍ଧାର କରିଥିଲେ। ଫଳରେ ବଳଦ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିଲା। ଉଦ୍ଧାର କାର୍ଯ୍ୟରେ ଜୁନାଗଡ ଅଗ୍ନିଶମ ବିଭାଗର ଉମାକାନ୍ତ ଜେନା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଗ୍ନିଶମ ବିଭାଗର ଏପରି ମହତ୍ତ୍ୱ କାର୍ଯ୍ୟ ପାଇଁ ସାଧାରଣରେ ପ୍ରଶଂସା କରାଯାଇଛି।

# ଲୋ-ଭୋଲଟେଜ, ଅଘୋଷିତ ବିଦ୍ୟୁତ୍‌କାଟ ନେଇ ଆଲୋଚନା

ନୂଆପଡା ଅଫିସ,୯।୪

ନୂଆପଡା ଜିଲାରେ ଲୋ-ଭୋଲଟେଜ ସାଙ୍ଗକୁ ଅଘୋଷିତ ବିଦ୍ୟୁତ୍‌କାଟ ଲୋକଙ୍କୁ ଅତିଷ୍ଠ କଲାଣି। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ବାର ଆସୋସିଏଶନ ସଭା ଗୃହଠାରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଟାଟା ପାୱାର ପଶ୍ଚିମ ଓଡିଶା ବିତରକ ସଂସ୍ଥା ନିର୍ବାହୀ ଯନ୍ତ୍ରୀ ସମ୍ପିତ ନନ୍ଦଙ୍କ ସହ ଆଲୋଚନା କରିଥିଲେ। ଗ୍ରୀଷ୍ମ ପ୍ରବାହ ବଢିବା ସହ ଅସହ୍ୟ ଗୁଳଗୁଳିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ବର୍ତ୍ତମାନ ଜିଲାରେ ଅଘୋଷିତ ବିଦ୍ୟୁତ କାଟ ଓ ଲୋ-ଭଲଟେଜ ସମସ୍ୟା ବଢିବାରେ ଲଗିଛି। ଲୋ-ଭୋଲଟେଜ ଯୋଗୁ କୁଲର, ପଙ୍ଖା, ଏସି ଠିକ୍ ଭାବେ ଚାଲୁ ନାହିଁ। ଜିଲାରେ ବହୁତ ଚାଷୀ ରବି ଧାନ ଚାଷ ପାଇଁ ମୋଟର ବ୍ୟବହାର କରୁଥିବାରୁ ଅଧିକ ବିଦ୍ୟୁତ୍ ଖର୍ଚ୍ଚ ହେଉଛି। ସେଥିପାଇଁ ଲୋ-ଭୋଲଟେଜ ସମସ୍ୟା ଦେଖାଯାଉଛି ବୋଲି ଯନ୍ତ୍ରୀ କହିଥିଲେ। ଓପିଟିସିଏଲ ଡେପୁଟି ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ପ୍ରଧାନଙ୍କୁ ଜିଲା ଓକିଲ ସଂଘ ପକ୍ଷରୁ ଭେଟି ବିଦ୍ୟୁତ୍ ସମସ୍ୟା ନେଇ ଆଲୋଚନା କରିଥିଲେ। ଏଥିରେ ଜିଲା ଓକିଲ ସଂଘ ଅଶ୍ୱନୀ ବାଗ, ଶ୍ୱେତରାମ ଦେବାଙ୍ଗନ, ଅଶୋକ ଦେବାଙ୍ଗନ, ଅମିତାଭ ବୋଷ, ଅମରେଶ ଚନ୍ଦ୍ର ଦାସ, ସୀମାଞ୍ଚଳ ମାହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପାଇପ ପାଣି ଯୋଗାଣ ଦାବି କଲେ ୨ ବସ୍ତିର ଲୋକେ

ଲୋଇସିଂହା,୯।୪(ଡି.ଏନ.ଏ.)



ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ପଡାବାସୀ ଭେଟୁଛନ୍ତି।

**ନିର୍ବାହୀ ଯନ୍ତ୍ରୀ,ଏସଡିଓଙ୍କୁ ଭେଟିଲେ**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଗାଁର ବରପାଲିଆପଡା ଓ ପାଣିପଡାବାସୀ ପାଇପ ପାଣି ସୁବିଧାରୁ ବଞ୍ଚିତ ହୋଇଛନ୍ତି । ଉଭୟ ପଡାର ଲୋକେ ଶୁକ୍ରବାର ଫାସଡ ପମ୍ପ ହାଉସ ଠାରେ ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ଓ ଏସଡିଓଙ୍କୁ ଭେଟି ପାଇପ ପାଣି ଯୋଗାଣ ଦାବି କରିଥିଲେ। ଖୁବଶୀଘ୍ର ଟେଣ୍ଡର କାମ ସାରି ପାଣି ଯୋଗାଇ ଦିଆଯିବ ବୋଲି ଅଧିକାରୀଦ୍ୱୟ ପ୍ରତିଶ୍ରୁତି ଦେଇଥିଲେ। ମାଣ୍ଡିଆପଦର ଗାଁ ୨ ୱାର୍ଡ ବିଶିଷ୍ଟ । ଗ୍ରାମକୁ ପାଇପ ପାଣି ଯୋଗାଇ ଦେବା ପାଇଁ ବସୁଧା ଯୋଜନାରେ ଏକ ଜଳ ଯୋଗଣ ପ୍ରକଳ୍ପ କାମ ୨୦୧୭-୧୮ ଆର୍ଥିକ ବର୍ଷରୁ ଆରମ୍ଭ ହୋଇଥିଲା। ବିଭାଗୀୟ ଅବହେଳା ଏବଂ ଠିକାଦାରଙ୍କ ମନମାନୀ ଯୋଗୁ ପ୍ରକଳ୍ପ କାମ ବିଳମ୍ବ ହୋଇଥିଲା । ନିକଟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇଛି । ହେଲେ ଗାଁ ଠାରୁ ଅଳ୍ପ ଦୂରରେ ରହିଥିବା ୭୦ ପରିବାରକୁ ପାଇପ ପାଣି ଯୋଗାଣ ବ୍ୟବସ୍ଥା କରାଯାଇନାହିଁ । ଏହାକୁ ନେଇ ଉଭୟ ପଡାବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସରୋଜ ବିଶ୍ୱାଳ ଓ ସାରଙ୍ଗ ଭୋଇଙ୍କ ନେତୃତ୍ୱରେ ଦୁଇ ପଡାବାସୀ ବିଭାଗୀୟ ଅଧିକାରୀଙ୍କୁ ଭେଟିଥିଲେ । ଏହି ପଡା ପାଇଁ ସ୍ୱତନ୍ତ୍ର ପାଇପ ଲାଇନ କରାଯିବା ସହ ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ନିର୍ବାହୀ ଯନ୍ତ୍ରୀ କହିଥିଲେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

ଗୁଡ଼ଭେଲା,୯।୪(ଡି.ଏନ.ଏ.): ତୁଷୁରା ଥାନା ଅନ୍ତର୍ଗତ କରେନସିଙ୍ଗା ଗ୍ରାମ ନିକଟ ବଘୁଆ ପାହାଡରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଯୁବକ ଜଣକ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଥିବା ତୁଷୁରା ଥାନାଧିକାରୀ ଯଶୋବନ୍ତ ପ୍ରଧାନୀ ପ୍ରକାଶ କରିଛନ୍ତି । ପ୍ରକାଶ ଯେ, କନ୍ଧମାଳ ଜିଲା ଅନାଗୁଲୁ ଗ୍ରାମର ଲମ୍ବୋଦର ମହାକୁରଙ୍କ ୧୮ ବର୍ଷର ପୁଅ ଗୁଣନିଧି ଗତ ଅକ୍ଟୋବରରୁ ନିଖୋଜ ଥିଲେ । ଏ ନେଇ ଲମ୍ବୋଦର ଫାଣ୍ଡିରେ ଲିଖିତ ଭାବେ ଜଣାଇଥିଲେ ।

### ଡୁଙ୍ଗୁରିପାଲି ପୋଲିସ ପକ୍ଷରୁ ମାସ୍କ ଦେଇ ସଚେତନତା କାର୍ଯ୍ୟକ୍ରମ

ଡୁଙ୍ଗୁରିପାଲି,୯।୪ (ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ପୋଲିସ ପକ୍ଷରୁ ମାସ୍କ ଦିଆଯାଇ ଲୋକଙ୍କୁ ସଚେତନ କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ସବ୍‌ଇନ୍ସପେକ୍ଟର ଅନିଲ କୁମାର ପ୍ରଧାନଙ୍କ ନେତୃତ୍ୱରେ କର୍ମଚାରୀମାନେ ଡୁଙ୍ଗୁରିପାଲି ସହରରେ ବ୍ୟବସାୟୀ, ବାଟୋଇ, ହୋଟେଲ କର୍ମଚାରୀ ଓ ରାସ୍ତା କଡରେ ଥିବା ଲୋକଙ୍କୁ ମାସ୍କ ବଣ୍ଟନ କରି ସଚେତନତା କରାଇଥିଲେ । କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ଥାନାର ସମସ୍ତ ପୋଲିସ କର୍ମଚାରୀ ସହଯୋଗ କରିଥିଲେ ।

### ଜବରଦଖଲ ଉଚ୍ଛେଦ ନେଇ ଜିଲାପାଳଙ୍କୁ ଦାବିପତ୍ର

କଣ୍ଟାବାଞ୍ଜି,୯।୪(ଡି.ଏନ.ଏ.): କଣ୍ଟାବାଞ୍ଜି ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଶ୍ରୀରାମ ମନ୍ଦିର ଏବଂ ମନ୍ଦିର ସଂଲଗ୍ନ ଜମିକୁ କେତେଜଣ ପ୍ରଭାବଶାଳୀ ବ୍ୟବସାୟୀ ଜବରଦଖଲ କରି ହଡପ ପାଇଁ ଉଦ୍ୟମ ଚଳାଇଛନ୍ତି । ଜବରଦଖଲକାରୀଙ୍କୁ ଉଚ୍ଛେଦ ଦାବି କରି କେତେକ ସାମାଜିକ କର୍ମୀ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରିୟଙ୍କା ସିଂହ, ପି. ଶର୍ମା, ପୂଜା ଶର୍ମା, ସଙ୍ଗୀତା ଶର୍ମା ପ୍ରମୁଖ ସ୍ଥାନୀୟ ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଯୋଗେଶ୍ୱର ଧରୁଆଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

### ଗୁଡଖାପଲା ସରପଞ୍ଚ ଉପ ନିର୍ବାଚନ, ମଇଦାନରେ ୨ପ୍ରାର୍ଥୀ

ଦେଓଗାଁ,୯।୪ (ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗୁଡଖାପଲା ପଞ୍ଚାୟତ ସରପଞ୍ଚ ଉପ-ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ଦିନ ଥିଲା । ଏହି ଦିନ ପ୍ରାର୍ଥୀପତ୍ର ଦାଖଲ କରିଥିବା ୫ ଜଣଙ୍କ ମଧ୍ୟରୁ ଉମେଶ ସୁନା, ଧର୍ମା ସୁନା ଓ ଅଷ୍ଟମୀ ସୁନା ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ । ଫଳରେ ଏବେ ନିର୍ବାଚନୀ ମଇଦାନରେ ମିଥୁନ ସୁନା ଓ ବୃନ୍ଦାବନ ହରପାଲଙ୍କ ମଧ୍ୟରେ ଲଢ଼େଇ ହେବା ନିଶ୍ଚିତ ହୋଇଛି । ଉକ୍ତ ଦୁଇପ୍ରାର୍ଥୀ ମଧ୍ୟରୁ ଜଣେ ବିଜେଡି ଓ ଅନ୍ୟ ଜଣେ କଂଗ୍ରେସ ଦଳ ସମର୍ଥିତ ବୋଲି ସାଧାରଣରେ ଆଲୋଚନା ହେଉଥିବାରୁ ନିର୍ବାଚନୀ ଉଷ୍ମତା ଜୋର ଧରିପାରେ ବୋଲି ଚର୍ଚ୍ଚା ହେଉଛି । ବିଜ୍ଞପ୍ତି ଅନୁସାରେ ଆସନ୍ତା ୨୮ ତାରିଖରେ ଭୋଟଗ୍ରହଣ, ୨୯ରେ ଗଣତି ଓ ୩୦ରେ ଫଳାଫଳ ଘୋଷଣା ହେବ ।

### ଶିକ୍ଷକଙ୍କ ପରଲୋକ

ଅମରପାଲି,୯।୪(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ଗ୍ରାମର ଶିକ୍ଷକ ବିଶ୍ୱନାଥ ବିଶ୍ୱାଳ (୫୪)ଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି । ସେ ବହଳପଦର ସରକାରୀ ୟୁପି ସ୍କୁଲରେ ଶିକ୍ଷକତା କରୁଥିଲେ । ପୂର୍ବରୁ ସେ ବହଳପଦର ପଞ୍ଚାୟତର ହାତିଲିମୁଣ୍ଡା ପ୍ରକଳ୍ପ ସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରିଥିବା ସହ ଟାଙ୍ଗରସାହି, ଗୁନିପଡା ଆଦି ସ୍କୁଲରେ ଶିକ୍ଷକ ଭାବେ କାର୍ଯ୍ୟ କରିଛନ୍ତି । ପଣ୍ଡାପାଲି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ଏକମାତ୍ର ପୁତ୍ର ସମୀର ବିଶ୍ୱାଳ ମୁଖାଗ୍ନି ଦେଇଥିଲେ ।

### ଦକ୍ଷିଣାଞ୍ଚଳ ଆରଡିସିଙ୍କ କଳାହାଣ୍ଡି ଜିଲା ଗସ୍ତ

ଭବାନୀପାଟଣା, ୯।୪ (ଡି.ଏନ.ଏ.): ଦକ୍ଷିଣାଞ୍ଚଳ ବ୍ରହ୍ମପୁର ଆରଡିସି ଟି.ଏଓ କଳାହାଣ୍ଡି ଜିଲା ଗସ୍ତ କରିଛନ୍ତି। ସେ ଗୁରୁବାର ଜିଲାର କୋଭିଡ୍ ପରିସ୍ଥିତି ଓ ପରିଚାଳନା ବ୍ୟବସ୍ଥା ସମ୍ବନ୍ଧୀୟ ସମୀକ୍ଷା କରିଥିଲେ। ଆରଡିସି ଭବାନୀପାଟଣା ସମେତ ଜିଲାର ଅନ୍ୟ ଅଞ୍ଚଳ ପରିଦର୍ଶନ କରିଥିଲେ। ତାଙ୍କ ସହ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ଏବଂ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଖୋଲିଲା ଜଳଛତ୍ର

ବାଡଁଶୁଣୀ, ୯।୪ (ଡି.ଏନ.ଏ)



ବାଡଁଶୁଣୀରେ ଜଳଛତ୍ର ଖୋଲାଯାଇଛି ।

**ଧରିତ୍ରୀ ପ୍ରଭାବ**

ଅସହ୍ୟ ଖରା ଯୋଗୁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ବୌଦ୍ଧ ବ୍ଲକ ବାଡଁଶୁଣୀ ଗ୍ରାମପଞ୍ଚାୟତରେ ଜଳଛତ୍ର ଖୋଲା ଯାଇନାହିଁ। ଏ ସମ୍ପର୍କିତ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାପରେ ବାଡଁଶୁଣୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ଗୁରୁବାର ବିଭିନ୍ନ ୱାର୍ଡରେ ଜଳଛତ୍ରମାନ ଖୋଲା ଯାଇଥିବା ଦେଖିବାକୁ ମିଳିଛି। ବୌଦ୍ଧ ଜିଲାରେ ସର୍ବାଧିକ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହୁଛି। ଦିନ ୧୦ଟା ହେଲେ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଜଳଛତ୍ର ଖୋଲାଯାଇଥିବାରୁ ଆଶ୍ୱସ୍ତ ହୋଇଛନ୍ତି।

# ମଦ ଦୋକାନ ଖୋଲିବା ନେଇ ଲଟେରି ଉଠାଣ

ସୋନପୁର,୯।୪(ନି.ପ୍ର.)

**ସୁବର୍ଣ୍ଣପୁରରେ ୧୦ ଜଣଙ୍କୁ ମିଳିଲା ଅନୁମତି**

ସୁବର୍ଣ୍ଣପୁର ଜିଲାରେ ମଦ ଦୋକାନ ଖୋଲିବା ନେଇ ଅବକାରୀ ବିଭାଗ ପକ୍ଷରୁ ଏହାର ଲାଇସେନ୍‌ସ ପାଇବା ପାଇଁ ଖୋଲା ଲଟେରି ଉଠାଣ କରାଯାଇଛି । ଜିଲାରେ ୧୨ଟି ଓିପି ବନ୍ଦ ବିଦେଶୀ ମଦ ଦୋକାନ ଖୋଲିବା ନେଇ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ସେଥିମଧ୍ୟରୁ ସୋନପୁର ସହରରେ ୨ଟି, ବୀରମହାରାଜପୁର, ସୁବଲୟା, ଉଲୁଣ୍ଡା, ବିନିକା, ମହାଦେବପାଲି, ତରଭା, ଡୁଙ୍ଗୁରିପାଲି ଓ ପଣ୍ଡକିଟାଲରେ ଗୋଟିଏ ଲେଖାଏ ଅର୍ଥାତ ୧୦ଟି ଦୋକାନ ପାଇଁ ୮୫ଜଣ ଆବେଦନକାରୀ ମୋଟ ୧୧୪ଟି ଦରଖାସ୍ତ ପକାଇଥିଲେ। ଦରଖାସ୍ତ ଦେୟ ୧ ଲକ୍ଷ ଟଙ୍କା ଥିଲା। ନନ୍ ରିଫଣ୍ଡିଂ ଆପ୍ଲିକେଶନ ଫି ବାବଦରେ ସରକାର ଜିଲାର ୧୧୪ଟି ଦରଖାସ୍ତରୁ ୧କୋଟି ୧୪ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ କରିଛନ୍ତି। ତେବେ ତରଭା ବ୍ଲକର ମେଣ୍ଡା ଓ କମସରା ଦୋକାନ ପାଇଁ କେହି ଦରଖାସ୍ତ ପକାଇ ନାହାନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଲଟେରି ଉଠାଣ କରାଯାଇଥିଲା। ଆବେଦନକାରୀଙ୍କ ମଧ୍ୟରୁ ୧୦ ଜଣଙ୍କର ନାମ ଲଟେରି ମାଧ୍ୟମରେ ଉଠାଣ କରାଯାଇଛି। ପ୍ରକ୍ରିୟା ଚାଲିଛି ଯେଉଁମାନଙ୍କ ନାମରେ ଲଟେରି ଉଠାଣ କରାଯାଇଛି ସେହିମାନଙ୍କୁ ମଦ ଦୋକାନ ଖୋଲିବାକୁ ଲାଇସେନ୍ସ ମିଳିବ ବୋଲି ଜିଲା ଅବକାରୀ ଅଧୀକ୍ଷକ ସାମୁଏଲ ଏକ୍କା କହିଛନ୍ତି। ପୂର୍ବରୁ ଯେଉଁମାନେ ମଦ ଦୋକାନ ଲାଇସେନ୍ସ ପାଇଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ନାମ ଲଟେରିରେ ଉଠାଣ ହୋଇନାହିଁ । ଜଣେ ଜଣେ ପୁରୁଣା ମଦ ବେପାରି ନିଜର ବେପାରକୁ ପୁଣି ବଜାୟ ରଖିବା ପାଇଁ ୩ ରୁ ୪ଟି ଲେଖାଏ ଦରଖାସ୍ତ ପକାଇ ଥିଲେ। କିନ୍ତୁ ସେହି ମଦ ବେପାରୀଙ୍କର ଲଟେରି ଉଠିନାହିଁ। ୨୦୦୫ ମସିହାରୁ ରାଜ୍ୟରେ ଥିବା ବିଦେଶୀ ଓିପି ବନ୍ଦ ମଦ ଦୋକାନଗୁଡିକର ଲାଇସେନ୍ସ ନବୀକରଣ ହୋଇ ଆସୁଥିଲା। ରାଜସ୍ୱ ବୃଦ୍ଧି କରିବା ସହିତ ନୂଆ ବ୍ୟବସାୟୀଙ୍କୁ ସୁଯୋଗ ଦେବା ପାଇଁ ସରକାର ଲଟେରି କରି ନୂଆ ଲାଇସେନ୍‌ସ୍ ପ୍ରଦାନ କରିବାକୁ ଯୋଜନା କରିଥିଲେ। ଧାର୍ଯ୍ୟ ଲାଇସେନସ୍ ଫିର ୨୦ ପ୍ରତିଶତ ବଢାଇ ଚଳିତ ଥର ଲଟେରି କରାଯାଇଛି। ବ୍ୟବସାୟୀଙ୍କ ଲାଇସେନ୍ସ ଅବଧି ୫ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଜଣାପଡିଛି ।

# ଦୁର୍ଘଟଣାରେ ଆହତଙ୍କ ମୃତ୍ୟୁ

ଲୋଇସିଂହା,୯।୪(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗରିପାଲି-ବିନିକା ରାସ୍ତାର ପିପିଲିପାଲି ଠାରେ ଭାରସାମ୍ୟ ହରାଇ ସାନଟିକା ଗାଁର କନ୍ୟା ଯାତ୍ରୀ ଗାଡି ଗୁରୁବାର ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଘଟଣାରେ ବୁର୍ଲା ଭୀମସାର ମେଡିକାଲରେ ଚିକିତ୍ସିତ ହେଉଥିବା ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଲୋଇସିଂହା ନିକଟସ୍ଥ ପତ୍ରପାଲି ଗାଁର ସୁଶୀଲ ପଧାନ। ଶୁକ୍ରବାର ସନ୍ଧ୍ୟାରେ ସୁଶୀଲଙ୍କ ମୃତଦେହ ପତ୍ରପାଲି ଗାଁରେ ପହଞ୍ଚିଥିଲା। ଏହାକୁ ନେଇ ପତ୍ରାପାଲି ଓ ସନଟିକା ଗାଁରେ ଶୋକର ଛାୟା ଖେଳିଯାଇଛି । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

# ୭ ବର୍ଷ ହେଲା ଅଧାପନ୍ତରିଆ

ଅତାବିରା, ୯।୪ (ଡି.ଏନ.ଏ)

**କୁମେଲସିଂହା-କୁଲେରଯୋର ବ୍ରିଜ୍**

ବରଗଡରୁ ସମ୍ବଲପୁର ଜିଲାକୁ ସଂଯୋଗ କରିବାକୁ ଥିବା କୁମେଲସିଂହା-ରୂପାପାଲି ବ୍ରିଜ୍ ୭ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡିରହିଛି। ଏହି ବ୍ରିଜ୍ ନିର୍ମାଣ ପାଇଁ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ଏଯାଏ ତାହା ସମ୍ପୂର୍ଣ୍ଣ ହୋଇପାରିନାହିଁ। ନିର୍ମାଣ ସମୟରେ ଲଗାଯାଇଥିବା ଛଡରେ କଳଙ୍କି ଲାଗି ଗଲାଣି। ଏହି ବ୍ରିଜ ନିର୍ମାଣ ହେଲେ ଉଭୟ ଜିଲାର ଲୋକଙ୍କ ଗମନାଗମନ ସୁବିଧା ହେବ । ଏଥିପ୍ରତି ଉଭୟ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଏବିଭିପି ପକ୍ଷରୁ ନଗର ସମ୍ମିଳନୀ, ଶହୀଦଙ୍କ ଶ୍ରଦ୍ଧାଞ୍ଜଳି ସଭା

ଜୁନାଗଡ଼, ୯।୪(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଜୁନାଗଡ ନୂତନ ନଗର ଶାଖା ଗଠନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଏବିଭିପି ଓଡ଼ିଶା ପ୍ରାନ୍ତର ରାଜ୍ୟ ସଙ୍ଗଠନ ସମ୍ପାଦକ ଅଭିଳାଷ ପଣ୍ଡା, ସମ୍ମାନିତ ଅତିଥି ଭାବେ ଆର୍‌ଏସଏସ ଜୁନାଗଡ ବିସ୍ତାରକ ପ୍ରଶାନ୍ତ ସାହୁ, ଏବିଭିପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଙ୍କର ପ୍ରଧାନ, ମୁଖ୍ୟବକ୍ତା ଭାବେ ଏବିଭିପି କଳାହାଣ୍ଡିର ଜିଲା ପ୍ରମୁଖ ତଥା ଏସଏଫଡିର ଓଡ଼ିଶା ରାଜ୍ୟ ପ୍ରମୁଖ ପ୍ରତ୍ୟୁଷ କୁମାର ସାହୁ, ଜୁନାଗଡ ବ୍ଲକ ସଂଯୋଜକ ତନ୍ମୟ କୁମାର ବିଶି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ପୁରୁଷୋତ୍ତମ ବିଶି, ବିଭାଗ କାର୍ଯ୍ୟାଳୟ ପ୍ରମୁଖ ହିତେଶ ମେହେର, ଲୋକେଶ ମଙ୍ଗରାଜ ପ୍ରମୁଖ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ନବନିର୍ବାଚିତ ନଗର ସଭାପତି ଭାବେ ଅଭିଳାଷ ତ୍ରିପାଠୀ ସାର୍, ନଗର ଉପସଭାପତି ଡୋଲେଶ୍ୱର ଭାଇ, ନଗର ସମ୍ପାଦକ ସୌରଭ କୁମାର ମିଶ୍ର, ସହସମ୍ପାଦକ ନିଖିଲ, ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ ମୁକେଶ ଦଣ୍ଡସେନା, ଏସଏଫଡି ପ୍ରମୁଖ ମହେନ୍ଦ୍ର, ଏସଏଫଏସ ପ୍ରମୁଖ କମଳେଶ କୁମାର ଶବର, ସୋସିଆଲ ମିଡିଆ ଇନଚାର୍ଜ ବିକାଶ କୁମାର ରାଉତ, ସିଡିଡି ପ୍ରମୁଖ ଆକାଶ କୁମାର ବେମାଲ, ସିଡିଡି ସହପ୍ରମୁଖ ଅମଳେଶ ମେହେର ଆଦି ଦାୟିତ୍ୱ ପାଇଛନ୍ତି। ବିଜାପୁରଠାରେ ଶହୀଦ ଯବାନମାନଙ୍କୁ ବିଭିନ୍ନ କ୍ୟାମ୍ପସରେ ଏବିଭିପି ଦ୍ୱାରା ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

**FOR SALE**
SINGLE ROOM SET
(1st Floor)
having One Room, One Kitchen, One Bathroom and One Common Balcony (situated on 1st Floor), JD- 36, Jagda, Rourkela.
Approximate Area : 300 Sqft. is for Sale.
Contact : 9437043885, 7683971043

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India
**NOTICE**
**"Due to outburst of COVID-19, the written test for recruitment to the post of Jr. Sc. Asst. Gr.II in CMPDI scheduled to be held on 11.04.2021 has been postponed till further order."**

सेन्ट्रल माइन प्लानिंग एण्ड डिजाइन इन्स्टीच्यूट लिमिटेड
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Ltd.)
Gondwana Place, Kanke Road, Ranchi - 834031, Jharkhand, India
**NOTICE**
"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM portal **https://gem.gov.in**"

**OFFICE OF THE MUNICIPAL COUNCIL, SUNABEDA**
Letter No.1250 Date:8.4.21
**TENDER CALL NOTICE**
No.-C-60:- Sealed tenders are invited from intending Company Authorized Dealers to supply and fitting of playing equipments, fountain, outdoor GYM Equipment & topiary for fixing at different parks of Sunabeda Municipality.
The sealed tender should reach before the undersigned on or before 20.04.2021 by 1.00 P.M. and the same will be opened on the same day at 4.00 P.M. in presence of the tenderers or their authorized agents in the Office of Municipal Council, Sunabeda. The tender reached after due date will not be entertained.
i) The rate should be tendered including all taxes and delivery charges. The tenderers should submit the GST clearance certificate upto March-2021, Pan Card etc. along with the tender paper.
ii) The civil work will be inspected by the technical persons of the Municipality and all the equipments installation shall be under keen supervision of technical persons of Sunabeda Municipality.
iii) The required EMD of Rs.15,000/- (Rupees fifteen thousand only) & the cost of tender paper of Rs.2000/- (Rupees two thousand only) non refundable should be submit separately in shape of Demand Draft/Banker Cheques from any Nationalized Bank drawn in favour of the Executive Officer, Sunabeda Municipality, failing which the tender will be rejected. The tender paper shall be available from 09.04.2021 at 11.00 A.M. to 19.04.2021 at 5.00 P.M. in our office website i.e. www.sunabedamunicipality.in.
iv) The bill will be paid after certification of technical persons of the Municipality.
v) The undersigned reserves the rights to accept or reject any or all the tender without assigning any reason thereof.
**Sd./- Executive Officer, Sunabeda Municipality**
OIPR-13076/11/0001/2122